# ଉତ୍କଳ ଗୌରବ
# Utkal Gauraba

*2014*

*Language*
*Odia & English*

*Cover Design by : Mr. Satish Suman Behera*
*Email : satishsumanbeheraa gmail.com*
*Mobile : 0-9894855024*

Editorial Board

Bijay Mohanty

Sandipta Rout

Prakash Ch Prusty

Rabindra Narayan Mishra

Sanjaya Bal

Published by
ORIYA CULTURAL & WELFARE ASSOCIATION
Registration No. : S-54118 of 2005
BD-11, Janakapuri, New Delhi-110058
e-mail : info@ocwa.in, ocwa@rediffmail.com
website : www.ocwa.in

Odia DTP : Bhengragraphics, Jagda (Nr. Petrol Pump), Rourkela - 769042, Ph. : 9437153431
Printed by : Printografix, 27/ 14, C.S.M., Janakpuri, New Delhi - 110 058

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃ ଭାଷା ।"
(ସ୍ୱଭାବ କବି ଗଙ୍ଗାଧର ମେହେର)

**Oriya Cultural and Welfare Association** (OCWA) is a voluntary organization incepted in the year 1992, formally incorporated on 31st October 2005 under the 'Societies Registration Act, 1860", dedicated to the pursuit of excellence in the promotion and propagation of Odia Culture & Language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

### Our Misson:

To preserve, perpetuate and promote the odia culture and communities with a mission statement-

***"Eka mana, Eka Prana***
***Eka Pranta, Eka Chinha,***
***Which means getting Odiyas together"***

### Our Vision :

To promote, team spirit, transparency and building trust among our fellow Odias.

With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

### Activities Undertaken

The forum is very active throughout the year with various kind of activities which bring together Odias from all aspects of life. Some of the activities undertaken are:

- Celebrating Sri Ganesh Puja on Ganesh Chaturthi. We (OCWA) host a gathering of large number of people and serve ethnic odia culinary to all invitees, participants and members every year.
- Publishing "Utkal Gauraba", an odia magazine from New Delhi. What best could be to promote the Odia language other than to publish and distribute the magazine to all members and non-members.
- Blood Donation Camps are organized every year in association with Indian Red Cross Society.
- Health Camps are also organized time and again to spread the awareness amongst the people.
- OCWA does not lack behind in contributing towards the upliftment of the children of lower income group Odia people in Delhi. Time and again, we distribute study materials to needy children.
- OCWA organizes picnics and get-together on the occasion of Odia festivals to strengthen the bond amongst the associated family members.

### Forthcoming Objective :

The OCWA members realize the need to awaken the spirits of Odia people and simultaneously understand the utmost necessity to keep alive the odia lingo.

With this noble thought in mind and zeal at heart, the OCWA members aspire to establish a library and cultural center which will help in its own way to contribute towards the up-keep of Odia language, culture, heritage and literature.

The main purpose of setting up the library is to help the interested children to learn and grasp the culture and language of Odisha during their leisure and vacation period and to provide Odia literature, fiction, and Odia newspaper to all strata of the Odia fraternity.

***Please refer page no. 8 & 9 for certificate u/s 80G of I.T. Act.***



# CONTENTS ସୂଚୀପତ୍ର

Activities Undertaken .......... 2
Messages .......... 4
ସଭାପତିଙ୍କ କଲମରୁ.......... ୫
Executive Body .......... 6
Members .......... 7
Registration Order U/S 12A.......... 8
80G Certificate.......... 9
Sponsors for Ganesh Puja.......... 27
Membership Form .......... 89

### ❑ କବିତା ❑

ଏମିତି କିଏସେ ପାଇବ ଭଲ .......... ୧୦
ମନ ବିହଙ୍ଗ.......... ୧୦
ସଂସାର ଜୁଇରେ .......... ୧୦
ଠିକଣା .......... ୧୧
ତୋର୍‌ମୋର୍.......... ୧୧
ଦୃଢ଼ବିଶ୍ୱାସ.......... ୧୧
ଅନାଇ ରହିଛି, ତାଙ୍କ ଫେରନ୍ତା ପଥକୁ .......... ୧୨
"କାହାକୁ କରିବି ବିଶ୍ୱାସ".......... ୧୨
ବାତ୍ସଲ୍ୟ .......... ୧୩
ଜଗାକାଳିଆ .......... ୧୩
ବଧୂ ନୁହେଁ ବନ୍ଧୁ.......... ୧୪
ବଞ୍ଚିବାକୁ ଦିଅ ମୋତେ .......... ୧୪
ପରିଣୟ ପରିଣତି .......... ୧୫
ବିରଳ କିସମର ଚାରାଗଛ .......... ୧୬
ଶେଷ ଦୁଃଖ .......... ୧୬
ଡଃ. କୁଳାଙ୍ଗାରଙ୍କ ବ୍ୟଙ୍ଗ ବଟିକା.......... ୧୭

### ❑ ଗଳ୍ପ/ପ୍ରବନ୍ଧ ❑

"ପେଟରେ ଭୋକ ମୁହଁରେ ଲାଜ" .......... ୧୯
ସାମ୍ନା କରିପାରୁନଥିବା ମଣିଷ .......... ୨୩
ଆସ୍ଥା .......... ୨୬
ଏକ ପ୍ରେତାତ୍ମାର ସତ୍ୟାଳାପ.......... ୨୮
ବର୍ଷାର ବସନ୍ତ .......... ୩୫
ଭାଲୁ .......... ୩୭
ଧୂସରିତ ଅପରାହ୍ଣ.......... ୩୯
ଲାଉଲାଇରେ ଜାନୁୟାରୀ ଛବିଶି.......... ୪୫
ଡୁଡୁଲ୍‌ର ବଡ଼ ହାତୀ .......... ୫୩
ଜଗନ୍ନାଥ ଓ ଅଣ ହିନ୍ଦୁ ଭକ୍ତ .......... ୫୬
ଜରା ନିବାସ.......... ୬୩
ଝରା ଫଗୁଣ.......... ୬୫

### ❑ ରମ୍ୟରଚନା ❑

ନେପଥ୍ୟ ଲୀଳା.......... ୪୮
ରଢ଼ି ପ୍ରୟୋଗ.......... ୫୦
ଉଦ୍‌ଘାଟନ .......... ୬୦

### ❑ Photographs ❑

Ganesh Puja 2013.......... 71
Release of Souvenir 2013 .......... 78
Saraswati Puja 2014 .......... 80

### ❑ English Articles ❑

Ganesh Festival
As part of The soft power of religion, spirituality and nationalism.......... 81
The Coral Islands of Lakshadweep.......... 85

### ❑ Advertisements ❑

Budget Courier.......... 02
Visual Soft Solutions .......... 18
Transzone Logistics (india) Pvt. Ltd. .......... 34
AJ – Deep Services .......... 36
Expo Freight Private Limited .......... 38
Indo Rama .......... 44
Speed King Services.......... 47
OM Prakash Goel.......... 49
Om Namah Shivay Service.......... 55
National Courier Services.......... 64
United Industrial Corporation .......... 69
NTPC-SAIL Power Co. Pvt. Ltd. .......... 70
Pritam Pura Express.......... 88
Akash Saini .......... 88
R. S. Power Builders .......... 88
Cure Surgical.......... 88



**NAVEEN PATNAIK**
**CHIEF MINISTER, ORISSA**

सत्यमेव जयते
ORISSA ESTATE

Telephone (0674) : 2531100 (Off.)
(0674) : 2591099 (Res.)
Fax (0674) : 2535100 (Off.)
(0674) : 2590833 (Res.)

E-mail : cmo@ori.nic.in

D.O. No. : 1000
BHUBANESWAR
Date : 27-12-2013

# MESSAGE

I am glad to know that Oriya Cultural & Welfare Association, New Delhi is bringing out the 8th edition of its souvenir "Utkal Gauraba" shortly.

I send my best wishes to the members of the Association on this occasion and wish the publication all success.

(NAVEEN PATNAIK)

# ସଭାପତିଙ୍କ କଲମରୁ

**ପ୍ରିୟ ପାଠକ/ ପାଠିକାବୃନ୍ଦ**



'ଉତ୍କଳ ଗୌରବ'ର ଅଷ୍ଟମ ସଂସ୍କରଣ ପ୍ରକାଶନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି।

ଦିଲ୍ଲୀରେ କୌଣସି ଓଡ଼ିଆ ଖବରକାଗଜ ବା ପତ୍ରିକା ନିୟମିତ ଭାବରେ ପହଞ୍ଚିପାରୁ ନାହିଁ। ଆମେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିଠାରୁ ଧିରେ ଧିରେ ବିଛିନ୍ନ ହୋଇ ଯାଉଛୁ। ଏହି ପରିପ୍ରେକ୍ଷୀରେ ଦିଲ୍ଲୀରୁ ଏକ ଓଡ଼ିଆ ପତ୍ରିକାର କ୍ରମାଗତ ପ୍ରକାଶନ କରାଇ ଓଡ଼ିଶା ସହିତ ସଂମ୍ପର୍କର ସେତୁକୁ ଅକ୍ଷୁର୍ଣ୍ଣ ରଖିବାକୁ ଆମ ସଂସ୍ଥା ଉଦ୍ୟମ କରିଆସୁଛି।ଯେଉଁମାନଙ୍କର ନିସ୍ୱାର୍ଥ ଉଦ୍ୟମ ଓ ସହଯୋଗ ଯୋଗୁ ପତ୍ରିକା ସଂସ୍କରଣ ସମ୍ଭବ ହୋଇ ପାରିଛି, ସେମାନେ ପ୍ରକୃତରେ ଧନ୍ୟବାଦର ପାତ୍ର।

ଦିଲ୍ଲୀ ରାଜରାସ୍ତାରେ ଚାଲୁଥିବା ସମୟରେ ଓଡ଼ିଆ ଭାଷାରେ ଦିପଦ କଥା ଶୁଣିଲେ ମନରେ ଯେଉଁ ଆତ୍ମୀୟତା ଜାଗ୍ରତ ହୁଏ ତାହା ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ଏହି ମନୋଭାବକୁ ଆଖି ଆଗରେ ରଖି ଓଡ଼ିଆ କଲଚରାଲ୍ ଏଣ୍ଡ ୱେଲଫେୟାର ଆସୋସିଏସନ୍ (OCWA) ର ସଭ୍ୟ ଓ ସଭ୍ୟାମାନେ ମିଳିତହୋଇ ସଂସ୍ଥାଟିକୁ ସୁଚାରୁରୂପେ ପରିଚାଳନା କରି ଆସିବା ସହ ରାଜ୍ୟ ବାହାରେ ଓଡ଼ିଶାର ଏକସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାପାଇଁ ନିସ୍ୱାର୍ଥ ଉଦ୍ୟମ ଚଳାଇ ଆସିଛନ୍ତି। ଯାହା ଫଳରେ OCWA ବହୁବର୍ଷ ଧରି ଦିଲ୍ଲୀରେ ବାସ କରୁଥିବା ଓଡ଼ିଆ ମାନଙ୍କ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛି।

ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରିବା ସହ ଆମ ସଂସ୍ଥା ଅନ୍ୟ କଲ୍ୟାଣକାରୀ କର୍ଯ୍ୟ ଯଥା -ରକ୍ତଦାନ ଶିବିର, ସ୍କୁଲବ୍ୟାଗ ବଣ୍ଟନ ଓ ଓଡ଼ିଆ ପର୍ବ ପର୍ବାଣୀରେ ବନ୍ଧୁମିଳନର ଆୟୋଜନ କରିଥାଏ। ଆମେ ଆମର website (www.ocwa.in) ମାଧ୍ୟମରେ ଓଡ଼ିଆ ଶିଳ୍ପ ଓ କଳା ଦ୍ରବ୍ୟର ଲୋକପ୍ରିୟତା ବଢ଼ାଇବା ଓ ବାହାର ଲୋକଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ। ଆମ ସଂସ୍ଥାର ଏହି ଉଦ୍ୟମକୁ ଆଗକୁ ବଢ଼ାଇବା ପାଇଁ ଆପଣମାନଙ୍କର ସହଯୋଗର କାମନା କରୁଛି।

ପତ୍ରିକାରେ ପ୍ରକାଶିତ ଲେଖକ ଲେଖିକାମାନଙ୍କର କବିତା, ଗଳ୍ପ ଓ ପ୍ରବନ୍ଧ ଗୁଡ଼ିକ ଆପଣମାନଙ୍କ ଦ୍ୱାରା ଆଦୃତ ହେବବୋଲି ଆମର ଆଶା। ଆପଣମାନଙ୍କର ମତାମତ ଆମର ପରବର୍ତ୍ତି ପ୍ରକାଶନର ମାନ ବଢ଼ାଇବାରେ ସହାୟକ ହେବ ବୋଲି ଆମର ଆଶା ଓ ବିଶ୍ୱାସ।

ଜୟ ଜଗନ୍ନାଥ
ବିଜୟ ମହାନ୍ତି।
ପତିଷ୍ଠାତା ସଭାପତି।
୯୮୭୧୯୯୭୪୪୯

# Executive Body

The Govering Body is an excellent blend of intellect, maturity, youth and vigour. The Body consists of people from all walks of life from professionals to self employed.

**President:** Mr. Bijay K Mohanty, is one of the founding members of OCWA, nurtured this forum with his sincere accumenship, guidance, advises. He is from Steel City Rourkela and a Master in Business Administration.

**Vice President:** Mr. Banoj Pradhan, a Company Secretary by Profession, looking after liasioning works and hails from Anugul.

**Secretary:** Mr. Sandipta Rout, a MTA from Aligarh Muslim University and is working as a Sr. Manager with a tourism company with specialisation in Tourism trade and looking after promotional activities. He is from Rourkela.

**Jt. Secretary:** Mr. Prakash Prusty, a Company Secretary by Profession, co-ordinates & arranges the organizational activities. He is from Keonjhar.

Treasurer: Mr. Prasanta Das, a Graduate from Ispat College, Rourkela and takes care of cash and funds management.

**Executive Members:**

Mr. Sanjay Bal from Baleswar is in charge of developmental & promotional activities. He is an ICWA by Profession & working with a Public Sector Undertaking.

Mr. Pradeepta Bhuyan – takes care of cultural activities of the forum and is a Graduate from Utkal University.

Mr. Ranjan Biswal from Dhenkanal, a self employed professional also takes care of developmental activities and is a Graduate from Utkal University.

**Convenors:**

Dr. Sananta Sahoo from Rourkela, a Laparoscopic Surgeon, is a great team builder and motivator.

Dr. Anil Goel, from Keshinga is a Pediatric Emergency Expert and an Associate Professor in a Govt Mediacal College, Sohna, Haryana.

Mr. Ajay Mohanty is an entrepreneur and a graduate from Ispat College, Rourkela. He is always present with his active participation for all programs and events of OCWA.

## LIFE MEMBERS

Ajay Mohanty (Mitu)
Bibekanand Pattanaik
Bijay Pradhan
Debashshis K. Mohanty (Bulu)
Devasis Mohanty
Jagdish Patra
Jyoti Sarangi (Bapi)
Ram Ranjan Mohapatra
Sanjay Mohanty
Sanjit Das
Saroj Das
Shibashis K. Mohanty
Sisir Rout
Subrat K. Das
Suvendu Das

## MEMBERS

Ajay Mohanty
Ajay Panigrahi
Ajay Samal
Ajit Kumar Barek
Alok Das
Aman Jindal
Anam Charan Sahoo
Apurba Pande
Arovind Das
Arvind Sharma
Ashok Das
Ashutosh Padhi
Ashwani Kumar Jain
Babuli Nayak
Badal Kumar Nayak
Banoj Pradhan
Basant Das
Bhabhograhi Pradhan
Bhagabat Prasad Padhi
Bhaskar Chandra Behera
Bhikari Rath
Bijay K.Mohanty
Bimal Prasad Samal
Bimalendu Sahu
Binod Gupta
Biplab Bag
Biswajit Das
Chakradhar Panda
D.K.Sahu
Debashish Das
Dharani Dhar Samal
Dhirendra Kumar Sahoo
Dinesh Goel
Dinesh Kumar Bisoi
Dinesh Kumar Sahu
Dr. A.K.Goel
Dr. Arun Mohanty
Dr.Sanat Sahoo
Gopal Chandra Paramanik
Hemant Rout
Hrudaya Ranjan Bhuyan
Ishwar Chandra Mohapatra
Jai Krishna Swain
Jhansi Rani Durgabai
Jitendra Kumar
Jitendra Kumar Sahu
K.B.Mahanto
Kartik Roy
Kaushik Tripathy
Litton Mukherjee
Litu Chandra Swain
Madhausudan Pothal
Maheshwar Dash
Major Umesh C.Nayak
Manas Ranjan Das
Mukti Kanta Nayak
Mukti Kanta Nayak (Home Ministry)
N.C.Mohanta
Narayan Aggarwal
Nibas Kumar Bhuyan
Panchanan Bisoi
Parveen Panda
Payal Mishra
Piyus Mohapatra
Prabhat Kishore Bhuyan
Prabhat Kumar Mohanty
Pradeep Kumar Parija
Pradeep Rout
Pradeep Sahu
Pradeepta Bhuyan
Prakash Chandra Prusty
Pramod Kumar Swain
Pranab Kumar Das
Prasanta Das
Prashant Nayak
Pratap Jena
Pritam Nayak
Priya Sahoo
Pruthi Ranjan Rath
Rabindra Narayan Mishra
Rabindra Nath Mishra
Raj k.Sahoo
Raj Kumar Das
Rajaram Mishra
Rajendra Mohanty
Rajnish Pandey
Rakesh Prusti
Ramnath Sahoo
Ranjan Biswal
Ranjit Mohanty
Ravi Lal Thapa
S.K.Kar
S.K.Panda
Sagar Pradhan
Samish Mohanty
Sandipta Rout
Sanjay Bal
Sanjay Mohanty
Sanjit Mohanty
Santosh Barik
Santosh Panda
Santosh Sarangi
Santunu Khuntia
Sarbeshwar Rout
Sashmita Mohanty
Satyaprem Mohanty
Sharmila Mishra
Sitakanta Das
Smurti Ranjan Sahoo
Soubhagya Kumar Bhol
Soumendra Das
Soumendra Nath Swain
Soumya Ranjan Sahoo
Subhasish Rout
Subhrajit Acharya
Sukant Samal
Sunil Senapati
Surajit Pattanaik
Suren Pattanaik
Suresh Chandra Behera
Suresh Swain
Surjeet Padhi
Sushant Kumar Das
Suvendu Sahu
Tank Dhar Das
Vikash Gupta
Yashwant Sharma

Office of the
Director of Income Tax (E),
25th Floor, Tower-E2, Pratyaksha Kar Bhawan
Dr. S.P.Mukherjee Civic Centre, J.L.Nehru Marg,Delhi

NQ.DIT (E) I 2013-14/ DEL - OR22152 - 06082013/2120 Dated 06/08/2013

NAME & ADDRESS: ORIYA CULTURAL & WELFARE ASSOCIATION
BD-11, JANAK PURI, NEW DELHI 110058

Legal Status : Society
PAN NO : AAATO1376M
GIR NO : O-[illegible]

Sub:-ORDER OF REGISTRATION U/S 12A. READ WITH SECTION 12AA OF THE INCOME TAX ACT. 1961

1. An application in Form No. 10A seeking Registration u/s 12A was filed on [illegible]
2. The Trust / Society / Non profit company was constituted by deed of trust, memorandum of association / instrument dated [illegible] indicating its object.
3. After considering the material available on record, the applicant trust / society / company is granted registration as [illegible] Trust / society / company and the provisions of Sections 11 and 12 shall apply in the case from A. Y. [illegible]. The trust/society/NPO is registered at S. No. DEL - OR22152 - 06082013 of the register maintained in this office. The registration is granted subject to the following conditions :

Conditions:

I. Order u/s 12A(1)(a) read with section 12AA(1) (b) does not confer any right of exemption upon the applicant u/s 11, 12 and 13 of the Income Tax Act, 1961. Such exemption from taxation will be available only after the Assessing Officer is satisfied about the genuineness of the activities promised or claimed to be carried on in each Financial Year relevant to the Assessment Year and all the provision of law acted upon. This will be further subject to provisions of section 2(15) of the Income Tax Act1961.

II. The Trust/Society/Non Profit Company shall maintain accounts regularly and shall get them audited in accordance with the provision of section 12A(1)(b) of the Income Tax Act, 1961. Separate accounts in respect of each activity as specified in memorandum shall be maintained. A copy of such account shall be submitted to the Assessing Officer. A public notice of the activities carried on/to be carried on and the target group(s) (intended beneficiaries) shall be duly displayed at the Registered / Designated Office of the Organization.

III. Separate accounts in respect of profits and gains of business incidental to attainment of objects shall be maintained in compliance to section 11(4A) of the Income Tax Act 1961.

IV. The trust/institution shall furnish a return of income every year within the time limit prescribed under the act.

V. The trust/institution should quote the PAN in all its communications with the Department.

VI. The registration u/s. 12AA of the I.T. Act, 1961 does not automatically confer any right on the donors to claim deduction/s 80G.

VII. This certificate cannot be used as a basis for claiming non - deduction of tax at source in respect of investments etc. relating to the Trust/Institution.

VIII All the Public Money so received including for Corpus or any contribution shall be routed through a Bank Account and such Bank Account Number shall be communicated to this office.

IX. No change in the terms of Deed of the Trust shall be effected without due procedure of law i.e. by order of the jurisdictional High Court and its intimation shall be given immediately to this office. The registering authority reserves the right to consider whether any such alteration in objects would be consistent with the definition of "charitable purpose" under the Act and in conformity with the requirement of continuity of registration.

X. No asset shall be transferred without the knowledge of the undersigned to anyone, including to any Trust / Society / Non profit Company etc.

XI. The registered office or the principal place of activity of the applicant should not be transferred outside the national capital territory, Delhi except with the prior approval of the DIT(E), Delhi.

XII. If later on it is found that the registration has been obtained fraudulently by misrepresentation or suppression of any fact, the Registration so granted is liable to be cancelled as per provisions u/s section 12AA(3) of the Act.

XIII. The registration so granted is liable to be cancelled at any point of time, if the registering authority is satisfied that activities of the Trust/Institution are no genuine or are not being carried out in accordance with the objects of the Trust/Institution.

[illegible]
Sd/-
(SUNITA PURI)
[illegible] of Income Tax (Exemption)
Delhi

Copy to:
1. The applicant [illegible]
2. The Assessing Officer [illegible]

Navneet Joshi
(Nand Kishore Joshi)
Income Tax Officer(Exemp)(HQ)
For Director of Income Tax (Exemption) DELHI

Nand Kishore Joshi
Income Tax Officer (Exemption) (Hqrs.)
2620, 24th Floor
E2, Pratyaksh Kar Bhawan, Civic Centre
New Delhi-110002

**Office of the**
**Director of Income Tax (E),**
**26th Floor, Tower-E2, Pratyaksha Kar Bhawan**
**Dr. S.P.Mukherjee Civic Centre, J.L.Nehru Marg,Delhi**

NO.DIT (E) I 2013-14/ DEL - O[illegible] - [illegible]2013/3657 Dated [illegible]/2013

| | | |
|---|---|---|
| NAME & ADDRESS: | | ORIYA CULTURAL & WELFARE ASSOCIATION BD-11, JANAK PURI, NEW DELHI 1100[illegible] |
| Legal Status | : | Society |
| PAN NO | : | AAATO137[illegible] |
| GIR NO | : | O-4[illegible] |

Sub:-ORDER UNDER SECTION 80G (5)(vi) OF THE INCOME TAX ACT, 1961

On verification of the facts stated before me/hearing before me, I have come to the conclusion that this organization satisfies the conditions u/s 80G of the Income Tax act, 1961. The Institution/Fund is granted approval subject to the following conditions:-

(i) The Donee Institution shall forfeit this benefit provided under the law, if any of the conditions stated herein are not complied with/abused/whittled down or in any way violated.

(ii) This exemption is valid for the period from A.Y.2013-14 onwards till it is rescinded and subject to the following conditions

Conditions:

(i) You shall maintain your accounts regularly and also get them audited to comply with sec. 80G (5)(iv) read with section 12A(1)(b) and 12A(1)(c) and submit the same before the assessing officer by the due date as per section 139(1) of the Income tax Act 1961.

(ii) Every receipt issued to donor shall bear the number and date of this order and shall state the date up to which this certificate is valid. A.Y.2013-14 onwards till it is rescinded.

(iii) No change in the deed of the trust/association shall be effected without the due procedure of Law and its intimation shall be given immediately to this office.

(iv) The approval to the institution/fund shall apply to the donations received only if the fund/institution, established in India for charitable purpose, fulfils the conditions as laid down in section 80G5(i), (ii), (iii), (iv), (v) & (5B) of the Income Tax Act 1961.

(v) This office and the assessing officer shall also be informed about the managing trustees or Manager of your Trust/Society/Non Profit Company and the places where the activities of the Trust/Institution are undertaken/likely to be undertaken to satisfy the claimed objects.

(vi) You shall file the return of income of your fund/institution as per section 139(1)/(4A)/(4C) of the Income Tax Act, 1961.

(vii) No cess or fee or any other consideration shall be received in violation of section 2(15) of the Income Tax Act, 1961.

आयकर निदेशक (छूट)
कमरा सं. 2602, 26वां तल,
टावर ई-2, प्रत्यक्ष कर भवन,
सिविक सेन्टर, जे. एल. नेहरू मार्ग,
नई दिल्ली-2

Sd/-
(SUNITA PURI)
Director of Income Tax (Exemption)
DELHI

Copy to:
1. The applicant as above
2. The Assessing Officer

(Nand Kishore Joshi)
Income Tax Officer(Examp)(HQ)
For Director of Income Tax (Exemption) DELHI

Nand Kishore Joshi
Income Tax Officer (Exemption) (Hqrs.)
2620, 26th Floor
E2, Pratyaksh Kar Bhawan, Civic Centre
New Delhi-110002

## ଏମିତି କିଏସେ ପାଇବ ଭଲ

ସୌଭାଗ୍ୟ କୁମାର ସାହୁ



ସବୁ ଝିଅ ଏଠି ରୁଷି ବସିଲେଣି
ତୁମକୁ ଯେବେଠୁ ପାଇଛି ଭଲ...
ଇଶାରାରେ ଆମ ପ୍ରେମ ଚାଲୁଅଛି
ଲାଜରେ ମଲାଣି ଗୋଲାପ ଫୁଲ...
ଚୁପି ଚୁପି କଥା ସହରଟା ସାରା
ତୁମର ମୋହର ପ୍ରେମକୁ ନେଇ...
ଶ୍ରାବଣ ଦେହରେ ଲାଗିଯାଏ ନିଆଁ
ଆମକୁ ଦେଖିସେ ପାରୁନିସହି...
ନଦୀ ଭୁଲିଯାଏ ସାଗର ଠିକଣା
ଫୁଲବି ମାନେନା ଫଗୁଣ ବୋଲ...
ଜହ୍ନକହୁ ଅଛି କଇଁର କାନରେ
ଏମିତି କିଏସେ ପାଇବ ଭଲ...

ଢେଙ୍କାନାଳ, ଓଡ଼ିଶା
ମୋ: ୯୮୫୩୭୦୪୫୩୩

***

## ମନ ବିହଙ୍ଗ

ଚନ୍ଦନ କୁମାର ସିଂ

ମନ ମୋ ବିହଙ୍ଗ ସାଜି,
ଉଡ଼ିଚାଲେ ଦୂରେ ବହୁ ଦୂରେ,
ଇଚ୍ଛା ହୁଏ ଉଡ଼ିବାକୁ,
ଆକାଶରୁ ବୁକୁ ଚିରି,
ଆଉ ଲେଖିବାକୁ ପରିଚୟ ମୋର,
ଉତପ୍ତ ଉଜ୍ଜଳ ସେଇ ସୂରୁଜ ଦେହରେ !!!
ହେଲେ ହଠାତ୍ ଜଳିଯାଏ ମୋ,
କଳ୍ପନାର ଦୁଇ ଡ଼େଣା,
ବାସ୍ତବତାର କଠୋର ଜ୍ୱାଳାରେ !!
ପୁଣି ଲେଉଟି ଆସେ ମୁଁ,
ସପନର ଜଗତରୁ,
ଆଉ ନିଜକୁମୁଁ ଧରଣିରେ,
ଆବିଷ୍କୃତକରେ !!
ଜାଣେମାନବମୁଁ ନୁହଇବିହଙ୍ଗ,
ହେଲେକେଜାଣିକାହିଁ ଯେ,
ମୋରଉଡ଼ିବାରସପ୍ନକୁମୁଁ,
ପାଶୋରି ନ ପାରେ !!
କାରଣ.....
ମିଳୁ ଅବା ନମିଳୁସେ ଆକାଶ ଯେ ମୋତେ,
କିନ୍ତୁମଜା ଥାଏଉଡ଼ିବାରେ,
ନିଜକଳ୍ପନାଡ଼େଣାରେ !!!

***

## ସଂସାର ଜୁଇରେ

ଚନ୍ଦନ କୁମାର ସିଂ

ବେଳେବେଳେ ଏମିତିକା ଇଚ୍ଛା ମୁଁ ଯେ କରେ,
ମୃତ୍ୟୁର ସ୍ୱର୍ଗୀୟ ସୁଖ ପାଇବାର ଆଶେ ମୃତ୍ୟୁ ବାଞ୍ଛା କରେ.. !!!
ସତରେ ମୁଁ ଶୋଇ-ଯାନ୍ତି ସୀମାହିନ ଅତୁଟ ନିଦ୍ରାରେ,
ମୋର ମହୀୟସି ଦେବୀମାର ସ୍ୱର୍ଗୀୟ କୋଳରେ... !!!
ମରଶରୀର ମୋ ଭିଜୁ-ଥାନ୍ତା,
ପାପ ମୋର ଧୋଇ-ଯାନ୍ତା,
ତାର ନୟନର ଜାହ୍ନବି ଜଳରେ... !!!!
ମଥାରେ ଅବିର ମୋର ବୋଳି-ଦ୍ୟନ୍ତା,
ପ୍ରିୟା ତାର ମଥା ସିନ୍ଦୁରରେ... !!!!
କୋକେଇରେ ବାଲି ଯାନ୍ତି ମଶାଣିକୁ,
ମୋର ପ୍ରିୟଜନଙ୍କ କାନ୍ଧରେ... !!!!
ଜଳିଯାନ୍ତି ଜାଳିଜାଳି ମୋହ-ମାୟା
ସଂସାର ଡୋରିକୁ ମୋର ଜୁଇର ନିଆଁରେ.... !!!!
ଭାବୁ ପଛେ ଦୁନିଆଟା ସ୍ୱାର୍ଥପର ମତେ,
ମୁଁ ତ ସ୍ୱାର୍ଥପର ଜଣେ.... !!!!
ତେଣୁ ସମ୍ପର୍କର ରଜ୍ଜୁ-କାଟି ଜଳିବାକୁ ଥରେ,
ମୁଁ ଯେ ମୃତ୍ୟୁବାଞ୍ଛା କରେ... !!!!

ପୁଣି ମନ ମୋର ଫେରି ଆସେ,
ଏ ସଂସାର ଜଞ୍ଜାଳ ଭିତରେ... !!!!
କର୍ତ୍ତବ୍ୟ ରଜ୍ଜୁରେ ଦେହଟା ମୋ ଜିଇଁଟାଳେ,
ଜଳିଜଳି ସଂସାର ଜୁଇରେ... !!!!

***

## ଠିକଣା

ମୋନାଲିସା ଚୌଧୁରୀ

ତୁମେ ତ ଦେଲନି
ତୁମର ଠିକଣା
ଦେଇଗଲ ମୁଠାଏ ସ୍ମୃତି
ଯାହାକୁ ବିଞ୍ଚି
ସାଉଁଟି ଆଣିଛି
କିଛିମୁଁ ସ୍ୱପ୍ନ
ଛଡ଼ାଇ ନିଅନି
ସେହି ସ୍ୱପ୍ନ ମୋର
ସେହି ସ୍ୱପ୍ନ ମୋର ସ୍ମୃତି
ସେହି ପୁଣି ମୋର ସାଥି
ତା' ବିନାମୁଁ
ପାଷାଣର ମୂର୍ତ୍ତି।

***

## ତୋର୍‌ମୋର୍

ବିଜୟ ପ୍ରଧାନ



ମୁଇଁ କହେମି...
ତୁଇଁ ଶୁନ୍‌ବୁ,
ତୁଇଁ କହେବୁ...
ମୁଇଁ ଶୁନ୍‌ମି... ଶୁନୁଥିମି ...
ଉଂଝା ମାନେ ଶୁନୁନ୍ ନା ଇଁଶୁନୁନ୍,
ବୁଝୁନ୍ ନାଇଁବୁ ଝୁନ୍...
ଇଟା ତୋର୍ ମୋର୍ କଥା
ମୋର୍ ତୋର୍ ଭାଚର୍ ଚନଲହଥିଁ
ଲହିଁକି ଗୁପି ଗଲା ବେଲେଁ
ମୋର୍ ହାତ୍ ଧରି ସଲ୍‌ଖେଇ ଦଉଥିବୁ ମୋର୍ ବାଟ୍
ତୁଇଁ ମୋର୍ ବଏଲେଁ ଯେକ୍ ମୁଇଁ ତୋର୍
ମୁଇଁ ମୋର ବଏଲେଁ ଯେକ୍ ତୁଇଁ ମୋର୍
ତୁଇଁ ମୁଇଁ ଭିତ୍‌ରେଁ ଗୁପାଗୁଲା
ନାଇଁ ହଉ ଆମର୍ କହାବୁଲା
ଶବଦ୍ ନାଇଁ ଫୁଟ୍‌ଲେଁ ନାଇଁ ଫୁଟୁ
ଆଁଖିଁ, ମୁହେଁଭାବ୍ ଥାଉ ଫଟିକ୍
ମୁଇଁ ଶୁନୁଛେଁ, ଶୁନୁ ଥିମି ତୋର୍ କଥା
ତୁଇଁ ଶୁନୁଛୁ, ବୁଝୁଛୁ ବଲିଁସିନେ ମୋର୍ ଟୁଟେଁ ଭାସା
ତୋର୍ ଗରଜ୍ ବେଲ୍‌କେ ମୋର୍ ଆଶ୍
ହେତ୍‌କି ରଖିଥା ବିଶ୍ୱାସ୍
ଜୀବନ୍ ଦେମି ତୋର୍ ଲାଗିଁ କେଭେଁ
ଇ ଆଶ୍ ନାଇଁ ରଖ୍‌ବୁ
ଫୁଲ୍‌ମାଲା ଥିଁମତେ କେଭେଁ ନାଇଁ ଉଚ୍‌କିବୁ...।।

***

## ଦୃଢ଼ ବିଶ୍ୱାସ

ବିନୟ ମୋହନ ଦାସ



ଦୁଃଖର ଚକ୍ର ବ୍ୟୁହରେ
ଯେପରି ମୁଁ...
ଏକମାତ୍ର ବୀର ପୁଙ୍ଗବ
ଲମ୍ଫ ଦେଇଛି ଯୁଝିବାକୁ
ଚତୁଃପାର୍ଶ୍ୱରୁ... ଦୁଃଖ ସେନାନୀଙ୍କ
ଅଜସ୍ର ଶସ୍ତ୍ର ପ୍ରହାର।

ଅବିଶ୍ରାନ୍ତ ନିକ୍ଷେପିତ ଶସ୍ତ୍ର
ହେଉ ନାହିଁ କ୍ଷାନ୍ତ
ସମଗ୍ର ଶରୀର ସଂଗ୍ରାମେକ୍ଷତାକ୍ତ
କିନ୍ତୁ ଏବେବି

ମୋ ଦୃଢ଼ ବିଶ୍ୱାସର ତୂଣୀରରେ
ଅଛି ଏକ ଶେଷ ଶସ୍ତ୍ର
ଆଶାର ଅମୃତସିକ୍ତ ।

ଥିଲେବି ମୋ' ଦୃଢ଼ ସହନ ସାଧନା
ରହିରହି ଗୁଞ୍ଜରି ଉଠେ
ମୃତ୍ୟୁର ଆହଟ
ଅଛିମୋ ଆତ୍ମ ପ୍ରତ୍ୟୟ
ଦୁଃଖ ଦେବ ପଛଘୁଞ୍ଚା,
କରିଲେ ମୁଁ ଶେଷ ଶସ୍ତ୍ର ତ୍ୟାଗ
ହଟି ଯିବ ସମସ୍ତ ବିଷାକ୍ତ ।

***

# ଅନାଇ ରହିଛି, ତାଙ୍କ ଫେରନ୍ତା ପଥକୁ ...

ବିନୟମୋହନ ଦାସ

ଅହଲ୍ୟାଙ୍କ ପରି ପାଷାଣ
ଯଦି ହୋଇ ପାରନ୍ତି
ପ୍ରିୟଙ୍କ ଫେରନ୍ତା ପଥକୁ
ଚାହିଁ ପଡ଼ି ରହନ୍ତି ।
ଦୁଃଖ ଆସନ୍ତାନି ମନରେ
ଜାଣେ ପ୍ରିୟ ଫେରିବେ
ଯୁଗ ବିତୁ ପଛେ ଅନେକ
ରହି ଯିବି ସଗର୍ବେ ।

କ୍ଷୋଭ କରିଛନ୍ତି ସାମାନ୍ୟ
କେଣେ ଗଲେ ନ କହି
ଅମାନିଆ ଲୁହ ରହୁନି
ଗଣ୍ଡେ ଯାଉଛି ବୋହି ।

ଭୁଲ ରହିଲା ମୋ କେଉଁଠି
କେବେ କହିଲେ ନାହିଁ
ଆଖି ଖୋଜେ ତାଙ୍କୁ ଚୌଦିଗେ
ମାତ୍ର ପାଏନି କାହିଁ ?

***

# "କାହାକୁ କରିବି ବିଶ୍ୱାସ"

ସୁସ୍ମିତା ମହାପାତ୍ର

ଦିନ ଦ୍ୱିପହରେ ବି ରାସ୍ତାରେ ଚାଲିବାକୁ ଲାଗୁଛି ଡର
କାଳେ କେଉଁ..................,
ଆଉ ରାତି କଥା ନିଜେ ନିଜକୁ ପଚାର ।
ତା'ହେଲେ ଆଜିର ସମାଜରେ ନାରୀଟିଏ ବଞ୍ଚିବ କିପରି ?
ଏଇ ଅତ୍ୟାଧୁନିକ ସମାଜର 'ଆମେ ଦୁଇ, ଆମର ଏକ' ନୀତିରେ,
କିଏ ଦେବ ତାକୁ ସୁରକ୍ଷା ?
ସାହି ପଡୋଶୀ ଅବା ସାଙ୍ଗ ସାଥୀଙ୍କ ଉପରେ
ଆଜିକାଲି କି ଭରସା,
ଭିନ୍ ଭିନ୍ ଖବର କାଗଜ ପୃଷ୍ଠା ଅବା ଟିଭି ପରଦାରେ
ଦେଖୁଛ ତ ତାମ୍‌ସା ।
ଆଜି ଧରମଭାଇ ଧୋକା ଦେଇ ବ୍ଲାକ୍ ମେଲିଂ କଲାଣି
ତ କାଲି ବୟଫ୍ରେଣ୍ଡ,
ପ୍ରତ୍ୟହ କିଛି ନା' କିଛି ଲୋମହର୍ଷଣ କାରୀ ଖବରରେ
ଭରିଥାଏ ଫ୍ରଣ୍ଟପେଜ ।
କେତେବେଳେ ଭୋଗ ଖାଇବାର ପ୍ରଲୋଭନରେ ମଠକୁ ଯାଇ
ନାବାଳିକାଟି ହେଉଛି ଭଣ୍ଡ ମହନ୍ତଙ୍କ ପାଶବିକତାର ଶିକାର
ତ ପୁଣି କେତେବେଳେ ଠିକଣା ବତାଇବାକୁ ଯାଇ
ଲମ୍ପଟର ଲୋଲୁପ ଦୃଷ୍ଟିର ଶିକାର ପରେ ମର୍ଡର ।
ଦିଲ୍ଲୀ, ପିପିଲି, ବମ୍ବେ, ମହାକାଳପଡ଼ା ବଳାତ୍କାର
ଇଏତ ଆଜି କାଲିର ଆମ୍ ଖବର,
ଆଉ କେତେ ଯେ ନିର୍ଯ୍ୟାତିତା ଅବା ଉତ୍ପୀଡ଼ିତା ଲଳନା
ରୋଜ୍ ରୋଜ୍ କରୁଛନ୍ତି ଆତ୍ମହତ୍ୟା,
କାହାର ନାହିଁ ସେଥିକି ନଜର ।
ମାଆ ଘରେ ନଥିଲେ ବାପାଙ୍କ ସହ ଏକୁଟିଆ ରହିବାକୁ
ଏବେ ଭାରି ଲାଗୁଛି ଡର
ଦି ଦି'ଟା ସତ୍ୟ ଘଟଣା ଗଲାମାସ ପତ୍ରିକାରେ ପଢ଼ିଥିଲି ଯେ
ଆଜିଯାଏଁ ମୋ ଦେହରୁ ଉତୁରୁନାହିଁ ଜ୍ୱର ।
ସ୍ତ୍ରୀକୁ ନେଇ ସ୍ୱାମୀ କରୁଛି ବ୍ୟବସାୟ
ଦିନକୁ ଦିନ ବଢ଼ୁଥିବା ମଦ୍ୟପ ଅତ୍ୟାଚାର, ହେଉଛି ଅସହ୍ୟ ।
ଏପରି ଜଟିଳ ପରିସ୍ଥିତିରେ, ବାହାଘର କଥାଟା ଉଠିଲାକ୍ଷଣି

କ୍ଷିପ୍ରତର ହେଉଛି ମୋ ପ୍ରଶ୍ୱାସ, ନିଶ୍ୱାସ
ଏ କଳୁଷିତ ସମାଜରେ ତୁମେ ନିଜେ କୁହ ବଂଧୁ
ମୁଁ କାହାକୁ କରିବି ବିଶ୍ୱାସ ? ?

ବିଜ୍ଞାନ ଶିକ୍ଷିକା, ଏ-୩୧୭, କୋଏଲନଗର
ରାଉରକେଲା-୧୪, ସୁନ୍ଦରଗଡ

***

## ବାତ୍ସଲ୍ୟ

ହରମୋହନ ମିଶ୍ର



ତୁ କାହୁଁ ଜାଣିବୁ ଧନ,
ବୟସ ତୋ ଏ ଯାଏ ଆସିନି,
ବୁଝିବାକୁ ଆକର୍ଷଣ ରକ୍ତ ସଂପର୍କର,
ତୋ ମାଆର ଭଣ୍ଡାରରେ,
ତୋ'ପାଇଁ ରହିଥିବା ସ୍ନେହ ଆଉ ମମତାର,
ଅସରନ୍ତି ଅଣୁ ପରମାଣୁ,
ଆକୁଳତା, ବିକଳତା, ଗୁଢ଼ ଆତ୍ମୀୟତା ।
ବିଳମ୍ବିତ ତୋ ଫେରିବା ବାଟ ଚାହିଁ ଚାହିଁ,
କେତେ ଆଶଙ୍କାରେ ତା'ର ଆଶା ବିଡ଼ମ୍ବିତ,
ଏମିତି କାଟିଛି ଦିବା ବିନିଦ୍ର ରଜନୀ ।
ତୋ ଅସୁଖ ଅଶାନ୍ତିରେ ଭାରାକ୍ରାନ୍ତ ମନ ତା'ର,
ଆନ୍ଦୋଳିତ, ଉଦ୍‌ବେଳିତ, ହୃଦୟ କନ୍ଦର ।
କେମିତି ପାରିବୁ ବୁଝି,
ତୁ ତାହାର ମଣିମୁକ୍ତା, କୋଟି ରତ୍ନ ନିଧି,
ତୋତେ ନେଇ ରଙ୍ଗ ଭରା ସବୁ ସ୍ୱପ୍ନ ତା'ର,
ଗୋଟିଏ ମୁହୂର୍ତ୍ତ ପାଇଁ, ତୁ ରହିଲେ ଦୃଷ୍ଟି ଅନ୍ତରାଳେ,
ସେ ବିରହ ଯନ୍ତ୍ରଣାରେ ଛଟପଟ ହୁଏ ।
ଉଦାସ ମଉନ ସେଇ ନିରିମାଖି ମାଆ ପାଇଁ,
ତୋର ଅବା କିସ ଯାଏ ଆସେ,
ତୁ ତ ସଦାଘୂରି ବୁଲୁ ଆଜାଦ୍ ବିହଙ୍ଗ ପରି,
ବୟସର ଅୟସରେ, ଚିନ୍ତାହୀନ ଅଳକାପୁରୀରେ ।
ଜନନୀ ତୋ ମୂର୍ତ୍ତିମନ୍ତ ତ୍ୟାଗର ପ୍ରତୀକ,
ତୋହରି ପାଇଁ କି ଖାଲି ତୋହରି ପାଇଁକି,
ଇତସ୍ତତଃ, ଅସ୍ତବ୍ୟସ୍ତ, ବ୍ୟଥିତ, ମଥିତ,
ହତାଶା ବହ୍ନି ଶିଖାରେ ବାରମ୍ବାର ଦଗ୍ଧିଭୂତ, ଜ୍ୱାଳା ଜର୍ଜରିତ,
ତଥାପି ସେ ଚିରକାଳ ମନାସି ଚାଲିଛି ତୋ'ର ସମୃଦ୍ଧ ଆୟୁଷ,
ଦରଦରେ ବିଗଳିତ, ମମତାରେ ବିହ୍ୱଳିତ,
ବାତ୍ସଲ୍ୟରେ ଦ୍ରବିଭୂତ ସର୍ବଥା, ସର୍ବଦା ।
ଏଣୁ ତୋର ବୟସ ଆସିବା ଯାଏ,
ତୋ ମାଆର ମନ ଜାଣି, ବୁଝି ତାର ବେଦନା ଓ ଭାବ ପ୍ରବଣତା,
ସୁଖଟିକେ ଦେଇ ନପାରିଲେ ନାହିଁ,
ଦୁଃଖକଷ୍ଟ ଟିକେ ମାତ୍ର ନ ଦେବାକୁ ପ୍ରୟାସ କରିବୁ ।

ସି-୩୬୦, କୋଏଲନଗର
ରାଉରକେଲା-୭୬୯୦୧୪
ମୋ:୦୯୪୩୭୨୪୬୭୪୮

***

## ଜଗାକାଳିଆ

ପୁଷ୍ପିତା ଜେନା



ଜଗାକାଳିଆରେ.....ଜଗାକାଳିଆରେ......ଜଗା......
କାଳିଆ.....
ତୋର ବଡ଼ ବଡ଼ ଆଖି ଜଗତକୁ ଦେଖୁଥାଇ
ଚକା ଡୋଳା ବୋଲି ପ୍ରଭୁ ସଂସାର ତୋତେ
ପୂଜଇ........
ଜଗାକାଳିଆରେ...........(୧)
ତୋ ବଡ଼ଦେଉଳ ତୋ ବଡ଼ଦାଣ୍ଡ ଧୂଳି
ମଥାରେ ବୋଳି ବୋଳି ଦୁଃଖୀ, ରଙ୍କି ଧାଇଁଥାନ୍ତି
ଜଗାକାଳିଆରେ............(୨)
ତୋ ସିଂହ ଦୁଆରେ ତୋ ବାଇଶି ପାହାଚ
ଗଡ଼ିଯିବା ପାଇଁ ମୋର ମନ ହୁଏ ତର ବର
ଜଗାକାଳିଆରେ............(୩)
ତୋ ଗରୁଡ଼ ସ୍ତମ୍ଭ ତୋ ମହାପ୍ରସାଦ
କଣିକାଏ ମୁଖେ ଦେଇ ପାପୀ ହୁଏ କୃତ୍ୟ କୃତ୍ୟ
ଜଗାକାଳିଆରେ..............(୪)
ତୋର ରଥଯାତ୍ରା ଦୁନିଆ ଦେଖଇ

ଜଗତର ନାଥ ବୋଲି ସାରାଜଗତ ଜାଣଇ
ଜଗାକାଳିଆରେ....................(୫)
ବନ୍ଧୁ ଦୂରରୁ ଧାଇଁ ତୋ ଦରଶନ ପାଇ
ସବୁ ଦୁଃଖ ଭୁଲିଗଲି ଜୀବନ ଧନ୍ୟ କଲି
ଜଗାକାଳିଆରେ....................(୬)
ଅଧମା ଜଣାଏ ପ୍ରଣତି ସୁଖେ ଦୁଃଖେ ତୋର ସାଥୀ
ତୋର କୃପାଭିକ୍ଷା କରି ସଂସାରୁ ମୁକ୍ତି ଆଶାୟୀ
ଜଗାକାଳିଆରେ.......ଜଗାକାଳିଆରେ.....ଜଗା....କାଳିଆ....

୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ
ପ୍ଲଟ୍ ନଂ-୮, ସେକ୍ଟର-୪
ଦ୍ୱାରକା, ନୂଆ ଦିଲ୍ଲୀ-୧୧୦୦୭୮
ଦୂରଭାଷ : ୦୧୧-୨୫୦୮୯୫୮୭

***

# ବଧୂ ନୁହେଁ ବନ୍ଧୁ

ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର



କଥା ଦେଇ କଥା ରଖି ପାରିଲିନି
କାହାଣୀ ରହିଲା ଅଧା
ବଧୂ ସିନା ହେଇ ପାରିଲିନି ତୁମ
ବନ୍ଧୁ ହେଇଥିବି ସଦା
ମୁଁ ତୁମ ମାନସୀ ରାଧା
ଦେହ ପାଇଁ ସିନା ବାଧା ଓ ବନ୍ଧନ
ମନ ଦେବାରେ କି ବାଧା ॥୦॥

ନିଜଠୁ ଅଧିକ ଭଲପାଏ ବୋଲି
ତୁମକୁ ଗୋ ପ୍ରିୟତମ
ଜୀବନ ସାଥୀର ଅଧିକାର ନେଇ
ରହିଥିଲି ହୃଦେ ତୁମ
ଦୁନିଆ ସାଜିଲା ବଇରୀ ମୋ ପାଇଁ
ପ୍ରେମ ପଡ଼ିଗଲା ବନ୍ଧା ॥୧॥

ଆଉ କା ହାତର ଖେଳଣା ସାଜି ମୁଁ
ଖେଳୁଛି ଜୀବନ ଖେଳ
ଇଚ୍ଛା ଥାଇବି ମୁଁ ଦେଇ ପାରିଲିନି
ତୁମର ପ୍ରେମର ମୂଲ
ରାଣୀ ରହିଲା ମୋ ଆର ଜନମକୁ
ହେବି ତୁମ ପ୍ରୀତି ଛନ୍ଦା ॥୨॥

ଫିରିଙ୍ଗିଆ, କନ୍ଧମାଳ, ୭୬୨୦୧୧
ଦୂରଭାଷ – ୯୪୩୭୭୭୦୪୭୦

***

# ବଞ୍ଚିବାକୁ ଦିଅ ମୋତେ

ସନ୍ନ୍ୟାସୀ ନାୟକ



ବଞ୍ଚିବାକୁ ଦିଅ ମୋତେ
ଭାରତୀୟ ଭାବେ
ମଣିଷ ଭଳି ମଣିଷ ସଭାବେ,
ମୁଁ ହିନ୍ଦୁ ନୁହେଁ କି ଖ୍ରୀଷ୍ଟିୟାନ
ମୁସଲିମ ନୁହେଁ କି ଜୈନ,
ମୁଁ ସାଂପ୍ରଦାୟିକତାର
ମଣିଷ ନୁହେଁ କି
ଆଞ୍ଚଳିକତାର
ଖଣ୍ଡିତ ଶବ ନୁହେଁ । (୧)

ମୁଁ ନିଷ୍ପାପ ଭାରତୀୟ,
ମୋ ଲହୁ ଲାଲ
ମୋ ଜାତୀୟ ପତାକା ବାଣ୍ଟେ
ଶାନ୍ତି ମୈତ୍ରୀ ପ୍ରୀତିର ରଙ୍ଗ
ପିଇବାକୁ
ଏକତାର ଅମୀୟ । (୨)

ସାଧିନତା ସଂଗ୍ରାମେ
ଆମେ ସବୁ ଏକ ହେଲେ,
ହିନ୍ଦୁ ମୁସଲିମ
ଶିଖ୍ ଇସାଇ
ଦେଶ ପାଇଁ ଜୀବନ ଦେଲେ,

ଲୁହ ଲହୁ ଦେଇ
ମାଟି ମାଆକୁ ସାଧିନ କଲେ । (୩)

ଅତେବ ........
କେମିତି କହୁଛ
ଭାରତ ଗୋଟିଏ ସଂପ୍ରଦାୟର,
କାହିଁକି ........
ଧର୍ମକୁ ନେଇ ବିଦ୍ୱେଷର ସ୍ୱର ?
ଏ ମାଟି ସବୁ ଧର୍ମର
ସବୁ ମଣିଷ ବର୍ଗର
ଏମାଟିରେ ନାହିଁ ବାଛବିଚାର,
ଏ ମାଟି ନୁହେଁ ଅଧା ମୋର
ଅଧା ନୁହେଁ ତୁମର,
ଏ ମାଟି ଭାରତୀୟଙ୍କର
ଆମ ସମସ୍ତଙ୍କର । (୪)

***

# ପରିଣୟ ପରିଣତି

ସୁନୀଲ୍ ମିଶ୍ର



ଆଖ ପାଖ ଯେତେ ବିବାହିତଙ୍କର
କରୁଥିଲି ଗୋଟେ ସରଭେ,
ପ୍ରଫିଟ ଅପେକ୍ଷା ଲସ୍ ଅଧିକା
କହିଲେ ମୋ ଭାଇ ସରବେ ;
ସବୁ ବିବାହିତ ଦେଲେ ଯାହା ମତ
କାଢ଼ି ତାର ସାର ମରମ,
ମୋ ନିଜ ଭାଷା ରେ ଲେଖୁଛି ଏଠାରେ
ଭାବିବେନି ମୋର ଭରମ;
ଚନ୍ଦ୍ରଗ୍ରହଣ କି ସୂର୍ଯ୍ୟଗ୍ରହଣ ଠୁ
ପାଣିଗ୍ରହଣ ଟା ଡେଂଜର,
ସେଠି ସୂର୍ଯ୍ୟ ଶଶୀ ଯାନ୍ତି ସିନା ଖସି
(ଏଠି) ପ୍ରାଣୀ ପାଏ ନାହିଁ ନିସ୍ତାର;
କାତକ ଶୁଝେଇ ମନ କୁ ବୁଝେଇ
ଯିଏ ବି ବିବାହ କରିଚି,
ରାଜଯୋଟକ କି ଷଡ଼ାଷ୍ଟକ ହଉ
ବଂଚି ବଂଚି ସିଏ ମରୁଚି;
ଜଗନ୍ନାଥ ସ୍ମରି କିଏ ବିଭା ହୁଏ
ସରବ ମଂଗଳ ଚିନ୍ତା ରେ,
ଜାଣିବ ସେ କାହୁଁ ନିଜେ ମହାବାହୁ
ଉଠ୍-ବସ୍ ଲକ୍ଷ୍ମୀ କଥାରେ;
କିଏ କରେ ଲଭ୍ କିଏ ବା ଆରେଂଜ୍
ଆଉ କାର ମାଳ ବଦଳ,
ମ୍ୟାରେଜ୍ ଦିନ ଟା ଝିଅ ସୁକୁସୁକୁ
ପରେ ପୁଅ କାନ୍ଦେ ପ୍ରବଳ;
ସାତ ଦିନ ଗଲା ବିବାହ ଯେ କଲା
ଟା ବିହେବ ବଦଳି ଗଲାଣି,
ବାଇସି କ୍ୟାରେଟ୍ ଖାଣ୍ଟି ହସ ତାର
ସମ୍ପୂର୍ଣ୍ଣ ଭେଜାଲ ହେଲାଣି;
ଗଇଁଠାଳ ଥରେ ପଡ଼ିଲେ କାନ୍ଧରେ
ବୟସ ବଶ ରେ ରହୁନି,
ଗୋଟିଏ ବି ଝିଅ ଦେଖୁନାହିଁ ମୁହଁ
ଟାଇମ ପାସ୍ ହଉନି;
ହାତେ ହାତଗଣ୍ଠି ପଡୁ ପଡୁ ପରା
ସାମୀ ହୁଏ ସ୍ତ୍ରୀ ଅଧିନ,
ଘରେ ନପସୁଣ୍ଣ ମା ଟା ଗନ୍ଧାଏ
ଶାଶୁ ବାସେ ଫୁଲ ଚନ୍ଦନ;
ସପ୍ତାହେ ଦି-ଥର ଆସନ୍ତି ଶ୍ୱଶୁର
ଦୁହିତି ଦର୍ଶନ ଆଶା ରେ,
ଓଲଟି ଦର୍ଶନୀ ତାଂକୁ ଦେଇ ପୁଣି
କାଣ୍ଡଛାଣ୍ଡ ହୁଏ ସଂସାରେ;
ଶଳା, ଶାଳୀ, ଶାଶୁ ମାଣିଆ ପିପାସୁ
ଦେଇଥାନ୍ତି ଯାହା ଯୌତୁକ,
ଗୋଟିଏ ବରଷେ ଭରଣା କରନ୍ତି
ପତ୍ନୀ ଭାବୁଥାଏ କୌତୁକ;
କାର୍ଯ୍ୟାଳୟ ଠାରୁ ଭାର୍ଯ୍ୟାଳୟ ଚିନ୍ତା
ଏମିତି ହୁଅଇ ପ୍ରବଳ,
ଛୁଂଚି ପରି କିଳା କରେ ଅସମ୍ଭାଳ
ଲାଗଇ ଯେମିତି ଶାବଳ;

ବାପ ହେଲା ପରେ ଘରେ କି ବାହାରେ
ବସିବାକୁ ବେଳ ମିଳେନି,
ଆମଦାନୀ ଟଂକେ ରପ୍ତାନୀ ଦିଟଂକା
ମହର୍ଗ ସଂସାର ଚଳେନି;
ଗଲେ କିଛିଦିନ ଛନ ଛନ ମନ
ହେଇଯାଏ ପୂରା ସାଇଜି,
ସଂସାର କୁ ଛାଡ଼ି ରଖି ଜଟା ଦାଢ଼ି
ହବାପାଇଁ ପଡ଼େ ବାଆଜି;
ଏମିତି ଲେଖିଲେ ସରିବନି ଭଲେ
ପରିଣତି ପରିଣୟ ର,
ବାହାଘର ଅଟେ ପଂକୁଆ ଡୁଠ ଟେ
କୋଷେ ଦୂରୁ ତେଣୁ ଜୁହାର;

ଜଲ୍ଲାରପୁର, ନିଆଳୀ, କଟକ

***

## ବିରଳ କିସମର ଚାରାଗଛ

ବୀଣାପାଣି ଦେବତା



ବିରଳ କିସମର ଚାରା ଗଛଟିଏ
ରୋପିଥିଲି ମୋ କୁଣ୍ଡରେ ।
ପଣତର ସ୍ନେହ ସରସର ପାଣି ଦେଲି
ସପ୍ନର ସୂର୍ଯ୍ୟୋଦୟ ଦେଲି
ନୂଆନୂଆ ଆଶା ଓ ହତାଶାର ପତ୍ରଫୁଲ ଦେଇ
ତା ମୂଳକୁ ପୁଷ୍ଟ କଲି ।
କିଛି ଦିନ ସେ ବଢ଼ିଲା ମହକାଇ ମୋର ଇଲାକା
ତାର ଥଣ୍ଡା ପବନରେ ମୋ ପଣତ ଲହରିଲା
ଯେମିତି ପ୍ରେମର ପତାକା ।
ଝଡ଼ ନାଇଁ ବତାସ ନାହିଁ ହଠାତ୍ ଦିନେ
ଗଛ ଝାଉଁଳିବାକୁ ଆରମ୍ଭ କଲା
ଜ୍ୱରଗ୍ରସ୍ତ ପ୍ରଳାପ ଭିତରେ ଖୋଜିଲା ଆପଣା ମାଟି
ଦୁଇ ପତ୍ର ଫିଟିଥିବାର ସକାଳକୁ ଖୋଜିଲା
ଝୁଲିପଡ଼ିଥିବା ସ୍ତନବାଲୀ ବୃଦ୍ଧା ମାଟିକୁ ଦେଖି
ମାଆମାଆ ଚିତ୍କାର କଲା ।
କ୍ରମେ ଶୀତଳ ପଡ଼ି ଆସୁଥିବା ତାର ଦେହ
ଚିହ୍ନିଲା ନାହିଁ ମୋ ହାତର ଦାମିକା ସ୍ନେହ
ମୋ ଉର୍ବର ଅଭିଜାତ ମାଟି
ତାର ବକଳରୁ ନିଗିଡ଼ି ଆସିଲା ମନର ଇଚ୍ଛା
ତାର ସ୍ମୃତିକୋଷରୁ କାଟି ପାରିଲିନି ପୁରୁଣା ସମ୍ପର୍କର ଚେର ।
ସେ ଫେରିଯିବାକୁ ଚାହିଁଲା
ଗାଉଁଲୀ ଅକଲ ମକଲ ଟକଲ ଚିଆଁ ଝାଟିମାଟିକୁ
ସୂର୍ଯ୍ୟ ଯେଉଁ ମାଟିର ମଥାମଣି
ପବନ ମାଆର ହାତ
ମାଟି ଖୋଳିଲେ ପାଣି
ଗଛର ସେଇଠି ଠିଆଠାଣି ।
ମୁ ଦେଖୁଥିଲି କିରଣରେ ଉଷ୍ମତାର ଶିରା ପ୍ରଶିରା
ପକ୍ଷୀଉଡ଼ାରେ ତାର ଚଲାବୁଲା
ଚେର ମୂଳରେ ପୂର୍ବପୁରୁଷଙ୍କ ପରି
ମାଟିକୁ ଜାବୁଡ଼ି ଧରି ରଖିବାର ପ୍ରତିଶ୍ରୁତି ।
କିଛି କିଛି ଗଛଙ୍କୁ କୁଳୀନ ମୃତ୍ତିକାରୁ ଉପାଡ଼ି ଆଣିବା
ସହଜ ନୁହେଁ କେବେବି ।
ଚେର ନଥାଇ ସ୍ରୋତରେ ଭାସିବୁଲୁଥିବା
ସବୁଜ କଣିକା ପରି ମୁଁ
ଏ ଭେଦକାହୁଁ ବୁଝିବି ।
ସେ ଗଛ ମୋର ପ୍ରେମ ଥିଲା
ମତେ ହରାଇ ସେ ମାଟିକୁ ଜିତାଇ ଦେଲା ।

ଖିଦିରପୁର ଓଡ଼ିଆ ହାଇସ୍କୁଲ,
୧, ସତ୍ୟ ଡକ୍ଟରରୋଡ଼,
କୋଲକାତା- ୭୦୦୦୨୩

***

## ଶେଷ ଦୁଃଖ

କମଳା ଶତପଥୀ

ଆଲବମ୍‌ର ଶେଷ ପୃଷ୍ଠାରେ
ଉଳିନ ପଡ଼ିଆସିଥିବା ଫଟୋରେ
ତୁମ ମୁହଁକୁ ଦେଖିଲେ
ମୋ ଆଖିରୁ ଆଉ ଲୁହ ଖସେ ନାହିଁ,
କାରଣ ସାରା ଜୀବନ ଲୁହ
ଆଖିରୁ ନିଗାଡ଼ି ସାରିଛି ମୁଁ

ତୁମ ବାହାଘର ଦିନ ।
ବଧୂ ରୂପେ ଦେଖିବାକୁ
ଧାଇଁ ଆସିଥିଲି ସେଦିନ ମୁଁ
ସାତ ପରବତ
ତେର ନଈ ପାରିହୋଇ ।
ଅମରି ଆଶାଟା ମରୁ ତ ନଥିଲା ଜମା
ଭାବିଥିଲି ଯେପର୍ଯ୍ୟନ୍ତ ହାତଗଣ୍ଠି ପଡ଼ିନାହିଁ
ତୁମକୁ ନିଜର କରିବାର ଆଶା
ଛାଡ଼ିବି କାହିଁକି ।
ତୁମେ ଲେଖିଥିଲ ଏ ବାହାଘର
ତୁମ ଇଚ୍ଛାର ବିରୁଦ୍ଧ
ପୁଅ ଘରର ପଇସା ଜଳକେଇ ଦେଇଛି
ସମସ୍ତଙ୍କ ଆଖି ।
ତୁମ ବାରମ୍ବାର ମନା ସତ୍ତ୍ୱେ ବି
ଘର ଲୋକେ ତୁମ ହାତ
ଦେବେ ତା'ର ହାତେ
ଯିଏ ତାଙ୍କୁ ଆଣିଦେବ ସରଗର ଚାନ୍ଦ
ଦେଖେଇପାରିବ ସ୍ୱପ୍ନ
ଦିନ ଆଲୁଅରେ ଧରେଇଦେବ
ମାଣିକ୍ୟ ଟୋକେଇ ।
ପାର ଯଦି ଆସି ନେଇଯାଅ ମତେ
ନ ହେଲେ ଗଙ୍ଗାଜଳ ରଖିଥାଅ
ସୁଯୋଗ ମିଳିଲେ ଆସି
ଦେବ ମୋର ଓଠରେ ଛୁଆଇଁ ।
ମୁଁ ଧାଇଁଲି,
ଆଖି କାନ ବରଜ୍ଜି,
ବାଟ ଅବାଟ ନମାନି,
କଣ୍ଟାଝଣ୍ଟା ପାଦେଦଳିଦେଇ
ସବୁକିଛି ସରିଲା ପୂର୍ବରୁ
ଉଭା ହେବି ତୁମ ସମ୍ମୁଖରେ ।
ଦପ୍‌ଦପ୍ ଜଳୁଥିଲା
ଗୋରା ତକ୍‌ତକ୍ ମୁହଁ ତୁମ
ହସୁଥିଲା ମନଖୋଲା ହସ ।
ସ୍ତବ୍ଧ ହୋଇ ଚାହିଁ ରହିଥିଲି ଗୋଟିଏ ଚିତାକୁ
ଜଳୁଥିଲା ପ୍ରେମ ମୋ ଆଖି ଆଗରେ
ଉଜ୍ଜ୍ୱଳ ଆଲୋକରେ ଗାଧୋଉଥିଲା କିନ୍ତୁ
ଘର ଆଉ ଜଣଙ୍କର !
ମୁଁ ପଚାରୁଥିଲି ନିଶବ୍ଦରେ ମୋ ନିଜକୁ,
ଘରଲୋକଙ୍କ ଜବରଦସ୍ତି
ସମାଜର ଭୟ
ଆଉ ଲୋକଲଜ୍ୟା
ଖାଲି କ'ଣ ଥିଲା ତମ ପାଇଁ !
ଅନୁଭବ କଲି ଏ ପ୍ରଶ୍ନ
ମୋ ଭିତରୁ ବାହାରି ପ୍ରସରିଯାଇଛି
ଏ ସାରା ବ୍ରହ୍ମାଣ୍ଡ,
ସେଦିନ ପରଠୁ
ମୁଁ ଜାଣିନି କାହିଁ
ଆଉ କୋଉ ଦୁଃଖ ମତେ
କେବେ ବିଚଳିତ କରିପାରି ନାହିଁ ।

୧୨, ଆଟଲାଣ୍ଟ, ସି.ଏଚ୍.ଏସ୍., ପ୍ଲଟ ନମ୍ବର-୨୯,
ସେକ୍ଟର-୪୦, ନେରୁଲ, ନବି ମୁମ୍ବଇ-୪୦୦୭୦୦୬
ଇ-ମେଲ : kamala.satpathy@gmail.com

***

## ଡଃ. କୁଳାଙ୍ଗାରଙ୍କ ବ୍ୟଙ୍ଗ ବଟିକା



ଅପହରଣ
ଅପହରଣ ଏକ ଭଲ ଏକସ୍‌ରସାଇଜ୍,
ସର୍କାରଙ୍କ ପେଟ କମେ
କମ ହୁଏ ସାଇଜ ।
ଅପହର୍ତ୍ତାଙ୍କୁ ଖୁସି କରି
ସର୍କାରଙ୍କ ମନ ହୁଏ ଫୁର୍ତ୍ତି,
ଅପହରଣ ଗୋଟେ ଭଲ ବନ୍ୟା
ଯିଏ ଧୋଇନିଏ ଗୁଡ଼ାଏ ଦୋଷ ଓ ଦୁର୍ନୀତି ।
ପ୍ରଶ୍ନ
ବାହାଘର ପୂର୍ବରାତି
ଝିଅ ଛୁ ପରି;
ପରୀକ୍ଷା ପୂର୍ବରୁ ପ୍ରଶ୍ନ

ହୋଇଗଲା ଚୋରୀ ।
ମାଷ୍ଟ୍ରେ ଡାକୁଛନ୍ତି ହରିହରି,
ମନ୍ତ୍ରୀଙ୍କର ମୁଖେ ମନ୍ତ୍ର
ରକ୍ଷାକର ପ୍ୟାରି ।
ଓଁ କ୍ରିକେଟାୟ ନମଃ
କ୍ରିକେଟ ଏକ ଆଧ୍ୟାତ୍ମିକ ଖେଳ,
ଧର୍ମାନ୍ତରଣ ପରି ଏଠି ବି ଜିଅନ୍ତି ଲୋକେ
ଏ ଦଳ ସେ ଦଳ ।
ଧର୍ମଗୁରୁ ଟିମ୍ ମାଲିକ
କୋଚ ହେଲେ ପ୍ରବଚକ ନେଇ ମୋଟା ମାଲ୍;
ମାଲିକାଣୀ ମାତାଜୀ
ଚଣ୍ଡିଚାମୁଣ୍ଡା ଚିୟର୍ସ ଗାର୍ଲ ।
ଆଇ.ପି.ଏଲ୍. ଟୁର୍ଣ୍ଣାମେଣ୍ଟ ନୁହେଁ
ଉଷାବ୍ରତ ଭାଇ,
ଲୋକେ ଡେଣ୍ଣୁ ୟକାଳର ହିଁ ଦେଖନ୍ତି
ଏକ ଚିକେନ ଖାଇ ନ ପିଇ ।
କୋଡ
ପ୍ରେମ ଏକ ଟେକନିକାଲ
ଜୀବନ ଏବେ ମେକାନିକାଲ ।
ଶରୀରଟା ମୋବାଇଲି
ହୃଦୟଟା ଚିପ୍;
ଦାୟିତ୍ୱର କାର୍ଡକୁ କର୍ତ୍ତବ୍ୟର ମେସିନ୍‌ରେ
କରିବାକୁ ହେବ ସ୍ୱିପ୍ ।
ଜୀବନଟା ଏବେ କୋଡ୍‌ରେ
କେବେ ଥଣ୍ଡା କେବେ ହାର୍ଡରେ ।
ଟିଭିଜୀବି
ଟିଭି ବାପା ଟିଭି ମାଆ
ଟିଭି ଆମ ଭଉଣୀ ଓ ଭାଇ;
ଟିଭିଠାରୁ ବଡ଼ଗୁରୁ ଦୁନିଆରେ ନାହିଁ ।
ଟିଭିରୁ ହିଁ ଦେଖି,
ବାପା କରନ୍ତି ବଡ଼ ସ୍କାମ୍
ମା' କରନ୍ତି ଏକ୍ସଟ୍ରା ପ୍ରେମ୍ ।
ପୁଅର ଗ୍ୟାଙ୍ଗୱାର୍କରେ ଆଖି,
ଝିଅ କହେ ଦେବି ମୁଁ ରାକ୍ଷୀ ।
ବଡ଼ଛୋଟ
ଜଙ୍ଗଲରେ ଆଦିବାସୀ ଛୋଟ ପିନ୍ଧନ୍ତି;
ଟଙ୍କା ଖର୍ଚ୍ଚ କରି ଲୋକେ ଦେଖିବାକୁ ଧାଆନ୍ତି ।
ହୋଟେଲରେ ମଡେଲ ଛୋଟ ପିନ୍ଧନ୍ତି,
ଟଙ୍କା ଖର୍ଚ୍ଚ କରି ଲୋକେ ଦେଖିବାକୁ ଧାଆନ୍ତି ।
ଯେଉଁ ଲୋକମାନେ ଆବଶ୍ୟକତାଠୁ ଅଧିକ ବଡ଼ ଥାଆନ୍ତି;
ସେମାନେ ଏମିତି ଧାଇଁ-ଧାଇଁ ଛୋଟ ହୁଅନ୍ତି ।

ମାର୍ଫତ - ଗାନ୍ଧୀ ପଣ୍ଡା, 'କଳାଘର', ଲେଙ୍ଗୋ,
ନରସିଂହପୁର, କଟକ
ଫୋନ - ୯୩୩୮୫୮୧୩୦୯

***

*With Best Compliments from :*



VISUAL SOFT SOLUTIONS

କ୍ଷୁଦ୍ରଗଳ୍ପ...!!!

# “ପେଟରେ ଭୋକ ମୁହଁରେ ଲାଜ”

ପ୍ରଶାନ୍ତ କୁମାର ଭୂୟାଁ



“ହଁ ବାବୁ; ଆମେ ପାଞ୍ଚପ୍ରାଣୀ କୁଟୁମ୍ବ । ଅଭାବ ଅନାଟନ ଆଉ ଭୋକଶୋଷର ଦାଉରେ ସଦାକାଳେ ଛଟପଟ ହେଉ । ଏଇ ଦେଖୁନା; ପେଟଗୁଦସବୁ ଗୋଟେ ହେଇଗଲାଣି କହି ତାର ପେଟଟାକୁ ମୋ ଆଡ଼କୁ ଠେଲିଦେଲା । ଆଉ ଆପଣ ସବୁ ବଡ଼ଲୋକ-ବାବୁମାନେ କ’ଣ ବୁଝିବେଯେ ଭୋକ କ’ଣ । ନଅ ତିଅଣ ଦଶ ଭଜା କରି ଖାଇବା ଲୋକ ।...”

ଏହିପରି କେତେ କ’ଣ ଖମାରୀ କହିଚାଲିଥିଲା । ଦୁଃଖ ତା’ର ଅସରନ୍ତି, କଥା ତା’ର ଆହୁରି ସମୁଦ୍ର । ମୁଁ ଏଇଥିପାଇଁ ଶୁଣୁନଥିଲି ଯେ ମୁଁ ନଅ ତିଅଣ ଦଶଭଜା ଖାଉଛି ବୋଲି; ହେଲେ ଏଇଥିପାଇଁ ଯେ ତା’କୁ କିପରି ବୁଝାଇ ପାରିବି ଯେ ସେ ବି ନଅ ତିଅଣ ଦଶଭଜା ଖାଇ ପାରିବ ବୋଲି । ଆହା....ଚୁ.....ଚୁ.....କରି ମୁଁ ତାକୁ କୌଣସି ଦୟା ଦେଖାଇବାକୁ ଚାହୁଁନଥିଲି । ଭାତ ଦିମୁଠା, ରୁଟି ଦିପଟ ଅଥବା ତିଅଣ ଗିନାଏ ଦେଇ ମୁଁ ତା ଜଞ୍ଜାଳରୁ ମୁକୁଳି ଯିବାକୁ ବଡ଼ପଣିଆ ମନେ କରୁନଥିଲି । ଆଉ ତା’ର ଗରୀବ ହୋଇ ଜନ୍ମ ହେବାଟା ଧର୍ମକଥା ଅନୁସାରେ ସତବୋଲି ବେଦଶାସ୍ତ୍ର କଥା କହି ମୋର ପାଣ୍ଡିତ୍ୟପଣିଆକୁ ବାଟହାଟରେ ପ୍ରଦର୍ଶନ କରିନଥିଲି ।

କେତେ ସମୟ ପରେ ସେ ଦେଖିଲା ଯେ ମୁଁ କିଛି କହୁନାହିଁ । ସେ ହୁଏତ ଭାବିଲା ଯେ ମୁଁ ତା’ କଥା ଶୁଣି ବିରକ୍ତ ହେଉଛି । କାରଣ ସେ ଯାହା କହୁଛି, ତାହା ସିଧା ସଳଖ ମୋ ଭଳିଆ ଖାଇବା ଘରର ପିଲାପାଇଁ ଚପୁଡ଼ା ପରିକା । ସେ ତା’ର ସ୍ୱରଟାକୁ ଟିକିଏ ନରମେଇ କହିଲା, “ନାଇମ ସାନବାବୁ, ମୁଁ କ’ଣ ବକବାସ କରୁଛି କି ? ଅପରାଧ ହେବ ଯଦି ମୁଁ ଆପଣଙ୍କୁ ଦେଖେଇ ଶିଖେଇ କହିବି । ମୋ ଜିଭ ଛିଡି ପଡ଼ିବନି ତଣ୍ଟିଅଗରୁ ? ରାତିଅଧରେ ପରା ଭୋକଶୋଷରେ କଂସାଟିଏ ଧରି ପହଞ୍ଚିଲେ ମୋ ବାସନ୍ତୀ ମାଇଁ କୁଢେଇ ଦବ ଭାତଡାଲି ତରକାରୀ ସବୁ । ସାକ୍ଷାତ୍ ଅର୍ଣ୍ଣପୂର୍ଣ୍ଣା ଆପଣଙ୍କ ମା ଆମପାଇଁ । ତେଲି ସାଇରୁ ଭଣ୍ଡରୀ ସାହି, ଗଡ଼ସାଇରୁ ଜଳିସାଇ କା ଜିଭରେ ହାଡ ଅଛି କହିବାକୁ? ହାରେ... ଧରମଛଡା ହେଇଯିବେନି ସବୁ । ସମସ୍ତଙ୍କ ପେଟବୁଝିଛି ସେ । ଅବିକା ଦାନ୍ତମାଢ଼ି ଖୋଳିଲେ ବାହାରିବ ଟି । ହେଲେ ମୋ କଥା ତମପାଇଁ ଜମା ନୁହେଁମ । ଏଇଟା ସବୁ ସେଇ ଉପରଠାଉରିଆ ବାହାପିଆ ଲୋକମାନଙ୍କ ପାଇଁ ଯେଉଁମାନେ ଧନୀପଣିଆ ଦେଖେଇ ହେଇଛନ୍ତି ହେଲେ ଗରୀବର ପେଟପାଟଣା କଥା ବୁଝୁନାହାନ୍ତି । କଷ୍ଟ ଲାଗିବନି କି ସାନବାବୁ ? ଏ ସବୁ ଦେଖିଲେ କଟିବିଟି ଲାଗୁଛି ପରା ।”

ମୁଁ ତା’କୁ ଟିକେ ଅଳପ ହସି ଦେଖିଲି ଆଉ କହିଲି, “ତୋର ସରିଲା କି, ନା ଆଉ କଣ କହିବୁ ?”

ସେ ତା ଗାମୁଛାରେ ଛଳଛଳ ହୋଇ ଉଠିଥିବା ଆଖିରୁ ଲେନ୍ଧୁମିଶା ଲୁହକୁ ପୋଛିଦେଇ ମୁଣ୍ଡ ହଲାଇ ମୋତେ କହିବାକୁ ଅନୁମତି ଦେଲା ।

ମୁଁ କହିଲି, “ବର୍ତ୍ତମାନ ମୁଁ ଯାହା କହିବି, ମନ ଦେଇ ଶୁଣେ; ଟିକେ ଭାବେ । ତା’ପରେ ଉତ୍ତର ଦେଉଥିବୁ । ମଝିରେ ପଶି କିଛି କହିବୁନି । ହେଲା ?”

ସେ ମୋ ଆଡ଼କୁ ବଲବଲ କରି ଅନାଇ ରହିଲା, ଦି’ହାତର ଆଠ ଆଙ୍ଗୁଠିକୁ ବିପରୀତ ଦିଗକୁ ଗଳାଇଦେଇ । ଆଉ ମୁଁ ଆରମ୍ଭ କଲି ମୋ କଥା ।

ମୁଁ କହିବାକୁ ଆରମ୍ଭ କଲି, “ଶୁଣ ଖମାରୀ ! ତୁ ବାବୁଭାଇଙ୍କ ନଅ ତିଅଣ ଦଶଭଜା ଖାଇବା କଥା, ତୁମେ ପାଞ୍ଚପ୍ରାଣୀ ଦୁଃଖକଷ୍ଟରେ ଚଳିବା କଥା ତଥା ଆହୁରି କେତେକଣ ଅଭାବ ଅନାଟନର କଥା କହିଲୁ ଆଉ ମୁଁ ଶୁଣିଲି । ଏବେ ମୁଁ ଗୋଟିଗୋଟି କରି ତୋ କଥାର ଉତ୍ତର ମୋ ପ୍ରଶ୍ନ ଆଉ ତୋ ଉତ୍ତର ମାଧ୍ୟମରେ ହିଁ ଦେବି ।”

ଏହା ଶୁଣି ସେ ଶଙ୍କିଗଲା । ମୁଁ ତାକୁ ଆଶ୍ୱାସନା ଦେଇ କହିଲି ଯେ ତାର ଡରିବାର କିଛି ଦରକାର ନାହିଁ । ଏହା ଶୁଣି ସେ ଟିକିଏ ଆଶ୍ୱସ୍ତ ବୋଧକଲା । ଏବେ ଆରମ୍ଭ ହେଲା ଆମର ପ୍ରଶ୍ନୋତ୍ତର.....

ମୁଁ : ଯଦି ମୁଁ ନଅତିଅଣ ଦଶଭଜା ଖାଇଲି ତେବେ ତାହା ମୋତେ ମିଳିଲା କେମିତି ?

ଖମାରୀ: ଆପଣଙ୍କ ମାଆ ଅପଣଙ୍କୁ ବାଢ଼ିଦେଲେ ।

ମୁଁ : ମୋ ମାଆ ଯଦି ତାହା ବାଢ଼ିଲେ ତେବେ ତାହା ସେ ଆଣିଲେ କେଉଁଠୁ ?

ଖମାରୀ: ଘରେଥିବା ସଉଦା ଆଉ ପନିପରିବାକୁ ନେଇ ସେ ଏହା ରାନ୍ଧିଥିଲେ ।

ମୁଁ: ଏହି ସଉଦା ଆଉ ପନିପରିବା ଆମ ଘରକୁ ଆସିଲା କେମିତି ?

ଖମାରୀ: ଆପଣଙ୍କ ବାପା ଏହା ବଜାରରୁ ଆଣିଥିଲେ ।

ମୁଁ: ମୋ ବାପାଙ୍କୁ ଏହା ବଜାରରେ କିଏ ଦେଲା ?

ଖମାରୀ: ଆପଣଙ୍କ ବାପା ଦୋକାନୀକୁ ପଇସା ଦେଇ ଏହା କିଣି ଆଣିଲେ ।

ମୁଁ: ମୋ ବାପା ଏଇ ପଇସା କେଉଁଠୁ /କିପରି ଆଣିଲେ ?

ଖମାରୀ: ଆପଣଙ୍କ ବାପା ଏହା ଚାକିରୀର ଦରମା ଟଙ୍କାରୁ କିଣି ଆଣିଲେ ।

ମୁଁ: ମୋ ବାପା କିପରି ଚାକିରୀ କଲେ ?

ଖମାରୀ: ସେ ନିଜେ ପରିଶ୍ରମ କରି ପାଠ ପଢିଲେ ଆଉ ନିଜେ ଚାକିରୀ ଖୋଜି ପାଇଲେ ।

ସେତେବେଳେ ଯାଇ ମୁଁ କ୍ଷଣେ ରହିଲି; ତାକୁ ଅନାଇ ପଚାରିଲି ପୁଣିଥରେ......

"ଏବେ ବୁଝିଲୁ'ତ ଏଇ ନଅ ତିଅଣ ଦଶ ଭଜା ଖାଇବା ଥାଳିକୁ କିପରି ଆସିଲା । ଖମାରୀ, ମୋ ବାପା ୮ ଘଣ୍ଟା ସ୍କୁଲରେ ପାଠ ପଢାଇ ଆସନ୍ତି ଏଇ ଅନ୍ନବ୍ୟଞ୍ଜନ ସବୁକୁ ମୋ ଥାଳିରେ ପରଶିଦେବା ପାଇଁ । ଏଇମିତି ଏସବୁ ଥାଳିରେ କେଉଁ ଯାଦୁକରୀ ଶକ୍ତି ଆଣି ରଖିଦିଅନ୍ତି ନାହିଁ । ଏ ସବୁ ପାଇଁ ମୋ ବାପା-ମା' ନିଜ ନିଜର ପରିଶ୍ରମ ଦିଅନ୍ତି । ଏଥିରୁ ତାଙ୍କର ଦାୟିତ୍ୱଜ୍ଞାନର ପରିଚୟ ମିଳେ । ସେମାନେ ଏୟା ଚାହାଁନ୍ତି ଯେ ତାଙ୍କ ସନ୍ତାନସନ୍ତତି ସବୁ ପେଟପୁରା ସୁସ୍ୱାଦୁ ଅନ୍ନବ୍ୟଞ୍ଜନ ଖାଆନ୍ତୁ । ସେମାନେ ମୋତେ ରହିବାକୁ ଘର, ଖାଇବାକୁ ଅନ୍ନ ଆଉ ପିନ୍ଧିବାକୁ ବସ୍ତ୍ର ଦେଇଛନ୍ତି । ଏଥିପାଇଁ ମୋ ପାଇଁ ସେମାନେ ସର୍ବଦା ଈଶ୍ୱରତୁଲ୍ୟ ।"

ମୁଁ ତାକୁ ଟିକେ ରହି କହିଲି,

"ଖମାରୀ ତୁ ମୋ କଥାକୁ ଧରିବୁନି ଏବେ । ମୋ କଥା ସରିଲେ ତୁ ବୁଝିଯିବୁ ଯେ ତୁ ତୋ ପରିବାର ସହ ପେଟପୁରା ଖାଦ୍ୟ ଖାଇପାରିବୁ । ଖୁସିରେ ରହି ପାରିବୁ ଅନ୍ନ-ବସ୍ତ୍ର--ବାସ ସହ ।"

ସେ ମୋତେ ଆଁ ଟାଏ କରି ଚାହିଁ ରହିଥିଲା । ସେ ଏହା ବୁଝିବାକୁ ଚେଷ୍ଟା କରୁଥିଲା ଯେ ଏହିଭଳି ପ୍ରଶ୍ନୋତ୍ତର ମାଧ୍ୟମରେ ତା'ର ଅନ୍ନ-ବସ୍ତ୍ର-ବାସ ସମସ୍ୟାର ସମାଧାନ କିଭଳି ହୋଇପାରିବ । ହେଲେ ବି ମୋ ଉପରେ ତା'ର ଭରସା ଅନେକ । ଯେତେବେଳେ ଗାଁକୁ ଆସେ ତା'ର ଦୁଃଖସୁଖ ମୋତେ କୁହେ । ମୁଁ ମନଦେଇ ଶୁଣେ ଆଉ ଯଦି ପାରେ ତେବେ କିଛି ସମାଧାନର ରାସ୍ତା ବି ବତାଇଦିଏ । ଏବେ କେତେମାସ ହେଲା ତା'ର ସାନପୁଅ ଜନ୍ମ ହେବା ପରଠାରୁ ତାର ଜୀବନଟା ତା'କୁ ବୋଝ ଉପରେ ନଳିତା ବିଡା ପ୍ରାୟେକ ବୋଧ ହେଉଛି । ଏଣୁ ଆଜି ତା'ର ଏଇ ଗୁମାନ ।

ମୁଁ ତାକୁ କହିଲି ପୁଣି, 'ମୋ ବାପା ଆଉ ତୁ ଗୋଟିଏ ବୟସର । ବାପା କହୁଥିଲେ ଯେତେବେଳେ ସ୍କୁଲକୁ ପାଠ ପଢିବାକୁ ଦୁହେଁ ଯାଉଥିଲ ସେତେବେଳେ ତୁ କୁଆଡେ କହୁ; ହଁ ପାଠପଢ଼ି କେଉଁ ବାବୁହାକିମ ହେଇଯିବି ଯେ, ଏତେ କଷ୍ଟ ପଡିବି ବେତ ପାହାର ଖାଇ । ନହେଲା'ତ ନାଇଁ । ନଦୀରୁ ମାଛ ଧରିବି, ଗଛରୁ ଫଳ ପାରିବି ଆଉ ବିଲରୁ ପନିପରିବା ଅମଳ କରିବି । ହେଲେ କୁଆଡେ ଗଲା ଏଇ ଦମ୍ଭ କହିଲୁ ?'

ଏବେ ତ ନଦୀଧାର ଶୁଖିଗଲାଣି । ସେଠି ବେଙ୍ଗ ସାପର ଦର୍ଶନ ନାହିଁ ଆଉ ମାଛ ଆସିବେ କୁଆଡୁ ? ଆଉ ତୋ ନିଜର ତ ବିଲବାଡି ନାହିଁ । ମୁଲ ଲାଗିଲେ ଦିପଇସା ଆଣୁଛୁ । ଯେଉଁ ଦିନେଅଧେ ଦେହ ଖରାପ ହେଉଛି ଆୟ ବନ୍ଦ । ସତ କହୁଛି କି ନାହିଁ ?

ସେ ତଳେ ଖଣ୍ଡିଆ ମେଘନା ବିଡିଟାରେ ଗାର ଟାଣିଟାଣି ମୁଣ୍ଡ ହଲାଇ ହଁ କଲା ।

ମୋର କଥା ପୁଣି ଆରମ୍ଭ ହେଲା.......

ପିଲାଦିନେ ପଢାପଢି କଲୁନାହିଁ; ସେକଥାତ ଗଲାଣି ଛାଡ । ଏବେ କପାଳ ପିଟୁଛୁ ଏୟା କହି ଯେ ମୋର ପାଞ୍ଚପ୍ରାଣୀ କୁଟୁମ୍ବ । ଆଛା, ସତ କହିଲୁ, ଏଇଥି ପାଇଁ କିଏ ଦାୟୀ ? ନିଜର କରମ ସାଙ୍ଗେ ତୁ ଆଣି ଯୋଡିଲୁ । ତୁମ ଦୁହିଁଙ୍କର ପେଟକୁ ଠିକ୍‌ରେ ଦାନା ପଡୁଛି କି ନାହିଁ ଦେଖିବା ପୁର୍ବରୁ ଝିଅଟିଏ ଜନ୍ମ ହେଲା । ତା'ର କ୍ଷୀର ଓଷଦ ଯୋଗାଡ଼ ହୋଇପାରିଛି କି ନାହିଁ ଆଉ ଗୋଟିଏ ଝିଅ । ଏ ଦୁଇଜଣଙ୍କୁ ଅନ୍ନବସ୍ତ୍ର ଦେବାକୁ ତର ନଥିବା ବେଳକୁ ଆଉ ଗୋଟିଏ ଛୁଆ । କେବେ ଏସବୁ ଭାବି ଦେଖିଛୁ? ଯଦି ତୁ ନିଜ ପେଟପାଟଣାକୁ ଭଲରେ ପୋଷି ପାରୁନୁ ତେବେ ଏଇ ସରଳ ନିରୀହ ଶିଶୁଗୁଡ଼ିକୁ ଏଇ ଅଭାବ ଅନାଟନର ଦୁନିଆଁ ଭିତରକୁ କାହିଁକି ଆଣିଲୁ କହ ?ଏଥିରେ ଯେଉଁମାନେ ନଅ ତିଅଣ ଦଶଭଜା ଖାଉଛନ୍ତି; ତାଙ୍କର ଦୋଷ ଅବା କେଉଁଠି ରହିଲା ? ଏହା ତୋର କର୍ତ୍ତବ୍ୟବୋଧର କଥା । ତୁ ଭାବିବାର ଥିଲା ଯେ ମୁଁ ମୋ ପିଲାମାନଙ୍କ ମୁହଁରେ ମୁଠାଏ ଭାତ ଦେଇପାରିବିନି ତେବେ ସେମାନଙ୍କୁ ଏଇ ଦୁନିଆ ଭିତରକୁ ଆଣି ହନ୍ତସନ୍ତ କରିବାର ଅଧିକାର ମୋର ନାହିଁ । ମୋର ଏଇ କଥା ଶୁଣି, ତା'ର ମୁହଁ ଆହୁରି ବିଷର୍ଣ୍ଣ ହୋଇଗଲା । ସେ କହିଲା, ହେଲା ଯେ ସାନବାବୁ ଏବେ ତ ଆଉ ସେମାନଙ୍କୁ ତା' ମା'ର ଗର୍ଭକୁ ତ ଫେରାଇ ହେବନି ନା ? ଏବେ ବାଟ ବତାନ୍ତୁ; କରିବି କ'ଣ ?

ସେତେବେଳେ ମୁଁ କହିଲି ଯେ, ସେଇ କଥା କହିବାକୁ ମୁଁ ଯାଉଛି ତୋତେ । ଏବେତ ପିଲାକୁଟୁମ୍ବକୁ ଆଡେଇ ଦେଇ ହେବନି । ଏଣୁ କଣ କରିବି, କେମିତି କରିବି, କୁଆଡେ ଯିବି, କାହିଁକି ହେଲା ପ୍ରଭୃତି ଦରିଦ୍ର ପଞ୍ଚାକ୍ଷରୀ ଜପିବା ଅପେକ୍ଷା ଏହାର ସମାଧାନ କରି ସେମାନଙ୍କୁ ଅନ୍ନ-ବସ୍ତ୍ର-ବାସ ଦେବାଟା ହେଲା ମୁଖ୍ୟ କଥା । ଏଣୁ ଏବେ ମୋତେ ଭାବି ଚିନ୍ତିକହ ତୁ କଣ କରିପାରିବୁ ? କାରଣ ତା'କୁ ଧରି ମୁଁ କିଛି ରାସ୍ତା ବତାଇବି । ମନଦୃଢ ଥିଲେ ସବୁ ହେବ । ତୁ ଯେଉଁଭଳି ଚାହିଁବୁ ମୁଁ ତୋତେ ସେହି ଉପାୟରେ ସମର୍ଥନ କରିବି । ମୋର ଏହିଭଳି କଥାରୁ ସେ କିଛିଟା ଦମ୍ଭ ପାଇଲା ବୋଧହୁଏ । ଏବେ ସଳଖି ବସିଲା ଆଉ ଦିପଟେ ଆଖିଟାକୁ ବୁଲେଇ ଆଣି

କହିଲା,

"ବୁଝିଲ କି ସାନବାବୁ; ମୁଁ ପଇସାପତ୍ର ମାଗୁନି ବା, ହେଲେ ମୋ ଅଣ୍ଟିରେ ବି କଉଡି ନାଇଁ । କଡାଗଣ୍ଡା କରି ଶୁଝିଦେବି ଟି । ହେଲେ କାହାରିକୁ କହିବ ନାଇଁ । ସମସ୍ତେ ଭାବିବେ ତମକୁ ସରଳ ବିଶ୍ୱାସୀ ପାଇ ଏ ଖମାରୀ ମିଛସତ ଗୁଡାଏ ଶୁଣାଇ ପଇସା ଠକି ନେଉଛି ବୋଲି । ତମର ଟିକେ କୃପା ହେଲେ କିଛି ଗୋଟେ ବେପାର ଆରମ୍ଭ କରି ଦିଅନ୍ତି ।"

ମୁଁ ତା'କୁ ପଚାରିଲି, "କିରେ, କି ବେପାର କରିବୁ କହୁଛୁ ?"

ସେ ମୋର ଆଉ ଟିକେ ପାଖକୁ ଆସି କହିଲା,

"ଏଇବା ରେପରା ସେପଟେ ଟିକିଲି ମେନ୍‌ରୋଡ ସାଇଡ୍‌ରେ ଆଇସ୍‌କ୍ରିମ୍ ଫେକ୍‌ଟ୍ରିଟାଏ  ଅଛି । କମିଶନ ଭଲ ଦେଉଛି । ସକାଳୁ ମାଲ୍ ନେଇଆସି ସନ୍ଧ୍ୟାରେ ପଇସା ଜମା ଦେବାକୁ ହେବ । ହେଲେ ଡିପୋଜିଟ୍ ୧୦୦ ଟଙ୍କା ପେଟି ପାଇଁ ଆଉ ସାଇକେଲ ନଥିଲେ ଆଉ ୨୦୦। ଭଙ୍ଗାରୁଜା ରିପେରିଂ ପାଇଁ ମୁଁ ଦାୟୀ । ହେଲେ କଥା ହେଉଛି ଟଙ୍କା ତିନିଶର କଥା । ସେତକ ପଇଁ ହାତ ପତେଇ ଥକି ଗଲିଣି । ସମସ୍ତେ ଭାବୁଛନ୍ତି ମୁଁ କର୍ମକୋଢ଼ୀଟାଏ ବୋଲି । ହେଲେ ସାନବାବୁ, ତମ ଦିହଛୁଇଁ କଉଚି ବା; ମୁଁ ଏତେ ହୀନିମାନ ନୁହେଁଟି । ଅଭାବଟା ମୋର ସ୍ୱଭାବଟାକୁ ନଷ୍ଟ କରିବାରେ ଲାଗିଛି । ଘରେ ପଶିଲେ... କେଁ... କାଁ...ରେ ମୋର କାନମୁଣ୍ଡା ଫାଟି ପଡୁଛି । କ'ଣ ଗୋଟେ ଆପଣ ମାଇଣ୍ଡ ଦିଅନ୍ତ ମୋତେ । ସାତଜନ୍ମ ଗୋଡି ଲାଗିବି ।

ମୁଁ ତା'କୁ କହିଲି, ଏବେ କହିଲୁ ଅସଲ କଥା । କାମ କରିବା କଥା। ପରିଶ୍ରମ କରି ନିଜର ଆଉ ପରିବାରର ପେଟ ପୋଷିବାର କଥା । ଏଇତକ କଲେ ବି ପେଟ ଅପେକ୍ଷା ରହିବନି । ଆଉ ତୁ ବି ତୋ ପରିବାରକୁ ମୁଠାଏ ଶାନ୍ତିରେ ଖୁଆଇ ପାରିବୁ । କିଏ  କ'ଣ ଖାଉଛି ଆଉ କରୁଛି ଭାବିବାର ସମୟ ନଥିବ; ବୁଝିଲୁ । ଆଉ ରହିଲା ଆଇସ୍‌କ୍ରିମ୍ ବିକିବା କଥା । ମୁଁ ଏଥିରେ ଏକମତ ନୁହେଁ ।

ମୋ କଥା ସରିଛି କି ନାହିଁ, ସେ ଉହୁଙ୍କି ପଡି କହିଲା, ନାଇଁବା ବାବୁ, ସେ ପ୍ରଧାନ ପିଲା ମାଟ୍ରିକ୍‌ରେ ୬ ଥର ଫେଲ୍ ହୋଇ ବାନାଖାଉଡିଆ ପରିକା ବୁଲୁଥିଲା । ତା ବାପା ତାକୁ ସେଥିରେ ପୁରେଇଦେଲା । ଏବେ ଏଚ୍.ଏମ୍.ଟି. ଘଡ଼ି ଆଉ ମର୍ଫି ରେଡିଓ ଲଗେଇ କି ବେପାର କରୁଛି ପରା । ଏଥିରେ କମ୍ ପଇସା ଖଟେଇ ଇନ୍‌କାମ୍ ବେଶୀ । ଆପଣ ଟିକେ ନିଘା କରନ୍ତୁ ଏ କଥାକୁ ।

ତାକୁ ମୁଁ କହିଲି ଯେ, ତୁ ମୋ କଥାକୁ ମନଦେଇ ଶୁଣେ । ତାପରେ ଦେଖିବା ତୁ କି ବେପାର କରୁଛୁ । ହେଲା ? ସେ ଅଗତ୍ୟା ଚୁପ୍ ରହିଲା । ଆଉ ହାତ ଦି'ଟାକୁ ଆଣ୍ଠୁ ଉପରେ ଛନ୍ଦି ମୋର ପରବର୍ତ୍ତୀ କଥା ଶୁଣିବାକୁ ପ୍ରସ୍ତୁତ ହେଲା । ହେଲେ ମୁଁ ଲକ୍ଷ୍ୟ କଲି ଯେ ଏଇ ଆଇସ୍‌କ୍ରିମ୍ କଥା କହିଲା ବେଳେ ତା ଆଖିରେ କିଛି ତେଜ ଆସିଯାଉଥିଲା। ସେ ଆଇସ୍‌କ୍ରିମ୍ ପେଢିଟାକୁ ପାଣ୍ଡୋରା ପେଢିଟାଏ ବୋଲି ଭାବି ନେଇଥିଲା ।

ମୁଁ କହିବାକୁ ଆରମ୍ଭ କଲି..........

ଦେଖେ ଖମାରୀ, ଆଇସ୍‌କ୍ରିମ୍ ବେପାରରେ ମନ୍ଦ କିଛି ନାହିଁ । ସେ ପଧାନ ଘର ଜମିବାଡ଼ି ଅଛି । ଆଉ ଦିଟା ଆମ୍ବତୋଟା ଅଛି । ଏଣୁ ସେମାନେ ଖାଲି ଆଇସ୍‌କ୍ରିମ୍ ବେପାରକୁ ନେଇ ବଞ୍ଚୁନାହାନ୍ତି । ହେଲେ ତୋ ପାଇଁ ଏଇଟା ଗୋଟିଏ ଜୀବିକା ହେବ । ତମେ ପାଞ୍ଚପ୍ରାଣୀ କୁଟୁମ୍ବ ଏହା ଉପରେ ନିର୍ଭର କରି ବଞ୍ଚିବ । ଅନ୍ୟଦିନ କଥା ଠିକ୍ ଅଛି; ହେଲେ ଶୀତଦିନେ ଯେତେବେଳେ ଆଇସ୍‌କ୍ରିମ୍ ବିକା କମିଯିବ ସେଇ ଦୁଇଦିନି ମାସ କିପରି ଚଳିବୁ କହ ?

ଏଇ କଥା ଶୁଣି, ତାର ଛନ୍ଦି ହୋଇ ରଖିଥିବା ହାତଦିଟାକୁ ସେ ତତ୍‌କ୍ଷଣାତ୍ ଖୋଲିଦେଇ କହିଲା, ହେଇଟି, ଏଇତ ଗଫଲତି; ମୁଣ୍ଡଟା ପରା କାମ କରୁନି ! ପାଠପଢା ପିଲାଟି, ଯାହା ହେଲେ ଆପଣ । ତ୍ରିନାଥ ମାଷ୍ଟ୍ରର ପୁଅ । ଧରିଦେବନି କଥାର ମଞ୍ଜ ? ସେଥିପାଇଁ ପରା, ଯେତେବେଳେ ଶୁଣିଲି ଯେ ତମେ ଭଞ୍ଜନଗରରୁ ଆଇଚ; ଧାଇଁ ଆଇଲି । ଏଥର ମୁଁ ଚୁପ୍, ଏକବାରେ ଚୁପ୍ । ହେଲେ ତମେ ମତେ ନିରାଶ କରନି । କିଛି ଗୋଟେ ଥଇଥାନ କର । ମହାପ୍ରଭୁ ତମକୁ କୋଟି ପରମାଇଷ ଦେବେ ।

ଏଥର କହିଲି, "ଆମେ ଏହିପରି ବେପାର କଥା ହେବା ଯେଉଁଥିରେ ଅଳ୍ପ ବ୍ୟୟରେ ନିୟମିତ ବେପାର ହେବ । ଆଉ ତୋର ଚଳିବାକୁ କିଛି ପଇସା ମିଳିବ । ଯେପରିକି ପନିପରିବା ବେପାର । ଆମ ଗାଁର ଆଖପାଖ; ଜିରାବାଡି, ଆଜ୍ଞାପ୍ରସାଦ, କାଦୁଆ, ଅଲୁସ୍ଥ, ଗଣ୍ଡାଧର, ପ୍ରଭୃତିରେ ଲୋକ ଋଷବାସ କରନ୍ତି । ବାଇଗଣ, ଭେଣ୍ଡି, ଜହ୍ନି, ପୋଟଳ, ଟମାଟୋ, ମରିଚ, ପ୍ରଭୃତି ମିଳେ । ତୁ ନିତିପ୍ରତି ସକାଳୁ ସଜ ପନିପରିବା କିଣିଆଣି, ଆମ ଗାଁରେ ସାଇସାଇ ବୁଲି ବିକିବାକୁ କର । ଯେଉଁଦିନ ଦିହମୁଣ୍ଡ ଭଲ ନଲାଗୁଛି ସେଦିନ ବସ୍‌ଷ୍ଟାଣ୍ଡ ପାଖରେ ଥିବା ବରଗଛ ତଳେ ପଟିଟିଏ ପାରି ସେଇଠି ଛାଇରେ ବିକାକିଣା କର । ଦେଖିବୁ ବେପାର ଭଲ ହେବ । ସଜ ପନିପରିବା ସମସ୍ତଙ୍କୁ ଦରକାର । ଆଉ ଶେଷ ଆଡକୁ ବଳକାବଳିକି ଅଳ୍ପ ପରିବା ତୋ ଘରେ ବି ରନ୍ଧା ହୋଇପାରିବ । ଏଣୁ ଏଇଟା ଭଲ ହେବ ବୋଲି ମୁଁ ଭାବୁଛି, ନା କଣ କହୁଛୁ ?"

ସେ ମୁଣ୍ଡଟାକୁ ପବନରେ କେତେଥର ହଲାଇ ହଁ.....ହଁ.....ହଁ....କହିବାରେ ଲାଗିଲା ।

ମୋ କଥାକୁ ଆଗକୁ ବଢ଼ାଇବାକୁ ଯାଇ କହିଲି, "ତୁ ଖାଲି ନିକିତି ତଉଲ ପାଇଁ କିଛି ଯୋଗାଡ କର । ମୁଁ ବାପାଙ୍କୁ କହି ସୁଦ୍ରୁ ସାଇକେଲ୍ ମାର୍ଟରୁ ଅଳ୍ପ ପଇସାରେ ସେକେଣ୍ଡ ହେଣ୍ଡ ସାଇକଲଟିଏ ଯୋଗାଡ କରିଦେବି । ଏଥିପାଇଁ ଯାହା ପଇସା ଦରକାର ମୁଁ ମୋର ହାତଖର୍ଚ୍ଚରୁ ଦେବି । ଏହି କଥା

ତୋ ଆଉ ମୋ ଭିତରେ ରହିଲା । ମୁଁ ଦୟାକରି ପଇସା ଦେବିନାହିଁ । ତୁ ଏଇ ପଇସାକୁ ନେଇ କିଛି ଭଲକରି ତୋ ପିଲାକୁଟୁମ୍ବକୁ ଖୁଆଇପିଆଇ ପାରିଲେ ମୋତେ ଖୁସି ଲାଗିବ । ଏଇ ପଇସା ତୋତେ ମୁଁ ଉଧାର ଦେବି । ତୁ ପାଞ୍ଚପଇସା ଅର୍ଜିଲେ ମୋତେ ମୋ ପଇସା ଫେରେଇଦେବୁ । ଆଉ ଟଙ୍କାଟିଏ ସୁଧ ଦେବୁ ହେଲା । ନହେଲେ ଫାଣ୍ଡିରେ ଦେଇଦେବି । ହେଲାକଥା ରହିଲା ।"

ତା'ପରର କଥା ସବୁ ଶୁଭ ଆଉ ମଙ୍ଗଳର କଥା । ମୁଁ ଖମାରିକୁ କେତେ ପଇସା ଦେଲି ତାହା ତାର ଆଉ ମୋର ବିଶ୍ୱାସ ଭିତରେ ଏବେବି ରହିଛି । ସେ ପନିପରିବା ବେପାର ଆରମ୍ଭ କଲା । ମୋ ପଇସା ଆଉ ବିଶ୍ୱାସର ମୂଲ୍ୟକୁ ସେ ଅମୂଲ୍ୟ କରିଦେଲା। ତା'ର ବେପାର ଭଲରେ ଚାଲିଲା । ପାଞ୍ଚପଇସା ଅର୍ଜି, ତାର ପିଲା କୁଟୁମ୍ବ ସାଙ୍ଗରେ ସେବି ଏବେ ନଅତିଅଣ ଦଶଭଜା ଖାଉଛି। ପିଲାଏ ଦିଅକ୍ଷର ପାଠ ପଢ଼ିଛନ୍ତି। ଏବେ ତା ପୁଅ ଦୋକାନରେ ବସୁଛି। ହଁ ମୁଁ କହିବାକୁ ଭୁଲିଗଲି। ଏବେ ଆଉ ଖମାରୀ ସାଇକେଲ ଧରି ଗାଁର ସାଇସାଇ ବୁଲୁନି। ନିଜର ଦୋକାନ ଘରଟିଏ ଭଡାରେ ନେଇଛି । ପନିପରିବା ସବୁ ତା ଦୋକାନକୁ ଚାଷୀମାନେ ଦେଇଯାଉଛନ୍ତି। ବେଳେବେଳେ ସେ ବେଲଗୁଣ୍ଠା ଆଉ ଭଞ୍ଜନଗରକୁ ଯାଇ ଅଦିନିଆ ପରିବା ଆଣୁଛି । ଭୋଜିଭାତ, ହୋଟେଲ୍‌ବାଲା, ପ୍ରଭୃତି ତା ଦୋକାରୁ ପନିପରିବା ନିଅନ୍ତି । ସେ ଏବେ ବେପାରୀରୁ ମହାଜନ ହୋଇଗଲାଣି । ହୋଲ୍‌ସେଲ୍ ବେପାର ମଧ କରୁଛି ବାହାବ୍ରତରେ । କହୁଥିଲା ପୁଅପାଇଁ ଫଟଫଟିଆଟିଏ କିଣିଦେବ। ଏଇ ସବୁ ଦେଖି ମୁଁ ବି ଖୁସିରେ ଫାଟିପଡ଼େ।

ଆପଣଙ୍କୁ ମିଛ ମତେ ସତ, ଏଇ କଥାଟି ନକହିଲେ ମୁଁ ଦୋଷୀଟିଏ ହେଇଯିବି.....

ବାହାସାହା ହେଲାପରେ ବାଙ୍ଗାଲୋର୍‌କୁ ଆସିଲା ପର୍ଯ୍ୟନ୍ତ ଯେତେବେଳେ ପନିପରିବା ଆଣିବାକୁ ଯାଇଛି ଖମାରୀ ଦୋକାନରୁ, ସେ କେବେ କଣ୍ଟାରେ ଓଜନ କରି ମୋତେ ପରିବା ଦେଇନାହିଁ । ଏଇମିତି ଦୁଇହାତରେ ଭର୍ତ୍ତିକରି ମୋର ବ୍ୟାଗ୍ ଭର୍ତ୍ତି କରିଦିଏ। ପଇସା ମାସକୁ ଥରୁଟିଏ ନିଏ। ମୁଁ କେବେ ହିସାବ ମାଗିନି କି ଦେଖିନି ଆଉ ସେ ବି କେବେ କେଉଁଠି ଲେଖିନି। ମୋତେ ଖୁସି ଲାଗେ ଭୋକିଲା ଲୋକକୁ ମୁଁ ରେସିପି ବହିଟିଏ ନୁହଁ ବରଂ ପହିଲି ଭୋଗଥାଳିଟିଏ ଦେଇଛି । ତାକୁ ଦିନଟିଏ ମାଛ ତରକାରୀ ଶୁଂଘି ଖାଇବାକୁ ଦେଇନି ବରଂ ମାଛଧରିବାର କୌଶଳ ଦେଇଛି। ଅନ୍ୟମାନଙ୍କର ଏହିଭଳି ପ୍ରଗତି ଦେଖିଲେ କେତେ ଆନନ୍ଦ ମିଳେ ସତେ। ଖାଲି ଆଙ୍ଗୁଠି ଦେଖାଇ, କଟୁସମାଲୋଚନା କରି, ମୁଣ୍ଡ ହଲାଇ ଦଶପଦକଥା କହିଲେ ସମସ୍ୟାର ସମାଧାନ ହୁଏନି; ସମାଧାନ ହୁଏ ନିଜର ପାଖଆଖର ସଭିଙ୍କୁ ବଞ୍ଚିବାର ରାହାଟିଏ ଦେଖାଇଦେଲେ ।

ସୁଧି ପାଠକେ... ।

ସବୁକଥା ଅନୁଶାସନ ଉପରେ ଛାଡିଦେଇ ଟିଭି, ନିଉସ୍‌ପେପର୍, ମାଗାଜିନ୍ ପ୍ରଭୃତି ଧରି ବସି ପଡ଼ିଲେ ହେବନାହିଁ । ଏହା କୌଣସି ଅତ୍ୟୁକ୍ତି ନୁହଁ; ଆପଣଙ୍କ ଚାରିଆଡ଼େ ଆଖି ବୁଲେଇ ନିଅନ୍ତୁ। ଖମାରୀଟିଏ ମିଳିଯିବ। ତାକୁ ରାହା ଦେଖାଇଦିଅନ୍ତୁ ଆଉ ସେଇ ରାହାରେ ସେ ଯେତେବେଳେ ଆଗେଇ ଯିବେ, ସେତେବେଳର ଆତ୍ମତୃପ୍ତି ଲକ୍ଷେ ଟଙ୍କାର ଲଟେରୀରେ ବି ନଥିବ । ଏଇଭଳି ଖମାରୀର ହାତଧରି ଆଗକୁ ଚାଲିବାରେ ହିଁ ଦେଶର ସମୃଦ୍ଧି ।

ଧନ୍ୟବାଦ.... ।!

ସାହିତ୍ୟ ସର୍ବଦା ସମୃଦ୍ଧିଶାଳୀ ରହୁ......ସାହିତ୍ୟର ଜୟଯାତ୍ରା ରହୁ... !!।

ଜୟ ଓଡିଆ....ଜୟ.....ଓଡିଶା......ଜୟ ଜଗନ୍ନାଥ....... !!।

ଟରୋଣ୍ଟୋ, କାନାଡ଼ା

ଜନ୍ମସ୍ଥାନ-ବଡଦାଣ୍ଡ, ଜଗନ୍ନାଥ ପ୍ରସାଦ, ଗଞ୍ଜାମ

*******************

ପୁଷ୍ପିକାରେ ଏତିକି କହିବି ଯେ...... !

୧. ସୁଧୀ ପାଠକେ, ଏହା ଏକ ସମ୍ବେଦନଶୀଳ ବିଷୟକୁ ଆଧାର କରି ଲେଖା ଯାଇଅଛି । ଏହି କାହାଣୀର ଭାବଗତ ଦିଗକୁ ଧାନ ରଖି ଏହାକୁ କୌଣସି ଅନ୍ୟାର୍ଥବୋଧରେ ନନେବାକୁ ଅନୁରୋଧ । ଏହି କାହାଣୀରେ କାହାରିକୁ ଆକ୍ଷେପ ଅଥବା କଦାଚିତ କାହାରି ଅପମାନ ଉଦ୍ଦେଶ୍ୟରେ ଲେଖା ଯାଇନାହିଁ । ଏଣୁ କୌଣସି କଦର୍ଥମୂଳକ ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବାକୁ ଅନୁରୋଧ ।

୨. ଲେଖିବା ସମୟରେ କେତେବେଳେ - କେତେଥର - କେଉଁଠି ହୁଏତ ଅନିଚ୍ଛାକୃତ -ମୁଦ୍ରଣଗତ - ବ୍ୟାକରଣଗତ ତ୍ରୁଟି ରହିଯାଇଥାଇପାରେ । ଏହି ସବୁକୁ ହୃଦୟଙ୍ଗମ କରି ରଚନାର ଭାବଗତ - ଗୁଣବତ - ଶବ୍ଦଗତ ସାହିତ୍ୟକୁ ଆପଣ ଧାନ ଦେବେ ବୋଲି ମୋର ଆଶା ଓ ବିଶ୍ୱାସ । ଏହି ସବୁ ତ୍ରୁଟି ମୋର ଦୃଷ୍ଟିକୁ ଆଣିଲେ, ମୁଁ ପରବର୍ତ୍ତୀ ସଂସ୍କରଣରେ ଏହି ସବୁକୁ ସୁଧାରିବାକୁ ଯଥାସାଧ ଚେଷ୍ଟା କରିବି ।

***

# ସାମ୍ନା କରିପାରୁନଥିବା ମଣିଷ

କିଶୋର ଆକାଶ

ଶଶାଙ୍କ ଛଟପଟଉଛି ଅନେକବେଳୁ । ଗାଁରୁ ଆସିଥିବା ଚିଠିଟି ପାଇଲା ପରଠାରୁ । ବାରମ୍ବାର ପଢ଼ିଛି ଚିଠିଟି ଅଫିସରେ । ତଥାପି ନିଜର ଉପସ୍ଥିତ କର୍ତ୍ତବ୍ୟ କିଛି ଠିକ୍ କରିପାରିନି ।

କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ବିଚଳିତ ହୋଇଛି କେବଳ । ଝଡ଼ ବହିବା ସମୟର ପାଦପ ଭଳି ଅବସ୍ଥା ତା'ର । କାରଣ ସେ ଜାଣେ ଏ ଚିଠିର ବାର୍ତ୍ତା ତା' ପରିବାରରେ ଝର୍ଣ୍ଣା ବଦଳରେ ଝଡ଼ ସୃଷ୍ଟି କରିବ । ତେଣୁ ସେ ଘରକୁ ଫୋନ୍ କରି ଜଣାଇବ କି ନାହିଁ ଏଇଦ୍ୱନ୍ଦରେ  କଟିଛି ତା'ର ଆଜି ଅଫିସରେ ସାରା ଦିନ । ଏ.ସି. ଚେମ୍ବରରେ ବି ସେ ଝାଳରେ ଗାଧୋଇ ପଡ଼ିଲାଣି ।

ଚିଠିଟି ଲେଖିଛନ୍ତି ଗାଁରୁ ତା'ର ବାପା । ଉତ୍ତର ସତୁରୀ ବର୍ଷର ବୃଦ୍ଧ ପିତାଙ୍କର କି ସୁନ୍ଦର ମନୋଲୋଭା ନିଟୋଳ ହସ୍ତାକ୍ଷର । ଯେଉଁ ଅକ୍ଷର ଦେଖିଲେ ଇ ପୁଲକିତ ହୋଇଉଠେ ଶଶାଙ୍କ । ତା' ସ୍ନାୟୁରେ ସ୍ନାୟୁରେ କିଏ ଶିହରଣ ଭରିଦିଏ । ସେ ପ୍ରତ୍ୟେକ ଅକ୍ଷରରେ ତା'ବାପାଙ୍କର ମୁହଁ ଦେଖେ । ବୋଉର ବି । ଏପରି କି ସେମାନଙ୍କର ସ୍ପର୍ଶ ବି ପାଏ ବେଳେ ବେଳେ। ଏହା ତ ଏକ ଅତିନ୍ଦ୍ରୀୟ ଅନୁଭବ ।ଅନୁଭବୀ ବିନା ଅନ୍ୟ ପାଇଁ ଏହା ଅବିଶ୍ୱାସ ହୋଇପାରେ ।

ପ୍ରାୟ ତିନି ବର୍ଷ ହେବ ଶଶାଙ୍କ ତା' ବାପା ବୋଉଙ୍କୁ ଦେଖିବାରୁ ବଞ୍ଚିତ ।

ତିନି ବର୍ଷ ତଳେ ଶଶାଙ୍କ ବାପା ବୋଉଙ୍କୁ ଚିଠି ଲେଖିଥିଲା ଗାଁରେ ଆଉ କାହିଁକି ଏକୁଟିଆ ଏ ବୟସରେ ପଡ଼ି ରହିବେ କାଠଗଡ଼ ଭଳି । ବରଂ ଏଇଠି ନାତିନାତୁଣୀଙ୍କ ମେଳରେ ସେମାନଙ୍କର ସମୟ କଟିଯିବ ଶୀତଦିନ ସକାଳର ନରମ ଉଷୁମ ଖରା ଭଳି ।

ଏଇ ପ୍ରସ୍ତାବରେ ତା' ବୋଉ ଖୁବ୍ ଖୁସି ହୋଇ ରାଜି ହୋଇଯାଉଥିଲା । ଅଥଚ ତା'ର ଆଦର୍ଶ ରିଟାୟାର୍ଡ ଶିକ୍ଷକ ପିତା ଆନନ୍ଦରେ ଆତ୍ମହରା ହୋଇଯାଇ ନ ଥିଲେ କି ଦୁଃଖରେ ଝାଉଁଳି ପଡିନଥିଲେ ।

ବରଂ କିଛି ଦିନ ପରେ ଦୁହେଁ ବୋଧେ ପରୀକ୍ଷାମୂଳକ ଭାବେ ଆସି ପହଞ୍ଚିଥିଲେ ତା' ଘରେ ।

ଗୋଟାଏ ବଡ କଂପାନୀରେ ସେକ୍ରେଟାରୀ ଶଶାଙ୍କ । ଏତେ ବଡ଼ ସହରରେ କଂପାନୀ ତା' ପାଇଁ ଫ୍ଲାଟ, ଗାଡ଼ି, ଚାକର, ଚାକରାଣୀ, ମାଳି , ଖନ୍ସାମା ସବୁ ଯୋଗାଇ ଦେଇଛି । କିନ୍ତୁ ଏଇ ପ୍ରାଚୁର୍ଯ୍ୟ ସନ୍ତୁଷ୍ଟ କରିପାରିନି ସୁଶ୍ରୀକୁ ।

ସୁଶ୍ରୀ ତା'ର ସହଧର୍ମିଣୀ । ଯାହାକୁ ସେ ଭଲ ପାଇ ବାହା ହୋଇଥିଲା । ସୁଶ୍ରୀ ଦେଖିବାକୁ ସତରେ ଥିଲା ସୌନ୍ଦର୍ଯ୍ୟର ସାଗର । ଗୋରା ତକ ତକ ଚେହେରା । ଖଣ୍ଡାଧାର ଭଳି ନାକ । ବାଁପଟ ଚିବୁକରେ ଜାଇ । ସ୍ୱାସ୍ଥ୍ୟବତୀ । କେଶବତୀ କନ୍ୟା । ସବୁବେଳେ ବିଜୁଳି ଭଳି ହସୁଥିବ ଫିକ୍ ଫିକ୍ ଆଉ ମନୋଇ । ମନ ମାନିଥିଲେ କହୁଥିବ ମୁଁ ଏକା ତୁମର ନଚେତ୍ ସାତପର ଭଳି ରୁକ୍ଷ ବ୍ୟବହାର ।

ସୁଶ୍ରୀଙ୍କୁ ତା' ବାପା ପ୍ରଥମେ ଗ୍ରହଣ କରି ନ ଥିଲେ ସିନା, ତା'ବୋଉ ସୁଶ୍ରୀର ଫଟୋ ପାଇ, ସାରା ଗାଁ ଲୋକଙ୍କୁ କହି ବୁଲିଥିଲା ଯେ ତା' ବୋହୂ କେଡ଼େ ସୁନ୍ଦରୀ ।

ବାପା ଢ଼େର କାନ୍ଦିଥିଲେ । ପରେ ବୋଉ ବୁଝାଇ ଦେଲାରୁ ଏମିତି ବୁଝିଯାଇଥିଲେ ଯେ ସୁଶ୍ରୀକୁ ଖୁବ୍ ଭଲ ପାଇଥିଲେ । ତଥାପି ପୁଅ ବୋହୂର ବ୍ୟକ୍ତିଗତ ଜୀବନ ବଳୟ ଭିତରକୁ ପ୍ରବେଶ କରିବାକୁ ସେ କେବେ ବି ଚେଷ୍ଟା କରିନାହାନ୍ତି କି ଉଚିତ ବି ମଣିନାହାନ୍ତି ।

ଥରେ ହିଁ ଶଶାଙ୍କ - ସୁଶ୍ରୀ ଗାଁକୁ ଯାଇଥିଲେ । ମାତ୍ର ତିନିଦିନ ବଡ଼ କଷ୍ଟରେ ଆଉଜଷ୍ଟ କରି ସୁଶ୍ରୀ ରହିଥିଲା । ତା' ପରେ ଛାଟିପିଟି ହୋଇ ଜେଲ୍‌ରୁ କଏଦୀ ମୁକ୍ତି ପାଇଲା ଭଳି, ତା' ବାପା ଘର କଲିକତା ଚାଲିଯାଇଥିଲା ।

ଏକା ଏକା ଶଶାଙ୍କ ରହିଥିଲା ଗାଁରେ ଏକ ମାସ ଛୁଟି ନେଇ ବାପା ବୋଉଙ୍କ ପାଖରେ ।

ବାସ୍ ତା' ପରେ ଶଶାଙ୍କ ସଂପୂର୍ଣ୍ଣ ସ୍ତୈଣ ପାଲଟିଯାଇଛି । ସବୁବେଳେ ବାପା-ବୋଉଙ୍କୁ ନେଇ କଳି କରିବା ଅପେକ୍ଷା ଏମିତି ସମର୍ପିତ ହୋଇଯିବାଟା ଭଲ ବୋଲି ମନେ କଲା ଶଶାଙ୍କ । ଗାଁକୁ ଆଉ ଗଲା ନାହିଁ । ଲୁଚେଇ ଲୁଚେଇ ଅଫିସ୍ ଠିକଣାରେ ଚିଠି ଦେଲା ଓ ପାଇଲା ।

ସୁଶ୍ରୀ ବିଷୟରେ କିଛି ମିଛ -ମନଗଢ଼ା କଥା ଚିଠିରେ ଲେଖୁଥିଲା । ମିଛ ବୋଧେ ଅସହାୟ ମଣିଷର ସାହା ଭରସା -ଆଶାବାଡ଼ି ।

ସମୟ କ୍ରମେ ଶଶାଙ୍କ ଦୁଇଟି ଛୁଆର ଜନକ ପାଲଟିଛି । ଝିଅ ଲୁସି ଓ ପୁଅ ଲୁନା । ଦେଖିବାକୁ ଖୁବ୍ ଆକର୍ଷଣୀୟ । ତା' ମା' ଭଳି ଗୋରା । ଦୁହେଁ ମା'ର ଆଦର୍ଶରେ ଗଢ଼ା । ମା' ତ ସଂପୂର୍ଣ୍ଣ ଆଧୁନିକା । ତେଣୁ ଛୁଆ ଦୁହେଁ ସେଇ ବାଟର ବାଟୋଇ । କିନ୍ତୁ ଖୁବ୍ ସ୍ନେହକାଙ୍କ୍ଷୀ । ଗୋସାଇଁ ମା-ବାପାଙ୍କର ସ୍ନେହ-ଶ୍ରଦ୍ଧା ପାଇବାକୁ ଉତ୍କଣ୍ଠିତ ଦୁହେଁ ।

ଇଂରାଜୀ ମିଡିୟମ୍ ସ୍କୁଲରେ ପଢୁଛନ୍ତି । ଆୟା, ଖାନ୍‌ସାମା, ଅଡ଼ରଲି, ମାଳି ଭଳି କେଇଟି ଅପରିଚିତ ଅଥଚ ବୃତ୍ତିଗତ ଭାବେ ଆପଣାର ସାଜିଥିବା ମଣିଷ ବେଳରେ,ଗୋଟାଏ ଅନାତ୍ମୀୟ ଆବହାଓ୍ୱାରେ ସେମାନେ ବଢ଼ିଲେ । ତେଣୁ ପିତା-ମାତାଙ୍କ ସ୍ନେହରୁ ବଞ୍ଚିତ ଏଇ ଦୁଇଟି କଳି ସବୁବେଳେ ଚାହୁଁଥିଲେ ବାପା-ବୋଉ ସବୁଦିନ ପାଇଁ ଗାଁରୁ ଆସି ତାଙ୍କରି ଗହଣରେ ରହନ୍ତେନି ।

ସୁଶ୍ରୀ ନିଜେ ଗୋଟାଏ ବଡ଼ ବିଉଟି ପାର୍ଲର ଚଳାଏ ତାଙ୍କର ବିବାହର ଦୁଇବର୍ଷ ପରଠାରୁ । ଶଶାଙ୍କ ତା'ର ଦରମାତକ ମାସର ପ୍ରଥମ ସପ୍ତାହରେ

ବଢ଼ାଇଦିଏ, ସୁଶ୍ରୀ ବି ଖୁବ୍ କମାଏ ।

ହେଲେ ଶଶାଙ୍କ କେବେ ବି ପଚାରେନି ଏତେ ଟଙ୍କା ସେ କ'ଣ କରେ । କେବଳ ଶଶାଙ୍କ ମାସକୁ ଏକ ହଜାର ଟଙ୍କା ପକେଟମନି ଭାବେ ପାଏ । ଘରର ସବୁ ଦାୟିତ୍ୱ-ଜଂଜାଳରୁ ମୁକ୍ତ ଶଶାଙ୍କ । ସବୁବେଳେ ସେ ଅଫିସରେ ବସେ । ବାପା-ବୋଉ ଖୁବ୍ ମନେ ପଡ଼ନ୍ତି । ପାପୀ ଭଳି ଟେବୁଲ୍‌ରେ ମୁଣ୍ଡ ପିଟେ । କାନ୍ଦେ । ପୁଣି ଲୁହ ପୋଛି ମୁହଁ ଧୋଇ କିଛି ନ ହେବା ଭଳି ଅଭିନୟକରେ । ଏମିତି ତ ବଞ୍ଚିବାକୁ ହେଲେ ଅଭିନୟକରିବାକୁ ପଡ଼େ ।

ସକାଳ ଆଠଟାରୁ ସୁଶ୍ରୀ ଆଉ ଶଶାଙ୍କ ଘରୁ ବାହାରନ୍ତି ଯେ ଯାହାର ଗାଡ଼ିରେ । ଫେରୁ ଫେରୁ ରାତି ଏଗାର ବାର । ଛୁଆ ଦୁଇଟି ରବିବାର ଦିନ ହିଁ ନିଜ ବାପ-ମାଙ୍କୁ ଦେଖିପାରିବାର ସୁଯୋଗ ପାଆନ୍ତି । ପୁଣି ସୁଶ୍ରୀର ସେଦିନ ବିଭିନ୍ନ ମିଟିଂ-ପିକ୍‌ନିକ୍ -ଷ୍ଟେଜ୍ ସୋ ଥାଏ । ବାପା ମା ଉଭୟଙ୍କ ସ୍ନେହ-ଶ୍ରଦ୍ଧାରୁ ବଞ୍ଚିତ ହୋଇ ପାଷାଣ ପାଲଟି ଯାଇଛନ୍ତି ଛୁଆ ଦୁଇଟି । ଯେମିତି କିଏ ଆହ୍ଲାଦରେ / ସରାଗରେ ସ୍ନେହର ଟିକିଏ ପରଶ ଦେଲେ ଜୀବନ୍ୟାସ ପାଇଯାଆନ୍ତେ ଦୁହେଁ ।

ଯେଉଁଦିନ ଶଶାଙ୍କର ବାପା-ବୋଉ ପହଞ୍ଚିଲେ, ସେଦିନ ଲୁନା ଲୁସିଙ୍କର କି ଖୁସି କି ଆନନ୍ଦ । ସତେ ଯେମିତି ସେମାନଙ୍କର ପାପୁଲିରେ ସ୍ୱର୍ଗର ଚାନ୍ଦ କି ନନ୍ଦନବନର ପାରିଜାତ ପହଞ୍ଚିଯାଇଛି । ସୁଶ୍ରୀ ବି କିଛି ଖରାପ ବ୍ୟବହାର ଦେଖାଇନାହିଁ । ବରଂ ସେମାନଙ୍କ ସହ ଖୁବ୍ ଗପିଛି । ଖୁବ୍ ଅଭ୍ୟର୍ଥନା କରିଛି । ଖୁଆଇ ପିଆଇ ଖୁସି ମନରେ ଅଛି । ବୋଉ, ବୋହୂର ବେଶ ପୋଷାକ, ଚାଲି-ଚଳଣି, ଆଚାର ବ୍ୟବହାର ଉପରେ କିଛି କମେଣ୍ଟ ଦେଲାବେଳେ ବାପା ତାଙ୍କୁ କ୍ଷାନ୍ତ କରିଛନ୍ତି ।

ବାପା ଥିଲେ ନୈଷ୍ଠିକ ଶାସନୀ ବ୍ରାହ୍ମଣ । ଭୋରରୁ ଉଠି ଗାଧୋଇ ଗୀତା, ଶିବ ସହସ୍ରନାମ, ଗାୟତ୍ରୀ ପୂଜା କରନ୍ତି ଘଣ୍ଟାଏ । ପ୍ରାତଃଭ୍ରମଣ ସାରି ସକାଳ ସାତଟାରେ ଚା ପିଅନ୍ତି ଗ୍ଲାସେ ମୁଢ଼ି ଭଜା ସହ ।

ବୋଉ ବି ଖୁବ୍ ନିଷ୍ଠାର ସହ ଚଳେ । ନିଜେ ପାଣି ଆଣେ, ନିଜେ ରୋଷେଇ କରେ । କାହାକୁ ଛୁଏଁନା । ବିଭିନ୍ନ ପ୍ରକାର ସ୍ତୁତି, ଭଜନ, ସହସ୍ରନାମ ପଢ଼େ । ଦିନ ବାରଟା ଯାଏଁ ତା'ର ଏ ପଢ଼ାପଢ଼ି ଚାଲିଥାଏ । ତା'ପରେ ସେ ଖାଏ ।

ସବୁ ଠିକ୍‌ଠାକ୍ ଚାଲିଥିଲା ତିନିଦିନ ଯାଏଁ । ହେଲେ ସୁଶ୍ରୀର ଗେହ୍ଲା କୁକୁର ଡଲି ପାଇଁ ସବୁ କିଛି ବିଗିଡ଼ିଗଲା ଚତୁର୍ଥ ଦିନ ।

ଡଲି ବୋଉର ରୋଷେଇ ଘରେ ପଶି ସବୁ ଛୁଇଁଦେଲା ଓ ପାଣ୍ କରିଦେଲା ଗୋଡ଼ ଟେକିଦେଇ । ବୋଉ ଡଲିକୁ ଗୋଟିଏ ଡଙ୍କି ଧରି ପିଟିଦେଲା ।

ତା'ପରେ ସୁଶ୍ରୀ ରଣଚଣ୍ଡୀ ବେଶ ଧରି ବୋଉକୁ ଟାଣି ଟାଣି ନେଇ ଘର ବାହାରେ ଛାଡି କବାଟ ବନ୍ଦ କରିଦେଲା । ବାପା, କିଛି ସମୟ ପରେ କାହାକୁ କିଛି ନ କହି ବୋଉକୁ ଧରି ଚାଲିଗଲେ ଗାଁକୁ ।

ଏସବୁ ଦୁର୍ଘଟଣା ଏତେ ଶୀଘ୍ର ସଂଘଟିତ ହୋଇଗଲା ଯେ ଶଶାଙ୍କ ଚୁପ୍‌ଚାପ୍ ନିର୍ଜୀବ ବଡୀଖଣ୍ଡଟିଏ ଭଳି ଏ ଦୃଶ୍ୟ ଦେଖିବା ଛଡା ଆଉ କିଛି ଅଧିକା କରିପାରିଲା ନାହିଁ । ଯେମିତି ଆଖି ଆଗରେ ସକାଳର କୁହୁଡି ଉଜାଡି ଦେଇ ଜାଳିଦିଏ ପେନ୍ଥା ପେନ୍ଥା ସୁରଭିସିକ୍ତ କୋମଳ ବଉଳ-ପ୍ରତିଶତିର ସାବଜା. ସାବ୍‌ଜା ବଲ୍ଲବ ପାଟଳ ।

କାହାକୁ କିଛି କହିବାର ନ ଥାଏ କି କିଛି କରିବାର ଜୁ ନ ଥାଏ । କ'ଣ କରିପାରିଥାନ୍ତା ଶଶାଙ୍କ ?

ଗୋଟାଏ ଛାତ ତଳେ ରହିବାକୁ ହେଲେ ଆପାତତଃ ଗୋଟିଏ କୂଳକୁ ହିଁ କୋଳେଇବାକୁ ପଡ଼ିବ ତ ଅନ୍ୟଟିକୁ ଭୁଲି ଯିବାକୁ ଇ ହେବ ।

ଏ ଦୁର୍ଘଟଣା ଘଟିବାର ତିନିବର୍ଷ ବିତିଗଲାଣି ଏ ଭିତରେ । ସେ ଅନେକ ଚିଠି ଦେଇଛି ବାପାଙ୍କ ନିକଟକୁ । ହେଲେ ବାପା ଖଣ୍ଡିଏ ଚିଠିର ଉତ୍ତର ଦେଇନାହାନ୍ତି କି ଥରୁଟିଏ ପାଇଁ ଆସିନାହାନ୍ତି । ଆଉ ସେ ଗାଁକୁ ଯିବା ପାଇଁ ସାହସ କରିପାରିନି । ସତ୍ୟର ସାମ୍‌ନା କରିବାକୁ ତା ପାଦଆଗେଇ ପାରିନାହିଁ । ବରଂ ପଛକୁ ଫେରିଛି ତା' ପାହୁଣ୍ଡ ।

ଆଜିର ଚିଠି ତା'ର ଦୃଢ଼ ମନକୁ ଦୋହଲାଇ ଦେଇଛି ଅଦିନ ଝଡ଼ ଦେବଦାରୁ ଗଛକୁ ଅସମ୍ଭାଳ କଲା ଭଳି ।

ବୋଉର ଦେହ ଭୀଷଣ ଖରାପ । ଠିକ୍‌ରେ ବସିପାରୁନି । ଟେକି ଟେକି ନେବା ଆଣିବା କରିବାକୁ ପଡୁଛି । ଶଶାଙ୍କ, ସୁଶ୍ରୀ, ଲୁସି, ଲୁନା ସମସ୍ତଙ୍କୁ ନେଇ ଆସିଲେ ଭଲ ହୁଅନ୍ତା । ବୋଉ ସମସ୍ତଙ୍କୁ ଦେଖିବା ପାଇଁ ବ୍ୟାକୁଳ ହେଉଛି ବୋଲି ବାପା ଲେଖିଛନ୍ତି ଚିଠି ।

ଚିଠି ପଢ଼ି ଢ଼େର କାନ୍ଦିଛି ଶଶାଙ୍କ । ଅଥଚ ଏକା ଯିବ କି ପିଲାଙ୍କୁ ନେଇକି ଯିବ କି ଲୁଚିକି ଚାଲିଯିବ ଗାଁକୁ । କିଛି ଠିକ୍ କରିପାରୁନି ଦିନ ସାରା ।

ଶଶାଙ୍କର ମନେ ପଡ଼ିଲା ତା'ର ମ୍ୟାଟ୍ରିକ୍ ବର୍ଷ, ସେ ମ୍ୟାଲେରିଆରେ ପଡ଼ି ଚାଉଳି ହେଉଥିଲା । ବାପା ବୋଉ ଖାଲି କାନ୍ଦି ଗଡ଼ିଯାଉଥିଲେ ତା'ରି ପାଇଁ । କେତେ ଓଷା, ବ୍ରତ, ମାନସିକ ନ କରିଛି ତା' ବୋଉ ଖାସ୍ ତା'ରି ପାଇଁ । ରକ୍ତ ନିଗାଡ଼ି ଦେଇଛି । ସବୁ ସୁଖ ଉଜାଡ଼ି ଦେଇଛି ।

କିନ୍ତୁ ପ୍ରତିଦାନରେ ଶଶାଙ୍କ କ'ଣ ଦେଇଛି ତା' ବୋଉଙ୍କୁ ବାପାଙ୍କୁ । କେତେ କୁଇଣ୍ଟାଲ୍ ଦୁଃଖର ବୋଝ ଲଦି ଦେଇଛି ସେମାନଙ୍କ ମୁଣ୍ଡ ଉପରେ । ଆଖିରେ ଦେଇଛି ଲୁହ । ହୃଦୟରୁ ଲହୁ ।

ନା । ସେ ଦୃଢ଼ ନିଷ୍ପତ୍ତି ନେଲା । ସୁଶ୍ରୀକୁ ଫୋନ୍ କରି ସବୁ କଥା ଜଣେଇଦେଲା ।

ସୁଶ୍ରୀ ଚଟାପଟ୍ ଉତ୍ତର ଦେଲା - ସରି -ଆମେ କେହି ଯାଇପାରୁନାହୁଁ । ଡଲିର ଦେହ ଖରାପ । ତା'ଛଡା ଗ୍ରାଣ୍ଡ ମ୍ୟୁଜିକ୍ ନାଇଟ୍ ପାଇଁ ବିଦେଶରୁ ମସ୍‌ହୁର୍ ଆର୍ଟିଷ୍ଟ ଆସୁଛନ୍ତି । ହଜାରେ ଟଙ୍କା ଲେଖାଏଁ ଦେଇ ମୁଁ ଚାରିଟା ଟିକେଟ ନେଇ ଆସିଛି । ତୁମେ ଗାଁକୁ ଯାଇପାର । ଆଇ ହେଭ୍ ନୋ ଅବ୍‌ଜେକ୍ସନ୍ ।

ଆମର କାହାର ଯିବାର ପ୍ରଶ୍ନ ଉଠୁନାହିଁ ।

କ୍ରେଡେଲ ଉପରେ ଫୋନ୍ ରଖିବାର ଶବ୍ଦ ।

ଦୀର୍ଘଶ୍ୱାସ ଛାଡ଼ିଲା ଶଶାଙ୍କ । ତା' ବୋଉର ଜୀବନ କ'ଣ ବିଦେଶୀ କୁକୁରଠାରୁ ବି ହୀନ । ସେ ଏଡ଼େ ଅଯୋଗ୍ୟ ପୁତ୍ର ତା' ମା'ର । ଛି ! ଏମିତି ଲଜାହୀନ ଜୀବନ ନେଇ ବଞ୍ଚିବା ଅପେକ୍ଷା ଏଇ ଫ୍ୟାନ୍ କି ସିଲିଂରେ ଆତ୍ମହତ୍ୟା କରିଦେବ କି ?

ସେ ଏଇ ପୃଥିବୀରୁ ଚାଲିଗଲେ କ'ଣ ମିଳିବ ତା' ବୋଉକୁ, ବାପାଙ୍କୁ ? ହୁଏତ ସୁଶ୍ରୀ ଆଉ ଥରେ... । ଛାଡ଼ ।

ଯେଉଁ ଦେଶରେ ବିଦେଶୀ କୁକୁର ପ୍ରଦର୍ଶନୀ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଏ । ଗାଁରୁ ପେଟ ଭୋକ ବିକଳରେ ଚାଲି ଆସିଥିବା ଫଜରା ହାଡ଼ ଗଣି ହୋଇଯାଉଥିବା ଭିକାରୀର ଅପମୃତ୍ୟୁ ପାଇଁ ବିଧାନସଭାରେ ମାଇକ୍ / ଟେବୁଲ୍ ଭାଙ୍ଗେ ସିନା ଅପମୃତ୍ୟୁ ଅପସରି ଯାଏନା ବରଂ ଚାଲେ । ମିଡ଼ିଆ ଆଉ ବିରୋଧୀ ଦଳକୁ ଖାଦ୍ୟ ମିଳିଯାଏ ଫାଇଦା ଉଠାଇବା ପାଇଁ । ସେଇଠି ତା' ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସି ହଠାତ୍ ଉଚ୍ଚବର୍ଗରେ ଆସନ୍, ସ୍ୱୈଣ ଅସହାୟ ମଣିଷଟି, ବିଶ୍ୱସ୍ତ ଦେଶୀ କୁକୁର ଭଳି ଲାଂଜ ହଲାଇ ତା' ସ୍ତ୍ରୀର ମୁହଁକୁ ଚାହିଁ ରହିବ କୃତଜ୍ଞପୂର୍ଣ୍ଣ ନେତ୍ରରେ ।

ନା । ସେ କାହାକୁ କିଛି ନ କହି ସିଧା ଗାଁକୁ ଚାଲିଲା ଅଫିସ୍‌ରୁ । ଗାଁରେ ପହଞ୍ଚିବା କ୍ଷଣି ରୋଗୀଣା ବୋଉର ପ୍ରଥମ ପ୍ରଶ୍ନ -ମୋ ପିଲାମାନେ କାହାନ୍ତି ? ଆସିଲେନି ?

ଶଶାଙ୍କ କହିଦେଲା ସୁଶ୍ରୀର ଦେହ ଖରାପ । ପିଲାମାନଙ୍କର ପରୀକ୍ଷା ଚାଲିଛି । ବୋଉ ଏତେ ଅସୁସ୍ଥତା ସତ୍ତ୍ୱେ ବି ବ୍ୟସ୍ତ ହୋଇ ପଚାରିଲା - ମୋ ସୁଶ୍ରୀର କ'ଣ ହୋଇଛି ? ତାକୁ ଏକା ଛାଡ଼ି ତୁ କାହିଁକି ଆସିଲୁରେ ପାଗଳା ।

ଶଶାଙ୍କ କିଛି କହିଲାନି । କେବଳ ଆଖିର ଇସାରାରେ ଚୁପ୍ ରହିବାକୁ ଇଙ୍ଗିତ ଦେଲା ।

ତଥାପି ବୋଉ କହୁଥିଲା - ଆରେ ଶଶାଙ୍କ । ମୋର ତ ବୟସ ହେଲାଣି । ପାଚିଲା ଫଳ । କେତେବେଳେ ଝଡ଼ି ପଡ଼ିବି । କିଏ କହିବ । ତୁ ଯା । ଗଲୁ । ଏବେ ହିଁ ଫେରିଯା । ବୋହୂର ଦେହ ଭଲ ନାହିଁ । ତାକୁ ଏକା ଛାଡ଼ି କେମିତି ଆସିଗଲୁ ନିଷ୍ଠୁର ହୃଦୟରେ କହ ତ ?

ଶଶାଙ୍କ ନୀରବ । ତା' ଆଖିରୁ ଦୁଇଟୋପା ଲୁହ ତା' ଅସହାୟ ଅସ୍ତିତ୍ୱ ଭଳି ଝରୁଥିଲା କେବଳ । ଯାହାକୁ ସେ ଲୁଚାଇ ରୁମାଲରେ ପୋଛିନେଲା ।

ଯେମିତି ସେ ଶରବିଦ୍ଧ ପକ୍ଷୀଟିଏ । ନା ଶରଟିକୁ ଟାଣି ଆଣି ପାରୁଛି ନା ମୃତ୍ୟୁ ହେଉଛି ଶାନ୍ତିରେ । ଅନ୍ତର୍ଦାହର ଅଗ୍ନିକୁଣ୍ଡରେ ପ୍ରଜ୍ୱଳିତ ସେ ।

ବାପା କହିଲେ -ଚାଲ-ଅନ୍ତତଃ ବୋହୂକୁ ଫୋନ୍ କରି ତା' ଦେହର ଖବର ବୁଝିବା ।

ଜବରଦସ୍ତ ଦାଦିପୁଅ ଭାଇଙ୍କ ସ୍କୁଟରରେ ବସି ଦୁଇଜଣ ପହଞ୍ଚିଲେ ନିକଟସ୍ଥ ବଜାର ଛକରେ । ଯେଉଁଠି ପେ'ଫୋନ୍ ବୁଥ୍‌ଟିଏ ଥିଲା ।

ଶଶାଙ୍କକୁ ଫୋନ୍ ନଂ ଲଗାଇବାକୁ କହିଲେ ତା' ବାପା । ଶଶାଙ୍କ ବ୍ୟସ୍ତବିବ୍ରତ ହୋଇ ବାପାଙ୍କୁ ମିଛରେ କହିଦେଲା - ବାପା ! ତମକୁ ଧନୀ ମଉସା ସେଇ ପାନ ଦୋକାରେ ରହି ଡାକୁଛନ୍ତି । ଯାଅ ।

ବାପା ଗଲା ପରେ ଫୋନ୍ ଲଗାଇଲା ଶଶାଙ୍କ ପଚାରିଲା -ସୁଶ୍ରୀ । ତମ ଦେହ.....

ସୁଶ୍ରୀ ବେଜାଏ ହସିଲା ଫୋନ୍‌ରେ ।

କହିଲା-ଡଲିର ଦେହ ଭଲ ହୋଇଗଲାଣି । ଆମେ ତାକୁ ନେଇ ଆଜି ମ୍ୟୁଜିକ୍ ନାଇଟ୍‌କୁ ଯିବୁ । ଭାରି ମଜା ହେବ ।

ଶଶାଙ୍କ କହିଲା -ଶୁଣ ସୁଶ୍ରୀ...ତମେ ନ ଆସିବା କାରଣ ବୋଉ ପଚାରିବାରୁ ମୁଁ ମିଛରେ ତୁମେ ଦେହ ଖରାପ ଅଛି ବୋଲି କହିଦେଇଛି । ବାପା ପଚାରିଲେ ଆଡ୍‌ଜଷ୍ଟ କରିନେବ ।

ସୁଶ୍ରୀ ପୁଣି ଖୁବ୍ ହସିଲା ଫୋନ୍‌ରେ ।

କହିଲା, ଶଶାଙ୍କ । ତୁମେ ଏତେ ଭୀରୁ-କାପୁରୁଷ-ମାଇଚିଆ । ସତ୍ୟକୁ ସାମ୍ନା କରିପାରୁନଥିବା ସରୀସୃପ ତୁମେ ! ଦେଖ ତ.....ତୁମ ଦେହରେ ରକ୍ତ ଅଛି ନା ପାଣି ।

ପୁଣି ହସିଲା ସୁଶ୍ରୀ ।

ହସ ନୁହେଁ ତ ତରଳ ଲାଭା ।

ଉଦ୍‌ଗୀରଣ ହେଉଛି ଫୋନ୍‌ରୁ । ତାକୁ ଜାଳି ପୋଡ଼ି ପାଉଁଶ କରିଦେବ । ଫୋନ୍ ରଖିଦେଲା । ଶଶାଙ୍କ । ପେ'ଫୋନ୍ ବୁଥ୍ ଟେବୁଲ୍‌ରେ ଥିବା ପେନଷ୍ଟାଣ୍ଡରେ ଥିବା ବ୍ଲେଡ୍‌ଟିଏ ଉଠାଇଲା ।

ବ୍ଲେଡ୍‌ଧରି ନିଜ ହାତ କାଟିଦେଲା ଚଟ୍‌କିନା । ରକ୍ତ ବାହାରୁ ଥାଏ ପଚ୍‌ପଚ୍ । ସେ ରକ୍ତରେ ଶଶାଙ୍କର ପରଖୁଥିଲା ଶତକଡ଼ା କେତେ ରକ୍ତ ଆଉ କେତେ ପାଣି ଅଛି ।

ଶଶାଙ୍କ ଭାବୁଥିଲା ମାଇକ୍ରୋସ୍କୋପ୍‌ଟିଏ ଏବେ ଏଇଠି ଥିଲେ ଖୁବ୍ ଭଲ ହୋଇଥାନ୍ତା ।

ଏତିକିବେଳେ ବାପା ଆସି ପଚାରୁଥିଲେ - ବାପ ଶଶାଙ୍କ ! ସୁଶ୍ରୀର ଦେହ କେମିତି ଅଛି .... ?

୧୪୦, ଅଙ୍କୁର ଆର୍ପାଟମେଣ୍ଟ,
୭, ଆଇ .ପି ଏକ୍ସଟେନ୍‌ସନ୍,
ପଟ୍‌ପରଗଞ୍ଜ, ନୂଆଦିଲ୍ଲୀ-୧୧୦୦୯୨
ମୋ. ୦୯୮୧୦୭୬୨୯୭୬

***

# ଆସ୍ଥା

ପ୍ରିୟଦର୍ଶିନୀ ମହାନ୍ତି

ସକାଳ ପ୍ରାୟ ୮ଟା ଅପ୍ରେଲ ମାସର ଟାଣଖରା । ମଙ୍ଗଳବାର ମା'ମଙ୍ଗଳାଙ୍କ ବାରି । ଏହି ଦିନ ମାଙ୍କୁ ଦର୍ଶନ କରି ଯାହା ମନାସିବ ସବୁ ଫଳପ୍ରାପ୍ତି ହେବ, ତେଣୁ ମୁଁ ସପରିବାର କାକଟପୁର ମା ମଙ୍ଗଳା ପିଠକୁ ବାହାରିଲି ।

ଗାଡ଼ିରୁ ଓହ୍ଲାଉ ଓହ୍ଲାଉ କୁଳପୁରୋହିତମାନେ କଳରାବ ଆରମ୍ଭ କରି ଘେରିଗଲେ ଆମକୁ । ଆପଣଙ୍କ ଗାଁ କେଉଁଠି ?ଗୋତ୍ର କ'ଣ ? ଆସ ମା', ଆମେ ମା'ଙ୍କ ସ୍ନାନ, ଆଳତୀ ସବୁ ଦେଖେଇଦେବୁ । ଝିଅ ଆଜି ମଙ୍ଗଳବାର । ମନ୍ଦାର ଫୁଲରେ ମା'ର ଭାରି ଶ୍ରଦ୍ଧା । ନିଅ ୧୦୧ ମନ୍ଦାର ନିଅ । ମୋ ଶାଶୁ ଭାରି ପାରିବାର ଲୋକ । ନିଜ କୁଳ ପୁରୋହିତ ଯୋଗାଡ଼ କରି ୧୦୧ ମନ୍ଦାର ମାଳ, ଶଙ୍ଖା, ସିନ୍ଦୁର, ଭୋଗ ଶାଢ଼ୀ, ବଡ଼ ଘିଅ ଦିପ ଆଉ ୫୦୧ ବ୍ରାହ୍ମଣ ଦକ୍ଷିଣା ହାତରେ ଧରି ନନାଙ୍କ ସହ ମନ୍ଦିର ଭିତରକୁ ପ୍ରବେଶ କଲେ । ତାଙ୍କ ପଛରେ ଶ୍ୱଶୁର, ପଛକୁ ପୂଜାସାମଗ୍ରୀ ଧରି ବଡ଼ ଜା, ଦେଢ଼ଶୁର, ପରେ ପରେ ମୋ ପରମେଶ୍ୱର, ଆଉ ଘରର ସାନ ବୋହୁ ମାନେ ମୁଁ ମେଣ୍ଢାପଲକୁ ଅନୁସରଣ କଲାପରି ଚାଲିଥାଏ ।

ସମସ୍ତେ ଭକ୍ତିରେ ହାତଯୋଡ଼ି ଠେଲା ପେଲା ଭିତରେ ନନାଙ୍କ ପଛେ ପଛେ ଚାଲିଥାନ୍ତି । ହେଲେ ମୁଁ ଟିକେ ନାସ୍ତିକ ପ୍ରକୃତିର । ମୋ ମନ ଆଉ ଆଖି ଏଣେ ତେଣେ ଘୁରୁଥାଏ । ହଠାତ୍ ମୋ ଆଖି ଲାଗିଗଲା ଭିଡ଼ରୁ ଅଲଗା ଧିରସ୍ଥିର ହୋଇ ଠିଆ ହୋଇଥିବା ଜଣେ ମହିଳାଙ୍କ ଉପରେ । ନାଲି ଫୁଲ ପକା ହଳଦିଆ ସୂତା ଶାଢ଼ୀ, ହାତରେ ଚାରି ପଟ ନାଲି ଶଙ୍ଖା, ମଥାରେ ବଡ଼ ସିନ୍ଦୁର ଟୋପା । ଭିଡ଼ରୁ ଦୂରରେ ମନ୍ଦିର ମୁଖଶାଳରେ ଥିବା ସିଂହର କାନକୁ ବାମ ହାତରେ ଧରି ସେ କଣ ଚୁପ୍ ଚୁପ୍ ହୋଇ କହିଯାଉଥିଲେ । ଆଉ ଡାହାଣ ହାତରେ ମଝିରେ ମଝିରେ ସିଂହର ବେକକୁ ଭାରି ପ୍ରେମରେ ଆଉଁସି ଦେଉଥାନ୍ତି ସେ ।

ନିଅ ଝିଅ ପାଦୁକାନିଅ, ଏଠି ମୁଣ୍ଡିଆ ମାର, ଦକ୍ଷିଣା ଦିଅ, ତମ ପରିବାର ସୁଖରେ ରହିବେ । ପୁରୋହିତଙ୍କ କୋକିଳ କଣ୍ଠରେ ମୋ ସ୍ଥିର ମନଟା ପୁଣି ଲଗାମଛଡ଼ା ହୋଇଗଲା । ମୋ ନଜର ହଟିଗଲା ସେ ସ୍ତ୍ରୀଲୋକ ଜଣଙ୍କ ଉପରୁ । ଆଉ ମୁଁ ମନ୍ଦିର ଭିତରୁ ଚାଲିଗଲି ।

ମା'ଙ୍କୁ ଦର୍ଶନ ପରେ, ପାର୍ଶ୍ୱ ଦେବାଦେବୀ ଦର୍ଶନ କଲୁ । ଏଠି ଶହେ, ସେଠି ପଚାଶ, ପଣା ସଂକ୍ରାନ୍ତି ପଣା, ଠାକୁରଙ୍କ ନେତ୍ର ପୂର୍ଣ୍ଣିମା ହୋମ, ଏମିତି କେତେ ଯେ କାଇଦାକାନୁନ୍ ଦେଖାଇ ପୁରୋହିତ ମହାଶୟ ଶାଶୁମା'ଙ୍କ ବଟୁଆ ହାଲକା କରିବାରେ ବ୍ୟସ୍ତ । ତା'ପରେ ପୁରୋହିତ କହିଲେ, ଆଜ୍ଞା ସପରିବାର ମନ୍ଦିର ବେଢ଼ାରେ କିଛି ସମୟ ବସନ୍ତୁ । ମୁଁ ଭୋଗ ପ୍ୟାକକରି ଆଣେ । ଏହା କହି ସେ ଚାଲିଗଲେ ।

ସମସ୍ତେ ବେଢ଼ାରେ ବସିଥାଉ । ଶ୍ୱଶୁର ପିଠର ମହାତ୍ମ୍ୟ ବୁଝେଉଥାନ୍ତି । ମୁଁ ତ ମନ୍ଦବୁଦ୍ଧି । ଭଲକଥା ମୋ ପାଇଁ କଲରା ପିତା । ମୁହଁଟା ଶ୍ୱଶୁରଙ୍କ ଆଡ଼କୁ ଥାଏ । ହେଲେ କାନ ଆଉ ଆଖି ଡିଆଁମାରୁଥାଏ ମନ୍ଦିର ବେଢ଼ାରେ । ହଠାତ୍ ଆଖି ପଡ଼ିଗଲା ସେହି ସ୍ତ୍ରୀଲୋକ ଉପରେ । ଶ୍ୱଶୁରଙ୍କୁ କହିଲି, ମୁଁ ଟିକେ ଆସୁଛି । ଏହା କହି ମୁଁ ସେ ସ୍ତ୍ରୀ ଲୋକ ପାଖକୁ ଗଲି ।

"ମନ୍ଦିର ଭିତରକୁ ନ ଯାଇ, ତମେ ମନ୍ଦିର ବାହାରେ ଏ ସିଂହ କାନରେ କ'ଣ କହୁଥିଲ ? ଏମିତି କିଛି ନିତିନିୟମ ଏ ମନ୍ଦିରରେ ଅଛି କି ?ଏମିତି କଲେ କ'ଣ ମନସ୍କାମନା ପୁର୍ଣ୍ଣ ହୁଏ କି ?"

ଟିକେ ହସି ସ୍ତ୍ରୀଲୋକ ଜଣକ କହିଲେ - "ଆସ୍ଥା, ଶ୍ରଦ୍ଧା, ସମର୍ପଣ, ମୁଁ ଏହି ତିନୋଟି ଜିନିଷରେ ବିଶ୍ୱାସ କରେ । ପାଖ ମାଳିସାହିରେ ମୋ ଘର । ମୁଁ ଗୋଟେ ମଧ୍ୟବିତ୍ତ ପରିବାରର ବୋହୁ । ସବୁ ମଙ୍ଗଳବାର ମୁଁ ମା'ଙ୍କ ପାଖକୁ ଆସେ । ପ୍ରଥମେ ପ୍ରଥମେ ୧୦୧, ୫୦୧ ମନ୍ଦାର, ନାଲି ପାଟଶାଢ଼ି, ମୋଟା ଦକ୍ଷିଣା ଦେଇ ମହା ଆଡ଼ମ୍ବରରେ ପୂଜା କରୁଥିଲି ମୁଁ । ହେଲେ ଆଉ ସେ ସାମର୍ଥ୍ୟ ନାହିଁ । ସ୍ରଷ୍ଟା ତ ସୃଷ୍ଟିର କାରଣ । ସୃଷ୍ଟି କ'ଣ କେବେ ସ୍ରଷ୍ଟାର ଋଣ ସୁଝି ପାରିବ ? ତେଣୁ ମୁଁ ନିଜକୁ ମାଙ୍କ ପାଦତଳେ ସମର୍ପଣ କରିଛି ।

ଗୋଟିଏ ଦୁର୍ଘଟଣା ମୋ ପାଦକୁ ଅକ୍ଷମ କରିଦେଲା, ତେଣୁ ଭିଡ଼ ଭିତରକୁ ଠେଲି ପେଲି ଯିବାଟା ଆଉ ସମ୍ଭବ ହେଲା ନାହିଁ । ପରିବାରର ଆର୍ଥିକ ସ୍ଥିତି ବି ବିଗିଡ଼ି ଗଲା । ତେଣୁ ଆଡ଼ମ୍ବରରେ ପୂଜା ଅର୍ଚ୍ଚନା କରିବାଟା ବି ମୋପାଇଁ କାଠିକର ପାଠ ।

ଗୋଟିଏ ମନ୍ଦାର, ଦୁଇଟି ସଳିତା ନେଇ ମୁଁ ପ୍ରତ୍ୟେକ ଦିନ ମନ୍ଦିରକୁ ଆସେ । ଏହି ସିଂହ ପାଦତଳେ ଫୁଲଟି ଥୋଇ, ସଳୀତା ଜାଳେ । ଆଉ ତା କାନରେ କହେ - କେମିତି ଅଛୁ, ଏତେ ଭିଡ଼କୁ ଭେଦକରି ମା' ପାଖକୁ ଯିବାର ସାମର୍ଥ୍ୟ ମୋର ନାହିଁ । ଯଦିବି ଯିବି ନନାମାନଙ୍କୁ ମୋଟା ଦକ୍ଷିଣା ଦେଇ ମା' କାନରେ ମୋ କଥା କହିବାଟା ତ ଆଉ ସମ୍ଭବ ନୁହେଁ । ତେଣୁ ମୋ କଥାଟିକେ ମାଙ୍କୁ କହିଦେବୁ । ମୋ ସୁନାଟା ପରା । ଯେତେ ବେଳେ ମନ୍ଦିର ବେଢ଼ା ଖାଲି ହୋଇଯିବ । ପୂଜାରି ପଣ୍ଡାମାନେ ମନ୍ଦିର ବନ୍ଦକରି ଯେଝା ଘରକୁ ଲେଉଟିବେ । ଆକାଶରେ ହଜାର ହଜାର ତାରା

ଝିଲ୍‌ମିଲ୍ କରୁଥିବେ । ସାରା ମନ୍ଦିର ବେଢ଼ା ଜହ୍ନ ଆଲୋକରେ ଧବଳ କଇଁପରି ଦିଶୁଥିବ । ସୁଲୁସୁଲିଆ ପବନରେ ଶାନ୍ତ ରାତ୍ରିର ପରିବେଶ ଆହୁରି ଆନନ୍ଦମୟ ହେଉଥିବ । ମାଆ ମୋର ଦିନଯାକର ଭକ୍ତ ଆପତ୍ତି ତୁଟେଇ ବିଶ୍ରାମ ପାଇଁ ମନ୍ଦିର ବାହାରକୁ ଆସିବେ । ଆଉ ତତେ ଭ୍ରମଣ ପାଇଁ ଆଦେଶ ଦେବେ ।

ତୁ ତ ମାର ପାଖଲୋକ, ମଉକା ଦେଖି କହିବୁ ମୁଁ ଆସିଥିଲି । ବୁଢ଼ାମୋର ବେମାର ପଡ଼ିଛି । ତାକୁ ସଅଳ ଭଲକରି ଦିଅ ମାଆ । ପୁଅ ତ ବୋହୂକୁ ଧରି ଅଲଗା ଅଛି । ଯେଉଁଠି ବି ଥାଉ ତା ସଂସାର ସୁଖରେ ଥାଉ । ତାପରେ ଆମ ବୁଢ଼ା ବୁଢ଼ି ପାଇଁ ଟିକେ ସ୍ନେହ ଜାତ କରନ୍ତାନି ମାଆ ? ମଝିରେ ମଝିରେ ଆମକୁ ଟିକେ ଦେଖିବାକୁ ଆସନ୍ତା ସେ । ସବୁବେଳେ ମା ମୋ ସଙ୍ଖା ସିନ୍ଦୁରକୁ ପଣତରେ ଢାଙ୍କି ରଖିଥାଉ, ବାସ୍ ଏତିକି ।"

ମୁରୁକି ହସି ମୋ ମୁହଁକୁ ଚାହିଁ ସେ କହିଲେ, "ଆଉ ଜାଣ ଝିଅ ! ମୁଁ ସିଂହବେଙ୍କକୁ ବେଳେବେଳେ ଆଉଁସି ଦିଏ କାରଣ ଯନ୍ତ୍ରୀଠାରୁ ମନ୍ତ୍ରୀ ସମସ୍ତଙ୍କ ପି.ଏ.ମାନଙ୍କୁ ଟିକେ ତେଲମାଲିସ ଦରକାର । ଆଉ ଇଏ ତ ମାଆର ସିଂହ । ଶ୍ରଦ୍ଧାସ୍ନେହ ଆଗରେ ସାରା ଦୁନିଆ ହାର ମାନେ । ଆଉ ମୋର ଏ ସିଂହକୁ ଟିକିଏ ଶ୍ରଦ୍ଧାକଲେ ସେ ମୋ କଥା ମା' କାନରେ ପକେଇବ ବୋଲି ମୋର ଆସ୍ଥା ।

ସ୍ତ୍ରୀ ଲୋକ ଜଣଙ୍କର କଥା ନ ସରୁଣୁ ସ୍ୱାମୀ ମୋର ପାଟିକରି ଡାକିଲେ, "ଶୁଭୁଛି, ଏ ହେଲେ ଆସ ମାମା ଡାକିଲେଣି ଯିବା ।"

***



## Sponsors for Ganesh Puja

Dr. Sanant Sahoo
Dr.Anil Goel
Dinesh Goel
Jitendra Sahu
S. R. Sahoo
B. S. Rawat
Arun Sharma
Narender Singh Bisht
Pradipta Bhuyan
Ramnath Sahoo
K. B. Mahanta

# ଏକ ପ୍ରେତାତ୍ମାର ସତ୍ୟାଳାପ

ଭଗବାନ ଚନ୍ଦ୍ର ରାଉତ

ପ୍ରତିଦିନ ପରି ଆଜି ମୁଁ କଲେଜରୁ ଫେରି ସମସ୍ତ ନିତ୍ୟକର୍ମ ସମାପନ ପରେ ସନ୍ଧ୍ୟା ସାତଟାରେ ଓଟିଭି ଚେନେଲରେ ଓଡ଼ିଶା ସମ୍ବାଦଶୁଣିବାପାଇଁ ସୋଫା ଉପରେ ବସି ଟିଭି ସୁଇଚ୍ ଅନ କଲାମାତ୍ରେ ମୋ ଘରଣୀ କୁମୁଦିନୀ ଧଇଁ ସଇଁ ହୋଇ ଘର ଭିତରକୁ ପଶି ଆସି କହିଲା, ଏ ଶୁଣିଲଣି ଏବେ ଏବେ ଆମ ଗାଁରେ ଏକ ମସ୍ତବଡ଼ ଅଘଟଣ ଘଟି ଗଲାଣି । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ଏମିତି କଣ ଘଟିଗଲା ଯେ ତୁମେ ଏତେ ବ୍ୟତିବ୍ୟସ୍ତ ହୋଇ ପଡୁଛ ?

ସେ କହିଲା ମୁଁ ଏବେ ଏବେ କମଳା ନାନୀଠାରୁ ଶୁଣିଲି କି ଆମ ଗାଁ ମଧୁ ପ୍ରଧାନ ବୋହୂ ମାଳତୀ ଗାଁ ପୋଖରୀ ତୁଠକୁ ସଞ୍ଜବେଳେ ନିତ୍ୟକର୍ମ ସାରି ଲୁଗା ଧୋଇବାକୁ ଯାଇଥିଲା ଯେ, ଏ ପର୍ଯ୍ୟନ୍ତ ଫେରି ନାହିଁ । ତା ଶ୍ୱଶୁର ମଧୁ ବୁଢ଼ା କାନ୍ଦି କାନ୍ଦି ବେହାଲ, ତାର ବର୍ଷକର ନାତି ପିଲା ମାଆ କ୍ଷୀର ଖାଇବାକୁ ରାହା ଧରି କାନ୍ଦୁଛି ଯେ ମୋଟେ କାନ୍ଦ ବନ୍ଦ କରୁନାହିଁ ।

କୁମୁଦିନୀକୁ ଦ୍ୱିତୀୟ ପ୍ରଶ୍ନ ନ ପଚାରି ଟିଭି ଅଫ୍ କରି ଆମେ ଦୁହେଁ ସ୍ୱାମୀ ସ୍ତ୍ରୀ ପ୍ରଧାନ ଘରକୁ ବାହାରିପଡ଼ିଲୁ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ । ସେଠାରେ ପହଞ୍ଚି ଯାହା ଦେଖିଲି, ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ପ୍ରଧାନ ବୁଢ଼ାର ଦାଣ୍ଡ ବାରଣ୍ଡା ଏପରି କି ଘର ଭିତରେ ଲୋକ ଭର୍ତ୍ତି । କିଏ କଣ କହୁଛି ବୁଝିବା କଷ୍ଟକର । ସମସ୍ତେ କିଛିନା କିଛି କହି ଚାଲିଛନ୍ତି, ହେଲେ କେହି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି । ସେଠାରେ ଠିଆ ହୋଇ ଲକ୍ଷ କଲି ରୁଣ୍ଡ ହୋଇଥିବା ଲୋକଙ୍କ ମଧରେ ଶତକଡ଼ା ଅଶୀ ଭାଗ ସ୍ତ୍ରୀ ଲୋକ, କିଛି ବୃଦ୍ଧ ବ୍ୟକ୍ତି ଓ ପଡ଼ିଆରେ ଖେଳୁଥିବା ମେଞ୍ଚାଏ ଅଳ୍ପ ବୟସର ବାଳକ ବା କିଶୋର ।

ନିଜକୁ ନିଜେ ମୁରବି ପଣିଆ ଦେଖାଇ ସମସ୍ତଙ୍କୁ କିଛି କ୍ଷଣ ପାଇଁ ଚୁପ୍ ରହିବା ଉଦ୍ଦେଶ୍ୟରେ ବଡ଼ପାଟିରେ କହିଲି ବନ୍ଦ କର ତୁମର ଯେତେ ସବୁ ବକ୍‌ବାସ । ଯିଏ ଯାହା ପାଇଲା, କହି ଚାଲିଲା, କିଏ କାହାର କଥା ଶୁଣିବାକୁ ଚାହୁଁନାହିଁ । ପ୍ରକୃତ କଥାଟା କଣ ଅଟେ । ବୁଝିବାକୁ ଦିଅ । ସତକୁ ସତ ମୋ ମୁରବି ପଣିଆ କାମ କଲା । ସମସ୍ତେ କିଛି କ୍ଷଣ ପାଇଁ ତୁନି ପଡ଼ିଗଲେ ।

ମୁଁ ସିଧାସିଧା ଯାଇ ମଧୁ କକେଇକୁ ପଚାରିଲି "କକେଇ ଅସଲ କଥାଟା କଣ କହିଲ ? ମଧୁ କକେଇ କହିଲେ କଣ କହିବିରେ ପୁଅ, ରାତିପାହିଲେ ବଳଦେବ ଜନ୍ମ, ରାକ୍ଷୀ ବନ୍ଧନ ପର୍ବ ଆମ ଋଷିବନ୍ଦି ଘରେ ଏହା



ଏକ ବଡ଼ ପର୍ବ ବୋହୂ ମୋର ଆସନ୍ତା କାଲି ପାଇଁ ବିରି ଚାଉଳ ବାଟି ଚକୁଳି ପାଇଁ ପିଠଉ ପ୍ରସ୍ତୁତ କରି ଘରର ଅନ୍ୟାନ୍ୟ କାମ ଶେଷ କଲାବେଳକୁ ସାମାନ୍ୟ ଡେରି ହୋଇଗଲା । ସବୁଦିନ ପରି ଆଜି ବି ଗାଁର ଝିଅ ବୋହୂମାନେ ତାକୁ ତାଙ୍କ ସହିତ ଯିବା ପାଇଁ ଡାକି ଥିଲେ । ଘର କାମ ସରି ନ ଥିବାରୁ ବୋହୂ ମୋର ତାଙ୍କୁ କହି ଥିଲା ତୁମେ ଆଗେ ଆମେ ଚାଲ । ମୁଁ ପଛେ ପଛେ ଯାଉଛି । ଏତିକି ବେଳେ ନାତି ପିଲାଟା କାନ୍ଦିବାରୁ ତାକୁ କ୍ଷୀର ଦେଇ ପୋଖରୀ ତୁଠକୁ ଯିବାବେଳକୁ ମୁହଁ ଅନ୍ଧାର ହୋଇ ଯାଇଥିଲା । ଗାଁର ଝିଅ ବୋହୂ ଫେରି ଆସିଥିଲେ । ବୋହୂଟା ମୋର ଏକା ଏକା ପୋଖରୀ ତୁଠକୁ ଯାଇଛି ଯେ ରାତି ଆସି ଘଡ଼ିଏ ହେଲାଣି ଏପର୍ଯ୍ୟନ୍ତ ସେ ଫେରି ନାହିଁ । କଅଁଳ ପିଲାଟିକୁ ଏକା ଛାଡ଼ି ମୁଁ ପୋଖରୀ ତୁଠକୁ ଯାଇ ପାରୁ ନାହିଁ କି କାହାରିକୁ ପଠାଇବା ପାଇଁ ଏଠାରେ କେହି ନାହାନ୍ତି । ଅନ୍ଧାରରେ ମୋତେ ବି ଭଲ ଦରସ ପଡୁ ନାହିଁ । ନିରୁପାୟ ହୋଇ ବସିଛି । ତୁ ଟିକିଏ ପୁଅ ସାହାଯ୍ୟ କରନ୍ତୁ ନାହିଁ ।

ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମଧରୁ ଅନେକ କିଛି ମନ୍ତବ୍ୟ ଆସିଲା, କିଏ କହିଲା, ଏହି କିଛି ଦିନ ହେଲା ଟି.ଭି. ବରାବର ପ୍ରଚାର କରୁଛି ଦେବଗିରି ପାହାଡ଼ ସଂଲଗ୍ନ କୋଳଡ଼ିଆ ଅଭୟାରଣ୍ୟରୁ ଏକ ମହାବଳ ବାଘୁଣୀ ଗୋଟେ ଛୁଆ ସହ ଆସି ଗ୍ରାମ ଉପକଣ୍ଠ ତଥା ବିଲମାଳରେ ସନ୍ଧ୍ୟାରେ ବୁଲାବୁଲି କରୁଛି । ସେ ବାଘୁଣୀ ତା ଛୁଆ ସହ ଆମ ଗାଁ ପୋଖରୀରେ କେତେ ଥର ପାଣି ପିଇବାର ଲୋକେ ଦେଖିଛନ୍ତି । ସନ୍ଧ୍ୟା କି ରାତିରେ କେହି ଏକାଏକା ବିଲବାଡ଼ି କି ବଜାରଘାଟ ଯିବାକୁ ଟିଭିରେ ବାରଣ କରାଯାଇଛି । ଅନ୍ଧାର ହୋଇ ଯାଇଥିବାରୁ ମାଳତୀ ବାଘୁଣୀ ହାବୁଡ଼ରେ ପଡ଼ି ନାହିଁ ତ ?

କିଏ କହିଲା ରାତି ହୋଇ ଯାଇଥିବାରୁ ମାଳତୀ ତରବରରେ ଗାଧୋଇଥିବା ବେଳେ ଅକସ୍ମାତ ଅସାବଧାନତାବଶତଃ ଗଭୀର ଜଳରେ ବୁଡ଼ି ମରି ନାହିଁ ତ ? କାରଣ ପକା ଚାନ୍ଦିନୀ ତଳକୁ ଖସିଗଲେ ଅଥଳ ପାଣି ।

କିଏ କହିଲା, ଆଜି କାଲି ଟୋକାମାନେ ଯେପରି ଝିଅ ବୋହୂମାନଙ୍କୁ ଜୋରଜବରଦସ୍ତ ଟେକି ନେଇ ବଳାତ୍କାର ପରେ ମାରି ଦେଉଛନ୍ତି, ସେପରି ଅଘଟଣ ମାଳତୀ ପ୍ରତି ଘଟି ନାହିଁ ତ ?

ଉପସ୍ଥିତ ଜନତା ଯେତେ ଗୁଡ଼ିଏ ମନ୍ତବ୍ୟ ମାଳତୀ ନିଖୋଜ ପାଇଁ ଦେଲେ ସେଗୁଡ଼ିକ ଯେ ଅବାସ୍ତବ ବା ଅଗ୍ରହଣୀୟ କୁହାଯାଇ ନ ପାରେ। ଏହାର ବାସ୍ତବତାକୁ ଉପଲବ୍ଧ କରିବା କଥା। ସବୁଠାରୁ ବଡ଼ ସମସ୍ୟା ହେଲା ବାଘୁଣୀ ପ୍ରସଙ୍ଗ, ବାଘକୁ ବା କାହାର ଭୟ ନାହିଁ। ଏତେ ରାତିରେ ଏକାଏକା ନିଛାଟିଆ ପୋଖରୀ ହୁଡ଼ାକୁ ଯିବା ପାଇଁ ମୋର ସାହାସ ହେଲା ନାହିଁ। ଦେଖିଲି ଏ ପର୍ଯ୍ୟନ୍ତ ଗ୍ରାମର ଭେଣ୍ଡିଆ ଟୋକାମାନେ କେହି ଉପସ୍ଥିତ ହୋଇନାହାନ୍ତି। ରାତି ପାହିଲେ ବଳଦେବ ଜୀଉ ଜନ୍ମ, ପୁଣି ରାକ୍ଷୀ ବନ୍ଧନ ପର୍ବ ଉପଲକ୍ଷେ ଆବଶ୍ୟକ ପଦାର୍ଥ କିଣିବାକୁ ନିକଟସ୍ଥ ନୀଳଗିରି ହାଟକୁ ଯାଇଛନ୍ତି। ଆସୁ ଆସୁ ନିଶ୍ଚୟ ବିଳମ୍ବ ହୋଇପାରେ।

କେଉଁମାନଙ୍କୁ ସାଥିରେ ଧରି ମାଳତୀକୁ ଖୋଜିବା ପାଇଁ ଯିବି ? ତଥାପି ମନରେ ସାହସ ବାନ୍ଧି ସେଠାରେ ଉପସ୍ଥିତ କିଛି ବାର ଚଉଦବର୍ଷର କିଶୋରମାନଙ୍କୁ ସାଥିରେ ଧରି ଠେଙ୍ଗା ଟର୍ଚ୍ଚ ନେଇ ପୋଖରୀ ଆଡ଼େ ଗଲୁ।

ପୋଖରୀ ତୁଠରେ ପହଞ୍ଚି ଦେଖିଲୁ ତୁଠ ସଂଲଗ୍ନ ପକ୍କା ଚନ୍ଦିନୀ ଉପରେ ଗୋଟିଏ ଷ୍ଟିଲ ଗରା ରଖାଯାଇଛି ଏବଂ ତା ଉପରେ ଗୋଟେ ଶାଢ଼ୀ ଭାଙ୍ଗ କରି ରହିଛି। ଏହା ଯେ ନିଶ୍ଚୟ ମାଳତୀର ହୋଇଥିବ ମନେ କରି ଗରା ଓ ଶାଢ଼ୀ ଧରି ଘରକୁ ଫେରିଲୁ। ଠିକ୍ ଏତିକି ବେଳେ ଶ୍ରାବଣ ମାସିଆ ବର୍ଷା ଅଜାଡ଼ି ଦେଲା ତୁହାକୁ ତୁହା ପାଣି।

ଗରା ଓ ଶାଢ଼ୀ ଧରି ମଧୁକକେଇ ଘରେ ପହଞ୍ଚିବାବେଳକୁ ଦେଖିଲି ଗାଁର ଅନେକ ଯୁବକ ସେଠାରେ ଉପସ୍ଥିତ। ତାଙ୍କୁ ଦେଖି ମୋ ମନରେ ଅନେକ ବଳ ଓ ସାହସ ଆସିଗଲା। ସେମାନଙ୍କ ଉଦ୍ଦେଶ୍ୟରେ କହିଲି ବର୍ଷା ଛାଡ଼ିଗଲା ପରେ ମାଳତୀର ସନ୍ଧାନରେ ଆମ୍ଭେମାନେ ବାହାରିବା କି ? ସମସ୍ତେ ଏକ ସ୍ୱରରେ କହିଲେ ଏପରି ବର୍ଷା ରାତିରେ ବିପଦକୁ ମୁଣ୍ଡାଇ ମାଳତୀର ସନ୍ଧାନ ନେବାଟା ଏତେ ସହଜ ନୁହଁ। ଜଣେ କେଉଁ ଆଡ଼େ ଚାଲିଗଲା କି ମରିଗଲା ବୋଲି ଅନ୍ୟମାନେ ଯେ ତା ପାଇଁ ମରିବେ ଏହାର ମାନେ କିଛି ନାହିଁ। ରାତି ପାହିଲେ ଯାହା କିଛି ବ୍ୟବସ୍ଥା କରାଯିବ।

ତା ପରଦିନ ସକାଳୁ ଗ୍ରାମର ଆବାଳ ବୃଦ୍ଧ ବନିତା ମାଳତୀ ସନ୍ଧାନରେ ବାହାରି ପଡ଼ିଲେ। ମାତ୍ର କୌଣସି ଠାରେ ମାଳତୀ ଶବର ଚିହ୍ନବର୍ଣ୍ଣ ବି ପାଇଲେ ନାହିଁ। ସମସ୍ତଙ୍କୁ ଚକିତ କରିଦେଲା ସେ ଦିନର ଘଟଣା। ବାଘ ଖାଇଥିଲେ କିଛି ତ ଛାଡ଼ି ଯାଇଥାନ୍ତା। ଧର୍ଷଣ ଜନିତ ହତ୍ୟା ହୋଇଥିଲେ ଶବତ ପଡ଼ିଥାନ୍ତା। ବୁଡ଼ି ମରିଥିଲେ ପାଣିରେ ଶବ ତ ଭାସୁଥାନ୍ତା। ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ ତ ଗଛରେ ଶବ ଝୁଲୁଥାନ୍ତା। ତେବେ ମାଳତୀ ଗଲା କୁଆଡ଼େ। ଏଣୁ ଆମେ କେତେ ଜଣ ଗ୍ରାମବାସୀ ମଧୁ ପ୍ରଧାନକୁ ସାଙ୍ଗରେ ଧରି ପୋଲିସ ଷ୍ଟେସନରେ ମାଳତୀର ନିଖୋଜ ଖବର ଏତାଲା ମାଧ୍ୟମରେ ଜଣାଇଦେଲୁ ଏବଂ ତତ୍ ସହିତ ମାଳତୀର ବାପଘରକୁ ଓ ତା ସ୍ୱାମୀ ଯିଏ କି ସୁରଟରେ କାମ କରେ, ତାକୁ ମଧ ଜଣାଇଦେଲୁ।

ଏହି ଦୁଃଖଦଘଟଣା ଗ୍ରାମବାସୀଙ୍କ ମନରୁ ଲିଭିଲିଭି ଆସୁଥିବା ବେଳେ ହଠାତ୍ ପ୍ରଥମାଷ୍ଟମୀ ଦିନ ଆମ ଗାଁର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଏକ ଅଜବ ଖବର ନେଇ ଚହଳ ପଡ଼ିଗଲା। ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା ସୁର ବାରିକ ଝିଅ ଫୁଲ ଦେହରେ ଏକ ପ୍ରେତାତ୍ମା ସବାର ହୋଇ ମଧୁପ୍ରଧାନ ବୋହୂ ମାଳତୀ ବିଷୟରେ ଅନେକ କଥା କହୁଛି। କେହି କେହି କହୁଥାନ୍ତି, ସେ ପ୍ରେତାତ୍ମା ଆଉ କାହାର ନୁହଁ ମାଳତୀର ପ୍ରେତାତ୍ମା।

ମୋ ସ୍ତ୍ରୀ କୁମୁଦିନୀ କହିଲା ଯିବ ନାହିଁକି ସୁର ବାରିକ ଘରକୁ ? ଚାଲ ଶୁଣିବା ମାଳତୀର ପ୍ରେତାତ୍ମା କଣ ସବୁ କହୁଛି। ମୁଁ ସାମାନ୍ୟ ହସିଦେଇ କହିଲି କୁମ ଆଜି ଏ ବିଜ୍ଞାନ ଯୁଗରେ ମଣିଷ ଚନ୍ଦ୍ରରେ ଘର କରି ମଙ୍ଗଳ ଗ୍ରହରେ ବନ୍ଧୁତ୍ୱ କରିବାକୁ ଯେତେ ପ୍ରୟାସ ଜାରି ରଖିଛି, ସେତେବେଳେ ଭୂତ ପ୍ରେତ ଡାହାଣୀ ଚିରୁକୁଣୀ ପରି ଅନ୍ଧବିଶ୍ୱାସକୁ ବିଶ୍ୱାସ କରୁଛ ? ଯଦି ସେଠାକୁ ତୁମର ଯିବାକୁ ଇଚ୍ଛା ଏକା ଏକା ଯାଇପାର। ମୋତେ ଯିବାକୁ ବାଧ କରନାହିଁ। କାରଣ ଏ ସବୁକୁ ମୁଁ ଆଦୌ ବିଶ୍ୱାସ କରେ ନାହିଁ।

ଏଥର କୁମୁଦିନୀ ସାମାନ୍ୟ ବିରକ୍ତି ଭାବ ପ୍ରକାଶ କରି କହିଲା। ସବୁବେଳେ ବିଜ୍ଞାନକୁ ପ୍ରାଧାନ୍ୟ ଦେଇ ଆମର ପ୍ରଚଳିତ ପରମ୍ପରାକୁ ଅବମାନନା କରିବା ଆଦୌ ଠିକ୍ ନୁହେଁ। ଆଜି ଆମେ ଯେଉଁ ପ୍ରଥମାଷ୍ଟମୀ ପର୍ବ ପାଳନ କରୁଛୁ ଏହା କଣ ବିଜ୍ଞାନ ସମ୍ମତ ନୁହଁ କି ? ଆଜିର ଦିନରେ ହଳଦୀ ପତ୍ରରେ ବିରିଚାଉଳ ଏଣ୍ଡୁରି ପିଠା ଖାଇବାକୁ କାହିଁକି କୁହାଯାଇଛି। ଆଜି ନ ଖାଇ ଅନ୍ୟ ଦିନେ ହଳଦୀ ପତ୍ରର ଏଣ୍ଡୁରି ଖାଇଲେ କଣ ବଳନ୍ତା ନାହିଁ ? ପ୍ରତିଦିନ ଗାଧୋଇ ତୁଳସୀ ଗଛ ମୂଳରେ ପାଣି ଢାଳୁଛେ କାହିଁକି ? ପ୍ରତିଦିନ ସଂଜବେଳେ ଶଙ୍ଖଧ୍ୱନି କାହିଁକି କରୁଛୁ। ସଂଜ ପରିବର୍ତ୍ତେ ରାତିରେ ଶଙ୍ଖ ଫୁଙ୍କିଲେ କଣ ହୁଅନ୍ତା ନାହିଁ। ତୁମର ବିଜ୍ଞାନ ଯେତେ ଅଗ୍ରଗତି କଲେ ବି ଆମର ପୂର୍ବ ପୁରୁଷମାନେ ଯେଉଁ କୌଳିକ ପ୍ରଥା ପ୍ରଚଳନ କରିଯାଇଛନ୍ତି, ସେଥିରେ ବିଜ୍ଞାନର ସତ୍ତା ଓ ବାର୍ତ୍ତା ନିଖୁଣ ଭାବରେ ନିହିତ। ଆମ ପରି ସାଧାରଣ ମଣିଷ ଆତ୍ମା, ତାରଆତ୍ମା, ଜୀବାତ୍ମା, ପ୍ରେତାତ୍ମାର ସ୍ଥିତି ଓ ଅବସ୍ଥିତିକୁ ଅନୁଭବ କରି ପାରୁନାହିଁ ସତ, ମାତ୍ର ଆମର ମୁନୀଋଷିମାନେ ବହୁ ପୂର୍ବରୁ ଏହାର ସତ୍ୟତାକୁ ଉପଲବ୍ଧି କରି ଏହାର ସଂସ୍କାର ତଥା ସତକ୍କାରର ପ୍ରଥା ବା ଖସଡ଼ା ତିଆରି କରି ଯାଇଛନ୍ତି। ମଣିଷ ମୃତ୍ୟୁପରେ ତାର ଆତ୍ମାର ସଦ୍‌ଗତି ବା ମୋକ୍ଷ ପାଇଁ ଯେଉଁ ଦଶାହ କ୍ରିୟା କରିବାର ପ୍ରଥା ପ୍ରଚଳିତ କରି ଯାଇଛନ୍ତି ତାହା କଣ ମିଥ୍ୟା ଅନ୍ଧବିଶ୍ୱାସ କହି ପରିହାସ ବସତଃ ଏଡ଼ାଇ ଦିଆ

ଯାଇପାରିବ ? ତୁମେ ତୁମ ବିଜ୍ଞାନକୁ ଧରି ଜପାମାଳି କରୁଥାଅ । ମୁଁ ଚାଲିଲି ସୁର ବାରିକ ଘରକୁ ।

କୁମ ଚାଲିଗଲା ପରେ କେଜାଣେ କାହିଁକି ମୋ ମନ ମଧ୍ୟରେ ଏକ କୌତୁହଳ ସୃଷ୍ଟିହେଲା । ଜାଣିବାକୁ ଇଚ୍ଛା ହେଲା ଏହିପରି ଅଲୌକିକ ଘଟଣା ପଛରେ କିଛି ବିଜ୍ଞାନର ବାସ୍ତବତା ଅଛି କି ନାହିଁ ? ଏହି କିଛି ଦିନ ତଳେ ସମାଜ ଖବରକାଗଜରେ ଫୋଟ ସହ ଏକ  ଅଜବ ସମ୍ବାଦପ୍ରକାଶିତ ହୋଇଥିଲା, "ପ୍ରେତ କହିଲା ସତ" ମାନେ ପ୍ରେତାତ୍ମାର ବୟାନକୁ ଆଧାର କରି ପ୍ରକୃତ ଦୋଷୀ ଧରା ପଡ଼ିଲେ । ମନରୁ ଭାବନା ମନ ମଧ୍ୟରେ ଚାପି ରଖି ମୁଁ ବି କୁମ ପଛେ ପଛେ ଯାଇ ସୁରବାରିକ ଘରେ ପହଞ୍ଚି ଗଲି ।

ସେଠାରେ ପହଞ୍ଚି ଲକ୍ଷ୍ୟ କଲି କେବଳ ଆମ ଗାଁର ଲୋକ ସେଠାରେ ଉପସ୍ଥିତ ନାହାନ୍ତି । ଆଗ ଆଗ ପାଞ୍ଚ ଖଣ୍ଡ ଗ୍ରାମର ଲୋକେ ସେଠାରେ ଉପସ୍ଥିତ । ସମସ୍ତଙ୍କର, ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ ପ୍ରେତ ମୁହଁରୁ କିଛି ଶୁଣିବାକୁ । ସୁରବାରିକର ଷୋଳ ବର୍ଷର ଝିଅ ଫୁଲ ଦାଣ୍ଡ ବାରଣ୍ଡାରେ କାନ୍ଥକୁ ଡେରି ବସିଛି । ମଥାର କେଶ ରାଶି ତାର ଅସଜଡ଼ା ଅସଂଜତ । ତାର ମୁଖମଣ୍ଡଳର ଭାବ ଭଙ୍ଗିକୁ ଅବଲୋକନ କଲେ ଭଲ ଭାବରେ ବାରି ପଡୁଛି ଯେ ସେ ପୁରାପୁରି ଭୟାତୁରା । ବେଳେବେଳେ ସେ ବିନା କାରଣରେ କାନ୍ଦୁଛି ତ ବେଳେବେଳେ ଟହଟହ କରି ହସୁଛି, ପୁଣି ବେଳେବେଳେ ହାତ ପାପୁଲିକୁ ମୁଠା ମୁଠା କରି ଦାନ୍ତ ନିକୁଟି କାହାକୁ ମାରିବା ପାଇଁ ପ୍ରଚେଷ୍ଟା କରୁଛି । ବେଳେବେଳେ ଅତି କରୁଣ ସ୍ୱରରେ କହୁଥାଏ, ତୁମେମାନେ ମୋତେ କାହିଁକି ଘେରି ବସିଛି ମୁଁ ତ ମୋ ପୁଅକୁ ଦେଖିବାକୁ ଆସିଛି । ଦେଖିକରି ଚାଲି ଯିବି ।

ମୁଁ ଅନ୍ୟ କାହାରିକୁ କିଛି ନ କହି ସିଧା ସିଧା ସୁରକୁ ପଚାରିଲି । ସୁରେନ୍ଦ୍ର ଏଠାରେ ଏ କି ପାଲା ଚାଲିଛି ? ସୁର କହିଲା ଭାଇ ମୁଁ କଣ କରିବି । ଆଜି ସକାଳ ଦିନ ଆଠଟାରେ ଗାଁର ଅନ୍ୟଝିଅଙ୍କ ସହ ପୋଖରୀକୁ ପ୍ରଥମାଷ୍ଟମୀ ଉପଲକ୍ଷେ ଗୋଧୋଇବାକୁ ଯାଇଥିଲା । ସେଠାରୁ ଫେରି ତ ଏପରି ହେଉଛି । ତା ମା ଚନ୍ଦନ ସିନ୍ଦୁର ସଜ କରି ନୂଆ ଶାଢ଼ୀ ଥାଳିରେ ରଖି ଦୀପଜାଳି ବସିଛି ଝିଅକୁ ପଢୁଆଁ କରିବ । ଝିଅ ଏଠାରେ ଏମିତି ନାଟ ଲଗାଉଛି । ସମସ୍ତେ କହୁଛନ୍ତି, ତା ଦେହରେ ମଧୁ ପ୍ରଧାନ ଘର ବୋହୂର ପ୍ରେତାତ୍ମା ତା ଦେହରେ ସବାର ହୋଇଛି ।

ମୁଁ କହିଲି ଏସବୁ ବାଜେ କଥା । ଏହା ଏକ ଉନ୍ମାଦରୋଗର କାରଣ ପରି ଜଣା ଯାଉଛି । ଶୀଘ୍ର ତାକୁ ଡାକ୍ତରଖାନା ନେବାକୁ ବ୍ୟବସ୍ଥା କର । ହଇରେ ଆଜି କାଲି କଣ ସତରେ ଭୂତ ପ୍ରେତ ଅଛନ୍ତି ? ଏସବୁ ଏକ ଅନ୍ଧବିଶ୍ୱାସ । ମଣିଷ ମରିଗଲା ତ ସରିଗଲା ।

ସୁର ବାରିକ ମୋ କଥାରେ ପ୍ରତିବାଦକରି କହିଲା, ନା ଭାଇନା ଏହା ଉନ୍ମାଦକି ପାଗଳ ରୋଗର କାରଣ ନୁହଁ । ଏହା ହେଉଛି ପ୍ରେତ ସବାର ହେବାର ଲକ୍ଷଣ । ଫୁଲକୁ ମେଡ଼ିକଲ ନେଲେ କିଛି ଲାଭ ହେବ ନାହିଁ । ଏହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କିଛି ବଟିକା କି ଇଂଜେକସନ ମେଡ଼ିକଲ ବିଜ୍ଞାନ ବାହାର କରି ନାହିଁ । ଏହି ରୋଗ ପାଇଁ ଏକ ମାତ୍ର ନିଦାନ ଗୁଣିଆର ଗୁଣି ବା ମନ୍ତ୍ର ଓ ଝୁଣା ଧୂଆଁ ଧୂପର ଉପଚାରରେ ସେ ଆରୋଗ୍ୟ ଲାଭ କରିବ । ଆପଣ କଣ  ଖବର କାଜଗ ପଢ଼ିନାହାନ୍ତି । ଏହି କିଛି ଦିନ ହେଲା ଆମ ଗୋପାଳ ପୁର କଲେଜରେ ଏମିତି କିଛି ଝିଅଙ୍କ ଦେହରେ ଅପାଣିଆ ପ୍ରେତ ସବାର ହେଲା ଯେ, କଲେଜରେ ଝିଅମାନେ ପାଗଳ ହୋଇ ନାଚିଲେ । ଘରକୁ ଗଲେ ଭଲ । ବାଲେଶ୍ୱର ବଡ଼ ଡାକ୍ତରଖାନାରୁ ବଛାବଛା ଡାକ୍ତର ଆସି ପରୀକ୍ଷା କରି ମଧ ଏହାର କାରଣ ଜାଣି ପାରିଲେ ନାହିଁ । ମାତ୍ର ଜଣେ ସାମାନ୍ୟ ଗୁଣିଆ ତାର ମନ୍ତ୍ରବଳରେ ଅପାଣିଆ ପ୍ରେତକୁ କଲେଜରୁ ବାହାର କରି ଦେବା ପରେ ଏବେ କଲେଜର ପାଠପଢ଼ା ଠିକ୍ ଚାଲିଛି । ଆପଣ ଆଦୌ ଚିନ୍ତା କରନ୍ତୁ ନାହିଁ । ଫୁଲର ମାମୁଁ ଜଣେ ପୋଖତ ଗୁଣିଆକୁ ଧରି ଆସୁଛନ୍ତି । ଅଳ୍ପ ସମୟପରେ ସେମାନେ ଏଠାରେ ପହଞ୍ଚି ଯିବେ ।

ମୁଁ ଅଧିକା କିଛି ଯୁକ୍ତି କଲି ନାହିଁ କି ବିଜ୍ଞାନକୁ ନେଇ ଚର୍ଚ୍ଚା କଲି ନାହିଁ । କାରଣ ଏଠାରେ ଉପସ୍ଥିତ ଲୋକଙ୍କ ମନର ମାନସିକତା ଭିନ୍ନ ଥିଲା । ମୁଁ ସିଧା ସିଧା ଫୁଲକୁ ପ୍ରଶ୍ନ କଲି ଫୁଲରେ "ମା ତୋର କଣ ହୋଇଛି ଯେ ଆଜି ପରା ଦିନ ପ୍ରଥମାଷ୍ଟମୀରେ ଅଯଥା ପ୍ରଳାପ କରୁଛୁ ?"

ମୋ କଥା ଶୁଣି ସେ ସଙ୍ଗେ ସଙ୍ଗେ ତା ଦେହରେ ଥିବା ଉତ୍ତରୀରେ ତା ମୁହଁ ଓ ଦେହକୁ ଢାଙ୍କି ଦେଇ କହିଲା, ସାଆନ୍ତେ ଆପଣ ପରା ମୋର ଗୁରୁଜନ ତୁଲ୍ୟ ଦେଢ଼ଶୁର । ଦୟା କରି ମୋତେ କିଛି ପଚାରନ୍ତୁ ନାହିଁ କି ମୋ ଆଗରେ ଛିଡ଼ା ହୁଅନ୍ତୁ ନାହିଁ । ଦୟା କରି ମୋତେ ଛୁଇଁବେ ନାହିଁ । ମୁଁ ଫୁଲ ନୁହଁ, ଆପଣଙ୍କ ଭାଇ ବୋହୂ ମାଳତୀ ପ୍ରଧାନ ଘରର ବୋହୂ ।

ଫୁଲ ମୁହଁରୁ ଏପରି ଅଜବ ଶବ୍ଦ ଶୁଣି ମୁଁ ହତବୋଳ ହୋଇ ପଡ଼ିଲି । ସିଏ ଯେଉଁ ସ୍ୱର ଓ ଗଳାରେ କହିଲା, ତାହା ଫୁଲର ସ୍ୱର ନ ଥିଲା । ଅବିକଳ ମାଳତୀର ସ୍ୱର ପରି ଲାଗିଲା । ମୁଁ ଆଉ ଟିକିଏ କୌତୁହଳ ହୋଇ ପଚାରିଲି, ତାହା ହେଲେ ତୁମେ ମୋତେ ଚିହ୍ନିଛ ? ତେବେ କହିଲ ମୁଁ କିଏ ? ସେ କହିଲା ଦେଢ଼ଶୁରଙ୍କ ନାମ ତୁଣ୍ଡରେ ଧରନ୍ତି ନାହିଁ । ତୁମେ ପରା ଆମ ଗାଁ ଅଧାପକ ଭାଇନା, ଆପଣଙ୍କ ପାଖରେ ପରା ମୋ ବଡ଼ ଯା କୁମୁଦିନୀ ଅପା ଛିଡ଼ା ହୋଇଛନ୍ତି । ଏହା ଶୁଣିବା ପରେ ମୁଁ ପଢ଼ିଥିବା ତଥା ପଢ଼ାଉଥିବା ବିଜ୍ଞାନ ପାଠ ମୋତେ କେମିତି ଅଜ୍ଞାନ ଅଜ୍ଞାନ ମନେ ହେଲା । ବିଜ୍ଞାନର କେଉଁ ଥିଓରୀ ବା ଫର୍ମୁଲା ପ୍ରୟୋଗ କରି ଏହା ସତ୍ୟ ନୁହଁ ଅସତ୍ୟ ଅନ୍ଧବିଶ୍ୱାସ ବୋଲି ପ୍ରମାଣ

କରିବି ? ତଥାପି ଗୁଣିଆ ଆସିବାକୁ ଅପେକ୍ଷା କଲି ।

ଏହି କଥା ଭାବୁଥାଏ ଏହି ସମୟରେ ଫୁଲର ମାମୁଁ ଜଣେ ଗୁଣିଆକୁ ସଙ୍ଗରେ ଧରି ସେଠାରେ ପହଞ୍ଚିଗଲେ । ଗୁଣିଆକୁ ଫୁଲ ଦେହରେ ସବାର ହୋଇଥିବା ମାଳତୀର ପ୍ରେତ କଇଁ କଇଁ କରି କାନ୍ଦି କହିଲା । ଦେଇଲୋ ମା ଗୁଣିଆ ଆସିଗଲା । ମୋତେ ତା ବେତରେ ମାରି ମାରି ମାରିଦେବ । ମୁଁ କହିଲି ଆଦୌ ବ୍ୟସ୍ତ ହୁଅ ନାହିଁ । ଗୁଣିଆ ତୁମକୁ ମାରିବ ନାହିଁ । ଆମେ ପରା ଏଠାରେ ଅଛୁ ?

ଗୁଣିଆ କହିଲା ଆପଣମାନେ ଏଠାରୁ କିଛି ଦୂରକୁ ହଟି ଯାଆନ୍ତୁ । ମୋତେ ଦେଖି ପ୍ରେତ ପଳାଇ ଯାଇପାରେ । ପ୍ରଥମେ ତାକୁ ବନ୍ଦୀ କରିବାକୁ ହେବ । ଏହା କହି ହାତରେ ଧରିଥିବା ଏକ ଲୁହା ଦଣ୍ଡକୁ ମନ୍ତୁରାଇ ଫୁଲ ବସିଥିବା ସ୍ଥାନରେ ଗୋଲ କରି ଭୂଇଁ ଉପରେ ତିନି ଗାର କାଟି ଦେଲା । ଏହାପରେ ସେ କାନ୍ଧରେ ଝୁଲାଇଥିବା ଝୁଲାରୁ ବାହାର କଲା ଏକ ମଣିଷ ଖପୁରୀ, ଦୁଇଗୋଟି ମଣିଷର ମଣିବନ୍ଧ ହାଡ଼ ଯାହାକି ତେଲ ସିନ୍ଦୁର ବୋଳା ହୋଇ ଲାଲ ଦିଶୁଛି ।

ସେଗୁଡ଼ିକୁ ଫୁଲ ସମ୍ମୁଖରେ ଥୋଇ ଦେଇ ବରାଦକଲା କିଛି ଗୋଟା ବିରି ଯୁକ୍ତ ଉଷୁନା ଚାଉଳ ଆଣିବାକୁ । ତା ସହିତ ଏକ ନୂଆ ମାଟି ସରା କିଛି ଝୁଣା ନଡ଼ିଆ କତା, ରଡ଼ନିଆ ଯୁକ୍ତ ଜଳନ୍ତା ଅଙ୍ଗାର । ଗୁଣିଆର ବରାଦମୁତାବକ ସବୁ ବ୍ୟବସ୍ଥା କରାଗଲା । ଗୁଣିଆ ଏଥର ଗୁଣୁଗୁଣୁ କରି କିଛି ମନ୍ତ୍ର ଅସ୍ପଷ୍ଟ ସ୍ୱରରେ ପଢ଼ି ବିରି ଚାଉଳରୁ ଦୁଇମୁଠା ଫୁଲ ମୁହଁକୁ ଛାଟି ଦେଲା । କିଛି ଚାଉଳ ଅନ୍ୟ ଆଡ଼େ ବୁଣିଦେଇ ଉପସ୍ଥିତ ସମବେତ ବ୍ୟକ୍ତିଙ୍କ ଉପରକୁ କିଛି କିଛି ଚାଉଳ ବୁଣି ଦେଲା । ନୂଆ ମାଟି ସରାରେ ରଡ଼ନିଆଁ ଯୁକ୍ତ ଅଙ୍ଗାର ସହିତ ନଡ଼ିଆକତା ପୁରାଇ ତା ଉପରେ ଝୁଣାଧୂପ ଢାଳି ଏକରକମ ଏକ ଧୂମକୁଣ୍ଡଳୀ ସୃଷ୍ଟି କରି ମଣିଷ ଖପୁରିରେ ହାଡ଼ ଦୁଇଟି ବାଡ଼େଇ କହିଲା । ଆପଣମାନଙ୍କ ମଧ୍ୟରୁ ଜଣେ କେହି କ'ଣ ପ୍ରେତଠାରୁ ଶୁଣିବାକୁ ଚାହାନ୍ତି ପଚାରନ୍ତୁ । ପାରୁଛନ୍ତି ତ କାଗଜରେ ତାହା ଲେଖି ରଖନ୍ତୁ ବା ମୋବାଇଲରେ ଟେପ କରି ରଖନ୍ତୁ, ଦରକାର ବେଳେ କାମରେ ଆସିପାରେ ।

ସମସ୍ତେ ମୋତେ ପଚାରି ତାକୁ ଅନୁରୋଧ କଲେ, ମୁଁ କହିଲି ସେ ତ ମୋତେ ଦେବ୍ହଶୁର ମାନ୍ୟ କରି କିଛି ପଚାରିବାକୁ ବାରଣ କରିଛି । ଆପଣମାନଙ୍କ ମଧ୍ୟରୁ ଅନ୍ୟ କେହି ପଚାରନ୍ତୁ । ଗୁଣିଆ କହିଲା ଏଥର ପେତୁଣୀ ଆଉ କିଛି ପେଖନା ବାହାର କରିବ ନାହିଁ । ଆପଣ ପଚାରି ପାରନ୍ତି । ସେ ପୁରା ପୁରି ବନ୍ଦି ।

ମୁଁ କହିଲି ମାଳତୀ ସତ କୁହ ତୁମେ ସ୍ୱଇଚ୍ଛାରେ ଆତ୍ମହତ୍ୟା କରିଛ ନା କାହାରି ଦ୍ୱାରା ହତ୍ୟା ହୋଇଛ ? ମାନେ ତୁମ ମରଣ ରହସ୍ୟ କୁହ ?

ମାଳତୀ କହିଲା ମୋର ଏକ ମାତ୍ର ବର୍ଷକର ପିଲାକୁ ଛାଡ଼ି ଆତ୍ମହତ୍ୟା କରିବି କାହିଁକି । ମୋତେ ମାରି ଦିଆଯାଇଛି । ଯଦି ପଚାରିଲେ ଶୁଣନ୍ତୁ ମୋର ମୃତ୍ୟୁର ରହସ୍ୟ ।

ସେଦିନ ଘରକାମ ଶେଷ କରି ପୋଖରୀ ତୁଠରେ ପହଞ୍ଚିବା ବେଳକୁ ଅନ୍ଧାର ହୋଇ ଯାଇଥିଲା । ମୋତେ ବି ବଡ଼ ଡର ମାଡୁଥିଲା । ଠିକ ଏତିକି ବେଳେ ଦେଖିଲି ପୋଖରୀ ହୁଡ଼ା ବରଗଛ ତଳେ ଆମ ଗାଁ ଗୌଡ଼ ସାହିର ବୁଲା ଓ ଟୁଲା ବସି ଗଂଜେଇ ଟାଣୁଛନ୍ତି । ତାଙ୍କୁ ଦେଖି ମୋ ମନରେ ସାହସ ଆସିଲା । କହିଲି ଦେଖାହେଲା ଭଲ ହେଲା । ତୁମେ ଦୁହେ ଏଠାରେ ବସିଥାଅ, ମୁଁ ନିତ୍ୟକର୍ମ ଶେଷ କରି ଶୀଘ୍ର ଫେରି ଆସୁଛି । ସାଙ୍ଗ ହୋଇ ଘରକୁ ଫେରିବା । ସେ ଦୁଇଜଣ ମୋତେ ଆଶ୍ୱାସନା ଦେଇ କହିଲେ, ଚିନ୍ତା କର ନାହିଁ ଭାଉଜ । ତୁମେ ଆସିବା ପର୍ଯ୍ୟନ୍ତ ଆମେ ଏଠାରେ ଅପେକ୍ଷା କରୁଛୁ ।

ମୁଁ ସେଠାରୁ କିଛି ଦୂର ଯାଇ ତୁଠରେ ଚାରା ରଖି ଝାଡ଼ା ଶୌଚ ପାଇଁ ଅନ୍ୟତ୍ର ଯିବା ବେଳକୁ ସେମାନେ ମୋ ନିକଟରେ ହାଜର, ମୁଁ କହିଲି ଏଠାରେ କାହିଁକି ? ଯାଅ ବସ ମୁଁ ଫେରିଲେ ଯିବା । ମୋର ଶେଷ ଶବ୍ଦ ନ ସରୁଣୁ ସେ ଦୁହେଁ ମୋତେ ଶୁନ୍ୟେ ଶୁନ୍ୟେ ବିଲ ମଝିରେ ଥିବା ନିଛାଟିଆ ଆମ୍ବତୋଟାକୁ ଟେକି ନେଲେ । ମୋତେ ଛାଡ଼ି ଦେବାକୁ ଯେତେ କାକୁତି ମିନତି ହେଲି, ସେମାନେ ମୋ କଥା ଶୁଣିଲେ ନାହିଁ । ମୋତେ ଉଲଗ୍ନ କରି ଜଣକ ପରେ ଜଣେ ଧର୍ଷଣ କଲେ । ଶେଷରେ ହାତ ଯୋଡ଼ି ଅନୁରୋଧ କଲି ଯାହା ହେବାର ହେଲା, ତୁମ ମନବି ଥଣ୍ଡାହେଲା ମୋତେ ଏଥର ଛାଡ଼ିଦିଅ । ଘରେ ମୋର ବର୍ଷକର ଛୁଆ ମୋତେ ନ ଦେଖି ଆଉଟୁ ଆଉଟୁ ହେଉଥିବ । ଏ ଘଟଣା ମୁଁ କାହାରିକୁ କହିବି ନାହିଁ । ଏହା ଆମ ତିନିଜଣଙ୍କ ମଧ୍ୟରେ ସୀମିତ ଥାଉ ।

ସେ ଦୁଇଜଣ କହିଲେ, ଅଧାମରା ନାଗୁଣୀକୁ ପୁରା ନ ମାରି ଛାଡ଼ିଦେଲେ ସେ ନିଶ୍ଚୟ ବେଳ ଦେଖି ଚୋଟ ମାରିବ । ତୋ ପରି ନାଗୁଣୀକୁ କେଉଁ ଭରସାରେ ଛାଡ଼ିଦେବୁ । ଆଜି ନ ହେଲେ କାଲି ପ୍ରକାଶ କରିବୁ, ସେତେବେଳେ ଆମ ଅବସ୍ଥା କଣ ହେବ ଆମେ ଜାଣି ପାରୁଛୁ । ମୁଁ ଆଉ କିଛି କହିବା ପୂର୍ବରୁ ମୋ ପିନ୍ଧା ଲୁଗାକୁ ମୋ ମୁହଁ ନାକରେ ଜୋର କରି ଗୁଡ଼ାଇ ମୋ ତଣ୍ଟିକୁ ଚିପି ଦେଲେ । ଅଣ ନିଶ୍ୱାସି ହୋଇ ମୋର ମୃତ୍ୟୁହେଲା । ସେତେବେଳେ ପ୍ରବଳ ବେଗରେ ବର୍ଷା ମାଡ଼ି ଆସିବାରୁ, ସେ ଦୁଇଜଣ ମୋ ଶବ ଛାଡ଼ି ଚାଲିଗଲେ । ସେଦିନ ରାତିରେ ମୋତେ ଖୋଜିବାକୁ ଯାଇଥିଲେ । ଟିକିଏ କଷ୍ଟକରି ବିଲ ମଝିରେ ଥିବା ନିର୍ଜନ ଆମ୍ବ ତୋଟାକୁ ଯାଇଥିଲେ ମୋ ଶବ ପାଇ ପାରିଥାନ୍ତେ ।

ଫୁଲ ମାଧ୍ୟମରେ ମାଳତୀ ପ୍ରେତାତ୍ମାର ବୟାନ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେଦିନ ରାତିରେ ମାଳତୀକୁ ଖୋଜିବାକୁ ଯାଇଥିଲେ ତାହା ପ୍ରେତ ଜାଣିଲା କିପରି ? ମୋତେ ଏସବୁ ପି ସି ସରକାରଙ୍କର ଯାଦୁ ପରି ମନେ ହେଉଥାଏ । ମୁ କହିଲି ତା ପରଦିନ ସକାଳୁ ତ ମୁଁ ନିଜେ ଆମ୍ବତୋଟାକୁ ଖୋଜିବାକୁ ଯାଇଥିଲି । କାହିଁ ତୁମ ଶବ ତ ସେଠାରେ ନ ଥିଲା ।

ପ୍ରେତ କହିଲା ସେଦିନ ରାତିରେ ବର୍ଷା ଛାଡ଼ିଗଲା ପରେ ବୁଲା ଟୁଲା ଦୁଇଜଣ ଏକ ଲମ୍ବା ବାଉଁଶ ଆଣି ସେଥିରେ ମୋ ଶବକୁ ବାନ୍ଧି ସେଠାରୁ କିଛି ଦୂରରେ ଥିବା ଲଣ୍ଡା ପାହାଡ଼ ପାଦଦେଶରେ ଥିବା ମାଙ୍କଡ଼ା କେନ୍ଦୁମୂଳରେ ଗାତଖୋଳି ମୋ ଶବକୁ ପୋତିଦେଲେ । ସତ୍ୟାସତ୍ୟ ଜାଣିବାକୁ ଯଦି ଚାହୁଁଥାଆନ୍ତି ଆପଣମାନେ ଯାଇ ସେଠାରେ ଖୋଳନ୍ତୁ । ମାଉଁଶ ହୀନ କଙ୍କାଳ ଏବେ ବି ଦେଖିବାକୁ ପାଇବେ । ପ୍ରଧାନ ଘର ବୋହୂ ମାଳତୀ ମାତ୍ର ମାଇନର ପାଶ କରିଥିଲା ବୋଲି ଶୁଣିଥିଲି । ମାତ୍ର ଯେପରି ଶବ୍ଦ ଓ ଭାଷାରେ ତାର ବକ୍ତବ୍ୟ ପ୍ରଦାନ କଲା, ମୁଁ ବିଶ୍ୱାସ କରିପାରିଲି ନାହିଁ, ଏହା ଫୁଲ କି ମାଳତୀର ଶବ୍ଦ ବିନ୍ୟାସ । । ଏପରି ଶୁଦ୍ଧ ଭାଷାରେ କିପରି କହିପାରୁଛି ?

ମୁଁ କହିଲି ଏ ଘଟଣା ଘଟିବାର ଦୀର୍ଘ ଚାରିମାସ ପରେ କହୁଛ କାହିଁକି ? ଆଗରୁ ତ କହିଥିଲେ କିଛି ବ୍ୟବସ୍ଥା କରାଯାଇଥାନ୍ତା ।

ପ୍ରେତ କହିଲା, ନିଜର ଦୁଃଖକୁ ବଖାଣିବାକୁ ହେଲେ ପ୍ରେତ ପାଇଁ ଏକ ମାଧ୍ୟମ ଦରକାର । ସେ ମାଧ୍ୟମ ନିଶ୍ଚିତ ଜୀବନ୍ତ ଓ ମଣିଷ ହୋଇଥିବ । ସମସ୍ତ ଜୀବନ୍ତ ମଣିଷ ଉପରେ ପ୍ରେତ ସବାର ହୋଇପାରିବ ନାହିଁ । ଯେଉଁ ମଣିଷର ରାଶି ନକ୍ଷତ୍ର, ପ୍ରେତର ରାଶି ନକ୍ଷତ୍ର ସହମେଳ ଖାଉଥିବ, ସେହି ମଣିଷ ହିଁ ପ୍ରେତର ମାଧ୍ୟମ ହୋଇପାରିବ । ଫୁଲ ମୋର ନଣନ୍ଦ ସଦୃଶ, ତା ସହିତ ମୋର ଅନେକ ଅନ୍ତରଙ୍ଗ ବି ଥିଲା ଏବଂ ତା ରାଶି ନକ୍ଷତ୍ର ସହ ମୋର ରାଶି ନକ୍ଷତ୍ର ମିଶି ଯାଉ ଥିବାରୁ, ତା ଉପରେ ସବାର ହୋଇ ଏଠାକୁ ଆସିଛି, ମୋ ପୁଅକୁ ଦେଖିବାକୁ ।

ଗୁଣିଆ କହିଲା, ଆଜ୍ଞା ବହୁତ ପଚାରିଲେଣି ଆଉ ବେଶି କିଛି ପଚାରନ୍ତୁ ନାହିଁ । ବେଶି ସମୟ ଝିଅ ଦେହରେ ପ୍ରେତ ସବାର ହୋଇ ରହିଲେ ଝିଅର କ୍ଷତି ହେବ, ଏପରି କି ତାର ମୃତ୍ୟୁ ହୋଇପାରେ । ବର୍ତ୍ତମାନ ଝିଅର ଆତ୍ମା ଓ ଚେତନା ସମ୍ପୂର୍ଣ୍ଣ ଜଡ଼ । ଯାହା କିଛି କହୁଛି ପ୍ରେତର ପ୍ରଭାବରେ ଏଥିରୁ ପ୍ରେତକୁ ଛାଡ଼ି ଦେଉଛି ।

ସମସ୍ତେ ଏକ ସ୍ୱରରେ କହିଲେ, ପ୍ରେତକୁ ବିଦା କର । ଝିଅ ଆମର ବଞ୍ଚିରହୁ । ଗୁଣିଆ ଦୁବାର ଖପୁରି ଉପରେ ହାଡ଼କୁ ବାଡ଼େଇ କହିଲା, କହ କଣ ଖାଇ କରି ଯିବୁ ବା ନେଇ କରି ଯିବୁ । ପ୍ରେତ କହିଲା, ମୁଁ କିଛି ଖାଇବି ନାହିଁ କି ନେବି ନାହିଁ । ମନ ଭରି ପେଟେ ନିର୍ମଳ ଥଣ୍ଡାଜଳ ପିଇବି । ବହୁତ ଦିନ ହେଲା ପାଣି ନ ପିଇ ଏମିତି ଅପାଣିଆ ହୋଇ ଘୁରି ବୁଲୁଛି । ମଲାବେଳେ ଭୀଷଣ ଶୋଷ ଲାଗୁଥିଲା । ମୁନ୍ଦାଏ ଜଳ କେହି ମୋ ମୁହଁରେ ଦେଇ ପାରିଲେ ନାହିଁ ।

ପ୍ରେତର ଅନୁରୋଧ କ୍ରମେ ଗୁଣିଆର ପରାମର୍ଶ ଅନୁଯାୟୀ ଏକ ବଡ଼ ପ୍ଲାଷ୍ଟିକ ବାଲଟିରେ ଏକ ବାଲଟି ଥଣ୍ଡା ଜଳ ଫୁଲ ସମ୍ମୁଖରେ ରଖାଗଲା । ଫୁଲ ରୂପକ ମାଳତୀ ପ୍ରେତ ଆଣ୍ଠେଇ ପଡ଼ି ଗୋରୁ ପାଣି ପିଇବା ପରି ବଁ ଚଁ କରି ବାଲଟି ଯାକ ପାଣି ପିଇ ଶେଷ କରିଦେଲା ।

ଏ ଦୃଶ୍ୟ ଦେଖି ମୁଁ କିଂ କର୍ତ୍ତବ୍ୟ ବିମୁଢ଼ ହୋଇଗଲି । ମଣିଷକୁ ଶୋଷ କଲେ ଦୁଇ ତିନି ଗ୍ଲାସ୍ ପାଣି ପିଇ ଦେଲେ ଶୋଷ ମେଣ୍ଟିଯାଏ । ମାତ୍ର ଫୁଲ ଏକାଥରକେ ଏତେ ଗୁଡ଼ାଏ ପାଣି ପିଇଦେବା ଏଇ ଘଟଣାକୁ ମୁଁ ନିଜକୁ ନିଜେ ବିଶ୍ୱାସ କରି ପାରିଲି ନାହିଁ ଏବଂ ଏହାର ବୈଜ୍ଞାନିକ କାରଣ କଣ ହୋଇପାରେ ଜାଣି ପାରିଲି ନାହିଁ ।

ଗୁଣିଆ କହିଲା ଜଳ ପିଇ ସାରିଲୁ, ଏଥର ତୁ ତୋ ଜାଗାକୁ ଯା । ପ୍ରେତ କହିଲା ଯାଉଛି ସତ ମାତ୍ର ବୁଲା ଟୁଲାଙ୍କ ତଣ୍ଟି ଚିପି ନ ମାରିବା ପର୍ଯ୍ୟନ୍ତ ମୁଁ ଏଠାକୁ ଏମିତି ମଝିରେ ମଝିରେ ଆସିବି । ଏହା ପରେ ପରେ ଫୁଲ ଏକ ବିରାଟ ବିକଟାଳ ଚିତ୍କାର କରି ଚିତ ହୋଇ ତଳେ ଶୋଇଗଲା । ପ୍ରାୟ ଏକ ଘଣ୍ଟା ପରେ ତାର ଚେତା ଫେରିବାରୁ ଗୁଣିଆ କହିଲା, ଝିଅ ଆମର ଏବେ ବିପଦମୁକ୍ତ ନେଇଯାଆନ୍ତୁ ଘର ଭିତରକୁ ଏକ କୋମଳ ବିଛଣାରେ ଶୁଆଇ ଦିଅନ୍ତୁ ।

·ସେଠାରେ ଉପସ୍ଥିତ ଜନତା ଏକ ସ୍ୱରରେ କହି ଉଠିଲେ ଚାଲବେ ସେ ଶଳା ହାରାମଜାଦା ବୁଲା ଟୁଲା ଦୁଇଟାକୁ ଧରି ଆଣି ତାଙ୍କରି ହାତରେ ମାଙ୍କଡ଼ା କେନ୍ଦୁମୂଳ ମାଟିକୁ ତାଡ଼ିବା । ଯଦି ପ୍ରେତର ବୟାନ ଅନୁଯାୟୀ ସେଠାରେ ମାଳତୀର ନରକଙ୍କାଳ ମିଳେ,ସେହି ଗାଡ଼ରେ ସେ ଦୁଇଟାକୁ ସେହିଠାରେ ଜୀଅନ୍ତା କବର ଦେଇଦେବା ।

ମୁଁ କହିଲି ଭାଇମାନେ ସେ ମହା ଭୁଲ କର ନାହିଁ କି ଆଇନକୁ ଜାଣି ଜାଣି ନିଜ ହାତକୁ ନିଅ ନାହିଁ । ଭୂତ ପ୍ରେତର ବୟାନରେ ଯେ କେତେ ପରିମାଣର ବାସ୍ତବତା ବା ସତ୍ୟତା ଅଛି ତାକୁ ଆଇନ ଗ୍ରହଣ କରିବ ନାହିଁ । ଏଠାରେ ଏବେ ମାଳତୀର ପ୍ରେତ ନାହିଁ । ଫୁଲ ଅଛି, କିଛି ଘଣ୍ଟା ପୂର୍ବରୁ ମାଳତୀ ପ୍ରେତ ଫୁଲ ମାଧ୍ୟମରେ ଯାହାସବୁ କହିଗଲା, ସେ କଥା କଣ ଏବେ ଫୁଲ କହିପାରିବ ? ଯଦି ପାରିବା ଚାଲ ସେଠାରେ ମାଟି ଖୋଳି ଦେଖିବା, ପ୍ରେତର ବୟାନ ବାସ୍ତବ ନା ଅବାସ୍ତବ ।

ଛିଡ଼ା ହୋଇଥିବା ଶିବ ପରିଡ଼ା କହିଲା, କାହାକୁ ଧରିବରେ । ବୁଲା-ଟୁଲା ଦୁଇଟା ଦୁଇମାସରୁ ବେଶି ହେବ ଦାଦନ ଖଟିବାକୁ ଚେନେଇ ଗଲେଣି । ତାଙ୍କୁ ଚେନେଇରେ ପାଇବ ନା ଜୀଅନ୍ତା ଜବର ଦେବ ।

ମୁଁ କହିଲି ବର୍ତ୍ତମାନ ବୁଲା ଟୁଲା ଆମର ଦରକାର ନାହିଁ । ଦରକାର ବଳିଷ୍ଠ ପ୍ରମାଣ । ଯଦି ସେଠାରେ ଏକ ନରକଙ୍କାଳ ମିଳେ ତାକୁ ହିଁ ଆଧାର କରି ଥାନାକୁ ଯାଇ ଆଜିର ଘଟି ଯାଇଥିବା ଘଟଣାକୁ ଲିଖିତ ଆକାରରେ ଏଫ.ଆଇ.ଆର. ଦେବା । ପୁଲିସ ତାର ଆଇନ୍ ଅନୁଯାୟୀ ଯାହା କରିବାର କଥା କରୁ ।

ଆମ୍ଭେମାନେ ଲଣ୍ଡା ପାହାଡ଼ ତଳ ମାଙ୍କଡ଼ା କେନ୍ଦୁ ଗଛ ମୂଳରେ ସମବେତ ହୋଇ ଲକ୍ଷ୍ୟ କଲୁ । ସତକୁ ସତ ପାଞ୍ଚ ଛଅ ଫୁଟ ଲମ୍ବର ଏକ ଗାଡ଼ । ସେଠାରେ ଖୋଳା ଖୋଳି ପରେ ଅନେକ ଗଭୀରରୁ ଏକ ନରକଙ୍କାଳ ମିଳିଲା, କଙ୍କାଳ ଦେହରେ ମାଂସ ନ ଥିବାରୁ ନାରୀ କି ପୁରୁଷ କଙ୍କାଳ ଜାଣିବା କଷ୍ଟ ହେଲା । ମାଂସ ଶଢ଼ି ଯାଇଥିଲେ ମଧ ମୁଣ୍ଡର ବାଳ ଆଦୌ ନଷ୍ଟ ହୋଇ ନ ଥିଲା । ଏହି ବାଳ ଲମ୍ବା ଥିବାରୁ ଏହା ଏକ ନାରୀର କଙ୍କାଳ ବୋଲି ନିଷ୍ଚିତ ହେଲୁ । ମାତ୍ର ଏହା ମାଳତୀର କି ଆଉ କାହାର ଜାଣିବା କଷ୍ଟକର । ଏଣୁ ସମସ୍ତ ଘଟଣାକୁ ଲିଖିତ ଆକାରରେ ଥାନାରେ ଜଣାଇଲୁ । ମାତ୍ର ପୋଲିସ ଆମର ଏତାଲା ଗ୍ରହଣ ନ କରି ଫେରାଇଦେଲା । ପ୍ରେତର କଥାକୁ ଆଧାର କରି ଲିଖିତ ଏତାଲା ଆଇନ ଅନୁଯାୟୀ ଗ୍ରହଣୀୟ ନୁହଁ । ଏଥିପାଇଁ ଜୀବନ୍ତ ସାକ୍ଷୀ ପ୍ରମାଣ ଆବଶ୍ୟକ । ତୁମମାନଙ୍କ ମଧ୍ୟରୁ କେହି ମାଳତୀକୁ ବୁଲା ଟୁଲା ହତ୍ୟା କରିଥିବାର ଦେଖିଛ କି ?

ମୁଁ କହିଲି ଆମେ କେହି ମାଳତୀର ହତ୍ୟା କାରୀକୁ ଦେଖିନାହିଁ, ଏହା ଯେ ମାଳତୀର କଙ୍କାଳ ଏକଥା ଜୋର ଦେଇ କହିପାରିବୁ ନାହିଁ । କିନ୍ତୁ ଏହା ସତ୍ୟ ଯେ ପ୍ରେତର କଥା ଅନୁଯାୟୀ ଏଠାରେ ମାଟି ଖୋଳିବାରୁ ଏକ ନରକଙ୍କାଳ ମିଳିଛି । ଏଣୁ ଏହାର ସରଜମିନି ତଦନ୍ତ କରାଯାଉ ବୋଲି ଅନୁରୋଧ କରୁଛୁ ।

ପୋଲିସ ଆମ ସହିତ ଆସିଲେ । ସରଜମିନ କଲେ ଏବଂ କହିଲେ କଙ୍କାଳକୁ ଭଲ କରି ସେ ଗାତରେ ପୋତିଦିଅ । ନ ହେଲେ ତା ଦେହରୁ ନିର୍ଗତ ଦୁର୍ଗନ୍ଧ ପରି ଏହାକୁ ନେଇ କେଶ କଲେ କେବଳ ଦୁର୍ଗନ୍ଧ ହିଁ ବାହାରିବ । ଲାଭ କିଛି ହେବ ନାହିଁ ।

ମୁଁ କହିଲି ଆଜିକୁ ତିନିମାସ ତଳେ ଦିଆଯାଇଥିବା ମାଳତୀର ନିଖୋଜ ଏତେଲାର କାହାଣୀ ଆଜି ଏହିଠାରେ ଶେଷ ହୋଇଗଲା । ପୋଲିସ କହିଲା ଆମେ କେତେବେଳେ କହିଲୁ ମାଳତୀ ନିଖୋଜ କେଶ ବନ୍ଦ ହୋଇଗଲା । ଆଜିର ଘଟଣାକୁ ନେଇ ଯେଉଁ ପରିସ୍ଥିତି ଘଟିଲା, ତାର ପରିସମାପ୍ତି ହେଲା । ମୁଁ କହିଲି ଏହାର ମାନେ ? ପୋଲିସ କହିଲା, ଏହାର ମାନେ ଅତି ସହଜ । ଫେକ୍ଟ ଇଜ୍ ଟ୍ରୁ, ବଟ୍ ନୋ କ୍ଲୁ । ମାନେ ଘଟଣାଟି ସତ୍ୟ ମାତ୍ର ବଳିଷ୍ଠ ପ୍ରମାଣ ନାହିଁ । ଆପଣମାନେ ଗୋଟେ କାମ କରନ୍ତୁ, ଚେନେଇ ଯାଇ ବୁଲାଟୁଲାର ଅସଲି ଠିକଣା ସଂଗ୍ରହ କରି ଆମକୁ ଦେଲେ ଆମ୍ଭେମାନେ ସେଠାକୁ ଯାଇ ଦୁଇଜଣଙ୍କୁ ଆରେଷ୍ଟ କଲେ ପ୍ରକୃତ ଘଟଣା ପଦାକୁ ଆସିବ ।

ଏହି ଘଟଣା ଘଟିବାର କିଛି ମାସ, ମାନେ ଜାନୁୟାରୀ ଚଉଦମକର ସଂକ୍ରାନ୍ତି ଯୋଗୁଁ କଲେଜ ବନ୍ଦ ଥିବାରୁ ମୁଁ ଟିକିଏ ଡେରିରେ ପ୍ରାତଃ ଭ୍ରମଣରେ ବାହାରିଲି । ଗାଁ ପୋଖରୀ ହୁଡ଼ାରେ ବୁଲୁଥାଏ । ନଜର ପଡ଼ିଲା ଆମ ଗାଁ ଗୌଡ଼ ସାହି ଦାଣ୍ଡରେ ଅନେକ ଲୋକଙ୍କ ଭିଡ଼ । କଣ ପାଇଁ ଏତେ ଭିଡ଼ ଜାଣିବା ପାଇଁ ମନରେ ମୋର କୌତୁହଳ ସୃଷ୍ଟି ହେଲା । ଆସ୍ତେ ଆସ୍ତେ ଗୌଡ଼ ସାହି ଆଡ଼କୁ ମୁହାଁଇଲି ।

ସେଠାରେ ପହଞ୍ଚି ଲୋକଙ୍କୁ ପଚାରି ଯାହା ଶୁଣିଲି, ହତଚକିତ ହୋଇଗଲି । ବୁଢ଼ିମା'ଠାରୁ ଶୁଣିଥିବା ପରୀ ରାଇଜର କାହାଣୀ ପରି ଲାଗିଲା । ଲୋକେ କହୁଥାନ୍ତି ତିନି ମାସ ତଳେ ବୁଲାଟୁଲା ଚେନେଇ ଯାଇଥିଲେ । ସେଠାରେ ଏକ ପ୍ରାଇଭେଟ କମ୍ପାନୀରେ ଠିକା ଶ୍ରମିକ ଭାବରେ କାମ କରୁଥିଲେ । ଦଶ ବାର ଜଣ ମିଶି ଏକ ମେସ୍ କରିଥିଲେ । ଶୁକ୍ରବାର ରାତିରେ ଖାଇ ପିଇ ସମସ୍ତେ ଶୋଇଥିଲେ । ରାତି ଅଧରେ ହଠାତ୍ ବୁଲା ଟୁଲା ବିନା କାରଣରେ ଗାଁ ଗାଁ ଶବ୍ଦ କଲେ । ପଚାରିବାରୁ କହିଲେ କିଏ ଆମ ଗଳାକୁ ଜୋର୍‌ରେ ଚିପି ଧରିଛି । ନିଶ୍ୱାସ ନେବାକୁ କଷ୍ଟ ହେଉଛି । ଶୀଘ୍ର ଆମକୁ ମେଡ଼ିକଲ୍ ନେଇଚାଲ । ମେଡ଼ିକଲ୍‌ରେ ପହଞ୍ଚିବା ପରେ ଡାକ୍ତର ସେ ଦୁଇ ଜଣଙ୍କୁ ମୃତ ବୋଲି ଘୋଷଣା କଲେ । ମେଡ଼ିକଲ ରିପୋର୍ଟ ବାହାରିଲା । ଅସ୍ୱାଭାବିକ ଭାବେ ଶ୍ୱାସରୁଦ୍ଧ ଯୋଗୁଁ ମୃତ୍ୟୁ ହୋଇଛି । ଆଜି ତାଙ୍କ ମୃତ ଶରୀର ଚେନେଇରୁ ଆସୁଛି । ଏଠାରେ ସତ୍କାର ହେବ ।

ଜଣେ କିଏ କହିଲା, ଶଳେ ମାଳତୀକୁ ତଣ୍ଟି ଚିପି ମାରିଥିଲେ । ମାଳତୀ ପ୍ରେତ ସେମାନଙ୍କ ଗଳା ଚିପି ମାରିଦେଇ ତା ମୃତ୍ୟୁର ପ୍ରତିଶୋଧ ନେଇଛି । ସଳା ମହା ପାପିଙ୍କର ମୃତ୍ୟୁ ହୋଇଛି ଭଲ ହୋଇଛି ?

ଏହି କେଇ ମାସ ବ୍ୟବଧାନରେ ପ୍ରେତାତ୍ମାକୁ କେନ୍ଦ୍ର କରି ଗୋଟିଏ ପରେ ଗୋଟିଏ ଅଘଟଣ ଘଟି ଚାଲିଥିବାରୁ ମୋ ପରି ଜଣେ ମଣିଷ ଯିଏ କି ଏ ପର୍ଯ୍ୟନ୍ତ ବିଜ୍ଞାନକୁ ବିଶ୍ୱାସ କରି ଭୂତପ୍ରେତ ଘଟଣାକୁ ଅନ୍ଧବିଶ୍ୱାସ କହି ପ୍ରତ୍ୟାଖ୍ୟାନ କରି ଆସୁଥିବାବେଳେ ଆଜି ମୋ ମନରେ ଏକ ଅଛିଣ୍ଡା ପ୍ରଶ୍ନବାଚୀ ସୃଷ୍ଟିହୋଇ ନିଜକୁ ନିଜେ ପଚାରୁଛି । ଏହା ସତ୍ୟ ନା ଅସତ୍ୟ ? ବାସ୍ତବ ନା ଅବାସ୍ତବ ? ବିଶ୍ୱାସ ନା ଅବିଶ୍ୱାସ ? ଆତ୍ମା ପ୍ରେତାତ୍ମା ଜୀବାତ୍ମା ଭୂତ ପ୍ରେତର ପରିଭାଷା କଣ ? ଏହା ମିଥ୍ୟା ପ୍ରହେଳିକା ନା ଅନ୍ୟ କିଛି ?

ଏହି ସବୁ ଘଟଣାକୁ ବିଶ୍ଳେଷଣ କରି ମୁଁ ଯାହା ଅନୁଭବ କରୁଛି, ଆମର ପୂର୍ବ ଶୁରୀ ମୁନୀ ଋଷି ମହାପୁରୁଷମାନେ ଯାହା ସବୁ କହିଯାଇଛନ୍ତି, ନିୟମ ଗଢ଼ିଯାଇଛନ୍ତି ତାହା ନିଶ୍ଚିତ ରୂପରେ ବିଜ୍ଞାନ ସମ୍ମତ । ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ମନୋବିଜ୍ଞାନ ଉଦ୍‌ଭିଦବିଜ୍ଞାନ, ଭୂତତ୍ୱବିଜ୍ଞାନ ପରି ଭୌତିକ ବିଜ୍ଞାନ ଯେ ଅଛି ଏହା ମାନିବାକୁ ହେବ । ଏହା ମୋର ନିଜସ୍ୱ ମତ ।

ବୈଜ୍ଞାନିକ ମାନେ ସଦାସର୍ବଦା ଈଶ୍ୱର ବିରୋଧୀ । ସେମାନେ କହନ୍ତି, 'ଈଶ୍ୱର' ବା 'ଗଡ଼' ଶବ୍ଦ ମଣିଷ ସୃଷ୍ଟି କହି ବିରୋଧ କରି ଆସୁଥିବାବେଳେ ପୃଥିବୀ ସୃଷ୍ଟିର ମୂଳପିଣ୍ଡ ମାଟି ତଳୁ ଆବିଷ୍କାର କଲା ପରେ ତା ନାମ ଦେଲେ ଈଶ୍ୱର ମଣୀକା । ଏଣୁ ଈଶ୍ୱର ଏକ କୈନ୍ଦ୍ରିକ ନ ହେଲେ ବି ତାହା ଏକ ସର୍ବବ୍ୟାପ୍ତ ମହାଶକ୍ତିର ଆଧାର ତାହା ମାନିବାକୁ ହେବ । ଏଣୁ ପ୍ରେତାତ୍ମାର ବୟାନ ଯେ ଅବାସ୍ତବ କହି ହେବ ନାହିଁ । ପ୍ରେତର ଏକ ଅତୃପ୍ତ ଆତ୍ମା ଅଛି ତାହା ମାନିବାକୁ ହେବ ।

ଘର ନଂ. ବି-୩୮୨, କୋଏଲନଗର
ରାଉରକେଲା -୧୪
ମୋ ନଂ. -୯୪୩୮୩୨୮୯୧୧

***

**With Best Compliments from :**

**TRANSZONE LOGISTICS (INDIA) PVT. LTD.**

Ruchika Building Street No. 7, Road No. 4, Block-A, Mahipalpur
Extension, New Delhi-110037, India
Tel : +91-11-26783273, 26783045, 64676045 Fax : +91-11-26783046
E-mail : deepak.jerath@transzoneindia.com
Web. : www.transzoneindia.com

# ବର୍ଷାର ବସନ୍ତ

ସୁଶ୍ରୀ ପ୍ରତିମା ଓଝା

ଆକାଶଟା ନିସ୍ତବ୍ଧ ହୋଇଯାଇଛି। ଜହ୍ନଟା କଳା ବାଦଲରେ ଲୁଚକାଳି ଖେଳୁଛି, ତାରାଭରା ଆକାଶଟା ଆଜି ମଳିନ ହୋଇଯାଇଛି। ଢେଉ ଆସି ସାଗର ପାଦଦେଶରେ ପିଟିହୋଇ ପୁଣି ଫେରିଯାଏ। ହୁଏତ ସାଗର ପାଦକୁ ସେ ଧୋଇଦେବାକୁ ଚାହେଁ କିନ୍ତୁ ନିଷ୍ଠୁର ସାଗର କଣ ଢେଉ ମନକଥା ବୁଝେ ? କି ପରିସ୍ଥିତି ତାକୁ ବିରୋଧ କରେ ଢେଉର ମନକଥା ବୁଝିବାକୁ। ଅବ୍ୟକ୍ତ ବ୍ୟଥାରେ କଂପିଉଠେ ଏତିକି ଟିକେ ଛାତି, ତହିଁରେ ମହଣ ମହଣ ଦୁଃଖର ପରିଧି ଫୁଲ ପାଖୁଡ଼ା ପରିମିତ ଦୁଇ ନୟନ, ତହିଁରେ ମହଣ ମହଣ ଦୁଃଖ ରାଜୁତି। ନିଜର ଭାବି କାହା ଆଗରେ ପ୍ରକାଶ କରିବ ନିଜ ମନର ଅବ୍ୟକ୍ତ ଆବେଗ। ସେତ ଅନୁଧାବକଟିଏ ମାତ୍ର।

ବର୍ଷା ଆଖିରେ ଆଜି ଶ୍ରାବଣୀର ଲୁହଧାର, ଇଚ୍ଛା ନାହିଁ ପୋଛିବାକୁ, ଅହରହ ବହି ଚାଲିଛି। ଗାଲଦେଇ ବୁକୁ ପର୍ଯ୍ୟନ୍ତ। ଆଜି ପରା ବସନ୍ତର ଚତୁର୍ଥୀ। କାହିଁ ଚାରିଦିନ ପୂର୍ବରୁ ତାଙ୍କ ବାହାଘର ସରିଯାଇଛି ବୈଶାଖୀ ସହିତ। ବୈଶାଖୀ ବି ବହୁତ ସୁନ୍ଦର ଝିଅ। ଆଉ ବସନ୍ତ ଯିଏକି ବର୍ଷାର ଜୀବନ ଦେବତା ତା ମନର ମନ୍ଦିରର, ବର୍ଷା ଯା ପାଦରେ ତାର ମନଯୌବନ ମାନବିକତା ସବୁକିଛି ସମର୍ପି ଦେଇଥିଲା ବିନା ଦ୍ୱିଧାରେ। ଆଜି ସେ ବସନ୍ତ ରକ୍ତକୁ ଗର୍ଭରେ ଧାରଣ କରିଛି। ଆଖିରେ ଲୁହ ଅଛି ଛାତିରେ କୋହ ଅଛି। କିନ୍ତୁ ବର୍ଷା ବସନ୍ତର ବୋଲି କହି ପାରୁନାହିଁ କାହିଁକି ନାଁ ତାପାଇଁ ସମାଜ ଲକ୍ଷ୍ମଣରେଖା ସାଜିଛି। ବର୍ଷା ଗୋଟେ ଛୋଟ ଜାତିର ଝିଅ ଥାଉ ବସନ୍ତ ସୂତ୍ର ଘରର ପୁଅ। ବସନ୍ତ ବି ଜିଦ୍ ଧରେ ବର୍ଷାକୁ ବିବାହ କରିବାକୁ କିନ୍ତୁ ବର୍ଷା ମଜବୁରିର ଶିକାର ହୋଇ ବସନ୍ତକୁ ଖାଲି ହାତରେ ଫେରେଇ ଦେଇଛି। ତା ସନ୍ତାନର ମା ହେବା କଥାବି ତାକୁ ଜଣେଇନି କାହିଁକିନା ବର୍ଷା ଚାହୁଁନି ଗୋଟେ ବୁଢ଼ା ବାପଟା ଓଠରୁ ହସ ଲିଭିଯାଉ।

ବସନ୍ତର ବାପା ବର୍ଷାକୁ ଝିଅ ଭଳି ସ୍ନେହ କରନ୍ତି। ବର୍ଷାବି ତାକୁ ବାପାର ସମ୍ମାନ ଦିଏ। ବସନ୍ତ ତା ବାପା ମାର ଏକମାତ୍ର ଅନ୍ଧର ଲଉଡ଼ି। ବର୍ଷା ଅନ୍ୟର ଆଖିରେ ଲୁହ ଭରି ନିଜେ ଖୁସି ହେବାରୁ ଚାହୁଁ ନ ଥିଲା। ବସନ୍ତର ବାପା ବର୍ଷାର ହାତ ଧରି କହିଲେ, ମା'ଲୋ ତୋତେ ବୋହୂ କରିବାରେ ମୋର କୌଣସି ଆପତ୍ତି ନାହିଁ। କିନ୍ତୁ ତୁ ଆମ ଜାତିର ନୁହଁ। ତୁ ଭାବେ, ତୁ ଯାହା ନିଷ୍ପତ୍ତି ନେବୁ। ତୁ ଯଦି ମୋତେ କହେଇ ନିଜେ ଖୁସି ହେବାକୁ ଚାହିଁଛୁ ତାହାଲେ ମୁଁ କାହିଁ ମନା କରିବି। ଚୋରକୁ କାଠି ଧରେଇ ଭାବନ୍ତି ବସନ୍ତର ବାପା ଠିକ୍ କାମ କଲେ। ବିଚରା ବର୍ଷା ଯିଏକି ଏମିତି ଝିଅ ପ୍ରେମ ତ ପ୍ରେମ ସେ ପରପାଇଁ ଜୀବନ ଦେଇ ଦେବ। ବର୍ଷା ବା ଆଉ କଣ କରିପାରିଥାନ୍ତା ସେ ଭଲ କରି ଜାଣିଥିଲା ମଣିଷ ସବୁବେଳେ ତା ପସନ୍ଦ ଏବଂ ତାକୁ ଯାହା ଭଲ ଲାଗେ ସେହି ଜିନିଷ ଚାହେଁ; କିନ୍ତୁ ତାଠାରୁ ଯୋର କରି ଛଡ଼େଇ ନେଇଯାଏ ଏ ସମାଜ।



ବର୍ଷା ମନଟି ଆଜି ଖଣ୍ଡ ବିଖଣ୍ଡ ହୋଇ ଭାଙ୍ଗିଯାଇଛି। ସେ ଆଜି ଲୁହର ସମୁଦ୍ରରେ ଭାସୁଛି। ଜାଣିପାରୁ ନାହିଁ। ତାର ଭୂଲ କେଉଁଠି ରହିଲା। ବସନ୍ତକୁ କିନ୍ତୁ ଦୋଷ ଦେଇ ହେବନି। ତାକୁ ତ ଯୋର କରି ବର୍ଷା ବୈଶାଖୀ ସହ ବିବାହ କରେଇଛି। ସେ ପର୍ଯ୍ୟନ୍ତ ବର୍ଷା ତା ମା ହେବା କଥା ଲୁଚେଇଛି ବସନ୍ତକୁ। ସେ ସବୁବେଳେ ବସନ୍ତର ସୁଖ ଚାହୁଁଥିଲା ଦୁଃଖ ନୁହେଁ। ସେଥିପାଇଁ ତ ନିଜେ ସଳିତାଟିଏ ହୋଇ ଜଳୁଛି ବର୍ଷା। ଆଜି ବସନ୍ତର ଚତୁର୍ଥୀ ନିମନ୍ତ୍ରଣ କରିଛନ୍ତି ସେ ଦୁଇଜଣ ବର୍ଷାକୁ। ବର୍ଷା ନିର୍ବନ୍ଧକୁ ଯିବକି ନ ଯିବ ଠିକ୍ କରିପାରୁନାହିଁ। ଯଦିବା ଯିବ ଶ୍ରାବଣୀର ଲୁହଧାରାକୁ ସେ ଅଟକ ରଖିପାରିବ ତ ? ଯଦି ତାର କିଛି ଭୂଲ ହୋଇଯାଏ ତାହାଲେ ବସନ୍ତ ସଂସାର ଯେ ଭୁସୁଡ଼ି ଯିବ। ଏମିତି ଭାବନାରେ ବୁଡ଼ିରହି ଠିକ୍ କଲା ସେ ତା ବସନ୍ତ ଭୋଜିକୁ ଯିବ। ବାହାରି ପଡ଼ିଲା ବର୍ଷା ସେଦିନ ବି ସେ କ୍ଲିନିକ୍ ନ ଯାଇ ଛୁଟିରେ ଥାଏ। ମନ ଖରାପ ରୋଗୀ ଦେଖିବ କଣ ସେତ ନିଜେ ମାନସିକ ରୋଗୀ ତା ପାଇଁ ତ ଚିକିତ୍ସା ଲୋଡ଼ା। ଚାଲିଲା ବର୍ଷା। ଗଲା ଭିତରେ ସେ ଭାବି ଚାଲିଥାଏ ଅନେକ କିଛି। ତଥାପି ଭଗବାନ ଆଉ ସମୟ ଉପରେ ସେ ସବୁ ଛାଡ଼ି ଦେଇଥାଏ।

ବର୍ଷା ଆଗରେ ଦୁଇଟି ବିଲେଇ କାମୁଡ଼ା କାମୁଡ଼ି ହେବାର ସେ ଦେଖିଲା। କଣ କିଛି ଅଘଟଣ ହେଲାକି ? ମନ ମାନୁ ନଥାଏ। ବର୍ଷାର ଏତିକି ବେଳେ ମୋବାଇଲକୁ ରିଙ୍ଗ ହେଲା। ଏ କ'ଣ, ଏ ତ ବସନ୍ତର ନମ୍ବର। ହାଲୋ...। ବର୍ଷା ତୁମେ ଶୀଘ୍ର ଆସ ବୈଶାଖୀର କଣ ହୋଇଯାଉଛି। ବର୍ଷାକିଛି ବୁଝିପାରିଲା ନାହିଁ। ବୈଶାଖୀର ଦେହଟା ପୁରା ରକ୍ତର ଜୁଡୁବୁଡୁଥିଲା। ଘଟଣା କଣ ପଚାରିବାରୁ ବସନ୍ତର ଧୈର୍ଯ୍ୟ ନ ଥିଲା କିଛି କହିବାକୁ। ବସନ୍ତକୁ ବୁଝେଇ ବୈଶାଖୀକୁ ଦେଖିଲା। ବୈଶାଖୀର ଶେଷ ଅବସ୍ଥା, ସେ ଆରପାରିକୁ ଯିବାକୁ ସଜ ହେଲାଣି, କେବଳ ଏତିକି କହିଲା - ବର୍ଷା ଅପା ବସନ୍ତ କାଲି ତୁମର ଥିଲା ଆଜି ବି ତୁମର, କିନ୍ତୁ କଥା ଦିଅ ତୁମେ ତାକୁ ଆପଣାର କରିନେବ। ବର୍ଷାର ଅନ୍ୟ କିଛି ଚାରା ନଥାଏ। ସେ ହିଁ

ଭରିଲା ବୈଶାଖୀ ଆଖି ବୁଜିଲା । ବସନ୍ତର ବାପା କହିଲେ, ମା'ରେ ବସନ୍ତ ତ ତୋ ପାଇଁ ଗଢ଼ା ହୋଇଛି । ମୁଁ ତାକୁ ବୈଶାଖୀ ସାଙ୍ଗରେ ସିନା ବାହା କରେଇଦେଲି, କିନ୍ତୁ ନିଅତିର ନିୟମକୁ ବା କିଏ ଏଡ଼େଇ ପାରିବ । ତିନି ମହାଲାରୁ ତଳକୁ ଆସୁଆସୁ ବୈଶାଖୀର ଗୋଡ଼ ଖସିଗଲା ।

ବସନ୍ତ ମା' କାନିପାତି ବର୍ଷାକୁ ଭିକ ମାଗିଲେ, ତୁ ମୋ ସଂସାର ରକ୍ଷାକର ମା' । ବସନ୍ତ ସାଙ୍ଗରେ ବର୍ଷାର ବାହାଘର ହେଲା । କିନ୍ତୁ ଏ ବାହାଘରରେ ବସନ୍ତ ବର୍ଷା ଖୁସି ନ ଥିଲେ । ବୈଶାଖୀ ପାଇଁ ଦୁଇଜଣଙ୍କ ଆଖିରୁ ଲୁହ ବହୁଥିଲା । ସତରେ ସୃଷ୍ଟିର ନିୟମ ବଡ଼ ବିଚିତ୍ର । ଯିଏ ଯାହା ପାଇ ଗଢ଼ା ସେହି ତା'ର ହେବ । ବର୍ଷା ସଦାସର୍ବଦା ବସନ୍ତର ।

***

*With Best Compliments from :*

AJ – DEEP SERVICES

*(FRANCHISE : BLAZEFLASH- PROFESSIONAL – ECS – BLUEDART)*

**SARASWATI INTERNATIONAL**

(INTERNATIONAL COURIERS AND CARGO- DHL – TNT – UPS – FEDEX – ARAMEX)

**JAGANNATH HOTEL**

(BREAKFAST – LUNCH – DINNER – VEG.- NON VEG. & OUTDOOR CATERING)

PCO • STD • ISD & FAX

**REGD. OFFICE :**

A-33, DDA FLATS, NEW RANJIT NAGAR, OPP. SATYAM CINEMA, NEW DELHI - 110008

Ph. : +91 11 25895237, 25894478

Mob. : +91 9810973244, 9868089979

Email id : saraswati_int@yahoo.co.in; ajaymohanty1970@yahoo.com

# ଭାଲୁ

ଶ୍ରୀମତୀ ବାସନ୍ତୀଲତା ମହାପାତ୍ର

ଦୁଇଦିନ ପରେ ଆଜି ଆକାଶଟା ଫାଙ୍କା ଦିଶୁଥିଲା । କିନ୍ତୁ ସୂର୍ଯ୍ୟଙ୍କର ଦେଖାଚ ନ ଥିଲା । ଖାଲି ବର୍ଷା ଆଉ ବର୍ଷା । ମୂଷଳ ଧାରାର ପାଣି ହାତୀ ଶୁଣ୍ଢ ପରି ଅଜାଡ଼ି ହୋଇ ପଡୁଥିଲା । ପୃଥିବୀଟା ବୁଡ଼ି ଯିବ ନା କ'ଣ ? ଗାଁ ଦାଣ୍ଡରେ ଆଣ୍ଠୁଏ ଆଣ୍ଠୁଏ ପାଣି । ସେ ଦିନ ସକାଳକୁ ବର୍ଷାଟା ଜମା ନଥିଲା । ନିଦମଳ ମଳ ଆଖିରେ ଆକାଶକୁ ଚାହିଁ ମାନି ମନଟା ଭାରି ଖୁସି ହୋଇଗଲା । ସାନ ଭାଇକୁ ଡାକ ଛାଡ଼ିଲା । ଉଠ୍ ଉଠ୍ ! ଆଜି ବର୍ଷା ନାହିଁରେ ! ବଞ୍ଚଳ ଉଠ୍ ! କହୁ, କହୁ ଗାଁ ମୁଣ୍ଡର ଜଙ୍ଗଲ ଆଡ଼କୁ ଚାହିଁ ମନ ତା'ର କୁରୁଳି ଉଠିଲା । ବର୍ଷାରେ ଦୁଇ ଦିନ ହେଲା ଦିଶୁ ନଥିବା ମୁଣ୍ଡିଆ ପାହାଡ଼ଟା ଆଜି ଝାପସା ଦେଖାଗଲାଣି । ତା ପାଖ ପଡ଼ିଆରେ ନିଶ୍ଚୟ ଛତୁ ଫୁଟିଥିବ । ହେତୁ ହେଲା ଦିନୁ ଛତୁ ତୋଳିବାକୁ ଜେଜେମା ସହିତ ଜଙ୍ଗଲକୁ ଯାଏ । ଜେଜେମା ତାକୁ ବଡ଼ ଜାମୁକୋଳି ଗଛ ପାଖରେ ଠିଆ କରାଇ ମୁଣ୍ଡିଆ ତଳ ପଡ଼ିଆରୁ ଛତୁ ତୋଳେ କେବେକେବେ ମା'ବି । ଛତୁ ତରକାରୀଟା ସତରେ ଭାରି ବଢ଼ିଆ ଲାଗେ । ଭାବିଲା ଆଜି ସେ ଯାଇ ଛତୁ ତୋଳି ଆଣିବ ।

ବାହାରକୁ ଅନେଇଲା ମାନି । ଜଙ୍ଗଲ ଆଡ଼କୁ ଅନାଇ ଅନ୍ଧାରୁଆ ଦିଶୁ ଥିବାରୁ ଡରଟା ତାକୁ ଜାବୁଡ଼ି ଧରିଲା । ତଥାପି କହିପକାଇଲା ନିତି ଦେଖୁଥିବା ଆମ ଗାଁ ଜଙ୍ଗଲଟା ତ ଇଏ । ସେଠିକାର ପଶୁ, ପକ୍ଷୀ ସବୁତ ଆପଣାର, ଡରିବି କାହିଁକି ଯେ ? ପୁଣି କହିଲା ହେଃ ଡେରିକା ! ଡେରି ହେଲେ ଛତୁ ନା ଗୁଡ଼ ପାଇବି ? ସୂର୍ଯ୍ୟଙ୍କର ଖଣ୍ଡ ଖଣ୍ଡିଆ ନାଲି ଫେଣ୍ଟକୁ ଦେଖି ଭାବିଲା ସୂର୍ଯ୍ୟତ ଆସିବେ ଆସିବେ ହେଲେଣି । ଏଥର ଭାଲୁଥିଲେତ ଜଙ୍ଗଲକୁ ପଳାଇବ, ତା'ପରେ ଅଳଗୁଣି ଉପରୁ ତା ବା'ର ଗାମୁଛାଟା ଟାଣିଆଣି ତା ଫ୍ରକ୍ ଉପରକୁ ଛାଟି ଦେଇ ପାଛିଆଟାକୁ ନେଉ ନେଉ ମାକୁ ବଡ଼ ପାଟିରେ ଛତୁ ତୋଳିବାକୁ ମୁଣ୍ଡିଆ ପାଖ ପଡ଼ିଆକୁ ଯାଉଛି କହି ସରୁ ରାସ୍ତାରେ ବାହାରି ଯାଇଥିଲା ସେ । ମା'ର ଉତ୍ତରକୁ ଶୁଣିବାକୁ ଅପେକ୍ଷା କରି ନଥିଲା ସେ ।

ଅଧା ଦଉଡ଼ି ଅଧା ଚାଲି ମୁଣ୍ଡିଆ ପାଖରେ ପହଞ୍ଚି ଯାଇଥିଲା ମାନି । ଛତୁ ସବୁ ପଡ଼ିଆ ଯାକ ଛତାଭଳି ଖେଳେଇ ହୋଇ ଯାଇଥିବାର ଦେଖି ଭାରି ଖୁସି ହୋଇଗଲା ତା'ର ମନ । ଯଦିଓ ଡରଟା ତା'କୁ ମଝିରେ ମଝିରେ ଜାବୁଡ଼ି ଧରୁଥିଲା, ତଥାପି ବେଶୀ ଛତୁ ତୋଳିବାର ଆଶାକୁ ଅଣ୍ଟିରେ ପୁରାଇ ସେ ଡ଼ରକୁ ଦୂରକୁ ଫିଙ୍ଗି ଦେଇଥିଲା । କେହି ଆସିଗଲେ ତା'ଛତୁ ଭାଗ କମିଯିବ ଭାବି ଶୀଘ୍ର ଶୀଘ୍ର ନଇଁ ପଡ଼ି ଛତୁ ତୋଳିବାରେ ଲାଗିଗଲା । ସେତେବେଳକୁ



ସୂର୍ଯ୍ୟ ମେଘ ଅନ୍ତୁଆଳରୁ ବାହାରିବାକୁ ଚେଷ୍ଟା କରିବି ପୂରା ବାହାରି ପାରୁ ନ ଥିଲେ । ମେଘ ଆଉ ସୂର୍ଯ୍ୟଙ୍କର ଲୁଚକାଳି ଖେଳ ଯୋଗୁଁ ଆଲୁଅଟା ଆସୁ ଆସୁ ପୁଣି ସେ ସ୍ଥାନକୁ ଝାପସା ଅନ୍ଧାର ଆଚ୍ଛାଦିତ କରୁଥିଲା । ମାନୀ ଉଠି, ପଡ଼ି ଛତୁ ତୋଳିବାରେ ଏମିତି ମନ ପ୍ରାଣ ଢାଳି ଦେଇଥିଲା ଯେ କାହାରି ପାଦଶବ୍ଦ ବି ଶୁଣି ନ ଶୁଣିଲା ପରି ରହିଯାଉଥିଲା ।

ଛତୁ ତୋଳିବାର ନିଶାର ନିର୍ମମ ଉପହାସର ସଂଜ୍ଞା ଦଶ ବର୍ଷର ଝିଅ ମାନି କ'ଣ ବୁଝି ଥିଲା, ଦୁନିଆଁର ଛନ୍ଦ ତା ଦେହକୁ ସ୍ପର୍ଶ କରି ନଥିଲା । ହଠାତ୍ ତା'ମୁହଁରେ କାହାର ଶକ୍ତ ହାତ ପାପୁଲିର ଚପରେ ସେ ଗାଁ ଗାଁ ହୋଇବି ବିଚଳିତ ନ ହୋଇ ତା କୁନିହାତରେ ସେ ପାପୁଲିକୁ ଛଡ଼ାଉ ଛଡ଼ାଉ ଅସ୍ପଷ୍ଟ ସ୍ୱରରେ କହୁଥିଲା ଛାଡ଼ ........ ଲୋ....... ରା....ଧା, ଛାଡ଼..... ଭ. .... ଭ......ଭ.....ଲ କଲୁ ତୁ ...... ଆ .... ସି ...... ଲୁ ! କଥା ପୁରା ନ କରୁଣୁ ତା ମୁହଁ ଉପରେ ଥିବା ପାପୁଲି ଆହୁରି ଯୋରରେ ଚପି ଧରିଲା ମାନିକୁ । ଅଣ ନିଶ୍ୱାସୀ ହୋଇ ମାନି ଗାଁ ଗାଁ ଚିତ୍କାର କରି କ'ଣ କହିବାକୁ ଚେଷ୍ଟା କରୁକରୁ ବୁଢ଼ି ନ ଥିବା ହାତକୁ ଅଣ୍ଟାଳି ଦେଇ ଖୁବ୍ ଡ଼ରିଗଲା ସେ । ସେତେବେଳକୁ ତା'କୁନି ଦେହଟି ସଂପୂର୍ଣ୍ଣ ଭାବେ ବନ୍ଦ ହୋଇ ସାରିଥିଲା । ତାକୁ ଲାଗିଲା ଜଙ୍ଗଲିଆ ଭାଲୁ ତା ଶକ୍ତ ପଂଝାରେ ଚପି ତାକୁ ଘୋଷାରି କେଉଁଆଡ଼େ ନେଇ ଯାଉଛି । ତା'କାନ୍ଧରେ ଥିବା ଗାମୁଛାରେ ତା ଆଖି ବନ୍ଧାହୋଇ ସାରିଥିଲା । ଚାହିଁବାକୁ ଚେଷ୍ଟା କରିବି ତା'ର ଗାମୁଛା ତଳେ ମାନି ଦେଖିଥିଲା ବହଳ ବହଳ ଅନ୍ଧାର । ଉପୁଡ଼ା ଗଛ ପରି ତଳେ ଲୋଟି ପଡ଼ିଥିଲା ସେ । ଗୋଡ଼ ଦୁଇଟି ତା'ର ଛଟ ପଟ ହେଉଥିଲା । କାହାର ଶକ୍ତ ଦାନ୍ତ, ନଖ ତା'ର ମୁହଁ ଓ ଦେହକୁ କ୍ଷତ ବିକ୍ଷତ କରିଚାଲିଥିଲେ । ତା ଗାଁ ଗାଁ ଶବ୍ଦର ପ୍ରତିଧ୍ୱନି ଫେରି ଆସୁଥିଲା ମୁଣ୍ଡିଆ ପାହାଡ଼ ପାଖରୁ । କ୍ଷଣକ ପରେ କ୍ଷଣେ ତା' ସୁକୋମଳ ତନୁ ଉପରେ କରି ଚାଲିଥିଲେ ପାଶବିକ ଅତ୍ୟାଚାର ।

ମାନି ବୋଧ ହୁଏ ଶେଷ ପର୍ଯ୍ୟନ୍ତ ବଣୁଆ ଭାଲୁ କବଳରେ ପଡ଼ିବାର ଜାଣିଥିବ । କେମିତି ସେ ବୁଝନ୍ତା ଯେ ମଣିଷ ବି ଭାଲୁ ଭଳି ମଣିଷ ରକ୍ତ ଖାଇପାରେ ? ହଠାତ୍ କ୍ଷୀଣ ସ୍ୱରରେ ବା .....ଆ ..... କହୁ କହୁ ଚୁପ୍ ହୋଇଯାଇଥିଲା ତା' ରକ୍ତାକ୍ତ ଦେହଟା । ହଠାତ୍ ଆକାଶ କାନ୍ଦି ପକାଇଥିଲା ଟପ୍ ଟପ୍ ବର୍ଷା ପାଣିର ଲୁହରେ । ସୂର୍ଯ୍ୟ ବି ଲାଜରେ ପଶି ଯାଇଥିଲେ ମେଘ

ଅନ୍ଧୁଆଳରେ। ଗଛ, ପତ୍ର ବି ବିରୋଧ କରିଥିଲେ ସାଇଁ ସାଇଁ ଶବ୍ଦରେ। ମାନିର ଅତି ପରିଚିତ ମୁଣ୍ଡିଆ ପାହାଡ଼ର ଗୁମ୍ଫାରୁ ବହି ଚାଲିଥିଲା ଧାର ଧାର ଲୁହର ଝରଣା। ମାନି ପାଇଁ ସମସ୍ତେ ଯେପରି ବିଦ୍ରୂପ କରି ଚାଲିଥିଲେ ଏ ପୁରୁଷ ପ୍ରଧାନ ସମାଜକୁ।

ଅବିବେକୀ ମଣିଷଗୁଡ଼ାଙ୍କର ବିବେକ ପଶୁଠାରୁ ବି ହୀନ ହୋଇ ଯାଇଥିଲା। ଦୟା, ମାୟା, ଶୂନ୍ୟ ମଣିଷର ଟିକିଏ କ'ଣ ଦୟା ହୁଏନି ଏ ନାରୀ ସମାଜ ପ୍ରତି। ମାନିର ବିପର୍ଯ୍ୟସ୍ତ କେଶବାସ ଉଡୁଥିଲା ପବନରେ, ଯେମିତି ବିଦ୍ରୂପ କରୁଥିଲା ଏ ସମାଜର ଅନ୍ଧ ଆଇନକୁ। ଟିକି ଝିଅ ମାନିର ଶରୀରଟି ସ୍ଥିର ହୋଇ ପଡ଼ି ଯାଇଥିଲା ଆଉ ନ୍ୟାୟ ମାଗୁଥିଲା ପ୍ରକୃତିକୁ। ଭାଲୁ ଦଳ ଚାଲି ଯାଇଥିଲେ ଭଦ୍ରତାର ମୁଖା ପିନ୍ଧି। ମାନି ମା'ର ଡାକ ଶୁଭୁଥିଲା ଦୂରରୁ "ମା ... ନି ... ମାନି ଲୋ ... ।" ଡାକଟା କ୍ରମେ ପାଖେଇ ଆସୁଥିଲା।

ସେବାନିବୃତ୍ତ, ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ,

ବାରିପଦା

***

*With Best Compliments from :*

**EXPO FREIGHT PRIVATE LIMITED**

**Tel. : 91-1145703000 I Fax : 91-11-45703029**

**Plot No. 9A, Road, No.4, Mahipalpur, Extension National Highway 8,**
**New Delhi - 110037 (India)**

# ଧୂସରିତ ଅପରାହ୍ନ

ମହାନ୍ତି ଗୋପୀନାଥ

ରାତି ୯ଟା, ଚାରିଆଡ଼େ ଶୁନ୍‌ଶାନ୍। ହଠାତ୍ ଟେଲିଫୋନ୍‌ଟା କ୍ରିଂ କ୍ରିଂ କରି ବାଜିଉଠିଲା। ଟେଲିଫୋନ୍‌ର ରିସିଭରକୁ ଉଠାଇ ନେଲେ ସୁରମା ଦେବୀ। ଅନ୍ୟ ପାଖରୁ ଭାସି ଆସିଲା ବୋହୂ ମୀରାର ଉଦାସିଆ କଣ୍ଠସ୍ୱର। ବୋହୂଠାରୁ ସେ କେବେ ତ ଫୋନ୍ ପାଆନ୍ତିନି। ଯଦିବା କେବେ କେବେ ଫୋନ୍ ଆସେ, ନିଶ୍ଚୟ ସେଥିରେ କିଛି ଅଭିଯୋଗ ଥାଏ। ଆଜି ପୁଣି ଭାଷା ଅସ୍ପଷ୍ଟ ଥିଲା, ସ୍ୱରଟା କେମିତି ଉଦାସ ଉଦାସ ଶୁଣାଯାଉଥିଲା। ସୁରମା ଦେବୀ ପଚାରିଲେ, "କ'ଣ ହେଲା ମା' ?"

ବୋହୂ ମୀରା କହିଲା, "ରବି ଭାରି ଅସୁସ୍ଥ। ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ଆପଣଙ୍କୁ ଦେଖିବାକୁ ଚାହୁଁଛନ୍ତି। ଆପଣ ଶୀଘ୍ର ଚାଲି ଆସନ୍ତୁ। ବାପାଙ୍କୁ ସାଙ୍ଗରେ ନେଇ ଆସିବେ।"

ଆଶ୍ଚର୍ଯ୍ୟ ହେଲେନି ସୁରମା ଦେବୀ। ଏମିତି ଏକ ଫୋନ୍ ଯେ ଦିନେ ଆସିବ - ସେ କଥାରେ ସେ ନିଶ୍ଚିତ ଥିଲେ। ସେହି ଦିନଟି କେବେ ଆସିବ, ଶୀଘ୍ର ଆସିବ କିମ୍ବା ଡେରିରେ ଆସିବ ସେ ଜାଣି ନ ଥିଲେ। ମା'ର ହୃଦୟ ନେଇ ସେଇ ଦିନଟିକୁ ସେ ଅପେକ୍ଷା କରିଥିଲେ।

ବିବ୍ରତ ହୋଇଉଠିଲେ ସୁରମା ଦେବୀ। ଦିଲ୍ଲୀକୁ ଯିବାକୁ ହେବ। ପୁଅ ରବି ଅସୁସ୍ଥ। ସେ ପୁଣି ମା'କୁ ଦେଖିବାକୁ ଚାହୁଁଛି। ଭୁବନେଶ୍ୱରରୁ ରାତିରେ ଦିଲ୍ଲୀ ଯିବାପାଇଁ କୌଣସି ସୁବିଧା ନାହିଁ। ସକାଳୁ କେବଳ ଉଡ଼ାଜାହାଜରେ ଯାଇହେବ। ପୁଣି ସାଙ୍ଗରେ ଝିଆରୀ ଗୁବିକୁ ନେଇ ଯିବାକୁ ପଡ଼ିବ। ତାଙ୍କ ପକ୍ଷେ ଏକୁଟିଆ ଯିବାଆସିବା କରିବା ଅସମ୍ଭବ। ଗୁବି ତା'ର କର୍ମ ବହୁଳ ଜୀବନ ଭିତରେ ତାଙ୍କ ପାଇଁ ପୁଣି ସମୟ ଦେବ - ଏକଥା ସେ ଜାଣିଥିଲେ ମଧ୍ୟ ଯିବା ନ ଯିବା ସମ୍ପର୍କରେ ନିଶ୍ଚିତ ନ ଥିଲେ। ସାଙ୍ଗରେ ପୁଣି ସ୍ୱାମୀ ବୀରେନ୍ଦ୍ର ଯିବେ। ସତାଅଶୀ ବର୍ଷର ବୃଦ୍ଧ ସେ। ଚାଲି ପାରୁଛନ୍ତି, ହେଲେ ତାଙ୍କୁ ଟିକେ ସାହାରା ଦରକାର।

ଝିଆରୀ ଗୁବିର ମୋବାଇଲ୍‌କୁ ସେ ଫୋନ୍ ଲଗେଇଲେ। ସେପଟରୁ ଭାସି ଆସିଲା ଗୁବିର ସ୍ୱର। ତା'ସହ ଭାସି ଆସୁଥିଲା ବହୁ ଲୋକମାନଙ୍କର ସମ୍ମିଳିତ କଣ୍ଠସ୍ୱର।

ସୁରମା ଦେବୀଙ୍କ ଆଖିରେ ଆଖିଏ ଲୁହ। ନିଜକୁ କଣ୍ଟ୍ରୋଲ କରିବା ପାଇଁ ମନକୁ ଦୃଢ଼ କରୁଥିଲେ ସେ। କିନ୍ତୁ ଲୁହ ବାଧା ମାନୁନଥାଏ।

ଭଗବାନଙ୍କ ସୃଷ୍ଟିରେ ଆଖିରୁ ଲୁହ ଝରିପଡ଼େ ଖୁସିରେ କିମ୍ବା ଦୁଃଖରେ। ଅସରା ଲୁହକୁ କେହି କେବେ ବନ୍ଦ କରିପାରି ନାହାନ୍ତି। କେବଳ ପୋଛିଦେଇ ପାରନ୍ତି ମାତ୍ର। ପିନ୍ଧା ଶାଢ଼ୀ କାନିରେ ସେ ଲୋତକ ବୁନ୍ଦାଗୁଡ଼ିକୁ ପୋଛୁଛନ୍ତି ଏବଂ ଫୋନ୍‌ରେ କଥା ହେଉଛନ୍ତି। ଦରଦଭରା କଣ୍ଠରେ ସେ କହିଲେ, "ମୀରା ଫୋନ୍ କରିଥିଲା। ତୋ ଭାଇ ରବିର ଦେହ ଭାରି ଖରାପ, ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି, ମୋତେ ସେ ଦେଖିବା ପାଇଁ ଚାହୁଁଛି। ତୁ ମୋତେ ନେଇକରି ଦିଲ୍ଲୀ ଚାଲ।"



ଗୁବି ବିଧାୟିକା। ତା' ନିର୍ବାଚନ ମଣ୍ଡଳୀରେ ଲୋକମାନଙ୍କ ଗହଣରେ ସେ କର୍ମତତ୍ପର ଏବଂ ସେମାନଙ୍କର ହାରି ଗୁହାରୀ ଶୁଣିବାରେ ସେ ବ୍ୟସ୍ତ। ତା'ଛଡ଼ା ଆଗରେ ମ୍ୟୁନିସିପାଲିଟି ନିର୍ବାଚନ। ସେଥିପାଇଁ ପାର୍ଟି ତରଫରୁ ତାକୁ ପ୍ରାର୍ଥୀ ବାଛିବାକୁ ପଡ଼ିବ। ଏକ କାମରେ ସେ ସକାଳଠାରୁ ଏ ପର୍ଯ୍ୟନ୍ତ ନିଜ ଅଫିସ୍‌ରେ ବସି ରହିଛନ୍ତି। କେତେ ପ୍ରକାରର ଲୋକଙ୍କର ଭିଡ଼। ସେ ଧୀରେ କହିଲେ, " ତୁମେ ଫୋନ୍ ଛାଡ଼ିଦିଅ। ମୁଁ ଦିଲ୍ଲୀକୁ ଫୋନ୍ କରି କ'ଣ ହୋଇଛି ବୁଝୁଛି। ତା'ପରେ ତୁମକୁ ଫୋନ୍ କରିବି।"

ସେ ମୀରାକୁ ଦିଲ୍ଲୀ ଫୋନ୍ କଲେ। ଜାଣିଲେ, ଭାଇ ରବିଙ୍କର ଦେହାନ୍ତ ହୋଇସାରିଲାଣି। ତାଙ୍କ ଶେଷ ଦର୍ଶନ ପାଇଁ ତା'ର ବାପା-ମା'ଙ୍କୁ ନେବା ଦରକାର। ସେ ଚିନ୍ତାକଲେ, ଏହି ଦାରୁଣ ଦୁଃସମ୍ବାଦଟି ବାପା-ମା'ଙ୍କୁ କେମିତି ଦେବେ ? କାରଣ ବାପାଙ୍କର ବୟସ ସତାଅଶୀ ଏବଂ ମା'ଙ୍କର ବୟସ ବୟାଅଶୀ। ଏ ଖବର ପାଇ ସେମାନେ ହୁଏତ ହାର୍ଟଫେଲ୍ କରିଯାଇ ପାରନ୍ତି ?

ଆଉ ଗୋଟିଏ ଦିନ ପରେ ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ବିଧାୟିକା ହିସାବରେ ଏ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ କରିବା ମଧ୍ୟ ତାଙ୍କର ଗୁରୁ ଦାୟିତ୍ୱ। ଏହାକୁ ଅନ୍ୟ କେହି ତୁଲାଇ ପାରିବେନି। ଅନ୍ୟ ପକ୍ଷରେ ମଉସା-ମାଉସୀଙ୍କୁ ଏପରି ଅବସ୍ଥାରେ ନିରାଶ କରି ହେବନି। ସେମାନେ ତା' ଉପରେ ଭରସା କରି ଦିଲ୍ଲୀରେ ପୁଅ-ବୋହୂଙ୍କ ପାଖରେ ନ ରହି ଭୁବନେଶ୍ୱରରେ ରହୁଛନ୍ତି। କିଂ କର୍ତ୍ତବ୍ୟ ବିମୂଢ଼ ହୋଇପଡ଼ିଲେ ସେ। କିଛି ସମୟ ପାଇଁ ତାଙ୍କ ଆଖି ସାମନାରେ ଭାସିଗଲା ଅତୀତର ରକ୍ତ ସମ୍ପର୍କର ଟାଣ, ପିଲାଦିନର ଛୋଟବଡ଼ ହସକାନ୍ଦର ଅଭୁଲା ଅନୁଭୂତି।

ପାଞ୍ଚ ଦଶକରେ ବୀରେନ୍ଦ୍ର ବାବୁ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ

ଅଧିକାରୀ । ଗୋଟିଏ ପୁଅ ରବୀନ୍ଦ୍ର, ଡାକନାମ ରବି । ପତ୍ନୀ ସୁରମା ଓ ପୁଅ ରବିକୁ ନେଇ ବୀରେନ୍ଦ୍ର ବାବୁଙ୍କ ଛୋଟ ସଂସାର । ଦକ୍ଷ ଅଫିସର ହିସାବରେ ତାଙ୍କର ବେଶ ସୁନାମ ଥିଲା । ଜଣେ ମେଧାବୀ ଛାତ୍ର ହିସାବରେ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ । ବକ୍ତୃତା ପ୍ରତିଯୋଗିତାରେ ଉତ୍କଳ ୟୁନିଭରସିଟିରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତାଙ୍କ ନିଜର ମଧ ଗୋଟିଏ କାର୍ ଥିଲା । ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ସେ ଗଣାଯାଉଥିଲେ ।

ରବି ଥିଲା ମେଧାବୀ । ପାଠରେ, ଖେଳରେ ସେ ସମସ୍ତଙ୍କଠାରୁ ଥିଲା ଆଗୁଆ । ବାପା-ମା'ଙ୍କର ସେ ଥିଲା ନୟନ ପିତୁଳା, ଅନ୍ଧର ଲଉଡ଼ି । ଛୁଟି ଦିନମାନଙ୍କରେ ରବି ଯାଉଥିଲା କଟକରେ ଥିବା ତା'ର ବଡ଼ ମଉସା ଘରକୁ । ମାଉସୀଙ୍କ ଦୁଇ ପୁଅ ଓ ଝିଅ ସହ ସେ ସମୟ କଟାଉଥିଲା ହସଖେଳରେ । କେବେ କେବେ ଗୁବି ଆସୁଥିଲା ଭୁବନେଶ୍ୱର । ସାନ ମାଉସୀଙ୍କ ଘରେ ରହୁଥିଲା ଏବଂ ରବି ସହ ସେ ଛୁଟି ଦିନଗୁଡ଼ିକ ଭଲରେ କଟାଇ ଦେଉଥିଲା । ରବିର ମା' ମଧ ଗୁବିକୁ ଖୁବ୍ ଭଲ ପାଉଥିଲେ । ନିଜର ଝିଅ ନ ଥିବାରୁ ସେ ଗୁବିକୁ ନିଜ ଝିଅପରି ସ୍ନେହ କରୁଥିଲେ ।

ରିଜିଓନାଲ କଲେଜ ଅଫ୍ ଏଜୁକେସନରୁ ଦଶମ ଶ୍ରେଣୀରେ ପାଶ୍ କରି ରବି ଚାଲିଗଲା ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ । ଦୀର୍ଘ ଛଅବର୍ଷ ପରେ ସେ କୃତିତ୍ୱର ସହ ରାଜନୀତି ବିଜ୍ଞାନରେ ଏମ୍.ଏ.ପାଶ୍ କରି ସେହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜରେ ଅଧାପକ ଭାବରେ ଯୋଗ ଦେଲା । ରବି ସେତିକିରେ ସନ୍ତୁଷ୍ଟ ହେଲା ନାହିଁ । ବାପା ମା'ଙ୍କ ସପ୍ନକୁ ସାକାର କରିବା ପାଇଁ ୟୁନିଅନ୍ ପବ୍ଲିକ୍ ସର୍ଭିସ୍ କମିଶନ ପରୀକ୍ଷା ଦେଲା ଏବଂ ପ୍ରଥମ ଥରରେ ଭାରତୀୟ ରେଲୱେ ଚାକିରି ପାଇଁ ସିଲେକ୍ଟ ହୋଇଗଲା । ବାପା ମା', ଭାଇ, ବନ୍ଧୁ, ମଉସା, ମାଉସୀ ସମସ୍ତେ ଖୁସିରେ ଫାଟି ପଡ଼ିଲେ; ଅଧାପକ ଚାକିରି ଛାଡ଼ି ସେ ରେଲୱେ ଚାକିରିରେ ଯୋଗଦେଲେ ।

ପୁଅ-ଝିଅ ଭଲ ପଢ଼ିବା ସବୁ ବାପା-ମା' ଚାହୁଁଥାନ୍ତି । ପାଠପଢ଼ା ଶେଷ ହେଲା ପରେ ଭଲ ଚାକିରିଟିଏ ପାଇବା ମଧ୍ୟବିତ୍ତ ପରିବାରର ବାପା-ମା' ମାନେ ଆଶା କରିଥାନ୍ତି । ଯେଉଁଦିନ ରବି ଭାରତୀୟ ରେଲୱେ ଚାକିରିରେ କୃତକାର୍ଯ୍ୟ ହେଲା, ସେ ଦିନ ବାପା-ମା'ଙ୍କ ଖୁସିରେ ଆଉ ସୀମା ରହିଲାନି । ଇତି ମଧରେ ବାପା ବୀରେନ୍ଦ୍ର ବାବୁ ପଦୋନ୍ନତି ପାଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ସାରିଲେଣି । ସେ ଆଶା କରିଥିଲେ ତାଙ୍କ ପୁଅ ମଧ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହେବ । ତା'ତ ହେଲାନି ।

ପରେ ପରେ ଯେତେବେଳେ ତାଙ୍କ ପୁଅ ବିବାହ ପାଇଁ ବହୁ ପ୍ରସ୍ତାବ ଆସିଲା, ସେତେବେଳେ ସେମାନେ ଜାଣିବାକୁ ପାଇଲେ ଯେ ରବି ଦିଲ୍ଲୀର ଏକ ଝିଅକୁ ଭଲପାଇ ବସିଛି ଏବଂ ସେମାନେ ବିବାହ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଝିଅଟି ଗୌରବର୍ଣ୍ଣା, ସୁନ୍ଦରୀ । ରବିର ତଳ କ୍ଲାସରେ ପଢୁଥିଲା । ଝିଅଟିର ବାପା ମଧ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ।

ସେଠାରେ ପୁଅର ବିଭାଘର ହେବ କି ନା ଏହି ଦ୍ୱନ୍ଦ୍ୱ ଚାଲିଥିଲା ବେଳେ ଝିଅଟି ତା'ପରବର୍ଷ ଭାରତୀୟ ରେଲୱେ ସେବା ପରୀକ୍ଷାରେ ମଧ କୃତକାର୍ଯ୍ୟ ହୋଇଗଲା । ପୁଅ-ଝିଅ ଉଭୟେ ଉଚ୍ଚ ଶିକ୍ଷିତ ଏବଂ ଉଭୟେ ମଧ ବଡ଼ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତେଣୁ ବିବାହ କରିଦେବା ପାଇଁ ଉଭୟପକ୍ଷ ରାଜି ହୋଇଯାଇଥିଲେ ।

ଦିଲ୍ଲୀରେ ବିବାହ ଅନୁଷ୍ଠିତ ହୋଇଗଲା । ଖୁବ୍ ଜାକଜମକରେ ବିବାହ, ଭୋଜିଭାତ, ଜ୍ଞାତି-କୁଟୁମ୍ବ, ବନ୍ଧୁ-ବାନ୍ଧବ ଉପଭୋଗ କଲେ । କିନ୍ତୁ ସବୁ ଖୁସିର ଲହରୀ ମଧରେ ସମୟର ଚୋରାବାଲି ବାପା-ମା'ଙ୍କୁ କେଉଁ ଅଥଳକୁ ନେଇଗଲା ।

ପୁଅ ଥିଲା ଓଡ଼ିଶା ଖଣ୍ଡାୟତ ଏବଂ ଝିଅ ଥିଲା ଉତ୍ତରପ୍ରଦେଶର ବ୍ରାହ୍ମଣ ପରିବାରର । ଦୁଇଟି ଭିନ୍ନ ସଂସ୍କୃତିର ସଂଯୋଗ ହେଲା । ହେଲେ, ବିଚରା ବାପା-ମା' ବାଦପଡ଼ିଗଲେ । ଚାକିରିରୁ ଅବସର ନେଲା ପରେ ବୀରେନ୍ଦ୍ର ବାବୁ ଓକିଲାତି ଆରମ୍ଭ କଲେ । ଅଳ୍ପଦିନ ମଧରେ ସେ ମଧ ପ୍ରତିଷ୍ଠିତ ଓକିଲ ଭାବରେ ବେଶ୍ ସୁଖ୍ୟାତି ଅର୍ଜନ କଲେ । କିନ୍ତୁ ପତ୍ନୀଙ୍କ ଜିଦ୍ ଯୋଗୁଁ ସେ ଓକିଲାତି ବ୍ୟବସାୟ ଛାଡ଼ି ବମ୍ବେରେ ପୁଅବୋହୂଙ୍କ ପାଖରେ ଯାଇ ରହିଲେ । ସଂସ୍କୃତିର ଭିନ୍ନତା ସେମାନଙ୍କ ଜୀବନକୁ କ୍ରମେ ବ୍ୟତିବ୍ୟସ୍ତ କରି ପକାଇଲା । ତିନି ଚାରିବର୍ଷ ସେଠି ରହିବା ପରେ ସେମାନେ ହଠାତ୍ ଓଡ଼ିଶାକୁ ଚାଲି ଆସିଲେ । ଓଡ଼ିଶାରେ ଦୁହେଁ ନିଜ ଘରେ ରହିଲେ । କିନ୍ତୁ ବୀରେନ୍ଦ୍ର ବାବୁ ଆଉ ଓକିଲାତିରେ ଯୋଗଦେଇ ପାରିଲେନି । କେବଳ ବହି ଓ ଖବରକାଗଜ ପଢ଼ି ସମୟ କଟାଇଲେ ।

ସମୟ ଗଡ଼ି ଯାଉଥାଏ । ବୟସ ବଢୁଥାଏ, ଶରୀର କ୍ରମଶଃ ଦୁର୍ବଳ ହେଉଥାଏ । ବାର୍ଦ୍ଧକ୍ୟର ନଦୀକୁ ପାରହେବା ପାଇଁ ସେମାନେ ଖୋଜୁଥାନ୍ତି ସହାୟ । ପାଖରେ ଥିବା ପିଅନମାନେ, ଯେଉଁମାନଙ୍କୁ ସେ ନିଜେ ସରକାରୀ ଚାକିରିରେ ରଖିଦେଇଥିଲେ ସେମାନେ ମଧ ଆରପାରିକି ଚାଲିଗଲେଣି । ବଞ୍ଚିବାଟା ଦୁଃସହ ହୋଇପଡ଼ିଲାଣି ।

ଭୁବନେଶ୍ୱର ରହୁଥାନ୍ତି ଗୁବି ତାଙ୍କ ପରିବାର ସହ । ସ୍ୱାମୀ ଭୋଳାନାଥ ରାଜ୍ୟ ସରକାରଙ୍କର ଜଣେ ଉଚ୍ଚପଦସ୍ଥ ଅଧିକାରୀ । ଦୁଇ ପୁଅ ପାଠ ପଢୁଥାନ୍ତି । ସେଇମାନଙ୍କୁ ଆଶ୍ରୟ କରି ବଞ୍ଚୁଥାନ୍ତି ବୀରେନ୍ଦ୍ର ବାବୁ ଏବଂ ତାଙ୍କ ପତ୍ନୀ ସୁରମା ।

ହଠାତ୍ ଦିନେ ବୀରେନ୍ଦ୍ର ବାବୁ ଓ ତାଙ୍କ ସ୍ତ୍ରୀ ଦିଲ୍ଲୀ ବାହାରିଲେ, ପୁଅ-ବୋହୂଙ୍କ ପାଖରେ ରହିବା ପାଇଁ । ଇତି ମଧ୍ୟରେ ପୁଅ-ବୋହୂ ବମ୍ବେରୁ ବଦଳି ହୋଇ ଦିଲ୍ଲୀକୁ ଆସିଗଲେଣି । ଭୁବନେଶ୍ୱର ଘରେ ତାଲା ପଡ଼ିଲା । ସେ ଦୁହେଁ ଦିଲ୍ଲୀ ଚାଲିଗଲେ । ଦିଲ୍ଲୀରେ ଗୋଟିଏ ବର୍ଷ ରହଣି ପରେ ଭୁବନେଶ୍ୱରରେ କାମ ଅଛି କହି ସେମାନେ ପୁଣି ଭୁବନେଶ୍ୱରକୁ ଫେରିଆସିଲେ ।

ପୁଅ-ବୋହୂ ଏବଂ ତାଙ୍କର ଦୁଇ ଝିଅ ଦିଲ୍ଲୀରେ ରହିଲେ । ବୀରେନ୍ଦ୍ର ବାବୁ ଏବଂ ତାଙ୍କ ସ୍ତ୍ରୀ ସୁରମା ରହିଲେ ଭୁବନେଶ୍ୱରରେ । ବନ୍ଧୁବାନ୍ଧବ, ପଡ଼ୋଶୀମାନଙ୍କ ମନରେ ପ୍ରଶ୍ନ - "କ'ଣ ହେଲା ?ବାପା-ମା' ଓ ପୁଅ-ବୋହୂଙ୍କ ମଧ୍ୟରେ ଝଗଡ଼ା ହେଲା କି ? ସେମାନଙ୍କର ଆନ୍ତରିକତା କମିଗଲା କି ?" କିନ୍ତୁ ଏ ପ୍ରଶ୍ନର ଉତ୍ତର କେହି ପାଇପାରିଲେ ନାହିଁ । ବୀରେନ୍ଦ୍ର ବାବୁ ମିଷ୍ଟଭାଷୀ, ନିଜ ପଢ଼ାପଢ଼ିରେ ବ୍ୟସ୍ତ ଥାଆନ୍ତି । ସୁରମା ଦେବୀ ତାଙ୍କୁ ଅଧିକ କଥା କହିବାକୁ ଦିଅନ୍ତି ନାହିଁ । ସୁରମା ଦେବୀ ପ୍ରଗଳଭା; କିନ୍ତୁ ଘରକଥା ସେ କେବେ ବାହାରେ ପ୍ରକାଶ କରିବାକୁ ଭଲ ପାଆନ୍ତି ନାହିଁ । ସବୁବେଳେ ସ୍ୱାମୀଙ୍କ ଦୋଷ ଦିଅନ୍ତି । ଭୁବନେଶ୍ୱରରେ କେଉଁ କାମ ପାଇଁ ସେମାନେ ବାଧ୍ୟହୋଇ ଏଠାରେ ରହୁଛନ୍ତି ତା' ଶୁଣାଇ ଶୁଣାଇ ସମସ୍ତଙ୍କୁ କୁହନ୍ତି ସେ ।

ପୁଅ-ବୋହୂ ପ୍ରାୟ ଭୁବନେଶ୍ୱର ଆସନ୍ତିନି । ଏ ଭିତରେ ଚାକିରି ପଚିଶ ବର୍ଷ ବିତିଗଲାଣି । ସେମାନେ କେବଳ ଦୁଇଥର ତିନି ଚାରି ଦିନ ପାଇଁ ଭୁବନେଶ୍ୱର ଆସିଥିଲେ । ତା'ପରେ ପୁଅ ରବି ଥରେ ଦୁଇଥର ଏକୁଟିଆ ଭୁବନେଶ୍ୱର ଆସିଥିଲା । ସାଙ୍ଗରେ ସ୍ତ୍ରୀ କିମ୍ବା ଝିଅମାନେ ଆସିନଥିଲେ ।

ବୀରେନ୍ଦ୍ର ବାବୁ ଓ ସୁରମା ସବୁ ଜାଣୁଥିଲେ, ବୁଝୁଥିଲେ; କିନ୍ତୁ ବାହାରେ ପ୍ରକାଶ କରିପାରୁ ନଥିଲେ । 'ଚୋର ମା' ଯେବେ କାନ୍ଦେ, ଦୁଆର ଦେଇ କାନ୍ଦେ' ଏହି ନ୍ୟାୟରେ ସେମାନେ ଏ କଷ୍ଟକୁ କାହା ପାଖରେ ପ୍ରକାଶ କରିପାରୁ ନଥିଲେ । ପୁଅ ଭଲ ଏବଂ ବୋହୂ ଭଲ - ଏହି କଥା ସମସ୍ତଙ୍କୁ ଶୁଣାଇ ଶୁଣାଇ  କହୁଥିଲେ । ଯେତେବେଳେ ବନ୍ଧୁ କିମ୍ବା ପଡ଼ୋଶୀମାନଙ୍କ ଶାଶୁ-ବୋହୂ ଗଣ୍ଡଗୋଳ ଆଲୋଚନା ହୁଏ, ସୁରମା ଦେବୀ ଶୁଣେଇ ଶୁଣେଇ କହିପକାନ୍ତି, "ମୋ ମୀରାଟି କେଡ଼େ ସୁଧାର ବୋହୂ । ମୋ ମୁହଁରେ କେବେ କଥା କହିବାକୁ ସାହସ କରେନି । ରବିକୁ ତା'ର ଭାରି ଡର । ରବି ମୋତେ ଭାରି ଭଲପାଏ ତ, ସେଥିପାଇଁ ମୀରା ତା' ଆଗରେ କିଛି କଥା ମୋ ବିରୁଦ୍ଧରେ କହିବାକୁ ସାହସ କରେନି ।"

ଭୋଳାନାଥ ବାବୁଙ୍କ ପୁଅର ବିଭାଘର ଠିକ୍ ହୋଇଗଲା । ଦିନ ମଧ୍ୟ ଧାର୍ଯ୍ୟ ହୋଇଗଲା । ହଠାତ୍ ବିଭାଘର ଘୁଞ୍ଚିଗଲା, କିନ୍ତୁ ନିର୍ଦ୍ଧାରିତ ସମୟ, ତାରିଖରେ ରବି ଏକୁଟିଆ ଭୁବନେଶ୍ୱରରେ ପହଞ୍ଚିଲା । ଛୁଟି ନେଇ ସାରିଥିଲା, ତେଣୁ ବାପା-ମା'ଙ୍କୁ ଦେଖିବା ପାଇଁ ଚାଲିଆସିଲା । ସାଙ୍ଗରେ ସ୍ତ୍ରୀ ମୀରା କିମ୍ବା ଦୁଇ ଝିଅ କେହି ଆସିନଥିଲେ । ବନ୍ଧୁବାନ୍ଧବ ସମସ୍ତେ ଖୁସି ହେଲେ, କାରଣ ୬/୭ ବର୍ଷ ପରେ ବାପା-ମା'ଙ୍କର ଏକମାତ୍ର ପୁଅ ବୁଢ଼ା ବାପା-ମା'ଙ୍କୁ ଦେଖିବା ପାଇଁ ଘରକୁ ଆସିଲା । ଶୈଶବରେ ପିଲା ଖୋଜେ ବାପା-ମା'ଙ୍କୁ ଏବଂ ବାର୍ଦ୍ଧକ୍ୟରେ ବାପା-ମା' ଖୋଜନ୍ତି ପିଲାଙ୍କୁ । ସେମାନେ ବୃଦ୍ଧାବସ୍ଥାରେ ବାପା-ମା'ଙ୍କର ହୋଇଯା'ନ୍ତି ଅନ୍ଧର ଲଉଡ଼ି । ସ୍ତ୍ରୀ ଓ ପିଲାମାନଙ୍କର ନ ଆସିବାର କାରଣ ସମସ୍ତେ ବୁଝିଲେ । ନ ଆସିବାର କାରଣକୁ କଥା ପ୍ରସଙ୍ଗରେ ଯଥାର୍ଥ ବୋଲି କହି ବୁଲିଲେ ସୁରମା ଦେବୀ । ସେ କିନ୍ତୁ ତା'ର କାରଣ ମନେ ମନେ ଅନୁଭବ କରୁଥିଲେ ।

ପାଞ୍ଚ ଛ'ମାସ ପରେ ଭୋଳାନାଥ ବାବୁଙ୍କ ପୁଅ ବିଭାଘର ହେଲା । ହଜାର ହଜାର ଲୋକ, ବନ୍ଧୁବାନ୍ଧବ, ଜ୍ଞାତି କୁଟୁମ୍ବଙ୍କର ସମାବେଶ ହେଲା; କିନ୍ତୁ ରବି ଓ ତା'ର ପିଲାମାନେ କେହି ଆସିଲେନି । କାରଣ ହେଲା ହଠାତ୍ ରବିର ଦେହ ଅସୁସ୍ଥ ହୋଇପଡ଼ିଲା । ତା'ର ସ୍ତ୍ରୀ କିମ୍ବା ପିଲାମାନେ ଆସିପାରି ଥାଆନ୍ତେ ! ସେପରି ହେଲାନି । କୁହାଗଲା, ରବିର କିଡ଼ନିରେ ଗୋଟିଏ ସିଷ୍ଟ ଥିଲା । ତାକୁ ଅପରେସନ କରିବାର ଆବଶ୍ୟକତା ଥିବାରୁ ରବି ଘରକୁ ଆସିପାରିଲାନି ।

ସମୟ କ୍ରମଶଃ ଗଡ଼ି ଚାଲିଲା, ଜୀବନ ସ୍ରୋତରେ ସମସ୍ତେ ଭାସିଗଲେ, କ୍ରମଶଃ ରବି ଓ ତା'ପରିବାରର କଥା ଭୁଲିଗଲେ । ଦିନେ ସୁରମା ଦେବୀ ଫୋନ୍‌ରେ ଭୋଳାନାଥ ବାବୁଙ୍କୁ ପଚାରିଲେ, "କ୍ୟାନସର ହେଲେ କ'ଣ ରୋଗୀ ବେଶିଦିନ ବଞ୍ଚନ୍ତି ? ବହୁତ ଲୋକ ତ ବଞ୍ଚିଥିବାର ମୁଁ ଜାଣିଛି ।" ଏ ପ୍ରଶ୍ନର ତ ଉତ୍ତର ନ ଥାଏ । ତାଙ୍କର ପ୍ରଶ୍ନ ମଧ୍ୟ ଅପ୍ରାସଙ୍ଗିକ ଥିଲା । ପ୍ରଶ୍ନର ଗୁରୁତ୍ୱକୁ ମଧ୍ୟ କେହି ସେଦିନ ଅନୁଭବ କରିପାରି ନ ଥିଲେ ।

ରୁଚି ଦେବୀ ସମୟେ ସମୟେ ବିଧାନସଭା କମିଟିରେ ଦିଲ୍ଲୀ ଯାଆନ୍ତି । ସେ ଦିଲ୍ଲୀ ଗଲେ ସାନଭାଇ ରବି ଘରକୁ ଯାଆନ୍ତି । ସେଦିନ ମଧ୍ୟ ସେ ହଠାତ୍ ରବି ଘରେ ପହଞ୍ଚିଲେ । ଯାହା ଦେଖିଲେ, ନିଜ ଆଖିକୁ ବିଶ୍ୱାସ କରିପାରିଲେନି । ରବି ଶୋଇଛି ଖଟରେ । ମୁହଁରେ ତା'ର ନିଶଦାଢ଼ି ବଢ଼ିଯାଇଛି । ଦେହ ଅସ୍ଥିଚର୍ମ ସାର । କଥା କହିବାରେ କଷ୍ଟ ହେଉଛି । ମୀରା କଥାପ୍ରସଙ୍ଗରେ କହିପକାଇଲେ ରବିକୁ କ୍ୟାନସର ହୋଇଛି । କିଡ୍‌ନୀରେ ଯେଉଁ ସିଷ୍ଟ ଥିଲା, ତାକୁ ଅପରେଶନ କରାଯାଇ ପାରିଛି; କିନ୍ତୁ ଘା' ଶୁଖିବା ବଦଳରେ ତାହା ବଢ଼ି ବଢ଼ି କ୍ୟାନସର ହୋଇଯାଇଛି । ଦେହଟା ରୁଗ୍ଣ ହୋଇଯାଇଛି ତ ସେଥିପାଇଁ କେମୋଥେରାପିକୁ ସେ ସହ୍ୟ କରିପାରିଲେନି, ତେଣୁ ତାକୁ ଘରେ ରଖାଯାଇଛି । କୋଲକାତାରୁ ହୋମିଓପାଥି ଔଷଧ ଆଣି କ୍ୟାନସର ଭଲହେବା ପାଇଁ ମଧ୍ୟ ଦିଆଯାଇଛି ।

ରୁଚି ଦେବୀ ଫେରିଆସିଲେ । ରବିର ରୋଗ ବିଷୟରେ କାହାକୁ

କିଛି ନ କହିବା ପାଇଁ ସୁରମା ଦେବୀ ତାଙ୍କୁ ଫୋନ୍‌ରେ ନିର୍ଦ୍ଦେଶ ଦେଲେ । ତେଣୁ କଥା ଲୁଚିଗଲା । ଭୋଳାନାଥ ବାବୁଙ୍କୁ ରୁବି ଦେବୀ ଏ କଥା କହିଥିଲେ, କିନ୍ତୁ କଥାଟି କାହା ଆଗରେ ନ କହିବା ପାଇଁ ତାଙ୍କୁ ଅନୁରୋଧ କଲେ ।

ପୁଅକୁ ଦେଖିବା ପାଇଁ ବୀରେନ୍ଦ୍ର ବାବୁ ଓ ସୁରମା ଦେବୀ ରୁବିଙ୍କ ସାଙ୍ଗରେ ଦିଲ୍ଲୀ ଗଲେ । ରବିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥାଏ । ମୁହଁର ଦାଢ଼ି ସବୁ ଖିଅର କରାହୋଇଥାଏ । ଧଳା ପାଇଜାମା ଓ ଧଳା ପଞ୍ଜାବୀ ପିନ୍ଧି ରବି ବସିଥିଲେ ଡ୍ରଇଂ ରୁମ୍‌ରେ । ମୁହଁ ଶୁଖିଲା, ଶରୀର ଶୀର୍ଣ୍ଣକାୟ, ବାପା-ମା' ପୁଅକୁ ଦେଖି ବିସ୍ମିତ ହେଲେ, ମର୍ମାହତ ହେଲେ ।

ଦିନ ଗଡ଼ି ଯାଉଥାଏ । ଧୀରେ ଧୀରେ ଶରୀରର ଯନ୍ତ୍ରଣା ବଢୁଥାଏ । ସୁରମା ଦେବୀ ଦେଖୁଥାଆନ୍ତି ସାମ୍ନାରେ ପଲ୍ଲବିତ ବୃକ୍ଷଟି କିପରି ଶୁଖି ଶୁଖି ଯାଉଛି । ସାମାନ୍ୟ ପବନରେ କେବଳ ଦୋହୁଲୁଛି ମାତ୍ର । ବୃକ୍ଷରେ ପତ୍ର ନାହିଁ । ଶାଖାଗୁଡ଼ିକ ଶୁଖି ଶୁଖି ଗଲାଣି । ଅନ୍ୟ କାହାରି ସାହାଯ୍ୟରେ ତାଙ୍କୁ ନିଜ ବିଛଣାରୁ ବୈଠକଖାନା ଓ ବୈଠକଖାନାରୁ ଖଟକୁ ନେବା ଆଣିବା କରାଯାଉଛି । ଖାଦ୍ୟର ପରିମାଣ ମଧ୍ୟ ଖୁବ୍ କମ୍, ଚଢ଼େଇର ଦାନା ସହ ସମାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବାର୍ଦ୍ଧକ୍ୟଜନିତ ଯନ୍ତ୍ରଣାରେ ବୀରେନ୍ଦ୍ର ବାବୁ ଓ ସୁରମା ଦେବୀ ଅସ୍ତବ୍ୟସ୍ତ । ପ୍ରତ୍ୟେକଙ୍କର ବୟସ ଅଶି ବର୍ଷରୁ ଅଧିକ । ତଥାପି ସେମାନେ ଚଲାବୁଲା କରିପାରୁଛନ୍ତି, ଖାଉଛନ୍ତି, ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖୁଛନ୍ତି । ବୀରେନ୍ଦ୍ର ବାବୁ ପ୍ରତ୍ୟେକ ଦିନ ଟିଭିରେ ସେୟାର ମାର୍କେଟର ହାଲଚାଲ ଦେଖୁଛନ୍ତି, ମ୍ୟୁଚୁଆଲ ଫଣ୍ଡରେ ଗଚ୍ଛିତ ଥିବା ଜମାରାଶି କେତେ ବଢ଼ିଯାଉଛି କିମ୍ବା କମିଯାଉଛି - ତା'ର ହିସାବ ରଖିବାକୁ ଭୁଲୁ ନାହାନ୍ତି । ଭାରତ ସରକାରଙ୍କ ଷଷ୍ଠ ବେତନ କମିଶନଙ୍କ ରିପୋର୍ଟ ଘୋଷଣା ପରେ ସେ କେତେ ଟଙ୍କା ଅଧିକ ପାଇବେ, ତାଙ୍କର ପୁଅ-ବୋହୂ କେତେ ଅଧିକ ପାଇବେ, ତା'ମଧ୍ୟ ସେ ହିସାବ କରଛନ୍ତି । ସେମାନେ ଦେଖୁଛନ୍ତି ତାଙ୍କରି ଔରସରୁ ଜାତ ପିଲାଟିଏ ବିଛଣାରେ ପଡ଼ି ରହିଛି ନିସ୍ତେଜ ହୋଇ । ତା'ର ଆଶା ନାହିଁ, ଆକାଂକ୍ଷା ନାହିଁ । ସେ ସ୍ୱପ୍ନ ଦେଖୁନାହିଁ, କେବଳ ଦିନ ଗଣୁଛି । କେବେ ତା'ର ଶେଷ ହୋଇଯିବ ଏ ପାର୍ଥିବ ଜୀବନ, ତା'ର ଯନ୍ତ୍ରଣାର ପୂର୍ଣ୍ଣଚ୍ଛେଦପଡ଼ିବ । ଯାହାକୁ ସେ କେତେ କଷ୍ଟରେ ତୋଳିଥିଲେ, ସେହି ଘର ସେଇ ସଂସାର ତା'ଠୁଁ କେବେ ଯେ ଦୂରେଇ ଯିବ ? ଦୁର୍ବଳ ମୁହୂର୍ତ୍ତରେ ସେ କେତେ ଭଲ ପାଇଥିଲା ତା'ର ପତ୍ନୀ ମୀରାକୁ, ତା'ର କୋମଳ ଦେହର ସ୍ପର୍ଶରେ ସେ କେତେ ଉତ୍ତେଜିତ ହୋଇପଡୁଥିଲା । ଆଜି କିନ୍ତୁ ସବୁ ତା' ପାଖରେ ଅର୍ଥହୀନ । ଦୁଇ ଝିଅ, ଯେଉଁମାନେ ତା' ଔରସରୁ ଜାତ, ତାଙ୍କୁ ସେ କେତେ ଭଲ ପାଉଥିଲା, ତାଙ୍କ ଦରୋଟି ପାଟିରେ କଥା କହିବା ଶିଖାଇ ଦେଉଥିଲା । ସେମାନଙ୍କୁ ନିଜ ଗାଡ଼ିରେ ବସାଇ ଦୁନିଆ ଦେଖାଇଥିଲା, ସେମାନେ ମଧ୍ୟ ଆଜି ତା' ପାଖରେ ଆକର୍ଷଣର ବିନ୍ଦୁ ନୁହନ୍ତି । କେବଳ ମଝିରେ ମଝିରେ ସେ ମା' ମା' ଡାକୁଥିଲା । ସୁରମା ଦେବୀ ତା'ଗୋଡ଼ରେ ହାତ ବୁଲାଇଥିଲେ, ଆଉଁସି ଦେଉଥିଲେ, ସେଥିରେ ସେ ଶୋଇ ପଡୁଥିଲା ।

ଅନୁଭବ କରୁଥିଲେ ସୁରମା ଦେବୀ - ସତରେ ଜୀବନଟା କେତେ ଯନ୍ତ୍ରଣାମୟ । ତାଙ୍କରି ଆଗରେ ଯିଏ ଡେଇଁ ଡେଇଁ ବୁଲୁଥିଲା, ତାଙ୍କରି ହାତରନ୍ଧା ଖାଇବା ପାଇଁ ଯିଏ ବ୍ୟଗ୍ର ହେଉଥିଲା, ସେ ଆଜି ନିର୍ଜୀବ ପ୍ରାୟ; ଯନ୍ତ୍ରଣାରେ ସଢୁଥିବା ଏକ ଜୀବ । ଛୋଟବେଳେ ପଡ଼ିଗଲେ କିମ୍ବା କଷ୍ଟ ହେଲେ ତା' କାନ୍ଦକୁ ସେ ସହିପାରୁ ନ ଥିଲେ, ସବୁ କାମ ଛାଡ଼ିଦେଇ ସେ ତାକୁ କୋଳେଇ ନେଇଥିଲେ, ଚୁମା ଦେଉଥିଲେ । କିନ୍ତୁ ଆଜି ସେଇଆ କରିବା ମଧ୍ୟ ତାଙ୍କ କ୍ଷମତାରେ ବାହାରେ । ସେ ଭଗବାନଙ୍କୁ ନିନ୍ଦା କରୁଛନ୍ତି । କାହିଁକି ତାଙ୍କୁ ପୁଅର ଏ କଷ୍ଟ ଦେଖିବା ପାଇଁ ବଞ୍ଚାଇଛନ୍ତି ?

ବୁଢ଼ାବୁଢ଼ୀ ଦିଲ୍ଲୀ ତକାହୋଇ ଯାଇଥିଲେ ରୁଗ୍ଣ ପୁଅକୁ ଦେଖିବା ପାଇଁ ନୁହେଁ, ଶେଷ ଅବସ୍ଥାରେ ପୁଅ ପାଖରେ ରହିବା ପାଇଁ ନୁହେଁ, ସେମାନେ ଯାଇଥିଲେ ମ୍ୟୁଚୁଆଲ ଫଣ୍ଡରେ ନୋମିନି ନାମ ବଦଳାଇବା ପାଇଁ । ଘରଡ଼ିହ ବିକ୍ରୀ ପରେ ସେମାନେ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ଟଙ୍କା ରଖିଥିଲେ, ସେଥିରେ ପୁଅ ଥିଲେ ନୋମିନି । ଆଜି ଯେହେତୁ ତା'ର ଶେଷ ସମୟ ପହଞ୍ଚି ଗଲାଣି, ପୁଅ ବାପାଙ୍କୁ କହିଥିଲା ବୋହୂ ମୀରାକୁ ନୋମିନି କରିବା ପାଇଁ । ହୁଏତ ତା' ଅନ୍ତେ ବୁଢ଼ାବୁଢ଼ୀ ସେ ଟଙ୍କା ବୋହୂକୁ ନ ଦେଇପାରନ୍ତି ।

ପ୍ରାୟ ଦେଢ଼ମାସ ରହିଲା ପରେ ବାପା-ମା' ଭୁବନେଶ୍ୱର ପଳାଇ ଆସିଲେ । ବୀରେନ୍ଦ୍ର ବାବୁଙ୍କ  କାମ ଅଛି ବୋଲି ସେ ଫେରି ଆସିଲେ । ତାଙ୍କର ଫେରିବାଟାକୁ କେହି ସହଜରେ ଗ୍ରହଣ କରିପାରିଲେନି ।

ସତ କେବେ ଲୁଚି ରହେନି, ଦିନେ ନା ଦିନେ ସେ ଫୁଟିଉଠେ । ଥରେ ମଝିରେ ରୁବି ଦେବୀ ଯାଇଥିଲେ ଦିଲ୍ଲୀ ଭାଇ ରବିକୁ ଦେଖିବାକୁ । ପୂର୍ବବତଃ ଅବସ୍ଥା । କ୍ରମଶଃ ଅବସ୍ଥା ଆହୁରି ଖରାପ ଆଡ଼କୁ ଗତି କରୁଛି । ବିଦା ହେଲାବେଳେ  ସେ ଭାଉଜ ମୀରାକୁ କହିଲେ, "ମାଉସୀ ଚାହୁଁଥିଲେ ଆସିବା ପାଇଁ, ତିନି ଚାରି ଦିନ ପାଇଁ ତାଙ୍କୁ ମୁଁ ଏଠାକୁ ନେଇକରି ଆସିବି । ସେ ରବିକୁ ଦେଖିବେ ।"

ହଠାତ୍ ଚିତ୍କାର କରି ଉଠିଲେ ମୀରା ଦେବୀ ଏବଂ କହିଲେ, "ଦିଦି, ଯଦି ସେ ଏଠିକୁ ଆସିବେ, ତେବେ ମୁଁ ଏ ଘର ଛାଡ଼ି ଚାଲିଯିବି । ସେ ତିନିଦିନ ପାଇଁ କହିକହି ଆସିବେ ଏବଂ ଏଠାରେ ତିନିମାସ କାଳ ରହିବେ । ଘରେ କେହି କାମ କରିବାକୁ ନାହାନ୍ତି ।"

ଆଶ୍ଚର୍ଯ୍ୟ ହୋଇଗଲେ ରୁବି ଦେବୀ । ଚାହିଁ ରହିଥିଲେ ମୀରାଙ୍କ

ମୁହଁକୁ । ଦେଖୁଥିଲେ ସେଥିରେ କିପରି ଫୁଟି ଉଠୁଥିଲା ବର୍ଷ ବର୍ଷର ପୁଞ୍ଜିଭୂତ ଘୃଣା, ବିଦ୍ୱେଷ । ପୁଣି ଭାବୁଥିଲେ ସୁରମା ମାଉସୀ କିପରି ଗତ ପଚିଶ ବର୍ଷ ଧରି ଏହି ବୋହୂର ସମସ୍ତଙ୍କ ଆଗରେ ପ୍ରଶଂସା କରି ଚାଲିଥିଲେ । କାହାକୁ ଦିନେ କହିନାହାନ୍ତି, ମୀରା ତାଙ୍କୁ ଦିଲ୍ଲୀ ଓ ବମ୍ବେରୁ ବାହାର କରି ଦେଇଛି ବୋଲି । କେତେ ଯନ୍ତ୍ରଣା ସହିଛନ୍ତି ସେ । ଏବେବି ବୋହୂର ପ୍ରଶଂସାରେ ସେ ଶତମୁଖର । ସେ କ'ଣ ବା ଉତ୍ତର ଦେବେ, ଚିନ୍ତାକରି ପାରିଲେନି ।

ମୀରା କହିଲେ, "ଦିଦି, ଏଇଥିପାଇଁ ମୁଁ ସେମାନଙ୍କୁ ଏଠାରୁ ବାହାର କରି ଦେଇଛି । ସେମାନେ ମୋ ରବିକୁ ନଷ୍ଟ କରିଦେଲେ । ତାଙ୍କପାଇଁ ସେ ମଦଖାଇଲେ, ନିଜକୁ ନଷ୍ଟ କରିଦେଲେ । ସେମାନେ ଗଲାରୁ ଆମେ ଭଲରେ ରହିଲୁ ।"

ନିଜକୁ ସଜାଡୁଥିଲେ ରୁବି ଦେବୀ, ପ୍ରକୃତିସ୍ଥ ହେଉଥିଲେ । ନିଜକୁ ସମ୍ଭାଳି ନେଇ ସେ ପଚାରିଲେ, "ରବିର ରୋଗପାଇଁ ଯେଉଁ ଚିକିତ୍ସା ହେଉଛି, ଆମେରିକାର କୌଣସି ବିଶେଷଜ୍ଞଙ୍କ ସହ କୌଣସି ଆଲୋଚନା କରାଯାଇଛି କି ?" ମୀରା ମନାକଲା । ରୁବି କହିଲେ, "ତୁମର ଭୋଳାନାଥ ଭାଇଙ୍କର ବନ୍ଧୁ ଆମେରିକାରେ କ୍ୟାନସର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ କାମ କରୁଛନ୍ତି । ତୁମେ ଯଦି ରବିର ଚିକିତ୍ସାର କାଗଜପତ୍ର ଦିଅନ୍ତ, ତାଙ୍କୁ ପଚରା ଯାଇପାରନ୍ତା ।" ସେଥିରେ ମୀରା ହଁ ମାରିଲେ ଏବଂ କହିଲେ, "ଜେରକ୍ସ କାଗଜ ମୁଁ ଡାକରେ ପଠାଇ ଦେବି ।" ତା'ବି ସେ ଦେଲେନି । ଯେତେବେଳେ ରୁବି ଦେବୀ ଫୋନ୍‌ରେ ତାଙ୍କୁ ଏକଥା ମନେପକାଇ ଦେଲେ, ସେ କହିଲେ, "ରବି କାଗଜ ଦେବାପାଇଁ ମନାକଲେ ।" ପର ପ୍ରଶ୍ନରେ ସେ ଅତିଷ୍ଠ ହୋଇପଡ଼ିଲେ ।

ବୀରେନ୍ଦ୍ର ବାବୁ ଓ ସୁରମା ଦେବୀ ଜାଣିପାରିଲେନି ତାଙ୍କ ପୁଅକୁ କେଉଁ ରୋଗ ହୋଇଥିଲା, ସେଇଥିପାଇଁ ତା'ର କେଉଁଠି କେଉଁଠି ଚିକିତ୍ସା ହୋଇଥିଲା, ଡାକ୍ତରମାନେ କ'ଣ କହିଥିଲେ ? ଜୀବନଯାକ ବୋହୂର ଦିଆ ଯନ୍ତ୍ରଣାକୁ ସେମାନେ ସହିଗଲେ, କିନ୍ତୁ ବାହାରେ ବୋହୂକୁ ଭଲ ଭଲ ବୋଲି ପ୍ରଶଂସା କରୁଥିଲେ ।

ପ୍ରକୃତିସ୍ଥ ହେଲେ ସେ । ଫୋନ୍ କଲେ ମାଉସୀକୁ । ସକାଳେ ଆମେ ଯିବା ବୋଲି ପ୍ରତିଶ୍ରୁତି ଦେଲେ ସେ । ପରେ ପରେ ସ୍ୱାମୀ ଭୋଳାନାଥଙ୍କୁ ଫୋନ୍‌ରେ ସବୁକଥା କହିଲେ । ଟିକଟ ହୋଇଗଲା । ପ୍ରଥମ ଉଡ଼ାଜାହାଜରେ । ସେମାନେ ଦିଲ୍ଲୀ ଗଲେ । ଉଡ଼ାଜାହାଜରୁ ଓହ୍ଲାଇ ଗାଡ଼ିରେ ବସିଲେ ।

ସୁରମା ଦେବୀ ପଚାରିଲେ, ମେଡ଼ିକାଲ ଯିବା ନା ଘରକୁ ଯିବା ? ରୁବି ଉତ୍ତର ଦେଲେ, "ଆମେ ଘରକୁ ଯିବା । ସେମାନେ ରବିକୁ ଘରକୁ ନେଇ ଆସିଛନ୍ତି ।"

ସୁରମା ଦେବୀ କହୁଥାନ୍ତି, "ମୋତେ ରବି ଦେଖିବ ବୋଲି କହୁଥିଲା । ମୋତେ ଦେଖି ସେ ଭାରି ଖୁସି ହୋଇଯିବ । ସେ ଶୋଇଥିଲା ବେଳେ ମୁଁ ତା'ଦେହରେ ହାତ ବୁଲାଇ ଦିଏ । ସେ କହେ, ତୁ ମଝିରେ ମଝିରେ ଏମିତି ଆସୁଥିବୁ । କେବଳ ତା'ବାପାଙ୍କ କାମ ପାଇଁ ମୋତେ ଭୁବନେଶ୍ୱରକୁ ଫେରିଯିବାକୁ ପଡ଼ିଛି ।"

ରୁବି ଓ ଭୋଳାନାଥ ପରସ୍ପରକୁ ଅନାଉଥିଲେ । ଦୁହେଁ ଭାବୁଥିଲେ, ସତରେ ଜୀବନଟା ଗୋଟିଏ ନାଟକ । ଏଠି କେବଳ ପ୍ରବଞ୍ଚନା, ପ୍ରତାରଣା । ଏଠି ସତ୍ୟରେ କେହି ବଞ୍ଚିବାକୁ ଚାହାନ୍ତିନି ।

ଘର ପାଖେଇ ଆସିଲା । ରୁବି ଓ ଭୋଳାନାଥ ବାବୁ ଚିନ୍ତାରେ ପଡ଼ିଗଲେଣି । ବୃଦ୍ଧ ବାପା-ମା'ଙ୍କୁ ସେମାନେ କ'ଣ କହି ଆଶ୍ୱାସନା ଦେବେ, କ'ଣ ବା ପ୍ରବୋଧନା ଦେବେ ।

ଲିଫ୍ଟରେ ଉପରକୁ ଗଲେ । ସଙ୍ଗେ ସଙ୍ଗେ ରବିର ଦୁଇ ଝିଅ ବୁଢ଼ୀମା'ଙ୍କୁ କୁଣ୍ଢାଇ କାନ୍ଦି ପକାଇଲେ । ସେମାନେ ଘର ଭିତରକୁ ଆସ୍ତେ ଆସ୍ତେ ପଶିଲେ ।

ଘର ଲୋକାରଣ୍ୟ । ବୈଠକଖାନାର ଗୋଟିଏ ପାଖରେ ରବିଙ୍କର ମୃତ ଶରୀରକୁ ଶୁଆଇ ଧଳା ଚାଦରଟି ତା' ଉପରେ ଘୋଡ଼ାଇ ଦିଆଯାଇଛି । ପାଖରେ ଧୂପ ଜଳୁଥାଏ । ଟେପରେକର୍ଡ଼ରୁ ଗୀତାର ଶ୍ଳୋକ- "ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ" ପରିବେଶର ଗମ୍ଭୀରତାକୁ ବଢ଼ାଇ ଦେଉଥାଏ । ସମସ୍ତଙ୍କ ଆଖିରେ ଲୁହ ।

ବୀରେନ୍ଦ୍ରବାବୁ ଓ ସୁରମାଦେବୀଙ୍କୁ ଆଉ ବୁଝିବାକୁ କିଛି ବାକି ରହିଲା ନାହିଁ - ପୁଅ ରବି ଆଉ ନାହିଁ । ସେମାନେ ଆସିବା ଆଗରୁ ସେ ଆରପାରିକୁ ଚାଲିଯାଇଛି । ଭୋ ଭୋ ହୋଇ କାନ୍ଦି ଉଠିଲେ ଦୁହେଁ । ପଲକହୀନ ଧୂସର ଆଖିରେ ଲୁହର ବନ୍ୟା । ତାକୁ କିଏ ରୋକିପାରିବ ? ପୁଅର ଗୁଣଗାନ କରି କରି ବାପାମା' କାନ୍ଦି ଚାଲିଥାନ୍ତି । ସେ କାନ୍ଦର ସତେକି ଆଉ ବିରାମ ନାହିଁ ।

ଭୋଳାନାଥବାବୁ ସ୍ତବ୍ଧ ହୋଇ ଭାବୁଥିଲେ, ସତରେ ଜୀବନଟା କ'ଣ ଦୁଃଖର ଝଙ୍କାର । ସୁରମା ଦେବୀ ଆଜି ଦୀର୍ଘ ପଚାଶ ବର୍ଷ ଧରି ପୁଅର ମଙ୍ଗଳ ପାଇଁ ତା'ର ଲମ୍ବା ଆୟୁଷ ପାଇଁ ଲିଙ୍ଗରାଜ ମହାପ୍ରଭୁଙ୍କୁ ପ୍ରତି ସୋମବାରରେ ପୂଜା କରି ଆସୁଥିଲେ, ପ୍ରତି ଶୁକ୍ରବାରରେ ଉପାସ ରହୁଥିଲେ । ଏତେ ଦୁଃଖ କଷ୍ଟ ସହିବା ପରେ ମଧ୍ୟ ଶେଷରେ ସେ ପୁଅକୁ ହରାଇ କପୋତୀ ପରି କାନ୍ଦି ଚାଲିଛନ୍ତି । ଯେଉଁ ବୋହୂ ତାଙ୍କୁ ବାରମ୍ବାର

ଲାଞ୍ଛନା ଦେଇ ଆସୁଥିଲା, ତାରି ମୁହଁକୁ ଚାହିଁ ସେ ବାକୀ ଜୀବନଟା କଟେଇବେ ? ହଁ ସେମାନେ ଆଗ ଭଳି ଭୁବନେଶ୍ୱରରେ ଭୋଳାନାଥ ଓ ରୁବିଙ୍କର ଦାୟିତ୍ୱରେ ରହିବେ। କିନ୍ତୁ ତାଙ୍କ ମନ ତ ଯାଇ ରହିଯିବ ରବିର ଝିଅ ଦୁହିଁଙ୍କ ପାଖରେ। ସେମାନେ ନ ପଚାରିଲେ ମଧ୍ୟ ତାଙ୍କ ଶେଷ ଜୀବନରେ ସେହିମାନେ ତ ତାଙ୍କର ପାଥେୟ ହେବେ।

ଆଖିରୁ ତାଙ୍କର ଅମାନିଆ ଲୁହ ଝରି ପଡୁଥିଲା- ରବିର ମୃତ୍ୟୁ ପାଇଁ କିମ୍ବା ସୁରମା ଦେବୀଙ୍କ ଯନ୍ତ୍ରଣା ପାଇଁ ସେ ଠିକ୍ କରିପାରୁନଥିଲେ ଭୋଳାନାଥ ବାବୁ। ଅପରାହ୍ଣର ଝାପ୍‌ସା ଆଲୋକରେ ତାଙ୍କୁ କେମିତି ସବୁକିଛି ଝାପ୍‌ସା ଦିଶୁଥିଲା। ରାମ ନାମ ସତ୍ୟ ହେ - ଶବ୍ଦରେ ସେ ହଠାତ୍ ସଂବିତ୍ ଫେରି ପାଇଲେ। ଦେଖିଲେ ରବିର ଶବ ଶବାଧାରରେ ତଳକୁ ଯାଉଛି। ସେ ପାଖରେ ସୁରମା ଦେବୀ ଓ ବୀରେନ୍ଦ୍ରବାବୁ ସଂଜ୍ଞାହୀନ ହୋଇ ପଡ଼ିଛନ୍ତି। ଭୋଳାନାଥବାବୁ ଜଗତ ନିୟନ୍ତା ଜଗନ୍ନାଥଙ୍କୁ ଡାକୁଥିଲେ, ସୁରମା ଦେବୀ ଓ ବୀରେନ୍ଦ୍ରବାବୁ ଯେପରି ଆଉ ସଂଜ୍ଞା ଫେରି ନ ପାଆନ୍ତୁ। ମହାନିଦ୍ରାର ଶୀତଳ ସ୍ପର୍ଶରେ ଏ ଜୀବନ ଆଉ ଯନ୍ତ୍ରଣାର ସାମ୍ନା ନ କରୁ।

ସତ୍ୟ ଭିଲ୍ଲା
୧୮, ଭି.ଆଇ.ପି. କଲୋନୀ
ନୟାପଲ୍ଲୀ, ଭୁବନେଶ୍ୱର-୧୫

***

**When it comes to polyester, you can count on Indo Rama**



You can count on Indo Rama for unvarying, world class quality.
You can count on Indo Rama for just-in-time deliveries.
You can count on Indo Rama to customize solutions to your specific needs.
But that's not surprising.
For if you can't count on India's largest dedicated polyester producer,
then, who on earth can you count on!

**INDO RAMA**
Indo Rama Synthetics (I) Ltd.
20th Floor, DLF Square, DLF Phase-2, NH-8, Gurgaon - 122002, Haryana, India
Tel : 91-124-4997000 Fax : 91-124-4997070
Website : www.indoramaindia.com

**Our fibres form the fabric of your life**

# ଲାଉଲଇରେ ଜାନୁୟାରୀ ଛବିଶି

ଡ. ଜ୍ଞାନେଶ୍ୱର ମିଶ୍ର

ବାଇକ୍‌ଟା ଷ୍ଟାର୍ଟକରି ଆମସାହି ଜଗନ୍ନାଥ ମନ୍ଦିର ପାଖରେ ପହଞ୍ଚିଛି କି ନାହିଁ, ମୋ ପୁଅ ପଛପଟରେ ମୁଁ ବସିବାର ଦେଖି ମୋର ସାଙ୍ଗର ପୁଅ ନିଚୁନ୍ କହିଲା - ଅଙ୍କଲ୍, ଆପଣ ଦଶଟା ବେଳକୁ ଫେରି ଆସିବେ ତ ?

ମୁଁ କହିଲି, କାହିଁକି ? କ'ଣ କି ?

ସେ କହିଲା - ଆମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୧୧ ଟାରେ ଉଦ୍‌ଘାଟନ ହେବ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସମ୍ରାଟ ପଟ୍ଟନାୟକ ଆସିବେ ଉଦ୍‌ଘାଟନ କରିବାକୁ। ଆପଣ ଏତେଦିନ ପରେ ଗାଁକୁ ଆସିଛନ୍ତି, ଆପଣ ରହିଲେ ଆମକୁ ଭଲ ଲାଗିବ। ତା'ଛଡ଼ା ଆମ ଗାଁ ଟିମ୍‌ର ଆଜି ଫାଷ୍ଟ ମ୍ୟାଚ୍। ମୁଁ କହିଲି - ମୁଁ ଯାଉଛି, ଲାଉଲଇରେ ପୁଅର ଫାର୍ମ ଦେଖିବାକୁ। ଚେଷ୍ଟା କରିବି ଫେରିବାକୁ।

ଆମେ ଆଗକୁ ଚାଲିଲୁ। ଗାଁ ମୁଣ୍ଡ ପଡ଼ିଆରେ ଦେଖିଲି ଚାନ୍ଦୁଆ ବନ୍ଧାହୋଇ ମଞ୍ଚ ତିଆରି ହେଉଛି। ଜିନ୍‌ସ ପ୍ୟାଣ୍ଟ ଉପରେ ଏକ ଦାମୀ ଖଦଡ଼ର ପଞ୍ଜାବୀ ପିନ୍ଧି ହାତରେ ମୋବାଇଲ୍ ଧରି ଜଣେ କାମ ତଦାରଖ କରୁଛି। ପ୍ରତିମିନିଟ୍‌ରେ ଥରେ ବା ଦୁଇଥର ଫୋନ୍ କରୁଛି ବା ଫୋନ୍ ଧରୁଛି। ଦୁଇ ଚାରିଜଣ ଟୋକା ପିଚ୍ ସଫାକରି ଉଇକେଟ୍ ପୋତୁଛନ୍ତି, ଚୂନଗାର ପକାଉଛନ୍ତି। ଆଉଦୁଇଚାରି ଜଣ ଟୋକା ଦଉଡ଼ିରେ ରଙ୍ଗକାଗଜର ପତାକା ଝୁଲାଉଛନ୍ତି। ପିଟାର ନିମ୍ନଭାଗରୁ ପାଦଢାଙ୍କିବା ପର୍ଯ୍ୟନ୍ତ ପ୍ୟାଣ୍ଟ ପିନ୍ଧିଛନ୍ତି। ଟି-ସାର୍ଟ ପିନ୍ଧିଛନ୍ତି। କାହା ଟିସାର୍ଟରେ ଲେଖାଯାଇଛି **Save Water, Drink Beer** ଆଉ କାହାର **No Vacancy** ଆଉ କାହାର **3 Idiots, Being Human**। ଧୋନି, କୋହଲି, ରାଇନା ବ୍ୟାଟିଂ ଓ କିଏ କେଉଁ advertisement ଦେଉଛି କଥାବାର୍ତ୍ତା ହେଉଛନ୍ତି। ପୁଣି କହୁଛନ୍ତି - ଶଳା, ଆମ ସରକାର ଗୁଟ୍‌ଖା ବନ୍ଦ କରିଦେଲା। ନବୀନା ଏଥର ଭୋଟ ପାଇବନି। ଗୁଟ୍‌ଖା ବନ୍ଦ ଦେଖି ମୁରଲୀ ପାନ ଦୋକାନ ଖିଲକୁ ପାନ ଚାରିଟଙ୍କା କରିଦେଲାଣି। କଥା ଚାଲିଛି, କାମ ଚାଲିଛି। ଗୁଟ୍‌ଖା ବନ୍ଦ ଓ କାମ କରିବାକୁ ମନେ ହେଉନି। ଆଉ କେଉଁ ରାଜ୍ୟରେ ତ ନାହିଁ। ପଚାରି ଜାଣିଲି ମନ୍ତ୍ରୀ ଓ ଅନ୍ୟ V.I.P. ମାନଙ୍କ ପାଇଁ ବିରିୟାନି, ଚିକେନ ବାହାରୁ ଆସିବ। ଖେଳାଳୀ ଓ ଅନ୍ୟମାନେ ଭାତ, ଡାଲମା ଖାଇବେ। ଏମ୍.ଏଲ୍.ଏ ସାଫଲ୍ୟ ମହାନ୍ତି ସବୁ ପଇସା ଦେଇଛନ୍ତି ସରପଞ୍ଚଙ୍କୁ। ସରପଞ୍ଚ ନାଗରାକୁ ଦେଇଛନ୍ତି ବଜାର କରିବାକୁ। ଡାଲି, ଚାଉଳ ଗାଁ ସ୍କୁଲର ମିଡ୍-ଡେ ମିଲ ବନ୍ଦ କରି ରଖାଯାଇଛି। ଅନ୍ୟାନ୍ୟ ବେଳେ ମସଲା ପରିବା ପାଇଁ ନାଗରାକୁ ଦାୟିତ୍ୱ ଦିଆଯାଇଛି। ନାଗରା ଦୁଇଟି ବୋତଲର ପଇସା ରଖି ବଜାର କରି ସାରିଛି। ଲାଉଲଇରେ ସବୁ ହିସାବ ଠିକ୍। ଯଦି କିଏ କହିଲା - ଏ ଆଳୁ ୨୦ କିଲୋ ପରି ଲାଗୁଛି ତା ନଲାଗୁ, ମୁଁ କ'ଣ ଆପଣଙ୍କ ଆଖିକୁ ବଦଳାଇ ପାରିବି। ମନ୍ତ୍ରୀ, ଅଫିସର କିରାଣୀ ପର୍ଯ୍ୟନ୍ତ ପଇସା ମାରୁଛନ୍ତି। ସେ ସବୁ ଦେଖାଯାଉନି। ଉପରେ ଛପର ମେଲାଇ ହୁଏ, ଆସିଲେ ମୁଷା ଗାତ ମାରିବାକୁ। ଅଣ୍ଡିଆ ପୁଅ ତ ଏସବୁ ରୋକି ପାରିବ। ଖାଲି ଖବରକାଗଜ ବିକ୍ରୀ ପାଇଁ ଏୟା ହେଲା, ସେୟା ହେଲା ହାଲ୍ଲା କରି। ଅଟକାଇ ପାରିବ ଏ ସୁଅକୁ। ପାରୁଛ ଯଦି କିଛି ନ କରି ସବୁ ମାରିପାରିଲେ ତୁମେ ଟାଣୁଆ ହେବ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବ ଜଳକା।

ଟିକିଏ ଆଗକୁ ଗଲାପରେ ହାଇସ୍କୁଲ ପଡ଼ିଆରେ କେହି ଜଣେ ନେତା ଭାଷଣ ହେଉଛନ୍ତି - 'ଏ ଦେଶରୁ ଶିଶୁ ଶ୍ରମିକ ଦାରିଦ୍ର୍ୟତା ନାରୀ ସଶକ୍ତିକରଣ ପାଇଁ ସ୍ୱର ଉତ୍ତୋଳନ କରନ୍ତୁ। ପ୍ରତ୍ୟେକ ଶିଶୁ ସର୍ବଶିକ୍ଷା ଅଭିଯାନରେ ସାମିଲ ହୁଅନ୍ତୁ। ଆଗରେ ଏକ ଭଙ୍ଗାପୋଲ ଥିବାରୁ ଓହ୍ଲାଇ ପଡ଼ିଲୁ ଏକ ଆଠ, ଦଶ ବର୍ଷର ପିଲା ଏକ ସାଇକେଲ ପେଲି ପେଲି ନେଉଛି, ହାପ୍‌ପ୍ୟାଣ୍ଟର ବୋତାମଗୁଡ଼ିକ ବୋଲ ନ ମାନିବାରୁ କମରରେ ଗାମୁଛାଟେ ବାନ୍ଧିଛି। ଗାମୁଛା ଅଗରେ ଝାଳ ପୋଛୁଛି, ସିଙ୍ଗାଣୀ ପୋଛୁଛି। ଛିଣ୍ଡାଗେଞ୍ଜିରେ ଚକ୍ଷବଛଭଙ୍କଛ ଲେଖାଯାଇଥିଲା, play ଜାଗାରେ ଫୁଟା ହୋଇ ଦେଖାଯାଉନି। ଗୋଡ଼ରେ ପ୍ଲାଷ୍ଟିକ ଚପଲ, ସାଇକେଲ୍ ହ୍ୟାଣ୍ଡଲରେ ବଡ଼ ବଡ଼ ଦୁଇଟା ବ୍ୟାଗ୍, ପଛରେ ଦୁଇଟା ବ୍ୟାଗ, ହ୍ୟାଣ୍ଡେଲ ମଝିରେ କାଗଜର ପତାକାଟିଏ ଖୋସାଯାଇଛି। ପିଲାଟିର କମର ବଙ୍କା ହୋଇଯାଉଛି। ସେ ବ୍ୟାଗ୍‌ରେ ସେଓବୁନ୍ଦିଆ ପ୍ୟାକେଟ୍, ପାଣିପାଉଚ୍ ଓ ମିଠା ପ୍ୟାକେଟ୍ ରହିଛି। ଜାତୀୟ ପତାକାକୁ ସାକ୍ଷୀ ରଖି ୧୦ ବର୍ଷର ବାଳକଟି ବାଳ ଶ୍ରମିକ ଆମଜାତିର କଳଙ୍କ ଭାଷଣ ହେଉଥିବା ପଡ଼ିଆକୁ ନେଉଥିଲା।

ପୋଲ ପାରହେଲେ ଏକ ଅର୍ଦ୍ଧ ନିର୍ମିତ ମନ୍ଦିର, ମନ୍ଦିର ଆଗରେ ରାସ୍ତା କଡ଼ରେ ଖୁଣ୍ଟପୋତା ହୋଇ ଗାଈ, ଛେଳି, ବନ୍ଧା ହୋଇଥିଲେ। ମନ୍ଦିର ପାହାଚ ଇଟା ଉପରେ ୧୨/୧୩ ବର୍ଷର ୩/୪ ଜଣ ପିଲା ଛୋଟ ଛୋଟ ଧୋବ ଫରଫର୍ ଧୋତି ପିନ୍ଧିଛନ୍ତି। ପଞ୍ଜାବୀ ପିନ୍ଧିଛନ୍ତି। ପତଳା ପଞ୍ଜାବୀ ଭିତରୁ ଧଳା ପଇତା ଦିଶୁଛି, ଗୋରା ମୁହଁ, ନିଶ ଗଜୁରିଛି। ମୁଣ୍ଡରେ ଚନ୍ଦନ ଟିପା ଝଟକୁଛି। ମନେ ହେଉଛି କେଉଁ ନାଟକ ପାଇଁ ମେକ୍‌ଅପ ନେଇ ବସିଛନ୍ତି। ହାତରେ ଗୋଟିଏ ଗୋଟିଏ ପିତଳଥାଳି। ସବୁ ଗାଡ଼ି ଅଟକାଇ

ପ୍ରବଚନ, କୀର୍ତ୍ତନ, ମନ୍ଦିର ନିର୍ମାଣ କହି ପଇସା ନେଉଛନ୍ତି । ମୁଁ ପରିସ୍ରା କରିବା ପାଇଁ ଆଗରୁ ଓହ୍ଲାଇ ପଡ଼ିଥିଲି । ପୁଅ ପ୍ରଭୁଦତ୍ତ ପ୍ରଭୁଙ୍କର ଭକ୍ତ ହୋଇଥିବାରୁ ୫୦ ଟଙ୍କା ଦେଇ ଆଗକୁ ଯାଇ ଅପେକ୍ଷା କରିଥିଲା । ମୁଁ ଗଲାବେଳକୁ ସେମାନେ କଥା ହେଉଥିଲେ ଆଜି ବିଡ଼ି ନୁହେଁ, Wills Filterଟାଣିବା । ଭାଙ୍ଗ ନୁହେଁ Beer ପିଇବା । Deluxeରେ ପାନଟେ ଜାକିଦେଲେ ଗନ୍ଧ ନା ତା ବୋପା ବି ଜଣାପଡ଼ିବନି । ଆଜି ହାଟପାଳି । ଲାଉଲଇକୁ ଯାଉଥିବା ସବୁ ଗାଡ଼ିକୁ ଅଟକାଇଲେ ଆମ ଧନ୍ଦା ଜମିଯିବ । ପାଖରେ ଏକ ମାଂସ ଦୋକାନ ଆଗରେ ୧୦୦ ଖଣ୍ଡ ମଟର ସାଇକେଲ । ଲୋକମାନେ ଧାଡ଼ି ବାନ୍ଧି ଠିଆ ହୋଇଛନ୍ତି । ତାଙ୍କର ଆଗ୍ରହକୁ ଲକ୍ଷ୍ୟକଲେ ମନେ ହେଉଛି କେଉଁ ପୁଣ୍ୟାତ୍ମା ପୁରୁଷଙ୍କ ଆଶୀର୍ବାଦପାଇଁ କିମ୍ବା ଡାକ ନାଁ ଥିବା ଠାକୁର କି ଠାକୁରାଣୀ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଧାଡ଼ି ଲାଗିଛି ।

ଆଗରେ ରାସ୍ତା ତିଆରି ଚାଲିଥିବାରୁ ଏକ bypass ରାସ୍ତାରେ ଗଲୁ । ଏହି ରାସ୍ତାଟା ଏକ ବସ୍ତିଦେଇ ଯାଇଛି, ବସ୍ତିର ଏକ ପଲଥିନି ଟଙ୍ଗା ଘର ଆଗରେ ଏକ ଘୁଗୁନି ବିକାଳୀ ଠିଆ ହୋଇଛି । ଡାଲାରେ ଧୂପଟିଏ ଦେଇଛି ଓ କନିଅର ଫୁଲଟିଏ ଥୋଇଛି । ମନରେ ଆଶା ଆଜି ଜାନୁୟାରୀ ୨୬, କିଛି ପଇସା ମିଳିବ । ବ୍ଲାଉଜ ବିହୀନ ମଇଳା କସ୍ତାଶାଢ଼ୀ ପିନ୍ଧା ମାଇପଟେ ଆସି କହିଲା- ମୋ ନାତିକୁ ଏକ ପ୍ଲେଟ ଘୁଗୁନି ଦେଇଥା, ସଞ୍ଜବେଳକୁ ପଇସା ନେବୁ । ଘୁଗୁନିବାଲା କହିଲା - ବଉନି ହୋଇନି, ବାକି ଦେଇ ହେବନି । ଆଚ୍ଛା କଥା' ଆମେ କ'ଣ ଏଠୁ ଛାଡ଼ି ପଳାଇଯାଉଛୁ । ମୋ ନାତିଟା କାନ୍ଦୁଥିଲାବୋଲି କହିଲି । ଘୁଗୁନିବାଲା କୁନ୍ଥୁ କୁନ୍ଥୁ ହୋଇ ସ୍କୁଲ ପଡ଼ିଆ ଆଡ଼କୁ ମୁହାଁଇଲା । ଦୁଇଟା ଘର ଛାଡ଼ି ଜଣେ ସ୍ତ୍ରୀଲୋକ ଅଶ୍ରାବ୍ୟ ଭାଷାରେ ଗାଳି ଦେଉଥିଲା । ତା' ଶାଗ କିଆରୀରେ କାହାର ଛେଳି ପଶି ସବୁ ସଫା କରିଦେଉଛି । ଅନ୍ଧାରରେ ସେ ଜାଣିପାରିନି । ପାଖ କ୍ଲବ ଘରେ ଟୋକାମାନେ ବସି ଇଂଲଣ୍ଡ-ଇଣ୍ଡିଆ ମ୍ୟାଚ ଦେଖୁଥିଲେ । ଚିକେନ ପକୁଡ଼ା ଖାଇବା କଫି ପିଇବା ସିଗାରେଟ୍ ଟାଣିବା ଚାଲିଛି ମଝିରେ ମଝିରେ ଟି.ଭି. ରେ ଜାପାନୀ ତୈଳ, କଣ୍ଡମ ବିଜ୍ଞାପନ ଦେଖି ମୁରୁକି ମୁରୁକି ହସୁଛନ୍ତି । କିଏ କାହାକୁ ଚିମୁଡ଼ି ଦେଉଛି ତ କିଏ ଅନ୍ୟ ପିଠିରେ ମୃଦୁ ଆଘାତ କରୁଛି ।

ମୋ ପୁଅ ଫାର୍ମର ଟିକିଏ ଆଗରୁ ଏକ ପକ୍କା ପୋଲର ଧାର ଉପରେ ବାଡ଼ି ଧରି ବସିଥିବା ଦୁଇଟା ବୁଢ଼ା କଥାବାର୍ତ୍ତା ହେଉଥିଲେ । ବିଟ୍ରିଶ ଥିଲା ଭଲଥିଲା । ଲୋକମାନଙ୍କର ଡରଭୟ ଥିଲା । ଗାଁ, ସହରରେ କେତେ ଶାନ୍ତି ଥିଲା । ବର୍ତ୍ତମାନ ଡେଲି ମର୍ଡ଼ର, ବଳାତ୍କାର, ନିର୍ଯ୍ୟାତନା ଚାଲିଛି । ଶାସନ ଢିଲାରୁ ଏସବୁ ଘଟୁଛି । ଗାନ୍ଧୀବୁଢ଼ା ଭୁଲ୍ କରିଦେଲା ବ୍ରିଟିଶକୁ ହଟାଇ । ଆଚ୍ଛା ଗାନ୍ଧୀଙ୍କ ପରେ ତା ବଂଶର ଆଉ କାହାରି ନାଁ ତ ଶୁଣାଯାଉନି । ନେହେରୁ ପୁଅ, ନାତି ପର୍ଯ୍ୟନ୍ତ ରାଜନୀତି କରୁଛନ୍ତି । ପ୍ରଧାନ ମନ୍ତ୍ରୀ ହେଉଛନ୍ତି । ଗାନ୍ଧୀବୁଢ଼ା ବାଡ଼ିଟେ ଧରି ଗାଁ ମୁଣ୍ଡରେସହର, ଛକରେ, ବର୍ଷା, ଖରା, ଶୀତ, କୁଆଖୁମ୍ପା ସହି ଜଗୁଆଳ ହୋଇଛି । ଏ ଦେଶର ହାଲ ଦେଖୁଛି । ହେଇଦେଖ, ସେ ମୂର୍ତ୍ତି ଉପରେ କେତେଧୂଳି । ଗାନ୍ଧୀମୂର୍ତ୍ତି ବ୍ରିଟିଶ ଅଧିନସ୍ଥ ଖାକିପିନ୍ଧା ଏକ ସିପାହି ଭଳି ଦେଖା ଯାଉଛନ୍ତି । ଗାନ୍ଧୀ ବୁଢ଼ା ଆମକୁ ଠକି ଦେଇଗଲା । ଆଚ୍ଛା ହେଉ, 'ଗୋଟେ ବିଡ଼ି ଦେ ।' ଗାନ୍ଧୀ ବୁଢ଼ା ପରା ବିଡ଼ି ଖାଇବାକୁ ମନା କରିଥିଲା । ଛାଡ଼, ସେ କଥା । ଆଉ ସେ ଯୁଗ ଅଛି । ମୋ ସ୍ତ୍ରୀ, ପୁଅ ମୋ କଥା ମାନୁନାହାନ୍ତି । ମୁଁ ଗାନ୍ଧୀ ବୁଢ଼ା କଥା ମାନିବି ।

ଫାର୍ମ ଆରପଟରେ ଏକ ପ୍ରାଇମେରୀ ସ୍କୁଲ ପଡ଼ିଆରେ ପିଲାମାନେ ପ୍ୟାରେଡ଼ କରୁଥିଲେ । ମାଷ୍ଟର ପାନଖାଇ ପଛରେ ଚାଲୁଥିଲେ । ପିଲାମାନେ ଚିମୁଟା ଚିମୁଟି ହେଉଥିଲେ । ଠେଲାପେଲା ହେଉଥିଲେ । ମାଇକିଆ ସ୍ୱରରେ ଜଣେ ପତାକା ହଲାଇ କହୁଥିଲା ମହାତ୍ମାଗାନ୍ଧୀ କି । ପିଲାମାନେ କହୁଥିଲେ ଜୟ । ଏକା ସାଙ୍ଗରେ କହି ନପାରିବାରୁ କିଛି ସମୟ ପରେ ବି ୨/୪ ଜଣଙ୍କର ଜୟ ଶୁଭୁଛି । ମୁଁ କହିଲି ପିଲାମାନଙ୍କୁ ସାର୍ କ'ଣ ଶିଖାଇ ନାହାନ୍ତି, ବୋଧହୁଏ ସେଠୀ ସାର୍ ଠିକ୍ କରି ଶିଖାଇ ନାହାନ୍ତି ନହେଲେ ଏ ବଦମାସ୍ ପିଲାଗୁଡ଼ାକ ଶିଖିବାକୁ ଚେଷ୍ଟାକରି ନାହାନ୍ତି । ମୁଁ କହିଲି ଏ ସ୍କୁଲରେ କ'ଣ ଏତିକି ପିଲା । ପୁଅ କହିଲା - ବସ୍ତିରେ ସରପଞ୍ଚ ଲଡ୍ଡୁ ବାଣ୍ଟିଛନ୍ତି । ପିଲା ଏଠିକି କାହିଁକି ଏ ବିସ୍କୁଟ ଖାଇବାକୁ ଆସିବେ ।' ଏ ସ୍କୁଲରେ ବୁଧବାର ଦିନ ସବୁ ପିଲା ପ୍ରାୟ ଆସନ୍ତି । କାରଣ ସେଦିନ Midday Mealରେ ଅଣ୍ଡାଦିଆଯାଏ । ବେଳେବେଳେ ଖାତାରେ ନାଁ ଥିବା ପିଲାଙ୍କଠାରୁ ବେଶୀ ପିଲା ଆସନ୍ତି ।

ଫାର୍ମରେ କାମ କରୁଥିବା ଲୋକମାନଙ୍କ ମଧ୍ୟରୁ ସ୍ତ୍ରୀଲୋକ ୩/୪ ଜଣ ମନଲଗାଇ କାମ କରୁଥିଲେ । ଶାଢ଼ୀ ବ୍ଲାଉଜରେ ତାଳି ତାଙ୍କର ଅଭାବପଣିଆକୁ ବିଜ୍ଞପିତ କରୁଥିଲା । ହିଡ଼ ମୁଣ୍ଡ ଥିଲା ତାଙ୍କର ଡାଇନିଂ ଟେବୁଲ ଓ ପାଖ ଝରଣା ପାଣି ଥିଲା ମିନେରାଲ ୱାଟର । ପୁରୁଷ ଶ୍ରମିକମାନଙ୍କ ମଧ୍ୟରୁ ଟୋକା ଟୋକାଳିଆମାନେ ସ୍ତ୍ରୀଲୋକଙ୍କ ସହିତ ଥଟ୍ଟାତାମସା ହେଉଥିଲେ । ଗାଁର ଛଟକୀ ଟୋକି କାହାସହିତ ପଳାଇ ଯିବାର କାରଣ ଉପରେ ଟିପ୍ପଣୀ ହେଉଥିଲେ । ହସା ହସି ହେଉଥିଲେ । ମୋ ପୁଅକୁ ଦେଖି ଜଣେ କହିଲା- ସାର୍, ଆଜି କ'ଣ ଆପଣ ଫାର୍ମରେ । ଆଜିପରା ସ୍ୱାଧୀନତା ଦିବସ । ତାଙ୍କ ପାଖରେ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସର ମୂଲ୍ୟ କିଛି ନଥାଏ । ମୋର ଭାରତବର୍ଷ ଏହିଭଳି କେତେ ସନ୍ତାନକୁ ଜନ୍ମ ଦେଇଛି ଯେଉଁମାନେ ଖାଲି ଜୀବନସାରା କାମ କରିବେ, ଅଙ୍କ ହୋଇ ରହିବେ । ଆଉ କେତେଜଣ କିଛି କାମ ନକରି ପଇସା ମାରି ଖାଇ ବିଜ୍ଞ ପଦବୀ ଧରି ବୁଲିବେ ।

ହଠାତ୍ ମୋ ମୋବାଇଲ ରିଂ ହେଲା । ସାଙ୍ଗ ଫୋନ୍‌ରେ କହୁଥିଲା - ଆରେ, ସେ ସୁସଭ୍ୟ ମହାପାତ୍ର କହୁଛି କ'ଣ ନା, ଅଫିସ୍ ଟିକିଏ ଦୁଇଘଣ୍ଟା ପାଇଁ ଆସନ୍ତୁ । ଅଳ୍ପ କାମ ଅଛି ସାରିଦେବା । ଏଇଠି ଲଞ୍ଚ କରିବା । ଶଳା, କାମ ମୁଁ କରିବି ତା'ର ପ୍ରମୋସନ୍ ହେବ । ଇନ୍‌କ୍ରିମେଣ୍ଟ ହେବ । ମୁଁ ତ ସେହି ମାଧିଆ ହୋଇ ବସିଥିବି । ତା'ର ପିଲାଛୁଆ ବେଙ୍ଗାଲୁରରେ । ମୁଁ ପିଲାଙ୍କୁ ନେଇ ଟିକିଏ Nicco Parkବୁଲିବାକୁ ଆସିଛି । ମୁଁ ଫୋନ୍ Switch off କରିଛି । ତୋତେ ପଚାରିଲେ ତୁ କହିବୁ ତୁ ଜାଣିନୁ । ଫାର୍ମ ଦେଖି ସାରି ଘରକୁ ଫେରିଲୁ ।

ଘରେ T.V. ଆଗରେ ବସି ବିଭିନ୍ନ ସ୍ୱରରେ ବନ୍ଦେ ମାତରମ ଗୀତ ଶୁଣିଲୁ । ଦେଶାତ୍ମବୋଧ ଫିଲ୍ମ ଦେଖିଲୁ । ପୁଅ ମଟନ ଆଣିଥିଲା । ରୋଷେଇବାଲୀ ଚାକରାଣୀ ଆସି ନଥିଲା । ତା'ବଡ଼ ଭିଣୋଇ ସହିତ 'ତୋ ଅଗଣାରେ ମୁଁ ତୁଳସୀ' ଦେଖିବାକୁ ଚଣ୍ଡୀଖୋଲ ଯାଇଥିଲା । ତେଣୁ ମୋ ପୁଅ ଓ ପାଖଘରର ଏକ ପୁଅ ରୋଷେଇ ଶାଳରେ ପଶି 'ମିସନ୍ ମଟନ' ଆରମ୍ଭ କଲେ । ସେମାନେ ଝାଳ ନାଳ ହୋଇ ଝୋଳ ତିଆରି କଲେ । ସମସ୍ତେ ଖାଇଲାବେଳେ ଅନ୍ୟକୁ ଅନାଇ ଅଳ୍ପ ଅଳ୍ପ ହସି କହୁଥିଲେ - ବଢ଼ିଆ ହୋଇଛି, ଝୋଳ ଟେଷ୍ଟ ବି ବଢ଼ିଆ ।

ଖିଆପିଆ ସାରି ମୁଁ T.V.ଆଡ଼କୁ ଅନାଇଲି । ଜଣେ କିଏ କହୁଥିଲା - ଆମେ ଭାରତୀୟ । ତେଣୁ ଆମେ ଗର୍ବିତ । ମୁଁ ଭାବୁଥିଲି - ଲାଉଲଇ ତ ଭାରତରେ । ଏମାନେ ବି ଭାରତୀୟ । ମୁଁ ବି ଭାରତୀୟ । ସତରେ କ'ଣ ଆମେ ଗର୍ବିତ । ଏହା କଥା ଭାବୁ ଭାବୁ ନିଦଲାଗି ଯାଇଥିଲା । ନିଦଭାଙ୍ଗିଲାବେଳକୁ ଜାନୁୟାରୀ ୨୭ ତାରିଖ ହୋଇସାରିଥିଲା ।

୪୯/୫/ଏବ୍, ୫୫, କାର୍ଲମାକ୍ସ ସରଣୀ
ଖିଦିରପୁର, କୋଲକାତା-୭୦୦
ମୋ. ନଂ- ୯୮୮୩୩୦୫୬୦୦

***

With Best Compliments from :

SPEED KING SERVICES

147, Rajendra Place, Rajendra Bhawan, New Delhi-110008,
Ph:01125742414, M:9818132244

# ନେପଥ୍ୟ ଲୀଳା

ରସରାଜ ଭିକାରୀ ରଥ

ମହାମନ୍ତ୍ରୀ ନିକିମାନନ୍ଦ ଗୁରୁ ଦ୍ୱାରବନ୍ଧ ଅତିକ୍ରମ କଲାବେଳକୁ ନି.ନ (ଏହାକୁ ନିଦଓ ନିଶା ବଦଳରେ ନିତ୍ୟ ନିରାଜନା ବୋଲି ବୁଝିବା ଅଧିକ ସମ୍ମାନଜନକ ହେବ।) ପ୍ରଭାବରେ ତାଙ୍କର ଶ୍ରୀମୁଖ କଇଁଥା ବି.ଟି. ବାଇଗଣ ପରି ଦିଶୁଥିଲା। ବଡ଼ ଦେଉଳର ବଡ଼ ସିଂହାରୀଙ୍କ ପରି କକ୍ଷ ବାହାରେ ଦଣ୍ଡାୟମାନ ଥିଲେ। ନିକିମାନନ୍ଦଙ୍କର ପ୍ରିୟ ସଙ୍ଗୀ/ସହଚର/ସଚିବ/ସହକାରୀ ସତ୍ୟାପ୍ରକାଶ। ଆପଣ ଏଇ ନାମଟି ପଢ଼ିବା ବେଳେ ହଠାତ୍ ଭାବିନେବେ ଏହା ଏକ ମୁଦ୍ରଣଜନିତ ତ୍ରୁଟି। ନା, ସେମିତି କିଛି ମୋଟେ ନୁହେଁ। ପିଲାଟି ଦିନରୁ ସତ୍ୟକୁ ଅପ୍ରକାଶ ରଖିବାର ମହାନ୍ ପ୍ରତିଭା-ଯାହା ତାଙ୍କୁ ଭବିଷ୍ୟତରେ ନେତା ମନ୍ତ୍ରୀ ତିଆରି କରିବାରେ ଧୁରନ୍ଧର ଚାଣକ୍ୟ ଅବତାର କରିପାରିଛି - ତାଙ୍କଠାରେ ଆବିଷ୍କୃତ ହୋଇଥିଲା। ଏମିତି ବି ବାହାର ଲୋକମାନେ (ସେଇମାନେ କଲେଜ୍‌କୁ କାଲେଜ୍ ଓ କପିକୁ କାପି ଇତ୍ୟାଦି କହିଥାନ୍ତି।) ମହାପାତ୍ରଙ୍କୁ ମହାପାତ୍ରା, ରଥଙ୍କୁ ରଥା, ମହାରଣାଙ୍କୁ ମହାରାଣା ଆଦି କହନ୍ତି। ସେମାନେ ଏହି ବ୍ୟକ୍ତିଗତ ସଚିବଙ୍କୁ ସତ୍ୟାପ୍ରକାଶ ହିଁ ସମ୍ବୋଧନ କରିଥାନ୍ତି।

ଆଉ ଆଠ ଦଶ ମାସ ପରେ ରାଜ୍ୟରେ ଭୋଟ। ପ୍ରଥମ ପାଞ୍ଚବର୍ଷ ଜାତିଗୋତ୍ରକୁ ଆଳ କରି ଭୋଟ ପାଇଗଲେ। ତାହାପରେ ପାଞ୍ଚବର୍ଷ ଧର୍ମ ସଂପ୍ରଦାୟର ଆଳରେ ଆରାମରେ କଟିଗଲା। ତାଙ୍କ ଦଳର ସଂକେତ ହେଲା -ଛୁରୀ। ରାଜ୍ୟ ସାରା ସରକାରୀ ଖର୍ଚ୍ଚରେ ମାର୍ବଲରେ ବଡ଼ ବଡ଼ ଛୁରୀ ମାର୍କା ତୋରଣ ତିଆରି ହେଲା। ଦୁଇ ମୁଣ୍ଡରେ ଦୁଇଟି ସୁଇଜ ଛୁରୀ ଓ ଦୁଇମୁଣ୍ଡ ଉପରେ ଶୋଇଥିବ ଏକ ବିରାଟ ଛୁରୀ। ସହର ସୌନ୍ଦର୍ଯ୍ୟକରଣ ନାମରେ ଦଳର ନିର୍ବାଚନ ସଂକେତ ସବୁଠାରେ ଦେଖିବାକୁ ମିଳିଲା।

ସବୁଠାରେ ବଡ଼ ଅସୁବିଧା ହେଲା, ଦଳୀୟ କର୍ମୀମାନଙ୍କୁ ବଡ଼ ବଡ଼ ଛୁରୀ ପ୍ରଚାର ପାଇଁ ଦିଆଗଲା। ସେମାନେ ବୁଲି ବୁଲି ଲୋକଙ୍କୁ ଛୁରୀ ଦେଖାଇଲେ। ଦେଖାଇ ଦେଖାଇ ଯଦି କାହା ପେଟରେ ବା ଛାତିରେ ପଶିଗଲା, ସେଥିରେ ସେମାନଙ୍କର ଦୋଷ କ'ଣ? ମଲାଲୋକର ଟଙ୍କା, ସୁନା ଇତ୍ୟାଦି କେଉଁ କାମରେ ଲାଗିବ ବରଂ ମଦଶିଳ୍ପ (ଯେଉଁଥିରେ ସରକାର ସବୁଠାରୁ ବେଶୀ ରାଜସ୍ୱ ପାଆନ୍ତି) ଏବଂ ହୋଟେଲ ଶିଳ୍ପ (ଯହିଁରୁ ସର୍ବାଧିକ ସେବା ମିଳିଥାଏ)ର ଉନ୍ନତି ପାଇଁ କର୍ମୀମାନେ ମଲା ଲୋକର ପକେଟ୍ ଅଣ୍ଡାଳି ସବୁ ନେଇ ଯାଆନ୍ତି।

ବୋକା ଓ ଭୋଳା ଜନତାଙ୍କ ମୁଣ୍ଡରେ ଏବେ କିଛି କିଛି ବୁଦ୍ଧି ପଶିଲାଣି। ସେଥିପାଇଁ ସତ୍ୟାପ୍ରକାଶ ଘୋର ଚିନ୍ତିତ। ନିକିମାନନ୍ଦ ସିନା ଫୁର୍ କିନା ଉଡ଼ି କେଉଁ ବାହାର ଦେଶକୁ ପଳାଇବେ ଓ



ସୁଇସ୍ ବ୍ୟାଙ୍କରେ ଗଚ୍ଛିତ ଟଙ୍କାରେ ଅୟସରେ ଚଳିବେ। ତାଙ୍କର ବେଉସା କେମିତି ଚଳିବ? ଯାହାବା ଧନ ଏଠି ସେଠି ଯାତାନାଆଁରେ ରଖିଛନ୍ତି, ସେଥିରେ ନାତି ଟୋକାଟା ଯେ ରାଜାପୁଅ ପରି ଚଳି ପାରିବ, ତାହାର ଗ୍ୟାରେଣ୍ଟି ନାହିଁ।

ଉଭୟେ ବୈଠକଖାନାରେ ବସି ସକାଳର ଚ଼'ପିଉ ପିଉ ମହାମନ୍ତ୍ରୀ ନିକିମାନନ୍ଦ ଚରଠାରୁ ପ୍ରାପ୍ତ ସଦ୍ୟ ସମ୍ବାଦଚୁମ୍ବକରେ ସତ୍ୟାପ୍ରକାଶଙ୍କ ଆଗରେ ବ୍ୟକ୍ତ କଲେ। ଶଙ୍କିତ କଣ୍ଠରେ କହିଲେ - "ଏଥର ଆମର ଡଙ୍ଗା ବୁଡ଼ିବା ଭଳି ଲାଗୁଛି।"

ଶ୍ରୀକୃଷ୍ଣ ମାର୍କା ହସ ଟିକେ ଅଧର ଯୁଗଳରେ ଖେଳାଇ ସତ୍ୟାପ୍ରକାଶ କହିଲେ - "ଏଥିକୁ ଚିନ୍ତା ନାହିଁ? ଏଥର ଆମେ ରାଜ୍ୟରେ ସର୍ବାଙ୍ଗୀନ ଉନ୍ନତି ସହିତ ବେକାରୀ ସମସ୍ୟା ଦୂରୀକରଣ ପାଇଁ ପ୍ରତିଶ୍ରୁତି ଦେବା।"

"ଲୋକ ବିଶ୍ୱାସ କରିବେ ତ ...?" ଦୀର୍ଘଶ୍ୱାସ ଛାଡ଼ିଲେ ମହାମନ୍ତ୍ରୀ।

"ତାଙ୍କର ବାପା ମଧ୍ୟ ବିଶ୍ୱାସ କରିବେ।" ଦୃଢ଼ତାର ସହିତ କହିଲେ ବ୍ୟକ୍ତିଗତ ସଚିବ। "ଆମେ ଖବରକାଗଜ ଓ ଟେଲିଭିଜନ୍‌ରେ ରାସ୍ତାଠାରୁ ଜଙ୍ଗଲ, ଇନ୍ଦିରା ଆବାସଠାରୁ ଆକାଶଚୁମ୍ବି ଅଟ୍ଟାଳିକା, ଶଗଡ଼ଠାରୁ ବ୍ୟୋମଜାନ ପର୍ଯ୍ୟନ୍ତ ସବୁଠି ଦେଖାଇବା, ସବୁଠାରେ ଆପଣଙ୍କର ଉପସ୍ଥିତି ଓ ଅବଦାନ ଅଛି ବୋଲି ଦର୍ଶାଇବା। ସରକାରଙ୍କ ପ୍ରଚାର ବିଭାଗରୁ ଏଇ ବିଜ୍ଞାପନମାନ ଦିଆଯିବ। ପାଞ୍ଚଶହ ବା ହଜାର କୋଟି ଟଙ୍କା ଖର୍ଚ୍ଚ ହେଲେ ଆପତ୍ତି ନାହିଁ। ଜନତାର ଧନରେ ଆମର ବିଜ୍ଞାପନ ହୋଇଯିବ। ଏମିତିକି ସୂର୍ଯ୍ୟ-ଚନ୍ଦ୍ର ଆପଣଙ୍କର ଅବଦାନ ବୋଲି କହିବା।"

"ହେଃ। ଅତି ବାହାପିଆ କଥା ହୋଇଯିବ। ଏଇଟା ତୁମେ ଲୋକଙ୍କୁ କେମିତି ବୁଝାଇବ?" ମହାମନ୍ତ୍ରୀ ହସିଦେଲେ।

ସତ୍ୟାପ୍ରକାଶ ନଛୋଡ଼ବନ୍ଧା, "ଆମେ କହିବା, କଳ କାରଖାନାର ଧୂଆଁରେ ଆଗରୁ ସୂର୍ଯ୍ୟ-ଚନ୍ଦ୍ର ଦେଖାଯାଉ ନଥିଲେ। ଆପଣ ପରିବେଶ ପ୍ରତି ଧ୍ୟାନ ଦେବାରୁ ଆକାଶ ଧୂଆଁମୁକ୍ତ ହେଲା ଓ ଲୋକେ ସୂର୍ଯ୍ୟ-ଚନ୍ଦ୍ର ଦେଖି ପାରିଲେ।"

"ଆମ କର୍ମୀଙ୍କ ଯୋଗୁ ବେଶୀ ଝାମେଲା। ଗୁଡ଼ାଏ ଲୋକ ଛୁରୀମାଡ଼ରେ ମଲେଣି। ଆଇନ୍ ଶୃଂଙ୍ଖଳା ବ୍ୟାପାରଟାକୁ ଏଥର ବିରୋଧି ଦଳ ଇସ୍ୟୁ କରିପାରନ୍ତି।" ମହାମନ୍ତ୍ରୀ ଆଶଙ୍କା ବ୍ୟକ୍ତ କଲେ।

"ଆପଣ ଗୋଟିଏ ସାମ୍ବାଦିକ ସମ୍ମିଳନୀ ଡକାନ୍ତୁ। ସେଠି କହିବେ, ଏସବୁ ବିରୋଧିଦଳଙ୍କର କାରସାଦି। ଆମ ଦଳର ପ୍ରଚାର ପାଇଁ ଆମେ ଯେଉଁ କଂପାନୀକୁ ଛୁରୀ ଯୋଗାଇବା ପାଇଁ ବରାଦକରିଥିଲୁ, ବିରୋଧି ସେଠି ଲୋକ ପୁରାଇ ଛୁରୀଗୁଡ଼ାକୁ ଦାଜୁଆ ଓ ମୁନିଆ କରିଦେଇଛନ୍ତି।" ନହେଲେ କହିବା, ପାକିସ୍ତାନୀ ଆଇ.ଏସ୍.ଆଇ. ଦଳ ଛୁରୀ ପେଟିକୁ ଅଦଳ ବଦଳ କରିଦେଇଛନ୍ତି।

"ନା, ତୁମର ପ୍ରଥମ ଯୁକ୍ତିଟା କାମ ଦେବ।" ସ୍ୱୀକୃତି ସୂଚକ ମୁଣ୍ଡ ହଲାଇଲେ ମହାମନ୍ତ୍ରୀ। ସବୁଠାରୁ ବଡ଼ ସମସ୍ୟା ହେଲା ନିର୍ବାଚନ ପାଇଁ ଅର୍ଥ। କଳାଟଙ୍କା ଧରପଗଡ଼ ଦେଖି ସବୁଅର୍ଥ ବିଦେଶୀ ବ୍ୟାଙ୍କରେ ରଖିଦେଲି। ହାୱାଲା ବାଟରେ ଟଙ୍କା ଆଣିବା ଏବେ ଏତେଟା ସହଜ ନୁହେଁ। ଭୋଟ୍ ପିଛା ଦଶହଜାର ବଜେଟ୍ କଲେ, ଏତେ ଟଙ୍କା ଆଣିବା କେଉଁଠୁ ?"

ସତ୍ୟାପ୍ରକାଶ ବୁଝାଇଲେ, "ଏଇଠିକା ଟଙ୍କା ଏଇଠି ଖର୍ଚ୍ଚ ହେବ, ବାହାର ଜମା ଟଙ୍କାରେ ହାତ ମାରିବା କିଆଁ ? ବେକାରୀ ଦୂରୀକରଣ ପାଇଁ ଶିଳ୍ପ ପ୍ରତିଷ୍ଠା ନାମରେ ଚାଷ ଜମି ଅଧିଗ୍ରହଣ କରିବା। ପରେ ତାକୁ ବିଲ୍ଡ଼ର୍‌ମାନଙ୍କୁ ପାଞ୍ଚଗୁଣ ଦାମ୍‌ରେ ବିକିଦେବା। ସରକାରୀ ଧନ ସରକାରୀ କୋଷକୁ ଫେରାଇ ଦେବା। ବାକି ତକ ଆମର ପାଣ୍ଠି। ଆମ ପାଣ୍ଠିଟା ଟଙ୍କାମାଳ ଆକାରରେ ନେବା। କେବଳ ହଜାର ଟଙ୍କିଆ ନୋଟ୍‌ର କୋଡ଼ିଏ ଫୁଟିଆ କୁଣ୍ଢମୋଟମାଳ ଦେବାକୁ କହିଦେବା। ଏ ଟଙ୍କାର ନା ଅଡ଼ିଟ୍ ହେବ, ନା ଆୟକର ଦେବାକୁ ପଡ଼ିବ।" ଟିକିଏ ଦମ୍ ନେଇ ସତ୍ୟାପ୍ରକାଶ କହିଲେ, "ଯିଏ ଆପଣଙ୍କୁ ସଭାରେ ସୁନାମୁକୁଟ ପିନ୍ଧାଇବ ଓ ଦଳୀୟ ପାଣ୍ଠିକୁ ଅନ୍ୟୁନ ପଚାଶ ଲକ୍ଷ ଟଙ୍କା ଦେବ, ତାକୁ ବିଧାନ ସଭା ପାଇଁ ଟିକେଟ ଦିଆଯିବ। ଏମିତି ପ୍ରକାରେ ସରପଞ୍ଚ ପଦବୀ ପର୍ଯ୍ୟନ୍ତ ଅଲଗା ଅଲଗା ଭିତିର ନିୟମ ରଖିଦେବା।"

ମହାମନ୍ତ୍ରୀ ଉତ୍‌ଫୁଲ୍ଲିତ ଦେଖାଦେଲେ। ପ୍ରଶଂସାପୂର୍ଣ୍ଣ ଭାଷାରେ କହିଲେ, ମାହାଳିଆ କ'ଣ ତୁମେ ଚାଣକ୍ୟ ବୋଲାଉଛ ? ତୁମ ଲେଖା କାଗଜକୁ, ସଭା-ସମିତି, ସାମ୍ବାଦିକ ସମ୍ମିଳନୀରେ ପଢ଼ି ପଢ଼ି ଆଜି ମୁଁ ଏଠି ପହଞ୍ଚିଛି। ସତରେ ତୁମ ଲେଖା ଖାଲି ତୁଣ୍ଡରେ କେଉଁଠି ପଦେକଥା କହିବାକୁ ମୋ ପାଟି ଖନି ମାରିଯାଏ। ଆଗକୁ ତୁମ ଯୋଜନା ଅନୁସାରେ ଯାହା ଆସିବ, ସେଥିରୁ ଦଶ ପର୍ସେଣ୍ଟ ତୁମର ବୋଲି ଏବେଠାରୁ ଧରିନିଅ। ଯଦି ଅଧିକ କିଛି ଆଶା କରୁଛ, ଆମ କର୍ମୀମାନଙ୍କୁ କହିଦିଅ, ସେମାନେ ପ୍ରଚାର ମାଧ୍ୟମରେ ଯାହା ରୋଜଗାର କରୁଛନ୍ତି, ସେଥିର ପଚିଶ ପ୍ରତିଶତ ଦଳୀୟ ପାଣ୍ଠିକୁ ଦିଅନ୍ତୁ। ମଣିଷମରା ଛାଡ଼ି ବରଂ ଅପହରଣରେ ମନ ଦିଅନ୍ତୁ। ସେଥିରେ ଅଧିକ ରୋଜଗାର। ଯଦି ଆମ ପ୍ରାପ୍ୟ ନ ଦିଅନ୍ତି, ପୋଲିସ୍ ଝାମେଲା ହେଲେ ଆମେ ପିଠିରେ ପଡ଼ିବୁ ନାହିଁ।

ସତ୍ୟାପ୍ରକାଶ ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ - "ଏଇଟା ଚମତ୍କାର ଆଇଡ଼ିଆ। ଏହାଦ୍ୱାରା ଆମର ଡର୍ଜନେ ବିଲାତି କୁକୁରଙ୍କର ଖର୍ଚ୍ଚ ସହିତ ଯେଉଁ ବିଦେଶୀ ଗୋରୀ ମହିଳାମାନେ ଆମର ମନୋରଂଜନ କରୁଛନ୍ତି, ସେମାନଙ୍କ ଖର୍ଚ୍ଚ ମଧ୍ୟ ଉଠିଯିବ।"

ଏତିକିରେ ପ୍ରାତଃକାଳୀନ ମନ୍ତ୍ରୀ-ସଚିବ ଘରୋଇ ଆସର ସାଙ୍ଗ ହେଲା। ପୁନଶ୍ଚ, ସେମାନଙ୍କର କିଛି ଆଲୋଚନା ଆମ୍ଭ କର୍ଣ୍ଣଗୋଚର ହେଲେ ମୁକ୍ତବୃତ୍ତ ସମ୍ବାଦିକ ଭାବରେ ଆମ୍ଭେ ତାହା ଆପଣଙ୍କ ଆଗରେ ପ୍ରକାଶ କରିବୁ।

ସ୍ୱତନ୍ତ୍ର ପ୍ରତିନିଧି 'ସାପ୍ତାହିକ ନିଆଖୁଣ୍ଟା',
ଫ୍ଲାଟ୍ ନଂ. ୧୬, ଧରମ୍‌ପାଲ୍ କଂପ୍ଲେକ୍ସ,
ମହିପାଲପୁର (ସବ୍‌ଜିମଣ୍ଡି ନିକଟ),
ନୂଆଦିଲ୍ଲୀ-୧୧୦୦୩୭
ମୋ. ୦୯୯୯୦୬୯୮୦୦୩

***With Best Compliments from :***

**OM Prakash Goel**

ରମ୍ୟରଚନା

# ରଢି ପ୍ରୟୋଗ
# ସ୍ୱଦେଶେ ପୂଜ୍ୟତେ ରାଜା...

ଶ୍ରୀଯୁକ୍ତ ସତ୍ୟାନାଶ



"ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ।"

ଶ୍ଳୋକଟିର ପ୍ରଥମ ଧାଡି ଯେ ଆମ୍ଭଙ୍କୁ ଅବଗତ ନାହିଁ ବା ବିସ୍ମରଣ ଘଟିଯାଇଛି ଏହା ନୁହେଁ । ଅସଲକଥା ହେଲା ଯଦି ନକହିଲେ ବି ସମସ୍ତେ ମନେ ପକେଇ ପାରୁଛନ୍ତି କହିକି ସମୟ କାଗଜ ମୁଣ୍ଡ ଖର୍ଚ୍ଚ କରିବାର କିବା ପ୍ରୟୋଜନ ? ଧୋନି କହିଲେ ଯେମିତି ସମସ୍ତେ ଜାଣନ୍ତି ମହେନ୍ଦ୍ର, ଅଟଳ କହିଲେ ଜାଣନ୍ତି ଅଟଳ ବିହାରୀ ବାଜପେୟୀ। ଅବିକଳ "ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ" କହିଲେ ସମସ୍ତେ ପୂରା ଶ୍ଳୋକଟି ମନେ ପକେଇଦେବେ।

ପାଞ୍ଚଜଣଙ୍କୁ ଶ୍ଳୋକଟିର ଅର୍ଥ ପଚାରିଲି। କଥାବାର୍ତ୍ତା ହେଲାପରି ସମସ୍ତେ ଗୋଟିଏ ଉତ୍ତର ଦେଲେ - ଜଣାନା...ରାଜା ସିନା ନିଜ ଦେଶରେ ପୂଜାପାଏ, ବିଦ୍ୱାନ୍ ବ୍ୟକ୍ତି ସବୁଠି ପୂଜାପାଏ। ଆଶ୍ଚର୍ଯ୍ୟ ଆଉ ମର୍ମାହତ ହେଲି। ସମୟ ସାଙ୍ଗରେ ଏଗୁଡ଼ାକର ମତିଗତି ବଦଳୁନି। କିରେ ସେତେବେଳେ ମାନେ ଲେଖକ ଚାଣକ୍ୟଙ୍କ ସମୟରେ ସିନା ରାଜା ଚନ୍ଦ୍ରଗୁପ୍ତ ଥିଲେ; ଏବେ କଣ ରାଜା ଅଛନ୍ତି ।ରାଜା ବୋଲି କହିଲେ ଏବେ ଆମେ ରାଜା ଆଚାର୍ଯ୍ୟ, ଏ. ରାଜା ଇତ୍ୟାଦିଙ୍କୁ ଜାଣୁ। ହେଲେ ସେମାନେ କଣ ପ୍ରକୃତରେ ରାଜା ? ନା...ଏବେର ପ୍ରକୃତ ରାଜା ହେଉଛନ୍ତି ମନ୍ତ୍ରୀ।

ଅତଏବ ରାଜା ଜାଗାରେ ମନ୍ତ୍ରୀଙ୍କୁ ଥୋଇ ଅର୍ଥ କରିବା । ସ୍ୱଦେଶେ ପୂଜ୍ୟତେ ରାଜା... । ମନ୍ତ୍ରୀଙ୍କର ଦେଶ ପୁଣି କୋଉଟା ? ମନ୍ତ୍ରୀ, ଏମେଲେ ଓ ଏମ୍ପିଙ୍କ ଦେଶ କହିଲେ ତାଙ୍କ ନିର୍ବାଚନ ମଣ୍ଡଳୀ; ଓଡ଼ିଶା କିମ୍ବା ଭାରତକୁ ବୁଝିବା । ତେବେ ଅର୍ଥଟା ଏହିପରି ହେବ -ମନ୍ତ୍ରୀ ତାଙ୍କ ନିର୍ବାଚନ ମଣ୍ଡଳୀରେ ପୂଜାପାନ୍ତି । କଥାଟି ୫୦% ମିଛ । ଆଜିକାଲି ଯିଏ ବି ଏମଏଲେ କି ମନ୍ତ୍ରୀ ହଉଛନ୍ତି : ଲୋକ ସମର୍ଥନ ବଳରେ ନୁହଁ; ବରଂ ରାତି ଅଧିଆ ନୋଟ୍, ମଦପାଣି, ଭୋଟିଂମେସିନ୍ ଜାଲିଆତି ବଳରେ। ସବୁ ଏମେଲେ ଆଉ ମନ୍ତ୍ରୀଙ୍କର ବିରୋଧିଦଳ ଅଛନ୍ତି । ମନ୍ତ୍ରୀ ତାଙ୍କ ନିର୍ବାଚନ ମଣ୍ଡଳୀକୁ ଗସ୍ତ କଲାବେଳେ ପୂଜା କରିବାତ ଦୂରରେ କଥା ବରଂ ଅମୁକ ମନ୍ତ୍ରୀ ମୁର୍ଦ୍ଦାବାଦ୍, ସମୁକ ମନ୍ତ୍ରୀ ହାଏ ହାଏ ରଡ଼ି କରିବା ସଂଗେ ସଂଗେ କଳା ପତାକା ହଲାନ୍ତି । ବେଳେ ବେଳେ ମନ୍ତ୍ରୀ ପ୍ରାଣ ବିକଳରେ ପଳାୟନ କରିବାର ନଜିର ରହିଚି।

ସାଧାରଣ ଏମେଲେ ବା ମନ୍ତ୍ରୀ କଥା ଛାଡି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କଥା ବିଚାରକୁ ନିଆଯାଉ । ମୁଖ୍ୟମନ୍ତ୍ରୀ ରାଜ୍ୟର ରାଜା । ସେ ଆପଣା ରାଜ୍ୟରେ ପୂଜା ପାଇବା କଥା। ପାଉଛନ୍ତି କି ? କେମିତି ପାଉଛନ୍ତି ଭୁବନେଶ୍ୱରର ପିଏମ୍‌ଜି ଛକପାଖକୁ ଆସିଲେ ଜାଣିପାରିବେ। ସବୁଦିନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାଇକି ଲଗେଇ କିଳିକିଳା ରଡି। ଅଧିକାଂଶ ଦିନ ମୁଖ୍ୟମନ୍ତ୍ରୀଙ୍କ ନାଁରେ ନଡ଼ାମୂର୍ତ୍ତି ତିଆରି କରି ତାହାକୁ ଚପଲମାଳ ପିନ୍ଧେଇବା; ପିଚାରେ ନିଆଁ ଚେଙ୍ଗିବା; ତଳେ ପକେଇ ଗୋଇଠା ମାରିବା କାମ ଚାଲିଛି ।

ଆପଣ କହିବେ...କିହୋ ନଡ଼ାମୂର୍ତ୍ତିକୁ ଗୋଇଠା ମାରିଲେ କଣ ମୁଖ୍ୟମନ୍ତ୍ରୀଙ୍କୁ କାଟୁଚି ?ଆମ୍ଭ ମତରେ... ହଁ ନିଶ୍ଚୟ କାଟୁଚି । ନହେଲେ ଯୋଉମାନେ ନଡାମୂର୍ତ୍ତିରେ ନିଆଚେଙ୍ଗନ୍ତି ପୁଲିସ୍ ମାମୁଁମାନେ ତାଙ୍କ ଉପରେ ପାହାର ବସାନ୍ତି କାହିଁକି ? କାରଣ ସେମାନେ ଚାହାନ୍ତି ଯେ ତାଙ୍କ ସାର୍‌ଙ୍କୁ କଷ୍ଟ ନହେଉ । ଆନ୍ଦୋଳନକାରୀମାନେ ସାମନାରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କୁ ପାଇଲେ ନିଶ୍ଚୟ ସେଇ ଚପଲପିନ୍ଧା, ଗୋଇଠାମରା, ନିଆଁଚେଙ୍ଗା ଅବସ୍ଥା କରନ୍ତେ । ଖାସ୍ ସେଇ ଭୟରେ ତ ମୁଖ୍ୟମନ୍ତ୍ରୀ ନିଜ ଚାରିପାଖରେ ପୁଲିସ୍ ଜଗେଇଥାନ୍ତି। ଯିବା ଆସିବା କଲାବେଳେ ସାଙ୍ଗରେ ପୁଲିସ୍, ଆମ୍ବୁଲାନ୍ସ ଆଉ ଦମକଳ ଧରି ବୁଲୁଥାନ୍ତି । କିଏ ଜାଣେ କେତେବେଳେ କଣ ଘଟିବ !

ଆଛା...ୟାକୁ ଛାଡ଼ି ପାଦର ଦ୍ୱିତୀୟ ଭାଗକୁ ଆସିବା । କଣାନା - ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ । ବିଦ୍ୱାନ୍ କହିଲେ ସାଧାରଣତଃ କବି ବା ଲେଖକଙ୍କୁ ବୁଝାଏ । ଆଜିକାଲି କବିଙ୍କର ଯୋଉ ଅବସ୍ଥା....ଯୋଉଠିକି ଗଲେ ଛେଇ ଛେଇ ମାର୍ ମାର୍ । ଅବଶ୍ୟ କବିକୁଳ ଏହା ନିଜେ ନିଜେ ଅର୍ଜିଛନ୍ତି । କିଏ ଜଣେ ଟେଳାଏ ପକେଇ କଣ ୟାଡୁ ସ୍ୟାଡୁ ଥରେ ଲେଖିଦେଲା ଯେ ଅନ୍ୟମାନେ ଏଇଟା ଆଧୁନିକ ଆଧୁନିକ କହି ତା ଲାଙ୍ଗୁଡ଼ ଧରିଲେ । ଶେଷକୁ ବିଲଟାଯାକ ବାଲୁଙ୍ଗା । ବାଲୁଙ୍ଗାକୁ କଣ କିଏ ଅମଳ କରିକି ତୋଲିରେ ପୂରେଇବ ? ତେଣୁ ବିଦ୍ୱାନ୍ କବିକୁଳ ଦେଶବିଦେଶରେ ପୂଜା ପାଇବା ତ ଦୂରର କଥା ନିଜ ଘର ଲୋକେ ବି ତାଙ୍କୁ ଘରବୁଡା, ବେକାରିଆ ବୋଲି ବିଚାର କରନ୍ତି । ଫଳରେ ଯଦି କୌଣସି କବିତା ଲେଖୁଥିବା ଏବଂ ପିଅନ୍ ଚାକିରୀ କରିଥିବା ଲୋକକୁ ପରିଚୟ ପଚରାଯାଏ, ସେ ନିଜକୁ କବି ବୋଲି ନକହି କହେ.... ମୁଁ ଅମୁକ ଅଫିସ୍‌ରେ ପିଅନ ଅଛି। ଅତଏବ ଆପଣମାନେ କହନ୍ତୁ....ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ କହିବା ଠିକ୍ କି ?

ଆଉ ଗୋଟେ କଥା - ସବୁ ବିଦ୍ୱାନ୍ ସିନା ମନ୍ତ୍ରୀ ହେଇପାରନ୍ତିନି;

କିନ୍ତୁ ସବୁ ମନ୍ତ୍ରୀ ଜଣେ ଜଣେ ବିଦ୍ୱାନ୍ ନିଶ୍ଚୟ । ତେଣୁ ମନ୍ତ୍ରୀଙ୍କ କ୍ଷେତ୍ରରେ ଯେହେତୁ ଏହା ଭୁଲ୍ ପ୍ରମାଣିତ ହୋଇସାରିଛି; ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ ଉକ୍ତିଟି ସଂପୂର୍ଣ୍ଣ ମିଥ୍ୟା ।

ଆମ୍ଭେ ଭାବୁଛୁ - ଚାଣକ୍ୟ ଏତେବଡ଼ ଜ୍ଞାନୀ ହେଇ ଏଭିଳି ଭୁଲ୍ ଲେଖି ନଥିବେ । ସବୁ ଲେଖା ଏ ପ୍ରେସ୍‌ବାଲାଙ୍କ ଗଡଚଡ । ପ୍ରକୃତ ଶ୍ଳୋକ ଏହିପରି ଥିବ - ସ୍ୱଦେଶେ ପୂଜ୍ୟତେ । ସାନ ପିଲାଟିକୁ ଦେଲେ ବି ସେ ଏହାର ଅର୍ଥ କହିଦେଇ ପାରିବ ଯେ ରାଜା....ମାନେ ମନ୍ତ୍ରୀ ଟା ଏମେଲେ ସ୍ୱଦେଶେ ଅର୍ଥାତ୍ ଦେଶୀମାଲ୍‌ରେ (ମହୁଲି, ଚାଉଳି, ଆସିକା ଫଟି) ପୂଜିତ ଅର୍ଥାତ୍ ସେବିତ ହେଇଥାନ୍ତି ଏବଂ ବିଦ୍ୱାନ୍...ମାନେ କବିମାନେ ସର୍ବତ୍ (କୋକାକୋଲା, ଫ୍ରୁଟି, ଭାଙ୍ଗପଣା କିମ୍ବା ଅତିବେଶିରେ ବିୟର )ରେ ସନ୍ତୁଷ୍ଟ ହେଇଥାନ୍ତି ।

ଅତଏବ ମନ୍ତ୍ରୀଙ୍କ ସାଙ୍ଗରେ କବି କଦାପି ସମାନ ନୁହେଁ । ସମାନ ତ ଦୂରର କଥା ମନ୍ତ୍ରୀଙ୍କ ପାଦଧୂଳିକି କବି ସରି ନୁହନ୍ତି ।

**ରୁଢ଼ି ସଂଶୋଧନ**

## ଚାକିରୀ କରିବ ମନ୍ତ୍ରୀରୀ...

ସୁଜ୍ଞଜନେ! କାନ ଉଠିବା ଦିନୁ ଆପଣମାନେ ଶୁଣିଆସୁଥିବେ - ଚାକିରୀ କରିବ ପୁଲିସି, ମାଛ ଖାଇବ ଇଲିଶି ।

ହେଲେ ଗୀତଟି କୋଉ ମୁନିଋଷି ବା ମହାପୁରୁଷଙ୍କ ଅମରବାଣୀ କହିପାରିବେ ? ବୋଧେ କହିପାରିବେନି । ମୁଁ ମଧ ଅନେକ ପୁରାଣଶାସ୍ତ୍ର ଦରାଣ୍ଡିବା ପରେ ଶଂଶିତ ଗୀତଟିର ରଚୟିତା କିଏ ଏଯାବତ୍ ଜାଣିପାରିନାହିଁ । କିନ୍ତୁ କଥାର ସତ୍ୟତା ପରୀକ୍ଷା କରିବା ପାଇଁ ଅନେକ ପୁଲିସିଙ୍କ ସହିତ ମିତ ବସିଚି, ଠିକ୍ ଭୋଜନବେଳରେ ତାଙ୍କ ଘରକୁ ଯାଇଚି । ପୁଲିସିବନ୍ଧୁ ପଚାରିବା ପୂର୍ବରୁ ମୁଁ କିଛି ଖାଇନାହିଁ ବୋଲି ଶୁଣେଇ ମତେ ଭୋଜନରେ ସାମିଲ୍ କରିବାକୁ ବାଧ କରେଇଚି । ହେଲେ ଭୋଜନ ଥାଳିରେ ଭାତ, ଡାଲି, କୋବି ତରକାରୀ, ଭେଣ୍ଡିଆଳୁ ଭଜା ସାଙ୍ଗରେ ଇଲିଶିମାଛ ଖଣ୍ଡେ ଦେଖିବାର ସୌଭାଗ୍ୟ ପାଇନାହିଁ । କେବଳ କାହା ଥାଳିରେ ଅଣ୍ଡା ବା ଚିକେନ୍ ଦେଖି ହତାଶ ହେବାପରେ ଉପରୋକ୍ତ ରଢ଼ିର ରଚୟିତାଙ୍କୁ ବହେ ଗାଳିଦେଇଛି ।

ଭାବୁଚି... ରୁଢ଼ିଟିର ରଚନାକାଳରେ ହୁଏତ ପୁଲିସିମାନେ କେବଳ ଇଲିଶିମାଛ ଖାଉଥିବେ ଏବଂ ଇଲିଶିମାଛଖିଆ ଚାକିରୀକୁ ଆମ୍ଭର ତତ୍‌କାଳୀନ ସୁଧୀଜନେ ଶ୍ରେଷ୍ଠ ଚାକିରୀ ଭାବେ ବିବେଚନା କରିଥିବେ । ସମୟ ତ ଆଗକୁ ସୁପରସୋନିକ୍ ବେଗରେ ମାଡିଚାଲିଚି । ପୂର୍ବରେ ଥିଲା - ବାଣିଜ୍ୟେ ବଶତେ ଲକ୍ଷ୍ମୀ.....ତଦର୍ଦ୍ଧ କୃଷିକର୍ମଣି.... ତଦୂର୍ଦ୍ଧ ରାଜକାର୍ଯ୍ୟେଚ.... ଭିକ୍ଷା ନୈବଚ ନୈବଚ । ଆଉ ଏବେ.... ? ମନ୍ଦିର ପାଖରେ ବାବା....ମା...ବୋଲି ରଡ଼ିକରି ହେଉ ଅଥବା ପୂଜାଚାନ୍ଦା, ସେବାଚାନ୍ଦା, ଦାଦାବଟି ନାମରେ ହେଉ; ଭିକ୍ଷା ହେଉଛି ବିନା ମୂଳଧନରେ ସର୍ବୋତ୍ତମ ରୋଜଗାରର ମାଧ୍ୟମ ।

ସବୁ ତ ବଦଳୁଚି । ଅଧୁନା ଉପରୋକ୍ତ ପୁରୁଣାକାଳିଆ ରଢ଼ିପଦିକ ବଦଳେଇ ଦେଲେ କେମିତି ହୁଅନ୍ତା ?

ଚାକିରୀ କରିବ ..ଡଟ୍ ଡଟ୍ ଡଟ୍ ଡଟ୍ । ମାନେ ସେକେଣ୍ଡ ଲାଇନ୍‌ଟା ପଛରେ ଭାବିଚିନ୍ତି ଯୋଡ଼ିବା ।

ଆପଣମାନେ ଜାଣନ୍ତି....ସବୁକଥାରେ ଷଣ୍ଢ ପୂରେଇବା କିଛି ଖଳଲୋକଙ୍କର ଚିରାଚରିତ ଅଭ୍ୟାସ । କଥାଟାକୁ ଖାପୁଜିନା ଧରିପକେଇ ପଚାରିବେ-କିହୋ...ଭାରୀ ତ ଜ୍ଞାନୀ ଦେଖଉଚ...ଆଗ ମନ୍ତ୍ରୀ ଗୋଟେ ଚାକିରୀ କେମିତି ହେଲା ବୁଝା....ତାପରେ ସେକେଣ୍ଡ ଲାଇନ୍ ଯୋଡ଼ିବ ।

ଆହେ ବାବୁ....ଭେରୀ ସିମ୍ପଲ୍ । ସମଝ୍‌ଦାରଙ୍କୁ ଇଶାରା କାଫି । ପ୍ରଥମେ ବୁଝାଯାଉ...ଚାକିରୀ କଣ ? ଚାକିରୀ ହେଉଚି ରୋଜଗାର ନିମିତ୍ତ, ସରକାରୀ ଅଥବା ବେସରକାରୀ ସେବା । ଆପଣାର ପିଲାକବିଲାଙ୍କ ନିମନ୍ତେ ପ୍ରାଣୀଟିଏ ଦୈନିକ ହେଉ ମାସିକ ହେଉ, ବେତନ ପାଏ ସେଥିରେ ଗୁଜୁରାଣ ମେଣ୍ଟାଏ । ଚାକରୀରେ ନିଯୁକ୍ତି ଥାଏ; ପ୍ରମୋଶନ ଥାଏ । ଚାକିରୀପାଇଁ ନିର୍ଦ୍ଦିଷ୍ଟ ଯୋଗ୍ୟତା ଥାଏ। ଆଉ କିଛି କ୍ଷେତ୍ରରେ ଅତିକମ୍‌ରେ ଦି'ଚାରିବର୍ଷର ଅଭିଜ୍ଞତା। ପ୍ରଥମେ ଏଇ ପଏଣ୍ଟଗୁଡିକ ମନ୍ତ୍ରୀଙ୍କ କ୍ଷେତ୍ରରେ ଆପ୍ଲାଇ କରାଯାଉ । ମନ୍ତ୍ରୀଚାକିରୀଟିଏ ପାଇବା ପୂର୍ବରୁ ନେତାଟିଏ ଶିକ୍ଷାଗତ ଯୋଗ୍ୟତା ଅଥାର୍ତ ଶିକ୍ଷା ବହିର୍ଗତ୍ ଯୋଗ୍ୟତାରେ ପାରଙ୍ଗମ ହୋଇଥିବାର ଦରକାର। ମାଇକ୍ ଲଗେଇ ଶ୍ରୁତିମଧୁର ଭାଷାରେ ଗାଳିଗୁଲଜ କରିବା, ମାଇକି ଭଙ୍ଗା, ଟେବୁଲବାଡ଼ିଆ ଇତ୍ୟାଦି ବିଦ୍ୟା ହାସଲ କରିବା ଜରୁରୀ । ଚୋରୀ, ଠକେଇ, ମର୍ଡ଼ର, ଡାଉକରୀ ଜଣାଥିଲେ ଅଧିକନ୍ତୁ ନ ଦୋଷାୟ । ଆନୁଷ୍ଠାନିକ ଶିକ୍ଷାରେ ସ୍କାଉଟ୍, ଗାଇଡ୍, ଏନ୍‌ସିସି ପାଇଁ ଯେମିତି ଅଧିକ କିଛି ମାର୍କ ମିଶାଯାଏ...ଉପରୋକ୍ତ ଏକ୍‌ଷ୍ଟ୍ରା କରିକୁଲାର ଆକ୍ଟିଭିଟିକ୍‌କୁ ମନ୍ତ୍ରୀଚାକିରୀର ଯୋଗ୍ୟତା ବିଚାରବେଳେ ସେମିତି ପ୍ରାଥମିକତା ଦିଆଯାଇଥାଏ । ସୌଭାଗ୍ୟକୁ ଆମର ଅନେକ ମନ୍ତ୍ରୀଙ୍କର ଏହି ଏକ୍‌ଷ୍ଟ୍ରା କରିକୁଲାର ଆକ୍ଟିଭିଟିକ୍‌ରେ ଦକ୍ଷତା ରହିଥିବାର ବିଭିନ୍ନ କାର୍ଯ୍ୟକଳାପରୁ ପ୍ରମାଣିତ ହୋଇଥାଏ । ଏଗୁଡ଼ିକୁ ତାହାଙ୍କ ଅଭିଜ୍ଞତା ସହିତ ମିଶେଇ ଦେଖିଲେ ଅଧିକ ଯୋଗ୍ୟ ବିବେଚିତ ହୁଅନ୍ତି । ଆନୁଷ୍ଠାନିକ ଶିକ୍ଷାରେ କଣ ବା ଅଧିକ ରହିଚି ଯେ ସେଇଟା ହାସଲ କରିବା ଜରୁରୀ ? ଅତଏବ ମନ୍ତ୍ରୀ

ଚାକିରୀ ପାଇଁ ଶିକ୍ଷାବହିର୍ଗତ ଯୋଗ୍ୟତା ଯେ ନିଶ୍ଚିତ ଦରକାର ଚେଷ୍ଟାକଲେ ବି ଏକଥାକୁ ଆପଣ ଅସ୍ୱୀକାର କରିପାରିବେ ନାହିଁ। ମନ୍ତ୍ରୀଚାକିରୀଟା ଉଭୟ ଡାଇରେକ୍ଟ ଓ ପ୍ରମୋଟିଭ୍ ପୋଷ୍ଟ । ଜିଲ୍ଲାପାଳ ପଦବୀରେ କୋଉଠି ଡାଇରେକ୍ଟ ଆଇଏଏସ୍ ନିଯୁକ୍ତ ହୋଇଥିବା ବେଳେ କୋଉଠି ବିଡିଓ ପୋଷ୍ଟରୁ ପ୍ରମୋଶନ ପାଇ ଅଭିଜ୍ଞତା ହାସଲ କରିଥିବା ଓଏଏସ୍ ପ୍ରାଣୀମାନେ ନିଯୁକ୍ତ ହୋଇଥାନ୍ତି। ଡାଇରେକ୍ଟଠାରୁ ପ୍ରମୋଟିଭ୍‌ମାନେ ଅଧିକ ନମ୍ର, ତୈଳହସ୍ତ ହୋଇଥିବାରୁ ଅଧିକ ଶ୍ରଦ୍ଧାଭାଜନ ହୋଇଥାନ୍ତି। ଅବିକଳ ସେହିପରି ମନ୍ତ୍ରୀ ଚାକିରୀରେ ଗ୍ରାମ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଚେୟାରମ୍ୟାନ ସର୍ବୋପରି ବିଧାୟକମାନେ ପ୍ରମୋଶନ ପାଇ ନିଯୁକ୍ତ ହୋଇଥାନ୍ତି। ରାଜ୍ୟମନ୍ତ୍ରୀ ଚାକିରୀରୁ କ୍ୟାବିନେଟ୍ ମନ୍ତ୍ରୀ ଚାକିରୀକୁ ପ୍ରମୋଶନ ମିଳେ । ପ୍ରମୋଶନରେ କ୍ୱଚିତ ମନ୍ତ୍ରୀଚାକିରିଆଙ୍କ ଭାଗ୍ୟରେ ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପ-ପ୍ରଧାନମନ୍ତ୍ରୀ ଅଥବ ପ୍ରଧାନମନ୍ତ୍ରୀ ପଦବୀକୁ ପ୍ରମୋଶନ ପାଇବାର ସୁଯୋଗ ମିଳିଥାଏ । କିଛି ମନ୍ତ୍ରୀ ରାଜ୍ୟାଭିଷେକ ହେଲାପରି ମନ୍ତ୍ରୀ ହେବାପାଇଁ ଜନ୍ମ ହୋଇଥିବା ବେଳେ କିଛି ରିହାବିଲିଟେସନ୍ ସ୍କିମ୍‌ରେ ମନ୍ତ୍ରୀଚାକିରୀରେ ନିଯୁକ୍ତ ହୋଇଥାନ୍ତି ।

ରିହାବିଲିଟେସନ୍ କଣ ? ଆରେ ବାବୁ ଏତିକି ଜାଣିନ ଟି...ଆଉ ମନ୍ତ୍ରୀ ଚାକିରୀ ବିଷୟରେ ଯୁକ୍ତି କରୁଛ ! ଧରାଯାଉ କୌଣସି ଚାକିରିଆଙ୍କର ଚାକିରୀ କାଳମଧ୍ୟରେ କୌଣସି କାରଣରୁ ରାମ୍‌ନାମ୍ ସତ୍ୟ ହେଇଗଲା...ସେ ତ ଗଲେ । ତାଙ୍କ ଅର୍ଜିତ ଫାମିଲି ପୁଣି ଚଳିବେ କେମିତି ? ସେଥିପାଇଁ ଦିବଂଗତ ଚାକିରିଆଙ୍କ ପରିବାରର ଭରଣପୋଷଣ ନିମିତ୍ତ ସରକାର ପରିବାରର ଜଣକୁ ରିହାବିଲିଟେସନ୍ ମାନେ ପୁନଃଥଇଥାନ ଯୋଜନାରେ ନିଯୁକ୍ତି ଦେଇଥାନ୍ତି । ମନ୍ତ୍ରୀଚାକିରୀର କ'ଣ ସେଇକଥା ଘଟେନି କି ? ଧରାଯାଉ ବିଧାନସଭା ବା ଲୋକସଭାରେ ମାଇକ୍ ଫୋପଡ଼ା ବେଳେ, ହେଲିକେପ୍ଟର ଢୋ ହେଇଗଲେ, ନକ୍ସଲମାନଙ୍କ ସହିତ ସୁସଂପର୍କ ବଢ଼ାନ୍ତେ, ଅଥବା ପାର୍ଟି ପାର୍ଟି ମଧ୍ୟରେ ବନ୍ଧୁକଗୁଳି ଠେଙ୍ଗାବାଡ଼ିର ବ୍ୟବହାର ବେଳେ, ମନ୍ତ୍ରୀ ମହୋଦୟ ଶହୀଦ୍ ହେଇଗଲେ (ଜବାନଙ୍କ ପରି ମନ୍ତ୍ରୀମାନେ ସବୁବେଳେ ଶହୀଦହେଇଥାନ୍ତି) । ସରକାର ତୁରନ୍ତ ତାଙ୍କ ଦୁଃଖୀ ପରିବାରର ଚଳଣି ନିମିତ୍ତ ମନ୍ତ୍ରୀଙ୍କ ଲଗାମଛଡ଼ା ପୁତ୍ରଙ୍କ ଅଥବା ଖଣ୍ଡାଖାଇ ପତ୍ନୀଙ୍କୁ ଶୂନ୍ୟସ୍ଥାନରେ ପୂରଣ କରାଇଥାଆନ୍ତି । ଜନସାଧାରଣ ମଧ୍ୟ ତାଙ୍କ ଦୁଃଖରେ ଶୋକାକୁଳିତ ହୋଇ ଅକୁଣ୍ଠଚିତ୍ତରେ ଭୋଟଦେବାରେ କାର୍ପଣ୍ୟ କରନ୍ତି ନାହିଁ।

ଆଗରୁ ମନ୍ତ୍ରୀପଦବୀକୁ ଚାକିରିଆ କୁହାଯିବା ଯଥାର୍ଥ ହେଉନଥିଲା। କେହିକେହି ବିନା ପାରିଶ୍ରମିକରେ ସେବାପାଇଁ ଆଗେଇ ଆସୁଥିଲେ। ହେଲେ ଅଧୁନା......ଏଜି ଛକରେ ଟେଣ୍ଟ ଟାଣିକି ଷ୍ଟ୍ରାଇକ୍ କରିବା ପୂର୍ବରୁ ଅଥବା ପୁଲିସି ମାମୁମାନଙ୍କ ଠେଙ୍ଗେଣିସେବା ଉପଭୋଗ କରିବା ପୂର୍ବରୁ ମନ୍ତ୍ରୀଚାକିରିଆଙ୍କ ଦରମା ଫଟାଫଟ୍ ଚଢିଯାଏ । ଦରଦାମ୍ ବଢ଼େ...କମେ; ମାତ୍ର ଦରମା ଥରେ ବଢ଼ିଲେ ଆଉ କମେ ନାହିଁ। ଅନ୍ୟ ଚାକିରୀରେ ୫୮ କିମ୍ବା ୬୦ ବର୍ଷରେ ଜଣେ ଅଯୋଗ୍ୟ ବିବେଚିତ ହୋଇ ରିଟାୟାର୍ଡ଼ ହେଲାବେଳେ ମନ୍ତ୍ରୀ ଚାକିରୀରେ କାଠସନ୍ଧିକୁ ଯିବା ପର୍ଯ୍ୟନ୍ତ ଯୋଗ୍ୟତା ଖୁନ୍ଦି ହେଇଥାଏ । ଅନ୍ୟ ଚାକିରୀରେ ୩୩ ବର୍ଷ ଚାକିରୀକାଳକୁ ନେଇ ପେନସନ୍ ନିର୍ଦ୍ଧରିତ ହେଇଥିବା ବେଳେ ମନ୍ତ୍ରୀ ଚାକିରୀରେ ପାଞ୍ଚ ବର୍ଷ ପରେ ପେନ୍‌ସନ୍ ପକ୍କା । ତଥାପି ସେବା ମନୋବୃତ୍ତିଥିବା ଯୋଗୁ ଅନେକେ ବଞ୍ଚିଥିବା ଯାଏଁ ମନ୍ତ୍ରୀଚାକିରୀ ଛାଡ଼ିବାକୁ ଇଚ୍ଛା କରନ୍ତି ନାହିଁ।

ଅନେକ ଭାବି ଚିନ୍ତି ବିଜ୍ଞଜନମାନେ କଥା ପଦିଏ କହିଛନ୍ତି -କିଂ କାର୍ଯ୍ୟଂ ଚାକିରୀ...ଯଦି ନାସ୍ତି ଉପୁରି । ସତକଥା...ଉପୁରି ହିଁ ଚାକିରୀର ମୂଳମନ୍ତ୍ର । ଯେମିତି ବେଦାଙ୍ଗ ବିନା ବେଦବିଦହୀନ, ଗୀତାମହାତ୍ମ୍ୟ ପଢ଼ିବା ବିନା ଗୀତାପଠନ ଫଳହୀନ; ସେହିପରି ଉପୁରି ବିନା ଚାକିରୀର କୌଣସି ମାନେ ନଥାଏ । ଉପୁରି ନଥିଲେ ରାଜଧାନୀ କିମ୍ବା କଟକରେ କୋଠାଟିଏ କିଣି ହୁଏନି; ଛୁଆପିଲାଙ୍କୁ ଡାକ୍ତରି ଇଂଜିନିୟରିଂ ପଢ଼େଇ ହୁଏନି କିମ୍ବା ଶେୟାରମାର୍କେଟ୍‌ରେ ଶେୟାର କିଣିହୁଏନି । ତେଣୁ ଚାକିରୀ କରିବା ପୂର୍ବରୁ ଉପୁରି ପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ତହିଁକି ବେତନ କମ୍ ଥିଲେ ଶୋଚନା ନାସ୍ତି । ମନ୍ତ୍ରୀଚାକିରୀରେ ଉପୁରିର କଳନା ନାହିଁ । ସାଧାରଣ ଚାକିରିଆ ନିଜ ସ୍ତ୍ରୀପିଲା ପାଇଁ ସଞ୍ଚୟ କଲାବେଳେ ମନ୍ତ୍ରୀଚାକିରୀର ଉପୁରିରେ ତାଙ୍କ ଚଉଦପୁରୁଷ ଉଦ୍ଧାର ହେଇଥାନ୍ତି । ମନ୍ତ୍ରୀଚାକିରିର ଉପୁରି ଲକ୍ଷେ ଦି'ଲକ୍ଷରୁ ଆରମ୍ଭ କରି ସତୁରି ହଜାର କୋଟି, ଲକ୍ଷେ ଛବ୍ବିଶ ହଜାର କୋଟି, ଦୁଇଲକ୍ଷ କୋଟି ଅଥବା ତତୋଧିକ ହୋଇଥାଏ । ଉପୁରି ଶବ୍ଦଟାକୁ ସବୁବେଳେ ଉପୁରି ଭାବେ ଦେଖିବା ଦରକାର । ଏହାକୁ ଲାଞ୍ଚ, ଦୁର୍ନୀତି, ସ୍କାମ୍ ଘୋଟାଲା ଦୃଷ୍ଟିରେ ଦେଖିବା ଉଚିତ ନୁହେଁ । ଏହାଛଡ଼ା... ମନ୍ତ୍ରୀ ଚାକିରିଆକୁ ସରକାର ଭାଡିଆ ସେବା, ଟେଲିଫୋନ୍ ସେବା, ଇଲେକ୍ଟ୍ରି ସେବା, ଯାତ୍ରା ସେବା ଇତ୍ୟାଦି ଯୋଗେଇ ଦେବାରେ କୌଣସି ହେଳା କରିନଥାନ୍ତି ।

ଅତଏବ ଅଧୁନା ରୁଢ଼ିଟିର ସେକେଣ୍ଡ୍ ଲାଇନ୍ ଯୋଡିଲେ ଏହିପରି ହେବ - ଚାକିରୀ କରିବ ମନ୍ତିରୀ...ଦେଶକୁ ଖାଇବ ଧୋତାରି ।

ଆପଣଙ୍କର ଅବ୍‌ଜେକ୍‌ସନ୍ ଅଛି କି ?

***

# ଡୁଡୁଲ୍‌ର ବଡ଼ ହାତୀ

ବିଦ୍ୟାଧର ପଣ୍ଡା



ମୋର ମନେ ପଡିଯାଏ ଗୋଟିଏ କଥା, ବିଶ୍ୱାସକୁ ଦେଖିବା ମାତ୍ରେ । ବିଶ୍ୱାସ... ଡାକ ନାଁ ଡୁଡୁଲ୍ । ହେଲେ ସେଇ ନାଁଟାକୁ ନିଜେ କେବେ କହେନି । ଯିଏ ବି ତା' ନାଁ କ'ଣ ପଚାରିଲେ ଚଟାପଟ କହିବ...ବିଶ୍ୱାସ । ଡୁଡୁଲ୍ ଡାକିଲେ ବି ଶୁଣିବ, ହସି ହସି ପାଖକୁ ଆସିବ ।

ଏଇ ଡୁଡୁଲ୍‌ଟା ମୋର କୁନି ସଂସ୍କରଣ । ଏମିତି ଦୁଷ୍ଟ ଯେ ଭାଷାରେ ବୁଝାଇ କହି ହେବନାଇଁ । ଅବଶ୍ୟ ଖିରାଛାଇର ଚମତ୍କାର ମିଶ୍ରଣଟିଏ । ଏଇମାତ୍ର ସୃଷ୍ଟି କରି ଦେଇଥିବ ଖଣ୍ଡ ପ୍ରଳୟ । ପୁଣି ଟିକକ ପରେ ହସହସ ମୁହଁରେ ତାକୁ ଆବିଷ୍କାର କରିହେବ । ତା'ର ସବୁଠୁ ବଡ ସାଙ୍ଗ ହେଉଛି ଦିଦି । ପାଖପଡ଼ିଶାରେ ଛୋଟପିଲା ନଥିବାର ଅଭାବ କେବେ ଅନୁଭବ କରିନି ବିଶ୍ୱାସ । ଚାରି ବର୍ଷ ବଡ ନାନୀ ସାଥିରେ ଚାଲି ଗଦାରେ ଖେଳିବାଠୁ ପଡ଼ିଶା ଘରେ ଯାଇ ବ୍ୟାଟ୍ ବଲ୍ ଖେଳ ପର୍ଯ୍ୟନ୍ତ ସବୁ କିଛି ଜମିଯାଏ । ପୁଣି ସିଏ ପରିସ୍ଥିତି ସହ ଖାପ ଖୁଆଇ ନବାରେ ଓସ୍ତାଦ । ଏଇ ଧର ଝିଅ ସଂଧ୍ୟାବେଳେ ବସିକି ପାଠ ପଢୁଛି, ବାବୁ ଆମର ଚାଲିଯିବେ ବୋଉ ପାଖକୁ । ବୋଉ ମାନେ ମୋ ବୋଉ । ପିଲା ଦିନୁ ତାକୁ ବୋଉ ଡାକିବାର ଧାରାରେ ପଡ଼ି ଯାଇଛି ସିଏ । ଚୁପ୍ କିନା ଖସିଯିବ । ଆଉ ଆସ୍ତେ କରି ଡାକ ମାରିବ...ବୋଉ ଆ....ଆଛୁନୁ... ପିଂ ପଂ ବଲ୍ ଖେଳିବାନି କି ? ବୋଉର ଆଉ କି ଚାରା । ବଡ଼ବାବୁଙ୍କ ହୁକୁମ ଅମାନ୍ୟ କରି ହେବନାହିଁ । ଅବଶ୍ୟ ବୋଉ ବେଳେବେଳେ ମନାକରେ । ହେଲେ ବିଶ୍ୱାସ କି ମାନିବା ପିଲା । ଆ..ଆ...କହି ପୁରା ଜିଦ୍ ଧରି ବସି ରହିବ । ନିହାତି ଅଝଟ ହେବ । ତଥାପି ଯଦି ବୋଉ ନ ଆସେ ତେବେ ତା' ଧଳା ଲୁଗା କାନି ଧରି ରୀତିମତ ଘୋଷାରି ଆଣିବ । ଆଉ ମନା କରିବାର ବାଟ କାଇଁ ? ବାପାଙ୍କ ବିୟୋଗ ପରେ ଏକପ୍ରକାର ମନ ମାରି ରହୁଥିଲା ବୋଉ । ହେଲେ ଏଇ ପିଲା ଦି'ଟା ଆସିବା ପରେ ସିଏ ପୁଣି ଚାଙ୍ଗା ହୋଇ ଯାଇଛି । ଡୁଡୁଲ୍‌ର ପାଠପଢିବାକୁ ମନ ହେଲା ତ ସେଇ ବୋଉ । ନୂଆ ବହି ଖଣ୍ଡେ ଧରି ବସିଯିବ । ପୁଣି ବହିରୁ ମନ ଭାଙ୍ଗିଗଲେ ଘର ଭିତରୁ ଚକ୍ ଖଡ଼ି ଖଣ୍ଡେ ଖୋଜି ଆଣିବ । ପୁଣି ଆରମ୍ଭ ହୋଇଯିବ ଅଳି- ବୋଉ, ମୋ ପାଇଁ ହାତୀ ଚିତ୍ର କରି ଦେ । ବଡ଼ ହାତୀର ଚିତ୍ର ତା'ର ସବୁଠୁ ପ୍ରିୟ ଚିତ୍ର । ଏକ..ଦୁଇ..ତିନି..ଚାରି..ପାଂଚ....ଯେତେଟା ହାତୀର ଚିତ୍ର କଲେ ବି ମନ ବୁଝିବନି । ବଡ ହାତୀଟିଏ ହେଲେ ଯାଇ ବାବୁ ଥୟ ହେବେ ।

ଥିବ ଥିବ ଅଚାନକ ପାଣିପାଗ ବଦଳିଯିବ । ଠିକ୍ ଖରାଦିନିଆ ଖିଣ୍ଡିଆଭୂତ ବା ବର୍ଷାଦିନିଆ ଲଘୁଚାପର ଚରିତ୍ର ପରି । ପାନରୁ ଟିକେ ଚୂନ ଖସିଗଲେ ସରିଲା । ଯାହା ହାତରେ ପଡ଼ିଲା ପିଙ୍ଗାଫିଙ୍ଗି କରିବା ସାଧାରଣ କଥା । ଆଉ ସ୍କେଲ୍ କି ବାଡ଼ି ଖଣ୍ଡେ ପଡ଼ିଗଲେ କି ସଚିନ ତେନ୍ଦୁଲକର ମ ! ବାଡ଼ି ବୁଲିବ ସାଇଁସାଇଁ । କେହି ବି ଭରସିକି ପାଖକୁ ଯାଇ ପାରିବେ ନାହିଁ । ଏମିତିକା ପାଗର ଆୟୁଷ ଅବଶ୍ୟ ମାତ୍ର କେଇ ମିନିଟ୍ ।

ଯେମିତି ଖରା ପରେ ବର୍ଷା ଖଂଜା ..ସେମିତି ଯଦି ତା'ର ସବୁଠୁ ପ୍ରିୟ କଥାଟିକୁ କହିଦେଲା ତେବେ ସେଇଠି ସବୁ ଶେଷ । ବିଶ୍ୱାସର କାର୍ଟୁନ୍ ଚହି କୁଆଡେ ଗଲା...ମାମୁଁ ଘରକୁ ଯିବା ତାକୁ ନବାନି.....ତୋ ନୂଆ ପ୍ୟାଂଟ୍ କିଏ ନେଲା ?... କିଛି ଆଉ ଯେମିତି ମନେ ନାଇଁ । ଗୋଟେ ନୂଆ କାହାଣୀର ଆରମ୍ଭ ଭଳି ପୁଣି ଫେରି ଆସିବ ସବୁ ପୁରୁଣା ହସ । ପୂର୍ବ କଥା ଆଉ କିଛି ମନେ ନଥିବ । ଇଏ ହେଉଛି ନିତିଦିନିଆ ରୁଟିନ୍ । ଚିତ୍ର ଅଙ୍କାଯାଉ କି ଝୁଲୁଥାଉ କିଛି ଫରକ ନାଇଁ । ଠାକୁରମାନେ ତ ତା'ପାଇଁ ଗୋଟିଏ ଲେଖାଏଁ ମାମୁଲି ଚିତ୍ର । ପୂଜା ଚାଲିଥିବାବେଳେ ଉଠାଇ ଆଣିବ । ମନ କଲା ତ ମାଟି ପ୍ରତିମାର ମୁଣ୍ଡକୁ ମୋଡିଦେବା ସାଧାରଣ କଥା ।

ସିଏ କ'ଣ ଠାକୁରଙ୍କୁ ରାଗେ କି ? ଜମା ନୁହେଁ । ସିଏ ତ ସବୁ ଠାକୁରଙ୍କ ପରମ ଭକ୍ତ । ବୋଉ ସବୁଦିନ ଘରେ ପୂଜା କଲାବେଳେ ସୁନା ପିଲା ପରି ଯାଇ ପାଖରେ ବସିଯିବ । ଠାକୁରଙ୍କୁ ତିଳକ ଲଗାଇ ଦେବାବେଳେ କହିବ...ମତେ ଲଗେଇ ଦୋଉନୁ ? ତିଳକ ଲଗାଇବାକୁ ଏମିତି ଦେଖାଇ ଦେଉଥିବ ଯେମିତି କି ସନ୍ଥ ତୁଳସୀ ଦାସ କି କବି ଜୟଦେବ ସଦେହରେ ବସିଛନ୍ତି ଆମ ଘରର ମନ୍ଦିର ସାମନାରେ । ଆହା... କି ପରମ ପ୍ରଶାନ୍ତି । ପୁଣି ନିତି ସଂଜବେଳେ ଭକ୍ତି ଭାବରେ ଜୁଡୁବୁଡୁ ହୋଇ ଠାକୁରଙ୍କୁ ଧୂପ ଦେବା ବିଶ୍ୱାସର ନିୟମିତ ଅଭ୍ୟାସ । ଅନ୍ୟ କିଏ ବି ଧୂପକାଠି ଜଳାଇ ଦେଲେ ହେବନାହିଁ । ତୁଳସୀ ମୂଳେ ମୁଣ୍ଡିଆ ନମାରିଲେ ସଂଧ୍ୟା ଯେମିତି ଆରମ୍ଭ ହୁଏ ନାହିଁ ବିଶ୍ୱାସର ।

ବେଳେବେଳେ ଲାଗେ ଏଇ ବିଶ୍ୱାସଟା କେତେ ବିଚକ୍ଷଣ । ଓଲିଆରୁ ପୁରା ଗଜା ଯେମିତି । ଆଉ ଆମେ ସବୁ ତା'ଆଗରେ ନିହାତି ଗୋଟେ ଗୋଟେ ପିଲା ହୋଇ ଯାଉଛୁ, ଆଉ ସେ ଦ୍ରୁତ ଗତିରେ ବଡ଼ ହୋଇ ହୋଇ ଯାଉଛି । କେତେ ତାକୁ ଯବାବ ଦେବେ ? ଶହଶହ କାହିଁକିର

ବନ୍ୟା....କୋଉଠୁ ବାଟା ସେ ଏତେ ପ୍ରଶ୍ନ ଆଣି ସାଇତି ରଖିଥାଏ କେଜାଣି ?

ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଏମିତି ହାଲିଆ କରିଦେବ ଯେ ଘରକୁ ଯିଏ ନୂଆ କରି ଆସିଥିବ ଅଡୁଆରେ ପଡିଯିବ । ବୟସ ତା'ର କେତେ କି ? କଅଁଳ ପିଲାଟା । ତା'ର ସରଳ ହସହସ ମୁହଁଟିକୁ ଦେଖିଲେ କିଏ ବା ରାଗି ପାରିବ ?ବିଲେଇ ଛୁଆଟିଏ ପରି ନିହାତି ଗେଲେଇ ହୋଇ ଆଗ ପାଖରେ ଲେସିହେବ । ତା'ପରେ ବସିଥିଲେ କୋଳରେ ଯାଇ ବସି ପଚାରୁଥିବ ଏଇଟା କଅନ..ସେଇଟା କଅନ... ? ଶୋଇଥିଲେ ତ ତା'ର ବଢ଼ିଆ ଆରାମ । ପିଠି ଉପରେ ଲଦି ହୋଇ ବସି ପଡ଼ିବ ଆଉ କହିବ....ବାଘ ଉପରେ ଛେଳି... ଆଉ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିବାରେ ଜମା ହେଳା କରୁ ନଥିବ । ଧର ସିଏ ପଚାରିଲା ଆଉ ତମେ କିଛି ନ କହିଲ ତେବେ ସବୁ ସଇଲା ଜାଣ । ...ଶୋଇବା ଘରୁ ସିଧା ଦୁଆରକୁ...ନହେଲେ ଯା ପାଖରେ ବସିଥିବ ସେଠୁ ଚାଲିଯିବ ଅନ୍ୟ କାହା ପାଖକୁ ।

ଦୁଇ ବର୍ଷ ପୁରିବା ବେଳକୁ ସିଏ ଏତେ କଥାରେ ମାଷ୍ଟର ଯେ ଆମେ ସମୟରେ ଦଶ ବର୍ଷ ହେବା ବେଳକୁ ବୋଧହୁଏ ଏତେ କଥା ଜାଣୁ ନଥିଲୁ । ରିମୋଟ୍‌ରୁ ଆରମ୍ଭ କରି ଇନଭର୍ଟର୍ ଯାଏଁ ସବୁ ଜଣା ତାକୁ । ଫୋନ୍ ରିଙ୍ଗ ହେଲେ କେମିତି ଜାଣେ ବାବା ସିଏ ଭଗବାନଙ୍କୁ ଜଣା । ଯେଉଁଠି ଥାଉ ଲ୍ୟାଣ୍ଡଫୋନ୍ ପାଖକୁ ଦୌଡ଼ିବ । କ୍ରାଡଲ୍‌ରୁ ରିସିଭର୍ ଉଠାଇ କହିବ...ହାଲୋ । ଆଉ ସେଲ୍‌ଫୋନ୍ ରିଙ୍ଗଟୋନ୍ ବାଜି ଉଠିଲେ ବି ଦୌଡି ଆସିବ । ଫୋନ୍ ନେଇ ମତେ ନଦେଲେ ତା' ମାମୁକୁ ଦବ୍ । ସେମିତି ଲାପଟପ୍ ଖୋଲିବାବେଳକୁ ବି ବେନ୍ଦାଳି କରିବ । ଜିଦ୍ ଧରି ବସିବ...ବାବା...ମୁଁ ଖୋଲିବି ।

ତାକୁ କାହିଁକି ଏତେ ମଜା କରିବାକୁ ଦିଆଯାଉଛି ସେଥି ପାଇଁ ଝିଅ ସେପଟେ ନାକ ସୁଁ ସୁଁ ଆରମ୍ଭ କରି ଦେଇଥିବ । କାରଣ ଏକା ଏକା ସାଧୀନ ଭାବେ ଲାପଟପ୍ ଚଳାଇବାକୁ ତା'ର ବି ପ୍ରଚଣ୍ଡ ଆଗ୍ରହ । ଅବଶ୍ୟ ସିଏ ବୟସରେ ବଡ଼ । ପୁଣି ସ୍କୁଲ୍‌ରେ ବି ଗୁରୁମା'ମାନଙ୍କର ଆଜ୍ଞାଧୀନା ଛାତ୍ରୀ । ଲାଗନା ବୋଲି ମନା କଲେ ମାନେ । ହେଲେ ପୁଅଟା ତ ସାନ । ନିଜର ଅଧିକାର ଜାହିର କଲା ଭଳି ସବୁବେଳେ ମାଡ଼ି ବସୁଥିବ । ମାଉସ୍‌ର ଚକକୁ ଘିର୍ ଘିର୍ ବୁଲାଇଲେ କି ଲାପଟପ୍ କି ପ୍ୟାଡ୍ ଉପରେ ପାପୁଲି ଦୁଇଟିକୁ ରୋଡ୍‌ରୋଲର୍ ଭଳି ଚଳାଇଲେ ବି କିଛି କହି ହେଉନଥିବ । ଏଇ ଆଶଂକାରେ ଯେ, ପାଟିକଲେ ସିଏ ତା' ଉପରେ ଠିଆ ହୋଇ ନାଚିବା ବି ବିଚିତ୍ର ନୁହେଁ । ଥରେ ସେମିତି କରି ଦେଇଥିଲା ନା ! ପିଲାଳିଆମୀ ର ମଜା ଦେଖିବା ଅପେକ୍ଷା ଟିକେ ସମ୍ଭାଳିଗଲେ ଗଲା ।

ଝିଅର ପ୍ରବଳ ଇଛା ଲାପଟପ୍ ଖୋଲି ପେଂଟ୍ କୁ ଯାଇ ଡିଜିଟାଲ୍ ପେନସିଲ୍‌ରେ ଚିତ୍ର ଆଙ୍କିବ । ଇରେଜର୍‌ରେ ଲିଭାଇ ପୁଣି ଆଙ୍କିବାର ସୁବିଧା ବି ଅଛି ନା । ହେଲେ ପୁଅ କହୁଥିବ....ମାମା ଲଗୋଉନୁ.....ବାବା-ମାମା ବାହାଘର ଦେଖିବି... ନନ୍ଦନକାନନ ଦେଖିବି... । ଝିଅ ଲାପଟପ୍‌ରେ ଚିତ୍ର ଆଙ୍କିବାର ଦେଖିଛି ଡୁଡୁଲ୍ । ହେଲେ କାହିଁକି କେଜାଣି ସିଏ କେବେ ଏମିତି ଚିତ୍ର ଆଙ୍କିବାକୁ କହିନି । ଚକ୍ ଖଡି ଖଣ୍ଡେ ଧରିଲେ ସେମିତି ଗାରେଇ ଯାଉଛି ମାର୍ବଲ ଓ ସିମେଂଟ ଉପରେ । ହାତୀର ଛବି ଆଙ୍କୁଛି । ପୁଣି ବୋଉକୁ ଡାକୁଛି ...ଆ...ବଡ ହାତୀ ଚିତ୍ର କରିବାନି କି ? ବୋଉର ବଡ ହାତୀ ଚିତ୍ର ପ୍ରତି ଆକର୍ଷଣ କମିନି ।

ଡୁଡୁଲ୍‌ର ଜିଦ୍ ସବୁର ତାଲିକା ଲମ୍ବା । ରସବତୀ ଗିଲାସରେ ପାଣି ପଇବ ମାନେ ସେଇଥିରେ ପିଇବ । ଆଉ ତମେ କାଚ କି ସୁନା ଗ୍ଲାସରେ ପାଣି ଆଣି ହାତକୁ ଧରାଇଦେଲେ ବି ହେବନି । ରସବତୀ ଗିଲାସ କୋଉ ଐତିହାସିକ କି ଦାମିକା ଗ୍ଲାସ ନୁହେଁ । ଏକ ଛୋଟ ଗ୍ଲାସ, ଯେଉଁଟା ଏକାନ୍ତ ଭାବେ ତା'ର । ମାନେ ସିଏ ସେଇ ଗ୍ଲାସର ମାଲିକ । ଆଉ କେହି ସେଥିରେ ହାତ ଲଗାଇ ପାରିବେନି ! ସେମିତି ତା' ସାଇକେଲରେ କାହାକୁ ବସାଇ ଦବନି । ସାଇକେଲ୍‌ଟା ଅରଖ ନୂଆ କି ? ନା । ଝିଅ ପିଲାଦିନେ ଚଳାଇ ଘଷରା ହୋଇ ଯାଇଥିବା ତିନିଚକିଆ ସାଇକେଲଟା । ସେଇଟାକୁ ଦିନରେ ନିଦନହେଲେ ଦିପ୍ରହର ସାରା ଘରର ମାର୍ବଲ୍ ଚଟାଣ ଉପରେ କଲେଜ୍ ପିଲାଙ୍କ ନୂଆ ବାଇକ୍ ଭଳି ଘିରଘିର୍ କରି ଚଲାଉଥିବ । ଲାପଟପ୍‌ରେ ଆମର, ତା' ମାମୁଁ-ମାଇଁଙ୍କର ବାହାଘର କ୍ୟାସେଟ୍, ଭଜନ ଓ ବିଭିନ୍ ପଶୁପକ୍ଷୀଙ୍କ ଗତିବିଧିର ଜୀବନ୍ତ ଭିଡିଓ ଛବି ଦେଖିବାକୁ ଭଲ ପାଏ ଡୁଡୁଲ୍ । ତଥାପି ସିଏ କେବେ ବି ଲାପଟପ୍‌ରେ ବଡ ହାତୀର ଚିତ୍ର ଆଙ୍କିବାକୁ କହେନି । ସବୁବେଳେ ଜିଦ୍ କରୁଥିବା ପିଲାଟା ଜମା ଜିଦ୍ ନକଲେ ଗୋଟେ ଅଲଗା ଲାଗିବ ନା ନାଇଁ ?

ଘରେ ଥିବାବେଳେ ମୁଁ ବି ତା'ର ସାଙ୍ଗ । କେତେକେବେ ମୁଁ ତାକୁ ଦୁଇ ହାତରେ ଟେକି ହେଲିକପ୍ଟର୍ ଭଳି ଉଡାଏ । ଏଇଟା ତା"ର ଭାରୀ ପସନ୍ଦ । ପୁଣି ବେଳେବେଳେ ଗାଁ ଭିତରକୁ ବୁଲାଇ ନିଏ । କେବେ କେମିତି ମୋ ସାଥିରେ ଦୋକାନକୁ ଯାଏ । ସେଠି କ'ଣ ଖାଇବୁ ପଚାରିଲେ ବଡ଼ ଲୋକ ଭଳି କହେ...ଘରେ ଖାଇବାନି କି ? ଆମେ ପ୍ରାୟ ସବୁବେଳେ ବାପା-ପୁଅ ଖେଳ ଖେଳୁ । ମୋ ପେଟ ନହେଲେ ପିଠି ଉପରେ ସିଏ ଶୋଇବ । ମୁଁ କହିବି ଆମେ ? ...ସିଏ ପାଳି ଧରିବ..ବାପାଆଆଆପୁଅଅଅ.. । ମୁଁ କେତେବେଳେ ବାପା ତ ସିଏ କେତେବେଳେ ବାପା ।

ଏମିତି ଖେଳିବାବେଳେ ପଚାରିଲି...ଲାପଟପ୍‌ରେ ହାତୀ ଚିତ୍ର କରିବୁ । ..ନା.... । ପାମ୍ପୁଲାଇଲି ତାକୁ....କରୁନୁ.... । ହେଲେ ସିଏ କୋଉ

ଛାଡୁଛି... କହିଲି ପରା ନାଇଁ... ଲାପଟପ୍‌ରେ ହାତୀ ଚିତ୍ର କରିବିନି...।

ତା'ପରେ କହିଲା –ବାପା, ତମେ ମୋ ଚଡ଼ ହାତୀଇଇ କେତେ ବଡ ଜାନିଛଅଅଅ ?ବାରଣ୍ଡାରେ ବୋଉ କେତେ ଚଡ ହାତୀଇଇ କରି ଦୋଉଚିଇଇ ତମେଏଏଏ ଦେଖିଚଅଅ ? ... ଏତେଏଏ... ବଡଅଅଅ...। ହାତୀଟା କେତେ ବଡ଼ ଡୁଡୁଲ୍ ଦେଖାଉଥାଏ ତା'ର ଦୁଇ ହାତ ପ୍ରସାରିତ କରି। ପ୍ରଜାପତି ପରି ଡେଣା ଦୁଇଟା ସଂପୂର୍ଣ୍ଣ ମେଲାଇ ସାରିବା ପରେ ବି ସେତିକିରେ ଅଟକୁ ନଥାଏ। ତା' ହାତୀକୁ ଆହୁରି ବଡ କରି ଦେଖାଇବାକୁ ଡୁଡୁଲ୍‌ର କୁନି ହାତ ଦୁଇଟା ନିହାତି ଅସମର୍ଥ ହେଉଥାନ୍ତି। ହେଲେ ଏଥିରେ ନା ତା'ର କି ମୋର ଆଉ କିଛି କରିବାର ନଥାଏ। ଯା' ଭିତରେ ମୁଁ ହଜି ଯାଇଥାଏ ଭିନ୍ନ ଏକ ଦୁନିଆରେ। ସତରେ ଗୋଟେ ପିଲାର କଳ୍ପନାର ଦୁନିଆ କେତେ ବିଶାଳ। ଆଉ ତା' ତୁଳନାରେ ଲାପଟପ୍ ତ କେତେ ଛୋଟ....।

ଏଥିରେ କି ଆଙ୍କି ହବ ଡୁଡୁଲ୍‌ର କଳ୍ପନାର ଇଲାକାକୁ ସଂପୂର୍ଣ୍ଣ ଛାଇ ଯାଇଥିବା ବିଶାଳ ହାତୀର ଚିତ୍ର ? ତା'ର ବଡ ହାତୀଟି ଅସଲରେ କ'ଣ କେବଳ ହାତୀଟିଏ କି ?ହାତୀର ରଙ୍ଗ କ'ଣ ଧଳା ? ଏ ହାତୀଟା ପ୍ରକୃତରେ ତା' ପାଇଁ ଏକ ରସମୟ ସମବେତ ସଙ୍ଗୀତ...ଯାହାର ଲିରିକ୍‌ଟା ଏମିତି ....। ଦିପ୍ରହରର ନିରୋଳା ବେଳ... ତା' ସାଙ୍ଗକୁ ବୋଉର କୋଳ.....ଚକ୍ ଖଡ଼ିରେ ଅଙ୍କା ଚିତ୍ରର ଦୃଶ୍ୟରେ ଡୁଡୁଲ୍ ପୁରା ଭୋଳ....। ଅସଲ ହାତୀର ଚିତ୍ରଟା ତା' ମନରେ ଥିବ କି ନାଇଁ ଜାଣି ବି ହେବନି ଜମା। ଏମିତିକା ଖୁସି ଦେଉଥିବା ହାତୀର ଚିତ୍ର ଲାପଟପ୍‌ରେ କେମିତି ଆଙ୍କିହେବ ଯେ ?

ଅଢେଇଗୁଣ୍ଡି, କାନପୁର,
କଟକ-୭୫୪୦୩୭
ମୋ-୯୮୬୧୨୯୧୭୯୧/୮୭୬୩୪୯୫୯୨୯

***

With Best Compliments from :

**PRADEEP KUMAR SAHOO**

**OM NAMAH SHIVAY SERVICE**

B-8A, MODI TOWER 98,
NEW DELHI – 110019
M: 9810323481, 9958644478
PH: 011-41808689, 46516196

# ଜଗନ୍ନାଥ ଓ ଅଣ ହିନ୍ଦୁ ଭକ୍ତ

ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର



ଶ୍ରୀକ୍ଷେତ୍ର ପୁରୀ ଏକ ସର୍ବଧର୍ମ ଏବଂ ସର୍ବ ମତବାଦର ସମନ୍ୱୟ କ୍ଷେତ୍ର । ଶ୍ରୀ ଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ସମନ୍ୱୟ ଠାକୁର । ଏହି ପବିତ୍ର କ୍ଷେତ୍ରରେ ବିଭିନ୍ନ ସମୟରେ ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁ, ସନ୍ଥ, ସନ୍ୟାସୀ, ମହାତ୍ମା, ମହାପୁରୁଷ ଓ ଭକ୍ତ ଆସି ଶ୍ରୀ ଜଗନ୍ନାଥଙ୍କ ସାନ୍ନିଧ ଲାଭ କରିବା ସହିତ ନିଜ ଧର୍ମ ଓ ମତବାଦକୁ ପ୍ରଚାର କରି ଯାଇଛନ୍ତି । ଭଗବାନ ଶ୍ରୀ ଶଙ୍କରାଚାର୍ଯ୍ୟ, ଶ୍ରୀ ଚୈତନ୍ୟ, ଶ୍ରୀ ଶଙ୍କରଦେବ, ରାମାନୁଜ, ସନ୍ଥ କବୀର, ସନ୍ଥ ତୁଳସୀ ଦାସ, ଗୁରୁ ନାନକ, ମା ସାରଦା ଦେବୀ, ଭକ୍ତ ସାଲବେଗ ଏବଂ ଯୀଶୁଖ୍ରୀଷ୍ଟ ମଧ ଉକ୍ତ ଧାମରେ ପଦାର୍ପଣ କରିଥିବା ଐତିହାସିକ ପ୍ରମାଣ ମିଳେ । ତେଣୁ ଶ୍ରୀ ଜଗନ୍ନାଥ କେବଳ ହିନ୍ଦୁମାନଙ୍କ ଦେବତା ନୁହନ୍ତି, ସେ ସମଗ୍ର ଜଗତର ଠାକୁର, ସମସ୍ତ ଧର୍ମର ଠାକୁର ଏବଂ ସମଗ୍ର ମାନବଜାତିର ଠାକୁର । ସେଇଥି ପାଇଁ ତ ସିଏ ଜଗତର ନାଥ । ଇତିହାସ ପ୍ରମାଣ ଦିଏ ଅନେକ ସମୟରେ ଅନେକ ଅଣହିନ୍ଦୁ ସାଧୁସନ୍ଥ ପୁରୀ ଆସି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲାପରେ ତାଙ୍କର ପରମଭକ୍ତ ହୋଇ ଯାଇଛନ୍ତି ଏବଂ ଅନେକ ମତବାଦମଧ ଜଗନ୍ନାଥ ସଂସ୍କୃତିର ମହାସାଗରରେ ବିଲୀନ ହୋଇଯାଇଛି । ଯେପରିକି ଅଦ୍ୱୈତ୍ୟବାଦ, ଦ୍ୱୈତବାଦ, ବୌଦ୍ଧ, ଜୈନ, ଶୈବ, ଶାକ୍ତ, ଗାଣପତ୍ୟ ଇତ୍ୟାଦି । ଉକ୍ତ ପ୍ରବନ୍ଧରେ ଶ୍ରୀ ଜଗନ୍ନାଥଙ୍କ ଅଣହିନ୍ଦୁ ଭକ୍ତମାନଙ୍କ ଭକ୍ତି ଭାବକୁ ପରିଚିତ କରାଇବାର ଛୋଟ ପ୍ରୟାସଟିଏ କରାଯାଇଛି ମାତ୍ର ।

**ଭକ୍ତ ସାଲବେଗ:**

ଭକ୍ତ ସାଲବେଗ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଣହିନ୍ଦୁ ଭକ୍ତମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଭକ୍ତ । ସେ ଜାତିରେ ଯବନ ହେଲେ ମଧ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଜୀବନଦେଇ ଭଲ ପାଉଥିଲେ । ଯଦିବା ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଅନୁମତି ତାଙ୍କୁ ମିଳିନଥିଲା, ତଥାପି ରଥଯାତ୍ରା ସମୟରେ ତିନିଠାକୁରଙ୍କୁ ଦର୍ଶନ କରି ସେ ଅଭିଭୂତ ହୋଇ ଉଠୁଥିଲେ । ହୃଦସିଂହାସନରେ ଜଗନ୍ନାଥଙ୍କୁ ବସାଇ ନିଜ ରଚିତ ଭଜନ ଏବଂ ଜଣାଣ ମାଧ୍ୟମରେ ନିଜର ଦୁଃଖ ଦୁର୍ଦ୍ଦଶାକୁ ଜଣେଇଥିଲେ, 'ଏକା ତୋ ଭକତ ଜୀବନ', 'ଜଗନ୍ନାଥ ହେ କିଛି ମାଗୁନାହିଁ ତୋତେ', 'ନନ୍ଦିଘୋଷ ରଥେ ବସିଛି କାଳିଆ ଜଗତ ମୋହିବା ପାଇଁ', 'ଚାଲ ସଖୀ ଆମ୍ଭେ ଦର୍ଶନ କରିବା ନୀଳଗିରି କାଳିଆକୁ', 'ଜଗବନ୍ଧୁ ହେ ଗୋସାଇଁ', 'ଆହେ ନୀଳ ଶଇଳ', 'ଆହେ ନୀଳଗିରି', 'ଆହେ ନୀଳାଚଳ ବାସୀ', 'ଶୋକ ଜଳଧିରେ ଭାସିଗଲି', 'ଆହେ ଚକାଡୋଳା', 'ଚାହୁଁ ଚାହୁଁ ବୁଡ଼ିଲା ମୋ ଭେଳା', 'ଶ୍ରୀ ପୁରୁଷୋତ୍ତମ ଯିବା ମନା', 'ସାଙ୍ଗ ହୋଇ ଯିବା ପାଞ୍ଚଜନ', 'ବୃନ୍ଦାବନେ ବଂଶୀ କେ ବଜାଇଲା', 'ଭଲା ସେ ନବଘନ କାଳିଆ', 'ନବୀନ ନବଘନ ମୂରତି କୃଷ୍ଣଙ୍କୁ ଦେଖି ମୋ ବଳିଲା ମତି', 'ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ', 'କାହିଁଗଲେ ମୁରଲୀ ଫୁଙ୍କା' ଇତ୍ୟାଦି ଇତ୍ୟାଦି । ତାଙ୍କର ପ୍ରତ୍ୟେକ ଭଜନ ଓଡ଼ିଶାର ଘରେ ଘରେ ପରିଚିତ ଏବଂ ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ବିହ୍ୱଳିତ କରିଥାଏ । ସେ ଜଗନ୍ନାଥଙ୍କୁ ରାମ, କୃଷ୍ଣ, ଆଲ୍ଲା, ପରବ୍ରହ୍ମ ଭଗବାନ ଭାବେ ବିଶ୍ୱାସ କରୁଥିଲେ । ପ୍ରତ୍ୟେକ ଗୀତର ଭଣିତାରେ ସାଲବେଗ ନିଜକୁ ଜାତିରେ ଯବନ ବୋଲି ପରିଚୟ ଦେଇଛନ୍ତି ଯଥା "ବାପ ମୋ ମୋଗଲ, ମାଆ ମୋ ବ୍ରାହ୍ମଣୀ", "କହେ ସାଲବେଗ ହୀନ ଜାତିରେ ଯବନ । ଶ୍ରୀରଙ୍ଗା ଚରଣ ବିନୁ ନଜାଣଇ ଆନ ॥" ଏତଦ୍‌ବ୍ୟତୀତ ତାଙ୍କ ଜନ୍ମ ବୃତ୍ତାନ୍ତ ବିଷୟରେ ସେ ବିଶେଷ କିଛି ଲେଖିନାହାନ୍ତି । କେବଳ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିକଟବର୍ତ୍ତୀ ଡୁରା ଗ୍ରାମର ଭକ୍ତକବି ରାମଦାସ ନିଜର 'ଦାଢ଼ୟତା ଭକ୍ତି ରସାମୃତ ଚରିତ' ନାମକ ଗ୍ରନ୍ଥର ଦ୍ୱିତୀୟ ଭାଗ ୨୭ ଅଧ୍ୟାୟରେ ସାଲବେଗଙ୍କ ଜନ୍ମବୃତ୍ତାନ୍ତ ବର୍ଣ୍ଣନା କରିଛନ୍ତି ।

ରାଜା ପୁରୁଷୋତ୍ତମଦେବଙ୍କ (୧୬୦୧ରୁ ୧୬୨୧) ଶାସନ କାଳରେ ଜାହାଙ୍ଗୀର କୁଲିଖାଁ, ଯାହାଙ୍କ ଡାକନାମ ଲାଲ୍‌ବେଗ୍ ଖ୍ରୀ.ଅ. ୧୬୦୫ରୁ ୧୬୦୬ ଯାଏ ବିହାର ଏବଂ ପରେ ବଙ୍ଗଳାର ସୁବେଦାର ଥିବା ସମୟରେ ଅଶ୍ୱାରୋହୀ ବାହିନୀର ଦାୟିତ୍ୱ ନେଇ ଓଡ଼ିଶାକୁ ବିଶେଷତଃ ଶ୍ରୀକ୍ଷେତ୍ର ପୁରୀକୁ ବାରମ୍ବାର ଆକ୍ରମଣ କରିଥିବାର ଐତିହାସିକ ପ୍ରମାଣ ରହିଛି । ଏକଦା ପୁରୀ ଆକ୍ରମଣ ସାରି ଫେରିବା ସମୟରେ ଦାଣ୍ଡମୁକୁନ୍ଦପୁରର ଏକ ବିଧବା ବ୍ରାହ୍ମଣୀ ସ୍ନାନସାରି ଘରକୁ ଫେରୁଥିବା ବେଳେ ବଳପୂର୍ବକ ତାଙ୍କୁ ଅପହରଣ କରି ବିବାହ କରିଥିଲେ । ୧୬୦୭ ଖ୍ରୀ.ଅ.ରେ ସେହି ବିଧବା ବ୍ରାହ୍ମଣୀଙ୍କ ଗର୍ଭରୁ ଯେଉଁ ପୁତ୍ର ଜନ୍ମଲାଭ କଲା, ତାଙ୍କୁ ସାଲବେଗ ନାମରେ ନାମିତ କରିଥିଲେ ଲାଲ୍‌ବେଗ୍ ।

**ଦାଢ଼୍ୟତା ଭକ୍ତି ଅନୁଯାୟୀ:**

"କଟକ ନାମରେ ସହର ଲାଲବାଗରେ ତା'ର ଘର
ଜାତିରେ ଅଟଇ ପଠାଣ, ତାହାର କଥା ଏବେ ଶୁଣ ।

X X X

ସେ ଲାଲବେଗ ଅତି ଦୁଷ୍ଟ, ଖଳ ପ୍ରପଞ୍ଚ ବୁଦ୍ଧି ନଷ୍ଟ,

ଶ୍ରୀ ଗଜପତି ଦଣ୍ଡଧାରୀ, ସଙ୍ଗତେ ଶତ୍ରୁପଣ କରି,
ଅନେକ ସୈନ୍ୟ ଠୁଳ କଲା ଓଡ଼ିଶା ଯୁଝିବାକୁ ଗଲା ।

X X X

ଗ୍ରାମ ମାନଙ୍କ ଯେ ଉତ୍ତମ, ଦାଣ୍ଡ ମୁକୁନ୍ଦପୁର ନାମ ।

X X X

ଛାଡ଼ିଣ ବ୍ରାହ୍ମଣ ଶାସନ ପଳାଇଗଲେ ସର୍ବଜନ,
ତହିଁ ଏକ ବିଧବା ନାରୀ ଯାଇଥିଲା ସେ ସ୍ନାନ କରି
ଏକାକୀ ଜନ ଜଳଘାଟେ, ସୈନ୍ୟ ତା ଦେଖିଲା ନିକଟେ
ଡରେ ସେ ନପାରିଲା ଯାଇ, ରହିଲା ସ୍ତମ୍ଭୀଭୂତ ହୋଇ

X X X

ଏମନ୍ତ ବେଳେ ଲାଲବେଗ ଆସି ମିଳିଲା ତା'ର ଆଗ

X X X

ବଳେ ଧରିଲା ତା'ର ଭୁଜ ମୃଗୀକୁ ଯେହ୍ନେ ମୃଗରାଜ
ବସାଇ ଅଶ୍ୱର ଉପରେ ସେ ନାରୀ ଦଇବ ସୁମରେ

X X X

ଏମନ୍ତ କେତେଦିନ ଗଲା ସେ ନାରୀ ପୁତ୍ର ପ୍ରସବିଲା
ପୁତ୍ରକୁ ଦେଖି ଲାଲବେଗ, ତା' ନାମ ଦେଲା ସାଲବେଗ ।

ଅନୁମାନ କରାଯାଏ ଯେ, ୧୬୦୭ ଖ୍ରୀ.ରେ ସାଲବେଗଙ୍କ ଜନ୍ମ ହୋଇଥାଇପାରେ ଏବଂ ଲାଲବେଗଙ୍କ ମୃତ୍ୟୁ ତା.୨୭.୦୪.୧୬୦୮ ରିଖରେ ଦିଲ୍ଲୀରେ ହୋଇଥିବା ଜଣାଯାଏ ।

ପିତାଙ୍କ ମୃତ୍ୟୁ ପରେ ସାଲବେଗ ଏବଂ ତାଙ୍କ ମାତା ଅନାଥ ହୋଇ, ଭିକ୍ଷାବୃତ୍ତିକୁ ଗ୍ରହଣ କରିଥାଇପାରନ୍ତି ଏବଂ ହିନ୍ଦୁ ବ୍ରାହ୍ମଣୀ ମାତାଙ୍କ ସଂସ୍କାରର ପ୍ରଭାବରେ ସେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମାଶ୍ରିତ ହୋଇଯାଇଥିଲେ । କିନ୍ତୁ "ଦାସ୍ୟତା ଭକ୍ତି ରସାମୃତ" ଅନୁଯାୟୀ ସାଲବେଗ ମୋଗଲ ରୀତିନୀତିରେ ବଢ଼ି ଯୁବାବସ୍ଥାରେ ପିତାଙ୍କ ପରି ସୈନ୍ୟବାହିନୀର ଦାୟିତ୍ୱ ନେଇଥିଲେ ଏବଂ ଏକ ଯୁଦ୍ଧରେ ଭୀଷଣ ଭାବେ କ୍ଷତାକ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ସମୟରେ ତା'ଙ୍କ ମାତା ଶେଷ ଭରସା ସ୍ୱରୂପ ପ୍ରଭୁ ଶ୍ରୀକୃଷ୍ଣ ଓ ଜଗନ୍ନାଥଙ୍କ ନାମ ସ୍ମରଣ କରିବାକୁ ଉପଦେଶ ଦେଇଥିଲେ ଏବଂ ଜଗନ୍ନାଥଙ୍କ ନାମ ଜପ ଯୋଗୁଁ ସେ ଆରୋଗ୍ୟ ଲାଭ କରିଥିବା ଜଣାଯାଏ । ଉକ୍ତ କାରଣରୁ ସାଲବେଗ ଏକ ଗଭୀର ବିଶ୍ୱାସର ବଶବର୍ତ୍ତୀ ହୋଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପଣ କରିଦେଇଥିଲେ ।

ଥରେ ବୃନ୍ଦାବନ ଯାତ୍ରା ସାରି ରଥଯାତ୍ରା ଦର୍ଶନ କରିବା ଉଦ୍ଦେଶ୍ୟରେ ପୁରୀ ଅଭିମୁଖେ ଫେରୁଥିବା ସମୟରେ ସେ ଭୀଷଣ ଭାବେ ଅସୁସ୍ଥ ହୋଇ ବାଟରେ ଅଟକି ଯାଇଥିଲେ । ରଥଯାତ୍ରା ସମୟରେ ଠାକୁରଙ୍କୁ ଦର୍ଶନ କରିନପାରିବାର ଦୁଃଖ ଓ ବ୍ୟାକୁଳତାରେ "ଜଗବନ୍ଧୁ ହେ ଗୋସାଇଁ, ମୋହ୍ୱବା ଯାଏ ନନ୍ଦିଘୋଷେ ଥିବ ରହି" ଜଣାଣଟି ରଚନା କରି ବିକଳରେ ଗାଇଥିଲେ । ଭକ୍ତର ବ୍ୟାକୁଳତା ଓ ଭକ୍ତିଭାବକୁ ସମ୍ମାନ ଜଣାଇ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଅଟକି ଯାଇଥିଲା ପୁରୀ ବଡ଼ଦାଣ୍ଡର ଚଳଗଣ୍ଡି ନିକଟରେ ସାଲବେଗ ଫେରିବା ପର୍ଯ୍ୟନ୍ତ । ପରବର୍ତ୍ତୀ ସମୟରେ ସାଲବେଗ ସେହିସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କରି ଶେଷଜୀବନ କଟାଇଥିଲେ ଏବଂ ୧୬୪୦-୪୫ ମସିହା ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଏ । ସାଲବେଗଙ୍କ ଶିଷ୍ୟମାନେ ତାଙ୍କୁ ସେହି ଆଶ୍ରମ ମଧ୍ୟରେ ସମାଧି ଦେଇଥିଲେ । ସେ ମାଗିଥିବା "ଶରଧା ବାଲିରୁ ହାତେ" ବଦଳରେ ପ୍ରଭୁ ଜଗନ୍ନାଥ ତାଙ୍କୁ ସାତହାତ ଜାଗା ପ୍ରଦାନ କରିଛନ୍ତି ।

**ଗୁରୁନାନକ ଦେବ:**

ଶିଖଧର୍ମର ପରମପୂଜ୍ୟ ଗୁରୁଦେବ ନାନକ ୧୫୦୮ ଖ୍ରୀଷ୍ଟାବ୍ଦରେ ନିଜ ଶିଷ୍ୟମାନଙ୍କ ସହ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆଗମନ କରିଥିଲେ । ସେ ଶ୍ରୀ ଚୈତନ୍ୟ ଏବଂ ରାୟ ରାମାନନ୍ଦଙ୍କୁ ସାକ୍ଷାତ କରିଥିଲେ । ସମୁଦ୍ର ତଟରେ ଅବସ୍ଥାନ କରି ନିଜର ଏକ ମୁସଲମାନ ଭକ୍ତ ମର୍ଦ୍ଦନାଙ୍କୁ ମହାପ୍ରସାଦଆଣିବା ପାଇଁ ଶ୍ରୀମନ୍ଦିର ପଠାଇଥିଲେ । କିନ୍ତୁ ତାଙ୍କୁ ଶ୍ରୀମନ୍ଦିର ପ୍ରବେଶ ଅନୁମତି ନମିଳିବାରୁ ସେ ଖାଲି ହାତରେ ଫେରି ଆସିଥିଲେ । ସନ୍ଧ୍ୟା ଆଳତୀ ସମୟରେ ପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ଆଳତୀ ଥାଳି ଉଡ଼ିଉଡ଼ି ଯାଇ ନାନକଦେବଙ୍କ ମସ୍ତକରେ ସ୍ଥାନିତ ହୋଇଥିଲା । ଗଜପତି ମହାରାଜ ଆଳତୀ ଥାଳିକୁ ଅନୁସରଣ କରି ନାନକଙ୍କ ନିକଟରେ ପହଞ୍ଚିଥିଲେ ଏବଂ ନାନକଙ୍କ ହାତ ପାପୁଲିରେ ତିନିଠାକୁରଙ୍କୁ ଦର୍ଶନ କରିଥିଲେ । ନାନକଙ୍କ ମତରେ ଶ୍ରୀଜଗନ୍ନାଥ କେବଳ ହିନ୍ଦୁଙ୍କ ଦେବତା ନୁହନ୍ତି, ସେ ସମସ୍ତ ଧର୍ମର ଦେବତା ଏବଂ ନିର୍ଗୁଣ ପରଂବ୍ରହ୍ମଙ୍କ ସଗୁଣ ସାକାର ରୂପ । ନାନକ ଯେଉଁଠି ଅବସ୍ଥାନ କରୁଥିଲେ ବର୍ତ୍ତମାନ ସେଠି ବାଉଳି ମଠ ଅବସ୍ଥିତ ଏବଂ ସେହି ମଠକୁ ବଡ଼ଠାକୁର ବଳଭଦ୍ର ଏବଂ ଲକ୍ଷ୍ମୀ ଠାକୁରାଣୀ ଆଗମନ କରିଥିବା ଜନଶ୍ରୁତି ରହିଛି । ଏହାର ପ୍ରମାଣସ୍ୱରୂପ ସେଠାରେ ଏକ "ଭାଇ ବୋହୂ ଦେଢ଼ଶୁର କୂଅ" ରହିଛି । ଯେଉଁ କୂଅର ଗୋଟିଏ ପାର୍ଶ୍ୱରୁ ପାଣି କାଢ଼ିବା ବେଳେ ଯେପରି ଅନ୍ୟ ପାର୍ଶ୍ୱରେ ଥିବା ବ୍ୟକ୍ତିର ନଜର ନପଡ଼େ ସେପରି ଭାବେ ଏହା ତିଆରି ହୋଇଛି ।

ଗୁରୁ ନାନକ ଏକ ଭଜନରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗାଇ

ଉଠିଛନ୍ତି-

"ଠାକୁର ଭଲେ ବିରାଜୋଜି
ଉଡ଼ିଶା ଜଗନ୍ନାଥ ପୁରୀ ମେ
ଭଲେ ବିରାଜୋଜି।"

୧୪୬୯ ମସିହା କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ପଶ୍ଚିମ ପଞ୍ଜାବର ତଲୱାଣ୍ଡି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଗୁରୁନାନକ ପିତା କାଲୁ ମେହେତା ଏବଂ ମାତା ତୃପତି ଦେବୀଙ୍କ ସନ୍ତାନ ଭାବେ। ୧୫୩୮ ମସିହା ଆଶ୍ୱିନ ମାସ ଶୁକ୍ଳ ଦଶମୀ ତିଥିରେ ଦେହତ୍ୟାଗ କରିଥିଲେ କରତାରଠାରେ। ମହୋଦଧି କୂଳରେ ଶିଷ୍ୟମାନଙ୍କ ପାଇଁ ପାନୀୟ ଜଳର ଅଭାବ ପରିଲକ୍ଷିତ ହେବାରୁ ସେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ ଗଙ୍ଗାଙ୍କୁ ପ୍ରକଟ କରାଇବା ପାଇଁ। ନାନକଙ୍କ ଅନୁରୋଧ ରକ୍ଷାକରି ସ୍ୱର୍ଗଦ୍ୱାର ନିକଟରେ ମାଟିକୁ ସାମାନ୍ୟ କ୍ଷତ କରିଥିଲେ ଶ୍ରୀଜଗନ୍ନାଥ ଏବଂ ସେଠାରୁ ମିଠାପାଣି ନିର୍ଗତ ହେଲା। ବର୍ତ୍ତମାନ ଏହି ସ୍ଥାନ ଗୁପ୍ତଗଙ୍ଗା ଭାବେ ପ୍ରସିଦ୍ଧ ଅଟେ।

ପ୍ରଥମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ବୁଦ୍ଧଙ୍କୁ "ଯୋଗୀନାଂ ଚକ୍ରବର୍ତ୍ତୀ" ରୂପେ ବର୍ଣ୍ଣନା କରିଥିଲେ ଏବଂ ବିଷ୍ଣୁଙ୍କ ନବମ ଅବତାର ଭାବେ ମଧ୍ୟ ଗ୍ରହଣ କରିନେଲେ। ଏହାଫଳରେ ବୌଦ୍ଧ ଧର୍ମ ହିନ୍ଦୁ ଧର୍ମର ଧାରାରେ ସମ୍ପୂର୍ଣ୍ଣ ବିଲୀନ ହୋଇଗଲା। ଗଙ୍ଗ ବଂଶ ଶାସନ କାଳରେ ଶଙ୍କରାଚାର୍ଯ୍ୟଙ୍କ ଉକ୍ତି ଅନୁସାରେ ଶ୍ରୀମନ୍ଦିର କାନ୍ଥରେ ବୁଦ୍ଧମୂର୍ତ୍ତୀଙ୍କୁ ଦଶାବତାର ମଧ୍ୟରେ ରଖାଗଲା। ସାରଳା ଦାଶ ମଧ୍ୟ ବନପର୍ବରେ ଇନ୍ଦ୍ରଦ୍ୟୁମ୍ନଙ୍କ ଦର୍ଶନ କାଳର ବର୍ଣ୍ଣନା ନିମ୍ନମତେ କରିଛନ୍ତି-

"ନାସା କର୍ଣ୍ଣ ଶ୍ରବଣ ଯେ ନୟନ ନଦିଶି
ଦେଖି ଇନ୍ଦ୍ରଦ୍ୟୁମ୍ନ ମହା ବିସ୍ମୟରେ ବସି।
ମହା ବୌଦ୍ଧ ବିକାଶ ହୋଇଲା ତିନିରେଖା
କର ପଲ୍ଲବ ଚରଣ ନ ଦିଶଇ ଶିଖା।"

**ଇନ୍ଦ୍ରଭୂତି:**

ଅଷ୍ଟମ ଶତାବ୍ଦୀର ପ୍ରଥମ ଭାଗରେ ସମ୍ବଳ ବା ଆଧୁନିକ ସମ୍ବଲପୁରର ରାଜା ଇନ୍ଦ୍ରଭୂତି ବୌଦ୍ଧ ତନ୍ତ୍ରଯାନକୁ ସୁସଙ୍ଗତ କରି ବଜ୍ରଯାନ ନାମରେ ନାମିତ କଲେ। ନିଜର ଜ୍ଞାନ ସିଦ୍ଧି ଗ୍ରନ୍ଥରେ ସେ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ସ୍ତୁତିଗାନ କରିଥିବା ଦେଖାଯାଏ।

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନବରାର୍ଚ୍ଚିତଂ
ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମଂ।"

(ଜ୍ଞାନସିଦ୍ଧି, ପ୍ରଥମ ସର୍ଗ, ପ୍ରଥମ ଶ୍ଳୋକ)

ପୁଣି ଏହା ମଧ୍ୟ କୁହାଯାଏ ଯେ, ଜ୍ଞାନସିଦ୍ଧି ଗ୍ରନ୍ଥର ଉପରୋକ୍ତ ଶ୍ଳୋକଟି ସୂଚାଇଦିଏ ଯେ, ଜଗନ୍ନାଥ ଜୈନମାନଙ୍କ ମଧ୍ୟ ଆରାଧ୍ୟ ଥିଲେ। "ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନବରାର୍ଚ୍ଚିତଂ"। ସର୍ବଜୀନବରାର୍ଚ୍ଚିତଂ ପଦଏହାର ଉତ୍କୃଷ୍ଟ ପ୍ରମାଣ ଅଟେ।

ଖ୍ରୀ.ପୂ. ଅଷ୍ଟମ ଶତାବ୍ଦୀରେ ପାର୍ଶ୍ୱନାଥ ତ୍ରୟୋବିଂଶ ଜୈନ ତୀର୍ଥଙ୍କର ଓଡ଼ିଶା ଖଣ୍ଡଗିରିରୁ ଜୈନଧର୍ମ ପ୍ରଚାର କରିଥିବା ଐତିହାସିକମାନେ ମତଦିଅନ୍ତି। କଳିଙ୍ଗ ରାଜା କରକଣ୍ଡୁ ପାର୍ଶ୍ୱନାଥଙ୍କ ଶିଷ୍ୟ ଥିଲେ ଏବଂ ସେ ପୁରୁଷୋତ୍ତମ କ୍ଷେତ୍ରରେ ଜୈନଧର୍ମର ପ୍ରଥମ ତୀର୍ଥଙ୍କର ରିଷଭନାଥଙ୍କ ମୂର୍ତ୍ତୀ ସ୍ଥାପନ କରାଇଥିଲେ, ଯାହାକି ପରବର୍ତ୍ତୀ ସମୟରେ ଜିନନାଥ ନାମରେ ପରିଚିତ ହେଲା। ଉକ୍ତ ଜିନନାଥ ଶବ୍ଦରୁ ଜଗନ୍ନାଥ ଶବ୍ଦ ଆସିଥିବା ଐତିହାସିକମାନେ ମତ ଦିଅନ୍ତି।

**ସନ୍ଥ କବିର:**

ବାରଣାସୀର ଲହରତଲାଓଠାରେ ଜନ୍ମିତ ସନ୍ଥ କବିର ଶିଷ୍ୟ ମଲୁକ ଦାସଙ୍କ ନିମନ୍ତ୍ରଣ କ୍ରମେ ୧୫୧୨ ମସିହାରେ ପାଦରେ ଚାଲିଚାଲି ପୁରୀକୁ ଆସିଥିଲେ। କବିର ଗୋଲ ଟୋପି ପିନ୍ଧି ପ୍ରତିଦିନ ଜଗନ୍ନାଥ ମନ୍ଦିର ଯାଉଥିଲେ ଜଗନ୍ନାଥ ଦର୍ଶନ ପାଇଁ। ଗୋଲ ଟୋପି ଯୋଗୁଁ ପଣ୍ଡାମାନେ ତାଙ୍କୁ ମୁସଲମାନ ଭାବି ମନ୍ଦିରରେ ପ୍ରବେଶ ଅନୁମତି ଦେଲେନାହିଁ। ପରବର୍ତ୍ତୀ ସମୟରେ ଶ୍ରୀ ଜଗନ୍ନାଥଙ୍କ ସ୍ୱପ୍ନାଦେଶକ୍ରମେ ରାଜା ଅନଙ୍ଗଭୀମଦେବ କବିରଙ୍କୁ ଶ୍ରୀମନ୍ଦିରକୁ ନିମନ୍ତ୍ରଣ କରିଆଣିଲେ। ସିଂହଦ୍ୱାର ପର୍ଯ୍ୟନ୍ତ ମାଡ଼ି ଆସୁଥିବା ସମୁଦ୍ର ଜୁଆରକୁ ନିଜର ଆଶାବାଡ଼ି ସାହାଯ୍ୟରେ ସନ୍ଥ କବିର ଅଧକିଲୋମିଟର ଯାଏଁ ଦୂରେଇ ଦେଇଥିଲେ। ସନ୍ଥଙ୍କ ସ୍ମୃତିରେ ପୁରୀ ସାଗରବେଳାରେ କବିର ଚୌରା ରହିଛି। ସେଠି କବିରଙ୍କ ଆଶାବାଡ଼ି ଏବଂ କଠଉ ସ୍ଥାପିତ ହୋଇଛି। ଭକ୍ତମାନେ ପ୍ରସାଦରୂପେ ମହାପ୍ରସାଦରୁ ପ୍ରସ୍ତୁତ ଟଙ୍କ ତୋରାଣି ପାଆନ୍ତି ଏବଂ ଝାଡୁ ଦ୍ୱାରା ଆଶୀର୍ବାଦପ୍ରାପ୍ତି ହୁଅନ୍ତି। କିଛି ଲେଖକ ତାଙ୍କୁ ମୁସଲମାନ ସନ୍ଥ ଭାବେ ବର୍ଣ୍ଣନା କରିଥିବା ମଧ୍ୟ ଦେଖାଯାଏ। ସନ୍ଥ କବିରଙ୍କ ପ୍ରିୟ ଜଗନ୍ନାଥ ଭଜନ ହେଲା-

"ବୃନ୍ଦାବନ ମେଁ ରାସ ରଚାଇ ତବହରି ପୁରୀ ସିଧାରେ।
ବୋଧରୂପ ବନକର ପ୍ରଭୁବର ବୈଠେ ସିନ୍ଧୁ କିନାରେ॥
ନୀଳଚକ୍ର ପରି ଧ୍ୱଜା ବିରାଜୈ ମସ୍ତକ ସେହେ ହୀରା।
ଠାକୁର ଆଗେ ଦାସୀ ନାଚେ ଗାବୈ ଦାସ କବିରା॥"

**ସନ୍ଥ ହରିଦାସ:**

ସନ୍ଥ ହରିଦାସ ବାଂଲାଦେଶ ଯଶୋର ଜିଲ୍ଲାର ଏକ ମୁସଲମାନ ପରିବାରରେ ପିତା ହିତାତୁଲ୍ଲା ଓ ମାତା ଲତିଫାଙ୍କ କୋଳମଣ୍ଡନ କରିଥିଲେ। ନବଦ୍ୱୀପଠାରେ ଶ୍ରୀ ଚୈତନ୍ୟଙ୍କ ସହ ସାକ୍ଷାତ ହେବା ପରେ ସେ ବୈଷ୍ଣବ ଧର୍ମ ଏବଂ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ। ଶ୍ରୀ ଚୈତନ୍ୟଙ୍କ ପୁରୀ ଆଗମନ ସମୟରେ ସେ ମଧ୍ୟ ଶ୍ରୀକ୍ଷେତ୍ରକୁ ଆସିଥିଲେ, କିନ୍ତୁ ମୁସଲମାନ ହୋଇଥିବାରୁ ତାଙ୍କୁ ମନ୍ଦିର ପ୍ରବେଶ ଅନୁମତି ମିଳିନଥିଲା । ଶ୍ରୀ ଚୈତନ୍ୟ ତାଙ୍କ ପାଇଁ ମହାପ୍ରସାଦବ୍ୟବସ୍ଥା କରୁଥିଲେ। ଶେଷଜୀବନ ପର୍ଯ୍ୟନ୍ତ କୃଷ୍ଣ ମିଶ୍ର ନାମକ ଜନୈକ ବ୍ୟକ୍ତିଙ୍କ ପୁଷ୍ପବାଟିକାରେ ଅବସ୍ଥାନ କରି ଶ୍ରୀ ଜଗନ୍ନାଥଙ୍କ ଧଣ୍ଡା ଓ ତୁଳସୀ ଶ୍ରୀଚୈତନ୍ୟଙ୍କ ମାଧ୍ୟମରେ ପ୍ରାପ୍ତ ହେଉଥିଲେ। ହରିଦାସଙ୍କ ଆବାସସ୍ଥଳୀ ଏବେ "ସିଦ୍ଧ ବକୁଳ ମଠ" ନାମରେ ପରିଚିତ।

**ଉଜୀରବେଗ୍:**

"ବନ୍ଦଇ ଜଗନ୍ନାଥ ହେ ଭକ୍ତ ବାନ୍ଧବ ହରି

ଶଙ୍ଖ ଚକ୍ର ଗଦା ପଦ୍ମ ହେ ଅଛ ଶ୍ରୀକରେ ଧରି ।"

(ଖୁଦୁରୁକୁଣୀ ଓଷା, ଉଜୀରବେଗ୍)

କେନ୍ଦ୍ରାପଡ଼ା ଜିଲ୍ଲାର କନିକାଠାରେ ଉଜୀରବେଗ୍ ଜନ୍ମଗ୍ରହଣ କରିଥିଲେ। ସାଧକ ରାମଦାସଙ୍କ ପରି ପରଶମଣିର ସଂସ୍ପର୍ଶରେ ଆସି ସେ ପରମ ଜଗନ୍ନାଥ ଭକ୍ତ ବନିଯାଇଥିଲେ। ଭକ୍ତ ସାଲବେଗଙ୍କ ପରି ସେ ମଧ୍ୟ ଅନେକ ଭଜନ, ଜଣାଣ, ଓଷା, ବ୍ରତ ରଚନା କରିଯାଇଛନ୍ତି । ସେ କିଛି ନାଟକ ଏବଂ ରାମଲୀଳା ମଧ୍ୟ ରଚନା କରିଛନ୍ତି। ତାଙ୍କ ରଚିତ "ଖୁଦୁରୁକୁଣୀ ଓଷା" ବେଶ୍ ଲୋକପ୍ରିୟ । ପ୍ରଚଳିତ ଖୁଦୁରୁକୁଣୀ ଓଷାଠାରୁ ଏହା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଉକ୍ତ ଓଷା ୧୧ ଅଧ୍ୟାୟ ବିଶିଷ୍ଟ ଏବଂ ବିଶିରାମାୟଣ ପରି ବିଭିନ୍ନ ରାଗରାଗିଣୀ ସମ୍ବଳିତ। ଶେଷ ଜୀବନ ପର୍ଯ୍ୟନ୍ତ ସେ ଶ୍ରୀ ଜଗନ୍ନାଥଙ୍କ ଭଜନ, ଜଣାଣ ରଚନାରେ ନିଜକୁ ନିୟୋଜିତ କରିଥିଲେ।

**ସିକନ୍ଦର ଆଲାମ:**

ପ୍ରାୟ ଅଶୀଦଶକ ବେଳକୁ ଓଡ଼ିଆ ସଙ୍ଗୀତ ଜଗତରେ ଯେଉଁ କେତେଜଣ ପ୍ରଥିତଯଶା ଗାୟକ ନିଜର ସ୍ୱତନ୍ତ୍ର ଗାୟନ ଶୈଳୀ ଦ୍ୱାରା ଓଡ଼ିଆବାସୀଙ୍କ ହୃଦୟ ଜୟ କରିଥିଲେ ସେମାନଙ୍କ ମଧ୍ୟରେ ସିକନ୍ଦର ଆଲାମ୍ ଅନ୍ୟତମ। ସେ ମୁସଲମାନ ହେଲେ ମଧ୍ୟ ଜଗନ୍ନାଥ ଏବଂ ଜଗନ୍ନାଥ ସଂସ୍କୃତି ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିଲା। ସେ ବିନା ଦ୍ୱିଧାରେ ଅନେକ ଭଜନ ଏବଂ ଜଣାଣ ଗାଇଛନ୍ତି, ଯଥା 'ପତିତ ପାବନ ବାନା, ଆଉ କେତେ ବେଳକୁ', 'ଅନ୍ଧ କରି ମୋତେ କରିଲୁରେ ଧନ୍ୟ,' 'ମାୟା ତେଜ ମୋହ ତେଜ ଅରୂପକୁ ଭଜ', 'ଗା ହେ ଗଣପତି ଜଗବନ୍ଦନ ଶଙ୍କରା'। ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାମାନଙ୍କଠାରୁ ସେ ୨୬ ଥର ସମ୍ବର୍ଦ୍ଧିତ ହୋଇଛନ୍ତି । ସେଥି ମଧ୍ୟରୁ ୧୯୯୫ ମସିହାରେ ତାଙ୍କୁ "ସାଲବେଗ" ସମ୍ମାନରେ ଭୂଷିତ କରାଯାଇଥିଲା ଏବଂ ଆଧୁନିକ ସାଲବେଗ ଭାବେ ସେ ବେଶ୍ ଜଣାଶୁଣା। ସେ ତା.୨୭.୦୭.୧୯୩୯ରିଖ ଦିନ କଟକ ଜିଲ୍ଲାର ବୟାଳିଶି ମୌଜା ଅନ୍ତର୍ଗତ ରାଉତ୍‌ରାପୁର ଗାଁରେ ଜନ୍ମଗ୍ରହଣ କରିଥିଲେ ଏବଂ ୭୧ ବର୍ଷ ବୟସରେ ତା.୦୮.୦୮.୨୦୧୦ରିଖ ଦିନ ଦେହତ୍ୟାଗ କରିଥିଲେ । ତାଙ୍କର ଝିଅ ନାଜିଆ ଆଲମ ମଧ୍ୟ ଜଗନ୍ନାଥ ଭଜନ ଏବଂ ଜଣାଣ ଗାଇବାରେ ରୁଚି ରଖିଛନ୍ତି। ସେ ଗାଇଥିବା ଗୀତ ଗୋବିନ୍ଦ ଖୁବ୍ ଲୋକପ୍ରିୟ ହୋଇପାରିଛି।

ବ୍ୟକ୍ତ ଅବ୍ୟକ୍ତ ଏବଂ ବ୍ୟକ୍ତ ବ୍ୟକ୍ତ ସମସ୍ତ ପରିସ୍ଥିତିର ଊର୍ଦ୍ଧ୍ୱରେ ପ୍ରତିଷ୍ଠିତ ପ୍ରତୀକାତ୍ମକ ବିଗ୍ରହ ହେଉଛନ୍ତି ତିନିଠାକୁର । ଇସ୍କନ ସଂସ୍ଥାର ସମୁଚିତ ଉଦ୍ୟମ ଯୋଗୁଁ ବୈଷ୍ଣବ ଧର୍ମ ସାରା ବିଶ୍ୱରେ ପରିଚିତ ହୋଇପାରିଛି । ଏହାର ପ୍ରଭାବରେ ବହୁ ପାଶ୍ଚାତ୍ୟ ଜନସାଧାରଣ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଉଦ୍‌ବୁଦ୍ଧ ହୋଇ ବୈଷ୍ଣବ ଧର୍ମ ଗ୍ରହଣ କରି ହରିନାମ ସଂକୀର୍ତ୍ତନରେ ନିଜକୁ ନିମଜ୍ଜିତ ରଖିଛନ୍ତି।

"ଦେବ ଦେବ ଜଗନ୍ନାଥ ସର୍ବରୂପ ପରାୟଣ

ଏକ ନିର୍ଗୁଣ ଭଗବାନ ସଗୁଣେ ବହୁଧା ସ୍ଥିଥା।"

ଜାତି, ଧର୍ମ ନିର୍ବିଶେଷରେ ବିଶ୍ୱର ଅଗଣିତ ଭକ୍ତଙ୍କ ଭାବ ଓ ଭକ୍ତି ଶ୍ରୀଜଗନ୍ନାଥଙ୍କୁ ଗଣଦେବତାର ମାନ୍ୟତା ପ୍ରଦାନ କରିବା ସହ ସର୍ବଧର୍ମ ସମନ୍ୱୟର ଠାକୁର ଭାବେ ସମଗ୍ର ବିଶ୍ୱ ସ୍ୱୀକାର କରିଛି । ସମସ୍ତ ନଦୀ ଯେପରି ସାଗରରେ ମିଶିଗଲା ପରେ ସ୍ୱଗୁଣ ଏବଂ ସ୍ୱନାମକୁ ଭୁଲି ଏକାକାର ହୋଇଯାଆନ୍ତି, ଠିକ୍ ସେମିତି ସମଗ୍ର ବିଶ୍ୱର ଧର୍ମୀୟ ଭାବକୁ ଶ୍ରୀ ଜଗନ୍ନାଥ ଭାବଗ୍ରାହୀ ତାଙ୍କର ଭାବ ସମୁଦ୍ରରେ ବିଲୀନ କରିନିଅନ୍ତି।

"ଦେଖ ଏ ଯେତେ ନଦନଦୀ ସମସ୍ତେ ମିଳନ୍ତି ଜଳଧି।

ଲବଣ ଜଳେ ସେ ମିଶନ୍ତି ସ୍ୱନାମ ରୂପ ପାଶୋରନ୍ତି ।"

(ଶ୍ରୀମଦ୍ ଭାଗବତ)

**-ଅଧ୍ୟକ୍ଷ, ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆ**

***

# ଉଦ୍‌ଘାଟନ

ଡା.ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସଦ୍ୟ ସମାପ୍ତ ନଗର ନିଗମ ନିର୍ବାଚନ ପରେ ବିଭିନ୍ନ ଜିଲ୍ଲାରୁ ଖବର ଦେଖୁ ଦେଖୁ ନିର୍ବାଚନ ପ୍ରଭାରୀ ଶ୍ରୀ ହରିହର ପ୍ରଧାନ ବାବୁଙ୍କ ନଜରରେ ପଡ଼ିଲା ଗୋଟିଏ ଖବର । ରାଜ୍ୟର ଗୋଟିଏ ସହରର ଗୋଟିଏ ୱାର୍ଡରେ ଆମ ଦଳର ପ୍ରାର୍ଥୀ ହାରିଯାଇଛନ୍ତି । ସମସ୍ତେ ଚମକି ପଡ଼ିଲେ, ଆମ ଦଳର ପ୍ରାର୍ଥୀ ହାରିଲା କେମିତି ? ସେ ନିଜେ ନିର୍ବାଚନ ତଦାରଖ କରି ନିର୍ବାଚନ ପୂର୍ବ ରାତିରେ ସଂପୃକ୍ତ  ଅଞ୍ଚଳରେ ଦାନାପାଣି ସହିତ ସବୁ ନୋଟ୍ ବାଣ୍ଟି ଆସିଥିଲେ। ଅଗତ୍ୟା କଥାଟା ସର୍ବଦଳୀୟ ପ୍ରମୁଖଙ୍କ କାନରେ ପକେଇଦେଲେ ଦଳୀୟ ପ୍ରମୁଖ ଶ୍ରୀ ନିର୍ମଳ ହୋତା । ଭାରି ଅମାୟିକ ଓ ଜ୍ଞାନୀ ସ୍ୱଭାବର ବ୍ୟକ୍ତି । ସେ ବି କଥାଟାକୁ ଗୁରୁତ୍ୱର ସହ ବିଚାର କରି କହିଲେ, “ବୁଝିଲ ହରିବାବୁ, ୨ ୦ ୧ ୪ ଆଉ ବେଶି ଦିନ ନାହିଁ। ଯଦି ଏମିତି ଆମେ ହାରିବା ତା'ହେଲେ ୨ ୦ ୧ ୪ରେ ସମୂଳେ ନାଶ ହୋଇଯିବା । କିଛି ଗୋଟିଏ କରିବାକୁ ପଡ଼ିବ ।”

ହରିହର ବାବୁ ନିଜ ବ୍ୟକ୍ତିଗତ ଉପଦେଷ୍ଟାମାନଙ୍କ ସହ ବିଚାର ବିମର୍ଷ କରି କହିଲେ, “ସାର୍, ମୁଁ ଭାବୁଛି ଆମେ ସେଇ ଅଞ୍ଚଳରେ ଗୋଟିଏ ସଭାର ଆୟୋଜନ କରିବା ଆଉ ଭୋଟରମାନଙ୍କ ମତାମତ କାହିଁକି ପରିବର୍ତ୍ତନ ହେଲା, ସେଇଟା ଜାଣିବାକୁ ଚେଷ୍ଟା କରିବା ।”

ନିର୍ମଳବାବୁ ନିର୍ମଳ ଭାବରେ ବୁଝେଇଦେଲେ, “ନା, ନିର୍ବାଚନ ପରେ ଆଉ କି ସଭା ?ଲୋକ ଆସିବେନି ।”

ହରିବାବୁ ପୁଣି ନିଜ ତୀକ୍ଷ୍ଣ ବୁଦ୍ଧିର ପରିଚୟ ଦେଇ କହିଲେ, “ସାର୍, ସେ ଅଞ୍ଚଳରେ ଗୋଟେ ବଡ଼ ବ୍ରିଜ୍ ତିଆରି ହେଉଛି, ଆପଣ କହିଲେ ସେଇଟାକୁ ଉନ୍ମୋଚନ କରିବା ପାଇଁ ଗୋଟିଏ ସଭା କରିବା ।”

ନିର୍ମଳବାବୁ ସାମାନ୍ୟ ଚିନ୍ତା କରିବା ପରେ କହିଲେ, “ଠିକ୍ ଅଛି, ଯାହା କରିବାର ଅଛି ଏଇ ଦିନେ ଦୁଇଦିନ ମଧ୍ୟରେ କରିଦିଅ । ତା'ପରେ ମୁଁ ଦିଲ୍ଲୀ ଯିବି, ହାଇକମାଣ୍ଡଙ୍କ ସହ ମୋର ମିଟିଂ ଅଛି ।”

ରାଜଧାନୀରୁ ଖବର ଆସିଲା, ଅମୁକ ଦିନ ମହାମାନ୍ୟ ଆସି ଏଠାରେ ନିର୍ମାଣାଧୀନ ବ୍ରିଜକୁ ଉନ୍ମୋଚନ କରିବେ ଆଉ ଫଳକ ଲଗେଇ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିବେ। ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ ସବୁ ଏକାଠି ହୋଇ ମିଟିଂରେ ବ୍ୟସ୍ତ ହୋଇଗଲେ । ନଗର ଉନ୍ନୟନ ବିଭାଗରୁ ଅତିରିକ୍ତ ଖର୍ଚ୍ଚ ବରାଦକରାଗଲା, ଆଉ ରାତାରାତି ସଭା ସ୍ଥଳରେ ଗୋଟିଏ ଛୋଟିଆ କାନ୍ଥ ନିର୍ମାଣ କରାଗଲା। ମିସ୍ତ୍ରୀ କାନ୍ଥ ନିର୍ମାଣ କରୁକରୁ କହିଲା, “ଆଜ୍ଞା ! ଯାହା କହିବେ, ମନ୍ତ୍ରୀଙ୍କୁ କହିବେ ଏଇ କାନ୍ଥ ଉପରେ ସେ ହାତ ଦେବେନି । ଓଦା କାନ୍ଥ, ବର୍ଷା ପାଗରେ ଭୁଷୁଡ଼ିଗଲେ ମୋତେ କିଛି କହିବେନି। ଏମିତି ତରବରିଆ କାମ ମୁଁ କେବେ କରିନି। ସିମେଣ୍ଟ ବି ଦେଲେନି, ମୁଠେ ସିମେଣ୍ଟରେ କି କାମ ହେବ ?”



ଯନ୍ତ୍ରୀ କହିଲେ, “ହେଃ, ତୁ ଗୋଟେ ମୂର୍ଖ କିରେ। କୋଉ ମନ୍ତ୍ରୀ ଆଜିକାଲି ଆଉ ହାତରେ ଉନ୍ମୋଚନ କରୁଛନ୍ତି। ସବୁ ତ ରିମୋଟ୍‌ରେ ହେବ। ମନ୍ତ୍ରୀ ସଭାରେ ବସି ରିମୋଟ୍ ଚିପିଲେ, ଇଆଡ଼େ ଫଳକ ଉନ୍ମୋଚନ ହେଇଯିବ।” ମିସ୍ତ୍ରୀ ଗୁଣୁଗୁଣୁ ହେଉଥିଲା, କେହି ତା' କଥା ଶୁଣିଲେନି । ସଞ୍ଜ ହେଇଗଲାଣି । ଅନ୍ଧାର ବେଳ ଡିବିରି ଜାଳି ମିସ୍ତ୍ରୀ ଫଳକ କାମ ସାରିଦେଲା। ଫଳକରେ ଧଳା ମାର୍ବଲରେ ଉନ୍ମୋଚନ କଥା ଲେଖେଇବା ଦାୟିତ୍ୱ ନଗରପାଳିକାର ବଡ଼ବାବୁ ନିଜେ ତଦାରଖ କଲେ ।

ଫଳକ ଲେଖିବା ପାଇଁ କେହି ମଙ୍ଗିଲେ ନାହିଁ। ଏତେ ଗୁଡ଼ାଏ ଲେଖା ପୁଣି ମାର୍ବଲରେ ରାତାରାତି ହେଇପାରିବନି । ବହୁ ଚେଷ୍ଟା କରିବା ପରେ ବି କିଛି ଲାଭ ହେଲାନି। ଅଫିସ୍‌ରେ ସାନବାବୁ କହିଲେ, “ଆଜ୍ଞା, ଧଳା କାଗଜରେ ଲେଖି ମାରିଦେଇଥିବା, ପରେ ମାର୍ବଲ ଲଗେଇଦେବା।” କଥାଟା କିନ୍ତୁ ବଡ଼ବାବୁଙ୍କୁ ସୁହାଇଲା ନାହିଁ। ସେ କହିଲେ, “ନାଇଁ, ଧଳା କାଗଜରେ ଲେଖିବା ଅସୁନ୍ଦର ହେବ। ପୁଣି ପାଣି-ଫାଣି ପଡ଼ିଲେ ଓଦା ହେଇଯିବ କି ଲିଭିଯିବ ବୋଇଲେ ଅସୁବିଧା। ଗୋଟେ କାମ କରିବା ଟିଣ ବୋର୍ଡରେ ଲେଖି ମାରିଦେବା । ପଛେ ମାର୍ବଲରେ ଲେଖି ମାରିବା ।”

ରାତିସାରା ବସି ମଦନ ମହାରଣା ଟିଣ ବୋର୍ଡରେ ବାର୍‌ନିସ୍ ମାରି ଲେଖିଦେଲା, ବଡ଼ବାବୁ ଯେମିତି ଦେଇଥିଲେ । ବାସ୍ ସେମିତି ଲେଖିଦେଇ ସେ ଅଧ ରାତିକୁ ଆଣି ଫଳକ ବଡ଼ବାବୁଙ୍କ ଘରେ ଦେଇଗଲା ।

ସକାଳୁ ସକାଳୁ ସଭା ସ୍ଥଳରେ ଭିଡ଼ । ପୁଲିସ୍ ଛାଉଣୀ ହୋଇଗଲାଣି। ଆଉ କେଇ ଘଣ୍ଟା ପରେ ମନ୍ତ୍ରୀ ଆସିବେ । ମିସ୍ତ୍ରୀ ଯତ୍ନରେ ସେ ଟିଣ ଫଳକ ନେଇ କଣ୍ଟା ଦେଇ କାନ୍ଥରେ ଲଗେଇ ଦେଲା । ଓଦା କାନ୍ଥ ଉପରେ ନାଲିଆ ରଙ୍ଗ ବୋଳିଦେଇଛନ୍ତି। ପାଖରେ ଠିଆ ହୋଇଥିଲା ଲୋକ ବି ଜାଣିବନି ଯେ ଏଇଟା ଆଜି ହିଁ ହେଇଛି । କାଳେ କାନ୍ଥଟା ଭାଙ୍ଗିପଡ଼ିବ ବୋଲି ମିସ୍ତ୍ରୀ ଡରିମରି ଥାପି ସିମେଣ୍ଟ ଧରି ଅପେକ୍ଷା କରିଛି । ଅନ୍ତତଃ ମନ୍ତ୍ରୀ ଆସି ପଳେଇବା ପରେ ସେ ଶାନ୍ତିରେ ନିଃଶ୍ୱାସ ମାରିବ ବୋଲି ଜଗିଛି ।

ଦିନ ଦଶଟା ହେଲା। ସଭା ପାଇଁ ଆଉ ମାତ୍ର ପନ୍ଦର ମିନିଟ୍। ମନ୍ତ୍ରୀ ଠିକ୍ ଦଶଟା ପନ୍ଦର ମିନିଟ୍‌ରେ ଆସିବେ। ଆସୁ ଆସୁ ସଭା ଆରମ୍ଭ ହେବ। ବଡ଼ବାବୁ ଏପାଖ ସେପାଖ ଦେଖିଲେ, ପୁଲିସ ଆଉ ଅନ୍ୟାନ୍ୟ ବ୍ୟବସ୍ଥାକୁ

ଛାଡ଼ିଦେଲେ ସେଠାରେ ତିରିଶ ଚାଳିଶରୁ ଅଧିକ ଲୋକବାକ ଦିଶୁ ନାହାନ୍ତି । କି ଅସୁବିଧା କଥା । ରାତିରେ ତ ମାଇକ୍‌ରେ ପ୍ରଚାର କରାଯାଇଥିଲା, ଲୋକ ଆସିଲେନି କାହିଁକି ? ସାନବାବୁ କହିଲେ, "ଆଜ୍ଞା, ଆଜି ସୋମବାର । କିଏ ଖାଲିଥିବ ଯେ ଆସିବ ?" କ'ଣ କରାଯିବ ସେ କଥା ବିଚାର କରୁ କରୁ ନଗରପାଳ ବଡ଼ବାବୁଙ୍କ କାନରେ କ'ଣ ଗୋଟାଏ ମନ୍ତ୍ରୀ ଫୁଙ୍କିଦେଲେ, ବଡ଼ବାବୁଙ୍କ ମୁହଁଟା ଦୁଇଶ ୱାଟ୍‌ର ବଲ୍‌ବ ପରି ଉଜ୍ଜ୍ୱଳ ହୋଇଉଠିଲା ।

ସାଙ୍ଗେ ସାଙ୍ଗେ ସେ ଜିପ୍ ଧରି ନିକଟସ୍ଥ ବସ୍ତିକୁ ମାଡ଼ିଗଲେ । ବସ୍ତିରେ କେହି ପୁରୁଷ ଥିଲା ପରି ଲାଗୁ ନଥିଲା । ତଥାପି କହିଲେ, "ଆଜି ମନ୍ତ୍ରୀ ଆସୁଛନ୍ତି ବ୍ରିଜ୍ ଉନ୍ମୋଚନ କରିବା ପାଇଁ । ସେ ନିଜେ କହିଛନ୍ତି ଯେ ସଭାକୁ ଆସୁଥିବା ସବୁ ମହିଳାମାନଙ୍କୁ ସେ ନିଜ ହାତରେ ଶାଢ଼ୀ ଗୋଟାଏ ଗୋଟାଏ ଦେବେ ।"

ବଡ଼ବାବୁଙ୍କ ଜିପ୍ ସଭାସ୍ଥଳକୁ ଆସିବା ପାଇଁ ବାଟ ପାଇଲା ନାହିଁ । ସଭା ଆରମ୍ଭ ହେଲା ବେଳକୁ ସେଠି ଶତାଧିକ ମହିଳା ଆସ ଜମା ହୋଇସାରିଥିଲେ । ନଗରପାଳ ବହୁତ ଖୁସି । ବଡ଼ବାବୁ ନଗରପାଳଙ୍କ ପାଖକୁ ଝପ୍‌ଟି ଯାଇ କହିଲେ, "ଆଜ୍ଞା, ଲୋକ ଆସିଗଲେ, ଶାଢ଼ୀ କୋଉଠୁ ଆଣିବା ?" ନଗରପାଳ ହସିଦେଇ କହିଲେ, "କୋଉ ଶାଢ଼ୀ ?" ବଡ଼ବାବୁ ହଡ଼ବଡ଼େଇ ଯାଇ କହିଲେ, "ଯାହା ମନ୍ତ୍ରୀ ନିଜ ହାତରେ ଦେବେ ବୋଲି ଆପଣ କହିଲେ ।" ନଗରପାଳ ଫେଁ କିନା ହସିଦେଲେ, ବଡ଼ବାବୁ ବି ।

ମନ୍ତ୍ରୀଙ୍କ ଗାଡ଼ି ସଭାସ୍ଥଳକୁ ଆସୁ ଆସୁ ଜୋରରେ ପବନଟାଏ ମାରିଦେଲା । ଯେମିତି ପବନ ଦେଇଛି, ଉନ୍ମୋଚନ ଫଳକ ଉପରେ ବନ୍ଧା ହୋଇଥିବା ସାମିଆନାଟା ଦୁଲ୍‌କିନା ପଡ଼ିଗଲା । ମନ୍ତ୍ରୀ ନିର୍ମଳବାବୁଙ୍କ କାନରେ ହରିବାବୁ କହିଲେ, "ଆଜ୍ଞା, ଏ ବଡ଼ ଅଶୁଭ ସଂକେତ, ଆମେ ଶୀଘ୍ର ଏ ସ୍ଥାନରୁ ପଳେଇବା ଭଲ ନ ହେଲେ କ'ଣ ଯେ ହେବ, କିଏ କହିବ ?"

ନିର୍ମଳବାବୁ ସାମାନ୍ୟ ହସିଦେଇ କହିଲେ, "ଓହୋଃ, ହରିବାବୁ ଆପଣଙ୍କ ପରି ଡରୁଆ ଲୋକ ମୁଁ ଦେଖିନି । ପବନ ହେଲା, ସାମିଆନା ପଡ଼ିଗଲା, ଏଥିରେ ଅଶୁଭ କ'ଣ ?"

ମିସ୍ତ୍ରୀର ଛାତି ଭିତରେ ତା' ହୃତପିଣ୍ଡଟା ରେଳଗାଡ଼ିଠାରୁ ଅଧିକ ବେଗରେ ଧାଉଁଛି । ତାକୁ ଲାଗୁଛି କାଳେ ତା' ମନର ଭୟଟା ସତ ହେଇଯାଇନି ତ । କିନ୍ତୁ ସାମିଆନା ଉଠେଇଲା ବେଳକୁ ଦେଖିଲା, ସେ କାନ୍ଥ ଠିକ୍ ଅଛି । ସେ ଓଃ କହି ଦୀର୍ଘ ଶ୍ୱାସ ଟିକେ ନେଲା । ସାମିଆନା ଟେକାଟେକି ସମୟ ଲାଗୁଥିବାରୁ ସଭା କାର୍ଯ୍ୟ ଆରମ୍ଭ କରାଗଲା ।

ନଗରପାଳ, ହରିବାବୁଙ୍କ ପରେ ନିର୍ମଳବାବୁ ମାଇକ୍ ପାଖକୁ ଆସନ୍ତେ, କୁଆଡ଼େ ଥିଲା କଳାହାଣ୍ଡିଆ ମେଘ ଗୋଟିଏ ଚଡ଼ଚଡ଼ି ମାରିଲା, ଲାଇଟ୍ ଚାଲିଗଲା । ତଥାପି ସେ ନିରୁତ୍ସାହିତ ନ ହୋଇ ଉଚ୍ଚ ସ୍ୱରରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିବାରେ ଲାଗିଲେ । ସରକାର କେମିତି ଗରିବମାନଙ୍କ ପାଇଁ ବିଭିନ୍ନ ଯୋଜନାର ବର୍ଷା କରୁଛନ୍ତି, କହୁ କହୁ ଆକାଶରୁ ଅଙ୍ଗୁର କୋଳି ଭଳି ସାଇଜ୍‌ର ପାଣି ଟୋପା ପଡ଼ିବା ଆରମ୍ଭ ହୋଇଗଲା । ବର୍ଷା ଆରମ୍ଭ ହେବା ଦେଖି କିଛି ମହିଳା ଏପାଖ ସେପାଖ ଦଉଡ଼ାଦଉଡ଼ି କରିବା ଆରମ୍ଭ କରିଦେଲେ । ଅନେକ କିନ୍ତୁ ସେମିତି ବସିଥିଲେ । ଗୁଣୁଗୁଣୁ ହୋଇ କହୁଥିଲେ, "ଦୁ ଯାଆନା ଥା, ଶାଢ଼ୀ ବାଣ୍ଟିଲା ବେଳକୁ ଆମେ ଆଗ ଧାଡ଼ିରେ ପଳେଇ ଶାଢ଼ୀ ନେଇ ଆସିବା ।"

ସଭା ପାଇଁ ମଞ୍ଚକୁ ଉପରୁ ବନ୍ଦ କରିଦିଆଯାଇଥିଲା । ହେଲେ ବର୍ଷା ଜଳର ଆକାର ଏତେ ବଡ଼ ଥିଲା ଯେ ସାମିଆନା ଦେଇ ସେ ତଳକୁ ବହିବାରେ ଲାଗିଲା । ତେଣେ ନିର୍ମଳବାବୁ ସଭାରେ ବକ୍ତବ୍ୟ ଦେଉ ଦେଉ ଏପାଖେ ଫଳକର କାନ୍ଥର ସାଇଡ୍‌ରୁ ନଈ କୂଳ ଖାଇବା ପରି ବାଲିମିଶା ସିମେଣ୍ଟ ଝଡ଼ିବାକୁ ଲାଗିଲା । ସଭାରେ ବସିଥିବା କିଛି କୌତୁହଳୀ ଯୁବକ ହେ-ହେ ହୋଇ ହସିବା ଦେଖି ନିର୍ମଳବାବୁ ସେମାନଙ୍କୁ ସମ୍ବୋଧନ କରିବାକୁ ଲାଗିଲେ, "ଯୁବକ ଶକ୍ତି ଆମ ଦେଶର ଏକ ମହାନ ଶକ୍ତି । ଯୁବକମାନେ ଦେଶ ନିର୍ମାଣ ପାଇଁ ଆଗକୁ ଆସନ୍ତୁ ।" ଏମିତି ଭାଷଣ ଚାଲୁଥିବା ବେଳେ ସେ ଇଙ୍ଗିତରେ ଜଣେଇ ଦେଲେ ଯେ ଏବେ ଉନ୍ମୋଚନ କାର୍ଯ୍ୟ କରିବା ଉଚିତ । ପାଖରେ ବସିଥିଲେ ସାନବାବୁ ପଚାରିଲେ, "ସାର୍, ଆପଣଙ୍କ ଧୈର୍ଯ୍ୟ ବହୁତ । ଆପଣଙ୍କୁ ରାଗ ଲାଗୁନି ?" ନିର୍ମଳବାବୁ ସାମାନ୍ୟ ହସିଦେଇ କହିଲେ, "ରାଜନୀତି କଲେ ଆପଣ ସବୁ ବୁଝିବେ । ଏହା ଏତେ ସହଜ ନୁହେଁ, କ୍ରୋଧ ସମ୍ବରଣ କରିବା ହେଉଛି ନେତାଙ୍କ କର୍ତ୍ତବ୍ୟ ।"

ମିସ୍ତ୍ରୀ ତେଣେ ପାରୁପଣେ ଚେଷ୍ଟା କରି କାନ୍ଥକୁ ଚିକ୍କଣ ରଖିବାକୁ ଲାଗିପଡ଼ିଛି । ସେ ଯା' ହେଉ, ବର୍ଷା ଛାଡ଼ିଲା ଆଉ କାନ୍ଥ ବି ଗୋଟାପଣେ ଠିକ୍ ଦେଖାଗଲା । ମନ୍ତ୍ରୀ ଏବେ ଫଳକ ଉନ୍ମୋଚନ କରିବେ ବୋଲି ମାଇକ୍‌ରେ ଘୋଷଣା କରାଗଲା । ବଡ଼ବାବୁ ରିମୋଟ୍ ସ୍ୱିଚ୍ ମନ୍ତ୍ରୀଙ୍କ ହାତକୁ ଦେଇ ବତେଇ ଦେଲେ, କୋଉ ସ୍ୱିଚ୍ ଟିପିଲେ ପରଦା ଖୋଲିବ ଆଉ ଫଳକ ଦେଖାଯିବ । ସାମ୍ବାଦିକମାନେ ସବୁ କ୍ୟାମେରା ଧରି ଫଟୋ ଉଠେଇବା ପାଇଁ ତତ୍ପର ହେଇଗଲେ । ହେଲେ ନିର୍ମଳବାବୁ ଅନେକ ଚେଷ୍ଟା କରିବା ପରେ ବି ସେଇଟା କାମ ଦେଲାନି । ଅଗତ୍ୟା ସେ ନିଜେ ଫଳକ ପାଖକୁ ଯାଇ ଠିଆ ହୋଇ ସଂକ୍ଷିପ୍ତ ଭାଷଣ ଦେଇ କହିଲେ, "ଏଇ ବ୍ରିଜ୍ ଦ୍ୱାରା ଆପଣଙ୍କ ସହରକୁ ଆସୁଥିବା ଯାନବାହନ ସହଜରେ ଆସିପାରିବେ, ଟ୍ରାଫିକ୍ ସମସ୍ୟା ରହିବ ନାହିଁ ଏବଂ ସର୍ବୋପରି ଏହି ସୁଦୃଢ଼ ନିର୍ମାଣ ଦ୍ୱାରା ଯାନବାହନର ସୁରକ୍ଷା କରାଯାଇପାରିବ ।" ଏମିତି କହି ସେ କାନ୍ଥ ଉପରେ ହାତ ଡିରା ଦେଇ ଛିଡ଼ା ହୋଇଗଲେ ।

ମନ୍ତ୍ରୀଙ୍କ ହାତର ସ୍ପର୍ଶ ପାଇ କାନ୍ଥର କିଛି ଇଟା ନିଜ ସ୍ଥାନରୁ ବାହାରି ପଡ଼ି ପଛ ଆଡ଼େ ପଡ଼ିଗଲେ । ତଥାପି ନିର୍ମଳବାବୁ ନିଶ୍ଚଳ ଭାବେ ନିଜ ବକ୍ତବ୍ୟ ସମାପ୍ତ

କରିବାରେ ତତ୍ପର ହେଲେ ପଛରୁ କିଏ ଜଣେ କହିଲା, "ଉନ୍ମୋଚନ ପରେ କରିବ, ଆଗ ଆମକୁ ଶାଢ଼ୀ ଦିଅ।"

"ଶାଢ଼ୀ!!! କି ଶାଢ଼ୀ ?" ମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ।

ମନ୍ତ୍ରୀଙ୍କ ପ୍ରଶ୍ନ ଶୁଣି ପଛରୁ ପୁଣି କିଏ ଜଣେ ଚିତ୍କାର କରି କହିଲା, "ନିର୍ମଳ ହୋତା ହାଏ-ହାଏ, ଚୋର ନେତା ହାଏ-ହାଏ"। ଏମିତି ହାଏ-ହାଏ ଶବ୍ଦ ଶୁଣି ମନ୍ତ୍ରୀ ଏପାଖ ସେପାଖ ଚାହିଁଲେ। ଇଂଗିତରେ ପଚାରିଲେ, "ଲୋକଙ୍କୁ ଆଣିବା ଦାୟିତ୍ୱରେ କିଏ ଥିଲା ?" ନଗରପାଳ ନିରୀହ ଭାବରେ ଆଙ୍ଗୁଠିଟା ବଡ଼ବାବୁଙ୍କ ଆଡ଼କୁ ଦେଖେଇଲେ। ନିର୍ମଳବାବୁ ତୁରନ୍ତ ବଡ଼ବାବୁଙ୍କୁ ବରଖାସ୍ତ କରିବା କଥା ଘୋଷଣା କରିଦେଲେ। ବଡ଼ବାବୁ ଧାଇଁଯାଇ ମନ୍ତ୍ରୀଙ୍କ ପାଦକୁ ଜାବୁଡ଼ି ଧରି କହିଲେ, "ଆଜ୍ଞା, ଲୋକ ଆସୁନଥିଲେ ବୋଲି ନଗରପାଳ ମୋତେ କହିଲେ ଏମିତି କହିଦିଅ, ତେଣୁ କହିଦେଲି।" ନିର୍ମଳବାବୁ ନଗରପାଳଙ୍କୁ ଚାହିଁଲେ, ହେଲେ କିଛି କହିଲେ ନାହିଁ। ପଛରୁ କିଏ ଜଣେ କହିଲା, "କେତେ ଟଙ୍କା ନେଇ ନଗରପାଳ କରିଛ, କୁହ ?" ନିର୍ମଳବାବୁଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିବା ଉପରେ। ସେ ଏତେ ଅବସ୍ଥା ହେବ ବୋଲି ଭାବି ନଥିଲେ। ହରିବାବୁ ସବୁଠୁ ପଛରେ ଠିଆ ହୋଇ ମୁଚୁକୁନ୍ଦି ହସ ଦେଇ କହୁଥିଲେ, "ମୁଁ ପରା କହିଥିଲି, ସଭାରେ ପଶୁ ପଶୁ ପଳେଇବା ଚାଲ, ମୋ କଥା ଶୁଣିଲେନି।"

ତରବରିଆ ଭାବରେ ମନ୍ତ୍ରୀ ଘୋଷଣା କଲେ ଯେ ସେ ଆନୁଷ୍ଠାନିକ ଭାବରେ ଏ ପୋଲର ଉନ୍ମୋଚନ କରୁଛନ୍ତି। ପଛରୁ 'ନିର୍ମଳ ହୋତା ହାଏ-ହାଏ, ଚୋର ନେତା ହାଏ-ହାଏ' ଶୁଭୁଥିଲା। ନିର୍ମଳବାବୁ ନିରବ ଥିଲେ। ସାନବାବୁ ଧିରେ ପଚାରିଥିଲେ, "ସାର୍, ଲୋକମାନେ ଏତେ ହାଏ-ହାଏ କରୁଛନ୍ତି, ଆପଣଙ୍କୁ ରାଗ ଲାଗୁନି ?" ନିର୍ମଳବାବୁ ସାମାନ୍ୟ ହସିଦେଇ କହିଲେ, "ରାଜନୀତି ଗୋଟିଏ ସାଧନା, କ୍ରୋଧ କଲେ ଆପଣଙ୍କ ଇମେଜ୍ ଉପରେ ଦାଗ ଆସିବ, ତେଣୁ ରାଗିଲେ ଚଳିବ ?" ସାନବାବୁ ନିର୍ମଳବାବୁଙ୍କ ମୁହଁକୁ ଚାହୁଁଥିଲେ।

ହରିବାବୁ ପଛରୁ କହୁଥିଲେ, "ସାର୍, ଶୀଘ୍ର ଉନ୍ମୋଚନ କରିଦିଅନ୍ତୁ, ଯିବା।"

ସଭାରେ ଗୋଳମାଳ ବଢ଼ିବାରେ ଲାଗିଥିଲା। "ଆମକୁ ଶାଢ଼ୀ ଦିଅ, ଚୋର ନେତା ଫେରିଯାଅ", ଏମିତି ଅନେକ ଶବ୍ଦରେ ସଭାସ୍ଥଳ ଫାଟି ଉଠୁଥିଲା। ପୁଲିସବାବୁମାନେ ବି ସଜାଗ ଥିଲେ, ଆବଶ୍ୟକ ହେଲେ ଲାଠିମାଡ଼ କରିବା ପାଇଁ ସେମାନେ ତୟାର। ଏମିତି ସମୟରେ ମାଇକ୍‌ରେ ଘୋଷଣା କରାଗଲା, "ଏବେ ମାନ୍ୟବର ଶ୍ରୀ ନିର୍ମଳ ହୋତା ନିଜ କରକମଳରେ ଉନ୍ମୋଚନ ଫଳକକୁ ଉନ୍ମୁକ୍ତ କରି ଏହି ବ୍ରିଜ୍‌ର ଶୁଭ ଉଦ୍‌ଘାଟନ କରିବେ।"

ନିର୍ମଳବାବୁ ଫଳକ ସମ୍ମୁଖରେ ଲାଗିଥିବା ପରଦାକୁ ଧରିଲେ ଏବଂ ସାମ୍ବାଦିକମାନଙ୍କୁ ସୁହାଇଲା ଭଳି ଫଟୋ ଉଠେଇବା ପାଇଁ ସ୍ଥାନ ଛାଡ଼ି ଦେଇ ଦୂରେଇଗଲେ। ସଭାସ୍ଥଳରେ ଚାପା ଗୁଞ୍ଜରଣ, ସତରେ ସବୁ ନିରବ ହୋଇଯାଇଥିଲେ। କେହି କେହି କହୁଥିଲେ, 'ତୁଚ୍ଛାଟାରେ ଧାଇଁ ଆଇଲି, ଜାଣିଥିଲେ ପାଣି ଟେକିଥାନ୍ତି। ଘରେ ତେଣେ ପିଇବାକୁ ପାଣି ନାହିଁ। ଶାଢ଼ୀ ମିଳିବ ବୋଲି ଆଇଥିଲି। ରଇଜଳାଗୁଡ଼ାକର ଘରେ ନିଆଁ ନାଗିଯାଉ ବା ମିଛ କହି ଆମକୁ ହନ୍ତସନ୍ତ କରିସେନ୍ତି। ବଡ଼ ରୋଗ ହେଇଯାଏ ଲୋ ଏ ମନ୍ତ୍ରୀ ମରିଯାଉଲୋ।' ଏମିତି ସବୁକଥା ନିର୍ମଳବାବୁଙ୍କ ମନକୁ ଖୁବ୍ ଆନ୍ଦୋଳିତ କରୁଥିଲା। ଲାଗୁଥିଲା ସେ ଯଦି ଆଉ କିଛି ସମୟ ଏଠି ରହିବେ ତ ନିଶ୍ଚୟ ସେ ନିଜର ଧୈର୍ଯ୍ୟ ହରେଇବେ।

ହରିବାବୁ କହିଲେ, "ସାର୍ ପରଦାଟା ଟାଣି ଦିଅନ୍ତୁ, ତେଣେ ଆମକୁ ରାଜଧାନୀ ଫେରିବାର ଅଛି। ଉପରବେଳା ଆପଣଙ୍କ ମିଟିଂ ଅଛି।"

ନିର୍ମଳବାବୁ ନିଜ ମନକୁ ଦୃଢ଼ କଲେ। ମନେ ମନେ ଭାବିଲେ ରାଜନୀତିରେ ଏସବୁ କଥା ନିତିଦିନିଆ। ଏ ସବୁ ଧରିଲେ ହେବ। ତାଙ୍କ ବାପା କହିଥିଲେ, 'ସବୁବେଳେ ହସୁଥିବୁ, ମୁହଁରେ ସବୁବେଳେ ହସୁଥିବ, ବାସ ସେଇ ଠାଣିରେ ସେ ହସିଦେଇ ଫଳକରୁ ପରଦାଟା ଟାଣି ଆଣିଲେ। ସେ ଯେମିତି ଟାଣି ଆଣିଛନ୍ତି ସାଙ୍ଗେ ସାଙ୍ଗେ ସାମ୍ବାଦିକମାନଙ୍କ କ୍ୟାମେରାର କ୍ଲିକ୍-କ୍ଲିକ୍ ଶବ୍ଦରେ ସେ ଲୋକମାନଙ୍କ କରତାଳି ଶବ୍ଦ ମିଶା ଶବ୍ଦ ଶୁଣିବା ପାଇଁ ଉତ୍ସୁକ ହୋଇଉଠିଲେ। କିନ୍ତୁ କେହି ଜଣେ ହଠାତ୍ ଫେଁ କିନା ହସିଲା ଆଉ ତା' ଦେଖାଦେଖି ସବୁ ହସିବା ଆରମ୍ଭ କରିଦେଲେ। ସଭାରେ ସମସ୍ତେ ହେଁ-ହେଁ ହୋଇ କାହିଁକି ହସୁଛନ୍ତି ବୋଲି ନିର୍ମଳବାବୁ ହରିବାବୁଙ୍କ ମୁହଁକୁ ଚାହୁଁଥିଲେ, ସେ ବି ନିଜ ମୁହଁରେ ରୁମାଲ୍ ଦେଇ ହସୁଥିଲେ। ସାମ୍ବାଦିକମାନେ ଫଟୋ ଉଠେଇବେ ନା ନାଇଁ ଭାବି ନିରବରେ ଠିଆ ହୋଇଥିଲେ।

ନିର୍ମଳବାବୁ ସାମ୍ବାଦିକମାନଙ୍କୁ ଆଡ଼କୁ ଚାହିଁ ପୁଣି ଫଳକକୁ ଧରି ଫଟୋ ଉଠେଇବା ପାଇଁ ସୁଯୋଗ ଦେଲେ, ହେଲେ କେହି ଫଟୋ ଉଠେଇଲେ ନାହିଁ। କାହିଁକି ଏମିତି ହେଲା ଜାଣିବା ପାଇଁ ନିର୍ମଳବାବୁ ପଛକୁ ଫେରି ଚାହିଁଲେ, ଆଉ ଏତେବେଳେ ଯାଏଁ ସେ ଧରିଥିବା ଧୈର୍ଯ୍ୟଟା ତାଙ୍କ ମୁଖରୁ ଶୁଦ୍ଧ ଓଡ଼ିଆ ସଂସ୍କୃତ ଶବ୍ଦ ସବୁର ପଂକ୍ତି ହୋଇ ବାହାରିଗଲା।

ଫଳକରେ ଲେଖାଥିଲା, 'ବଙ୍ଗାଳୀ ଡାକ୍ତର କ୍ଲିନିକ୍, ଏଠାରେ ଅର୍ଶ, ଭଗନ୍ଦର, ମଳକଣ୍ଟକ ଆଦି ରୋଗର ଚିକିତ୍ସା ବିନା ଅସ୍ତ୍ରୋପଚାରରେ କରାଯାଏ।'

ସଭାସ୍ଥଳ ବାହାରେ ଠିଆ ହୋଇଥିଲା ମଦନ ମହାରଣା। ନିଜ ମୁଣ୍ଡକୁ ପିଟି କହୁଥିଲା, "ମୁଁ ସେତବେଳୁ କହୁଛି, ମୋତେ ସଭାପାଖକୁ ଯିବାକୁ ଦିଅ, ଏଇ ଶଃ... ପୁଲିସମାନେ ଦେଲେନି। କେତେ ଅସୁବିଧା ହୋଇଗଲା।"


ପ୍ରତିଷ୍ଠାତା ସଂପାଦକ 'ଆହ୍ୱାନ'

ବୀମାନଗର-୨, ବ୍ରହ୍ମପୁର-୧୦,

ଓଡ଼ିଶା


***

# ଜରା ନିବାସ

ଅଭିରାମ ରାଉତରାୟ

ଇସ୍ପାତ କାରଖାନାରୁ ଅବସର ନେଲା ପରେ ଗଣେଶ ବାବୁ ତାଙ୍କ ପୈତୃକ ସ୍ଥାନ ପାରଳାଖେମୁଣ୍ଡିକୁ ଆଉ ଫେରି ନଥିଲେ । ଚାକିରି କାଳ ମଧ୍ୟରେ ସେ ପିଲାମାନଙ୍କୁ ଓଡ଼ିଆ ମାଧ୍ୟମରେ ପଢ଼ାଇ ଉଚ୍ଚ ଶିକ୍ଷିତ କରାଇଥିଲେ । ସେ ଜଣେ ନୃତ୍ୟସଂଗୀତ ପ୍ରିୟ ଓ ଓଡ଼ିଆ ସ୍ବାଭିମାନୀ ବ୍ୟକ୍ତି । ସେ ମଧ୍ୟ ନୃତ୍ୟ କଳାକାର । ତାଙ୍କର ଏହି କଳା କୃତି ପାଇଁ ସେ ବହୁ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ବହୁ ରଙ୍ଗମଞ୍ଚରେ ଭାଗ ନେଇଛନ୍ତି, ନୃତ୍ୟ ସଂଗୀତ ବିଦ୍ୟାଳୟ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ପରିଣତ ବୟସରେ ସେ କଳାକୁ ଛାଡ଼ିପାରି ନାହାନ୍ତି ।

ଗଣେଶବାବୁଙ୍କର କାରଖାନାରେ ଯାନ୍ତ୍ରିକ ଅନୁଭୂତି ଓ ନିରୋଗ ସ୍ବାସ୍ଥ୍ୟ ପାଇଁ ଘରୋଇ କଂପାନୀମାନେ ତାଙ୍କୁ କେତେ ବର୍ଷ ନିଯୁକ୍ତି ଦେଇଥିଲେ, ତେଣୁ ଭାରତର ସେ କେତେକ ସ୍ଥାନ ବୁଲିବାରେ ସୁଯୋଗ ପାଇଥିଲେ ।

ସେ ଭ୍ରମଣପ୍ରିୟ । ତାଙ୍କ ପୁତ୍ର ସାମରିକ ବିଭାଗର ଜଣେ କର୍ମଚାରୀ । ତାଙ୍କ ସାଙ୍ଗରେ ସେ ବହୁବାର ହିମାଳୟ ଧାମମାନ ବୁଲିଛନ୍ତି । ସେ ସ୍ଥାନମାନଙ୍କ ବିଷୟରେ ବହୁକଥା ଜାଣିଛନ୍ତି । ଥରେ ସେ ଦିଲ୍ଲୀ ଯାଇ ତାଙ୍କ ଝିଅ-ଜ୍ବାଇଁଙ୍କ ପାଖରେ ରହିଲେ । ବହୁତଳ କୋଠାଘରେ ତାଙ୍କୁ ଅଡୁଆ ଲାଗୁଥାଏ । ଦିନେ ସେ ଖବରକାଗଜରେ ଦେଖିଲେ, ଫରିଦାବାଦରେ ଏକ ଜରାନିବାସରେ ତିନି ଦିନ ଧରି ଶୁଳ୍କ ଦେୟ ସତସଙ୍ଗ ପରିଚାଳିତ ହେବ । ସେ ସେଠାକୁ ଯିବାକୁ ମନବଳାଇଲେ । ସତସଙ୍ଗର ପ୍ରଥମ ଦିନ ଘରେ ଝିଅ, ଜ୍ବାଇଁଙ୍କୁ ନ ଜଣାଇ ମୋବାଇଲ ସ୍ବିଚ୍ ବନ୍ଦ କରି ସତସଙ୍ଗସ୍ଥଳୀକୁ ଗଲେ । ତାଙ୍କ ଝିଅଙ୍କ ବାସସ୍ଥାନରୁ ଜରାନିବାସ ୧୫ କିଲୋମିଟର ହେବ । ସେ ସେଠାରେ ପହଞ୍ଚି ଗଣେଶବାବୁ ନାମ ପଞ୍ଜିକୃତ କରି ସତସଙ୍ଗରେ ଯୋଗଦେଲେ ।

ଜରାନିବାସର ମାଟିତଳ ମହଲାରେ (basement) ୨୦୦ ଜଣ ବସିବା ପାଇଁ ସୁବନ୍ଦୋବସ୍ତ କରାଯାଇଥାଏ । ସେଠାରେ ସବୁ ବୟସର ଲୋକେ ଯୋଗ ଦେଇଥାନ୍ତି । ପ୍ରବଚନ ସରିଲା ପରେ ସମସ୍ତେ ସାମୂହିକ ନୃତ୍ୟ କରନ୍ତି । ଗଣେଶବାବୁ ସେମାନଙ୍କ ସହିତ ତାଳଦେଇ ଓଡ଼ିଶୀ ନୃତ୍ୟଭଙ୍ଗୀରେ ନୃତ୍ୟ କରନ୍ତି । ସତସଙ୍ଗୀମାନେ ସମସ୍ତେ ହିନ୍ଦୀଭାଷୀ, ଉତ୍ତର ଭାରତୀୟ । ଗଣେଶବାବୁଙ୍କ ଏ ବୟସରେ ସୁନ୍ଦର ନୃତ୍ୟ ଦେଖି ସେମାନେ ତାଙ୍କୁ ଘେରିଯାଇ ପ୍ରଶ୍ନ କଲେ । ସମସ୍ତ ପ୍ରଶ୍ନ ହିନ୍ଦିର ଓଡ଼ିଆ ଅନୁବାଦ ଏହିପରି - 'ବାବା, ଆପଣ ନିଶ୍ଚୟ ଦିଲ୍ଲୀବାଲା ନୁହନ୍ତି । ଆପଣଙ୍କ ନିବାସ କୋଉଠି ?'

ଗଣେଶ ବାବୁ, 'ଓଡ଼ିଶାରେ !'



ସେମାନେ, 'ଓଡ଼ିଶା କେଉଁଠାରେ ?'

ଗଣେଶବାବୁ ସେମାନଙ୍କୁ ପ୍ରଶ୍ନ କଲେ, 'ଭାରତରେ ସବୁଠୁ ବଡ଼ ଯୁଦ୍ଧ କେବେ, କେଉଁଠି ହୋଇଥିଲା ?'

ସେମାନେ କହିଲେ, 'ମହାଭାରତ ଯୁଦ୍ଧ, ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ କୁରୁକ୍ଷେତ୍ରରେ ହୋଇଥିଲା ।'

ଗଣେଶବାବୁ ପଚାରିଲେ, 'ମହାଭାରତ ଯୁଦ୍ଧ ପରେ ଭାରତରେ କେଉଁ ମହାଯୁଦ୍ଧ ହୋଇଥିଲା ?'ସେମାନେ କହିପାରିଲେ ନାହିଁ । ଗଣେଶବାବୁ କହିଲେ, 'ମୁଁ ଇତିହାସ ପ୍ରଫେସର ହୋଇଥିଲେ ଆପଣମାନଙ୍କୁ ଶୂନ ମାର୍କ ଦେଇଥାନ୍ତି ।'

ସେ କହିଲେ, 'ନ ଜାଣିଛ ଯଦି, ଶୁଣ । ମହାଭାରତ ଯୁଦ୍ଧ ପରେ କଳିଙ୍ଗ ଯୁଦ୍ଧ ସମ୍ରାଟ ଅଶୋକ ଓ କଳିଙ୍ଗ ରାଣୀଙ୍କ ସହିତ ଖ୍ରୀଷ୍ଟପୂର୍ବ ୨୬୧ ସାଲ୍‌ରେ ହୋଇଥିଲା । ଏ ଯୁଦ୍ଧରେ ଏକ ଲକ୍ଷ ଅଶୋକ ସେନା ଓ ଦେଢ଼ ଲକ୍ଷ କଳିଙ୍ଗ ସେନା ପ୍ରାଣ ହରାଇଥିଲେ । ଦେଢ଼ ଲକ୍ଷ କ୍ଷତବିକ୍ଷତ ହୋଇଥିଲେ । ଧଉଳି ପାହାଡ଼ଠାରୁ ୧୫ ମାଇଲବ୍ୟାପୀ ଯୁଦ୍ଧରେ ଦୟା ନଦୀର ଜଳ ରକ୍ତରେ ଲାଲ ହୋଇଯାଇଥିଲା । ଯୁଦ୍ଧରେ ଜୟଲାଭ କରିଥିଲେ ମଧ୍ୟ ଅଶୋକଙ୍କର ମାନସିକ ପରାଜୟ ଘଟିଥିଲା । ବୌଦ୍ଧ ଧର୍ମ ଗ୍ରହଣ କରି ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ ।' ଗଣେଶବାବୁ କହିଲେ, 'କଳିଙ୍ଗ ଆଜିର ଓଡ଼ିଶା ।'

ସେମାନେ ପ୍ରଶ୍ନ କଲେ, 'ବାବା, ଆପଣଙ୍କ ରାଜ୍ୟରେ ତ କୌଣସି ଅବତାର ଜନ୍ମଗ୍ରହଣ କରିନାହାନ୍ତି ?'

ଗଣେଶବାବୁ କହିଲେ, 'ଅବତାର ଦୁଷ୍ଟମାନଙ୍କୁ ସଂହାର କରିବାକୁ ଅବତୀର୍ଣ୍ଣ ହୋଇଥାନ୍ତି । ଆମ ରାଜ୍ୟରେ ଦୁଷ୍ଟ ଲୋକ କ'ଣ ଅଛନ୍ତି ? ଅବତାର କ'ଣ ପାଇଁ ଜନ୍ମଗ୍ରହଣ କରିବେ ? ଅବତାର ଖୁନ୍ କରନ୍ତି ନାହିଁ, ସେ ସଂହାର କରନ୍ତି ।

ଯୁବକମାନେ ପ୍ରଶ୍ନ କଲେ, 'ବାବା, ଆପଣଙ୍କ ରାଜ୍ୟରେ କେତେଜଣ ବିଶ୍ୱସୁନ୍ଦରୀ ଅଛନ୍ତି ?'

ସେ କହିଲେ, 'ଆମେ ରକ୍ଷଣଶୀଳ, ତେଣୁ ବିଶ୍ୱ ଦରବାରରେ ଆମର ପ୍ରଦର୍ଶନ ସ୍ଥାନ ପାଇନାହିଁ । ଆମର ଜିନ୍ ଗୋଳମାଳ ହୋଇନାହିଁ । ଆମର

କାହା ଶରୀରରେ ପାଦବାଜିଗଲେ ଆମେ 'ବିଷ୍ଣୁ' ବୋଲି କହିଥାଉଁ। ଇଂରାଜୀରେ ତାକୁ 'ସରି' ବୋଲି କୁହନ୍ତି। ଆମ ଜଗନ୍ନାଥ କଥା କହନ୍ତି।' ଗଣେଶବାବୁ ଜଗନ୍ନାଥଙ୍କ କେତେକ ଅଲୌକିକ ଘଟଣାବଳୀ ମଧ୍ୟ ସେମାନଙ୍କୁ ଉତ୍ତର ପ୍ରସଙ୍ଗରେ କହିଲେ।

ସେମାନେ ପଚାରିଲେ, 'ବାବା! ଆପଣଙ୍କ ରାଜ୍ୟ ପର୍ବପର୍ବାଣୀର ଦେଶ। ଲୋକମାନେ ଏତେ ଭଲ, ବିଦ୍ୱାନ, ବାଲାଖ୍, ତେବେ ସବୁଠୁ ପଛରେ ରହିଛି। ଅନଗ୍ରସର ମାନରେ ସର୍ବପ୍ରଥମ ସ୍ଥାନ ଗ୍ରହଣ କରିଛି। ୟା'ର କାରଣ କ'ଣ?

ଗଣେଶବାବୁ ଉତ୍ତର ନଦେଇ କିଛି ସମୟ ଭାବିଲେ। ତାଙ୍କର ମନେ ପଡ଼ିଗଲା - କଳିଙ୍ଗ ଯୁଦ୍ଧ ଶ୍ରୀଚୈତନ୍ୟଙ୍କର ଆଗମନ ଦ୍ୱାରା ବୀରଜାତି କରବାଳ ଛାଡ଼ି ଖୋଳ, କରତାଳ ଧାରଣ, ନଅଙ୍କ ଦୁର୍ଭିକ୍ଷ, ଇଂରେଜଙ୍କୁ ପ୍ରତିରୋଧ ପାଇଁ ପାଇକ ବିଦ୍ରୋହ, ଓଡ଼ିଆ ଭାଷା ଲୋପ ପାଇଁ ହୀନ ପ୍ରଚେଷ୍ଟା, ଉତ୍କଳ ସମ୍ମିଳନୀ, ଓଡ଼ିଶା ପ୍ରଦେଶ ଗଠନ ଓ ଆଧୁନିକ ଓଡ଼ିଶା- ୨୫୦୦ ବର୍ଷର ଇତିହାସ।

ସେମାନେ ବାରମ୍ବାର ପ୍ରଶ୍ନ କଲେ, 'ବାବା ନୀରବ କାହିଁକି?' ବାବା ନିରୁତ୍ତର ହୋଇ ଆରମ୍ଭ କରିଦେଲେ ନୃତ୍ୟ। ସମସ୍ତେ କହି ଉଠିଲେ, 'ଗଣେଶବାବା କି ଜୟ, ବାବା ଗଣେଶ କି ଜୟ।'

ଗଣେଶବାବୁ ମୋବାଇଲ୍ ଅନ୍ କରି ଦେଲେ। କାନ୍ଦିକାନ୍ଦି ଫୋନ୍ କରି କହିଲା, 'ବାବା ତୁମେ କେଉଁଠି? ଆମ୍ଭେ ତୁମ୍ଭକୁ ଖୋଜିଖୋଜି ହାଲିଆ ହେଲୁଣି।'

ଗଣେଶବାବୁ କହିଲେ, 'ଝିଅ କାନ୍ଦେନା। ମୁଁ ଭଲରେ ଅଛି, ତୋ ପାଖରେ ପହଞ୍ଚିବି।'

ଗଣେଶବାବୁ ତିନିମାସ ଜରାଶ୍ରମରେ ରହି ଫେରିଗଲେ।

ସି-୨୩୬, କୋଏଲନଗର,
ରାଉରକେଲା-୧୪
ମୋ. ୦୯୪୩୭୩୯୭୨୨୭

***

**With Best Compliments from :**

**MR. AMIT SOLANKI**

# NATIONAL COURIER SERVICES

**NEAR HANUMAN MANDIR**
**HERO HONDA CHOWK**
**GURGAON**
**PH: 9811474580, 9873848193**

# ଝରା ଫଗୁଣ

ବିନୋଦିନୀ ନନ୍ଦ



ଆଲୋ ଏ ଦାଶଘର ଝିଅ । କ'ଣ କରୁଛୁ କିଲୋ ?ବଡ଼ ପାଟିରେ ଡାକି ଡାକି ଖୋଲାଥିବା ଦାଣ୍ଡଘର ଭିତରକୁ ସିଧା ପଶି ଆସିଲା ଯମୁନା ମାଉସୀ ।

ରୋଷେଇ ସାରି ବେସିନ୍ ନିକଟରେ ହାତ ଧୋଇବା ଭିତରେ ମୁଁ ତା'ଡାକ ଶୁଣି ମନେମନେ ପ୍ରମାଦଗଣିଲି । ବୁଢ଼ୀ ଏ ଦିନ ଦ୍ୱିପ୍ରହରରେ କାହିଁକି ଯେ ଆମ ଘରକୁ ଗଡ଼ିଲା କେଜାଣି ? ତେବେ ପଡ଼ୋଶୀ ଭାବରେ ଦୀର୍ଘ ଦିନର ଏକତ୍ର ରହଣୀ ଫଳରେ ତା'ପ୍ରକୃତି ମୋତେ ଅଜଣା ନ ଥିଲା । ମଉସା ଆରପାରିକି ଚାଲିଯିବାପରେ ସେ ତ ସଂପୂର୍ଣ୍ଣ ଏକା । ପିଲାପିଲି ତ କେହି ନାହିଁ । ସକାଳ ପହରୁ କ'ଣ ଦି'ଟା ଫୁଟାଇଦେଇ ନାକରେ କାନରେ ଗୁଞ୍ଜିଦେଲେ ତା'କାମ ଶେଷ । ତା'ପରେ ସାରା ଦିନ ଏଘର ମାଉସୀ ସେଘର ପିଉସୀ ହୋଇ ବୁଲି ବୁଲିବା ଭିତରେ ଅନ୍ୟ ନା'ରେ ଦିଟାରିପଦଖାଟ ମିଛ ଚୁଗୁଲି କରି ନଗପିଲେ ତା'ଭାତ ହଜମ ହୁଏନା । ଥରେ ଆସିଲେ ସହଜରେ ଆଉ ଉଠିବା ନା'ବି ଧରେନି । ଯାହା କହନ୍ତି ବାଂଝ ଯେଉଁଠି ବସିଲା ସେଇଠି ସଞ୍ଜ । ମନ ଭିତରେ ବିରକ୍ତ ହେଉଥିଲେ ବି ମୁଖମଣ୍ଡଳରେ କୃତ୍ରିମ ହସ ଖେଳାଇ ମୁଁ ଯାଇ ଯଥାମାନ୍ୟ ପ୍ରମାଣ ଜଣାଇ ତା'ନିକଟରେ ବସିପଡ଼ିଲି ।

ପାନଖିଲଟିଏ କଳରେ ଯାକି ମୁହଁକୁ ବିକୃତ କରି କହିଲା ମାଉସୀ - ଆଲୋ ଏ ଜୟନ୍ତୀ, ସେ ବିଧବାଟାକୁ ତୋ ଘରେ କାହିଁକି ରଖିଛୁ ଶୁଣେ ? ତତେ କ'ଣ ଆଉ କେହି ଭଡ଼ାବାଲା ମିଳିଲେନି ? ଆଲୋ ତା'ବେଶ ଭୂଷାର ଚମକ, କଥା କଥାରେ ଝରି ପଡୁଥିବ । ହସ ଆଉ ବିଶେଷ କରି ରାସ୍ତା - ଆରପଟ । ସାମ୍ନା ଘରେ ରହୁଥିବା ବିପତ୍ନିକ ଜଗତ ସହିତ ସେ ଘୂରିବୁଲିବା ଦେଖିଲେ, କେଡ଼େ ମୂର୍ଖ ହେଲେ ବି ତା'ଚରିତ୍ର ସମ୍ବନ୍ଧରେ କଳନା କରିପାରିବ କିନ୍ତୁ ତୁ ଏମିତି ଗାନ୍ଧାରୀ ପରି ଆଖି ବୁଜି ବସିଛୁ କିପରି ? ଜାଣିନୁ କି, ନିଆଁ ପାଖରେ ଘିଅ, ଆଉ ପୁଅ ପାଖରେ ଝିଅ ରହିଲେ ତରଳିବାକୁ ବେଶି ସମୟ ଲାଗିବନି ବୋଲି, ବୁଝିଲୁ ଧରାନପଡ଼ିବା । ଯାଏ ସବୁ ସୁନ୍ଦର, ସବୁ ସୁଖକର ହେଲେ ଯେତେବେଳେ ଲେଡ଼ିଗୁଡ଼ କହୁଣୀକୁ ବୋହିଯିବ ସେତେବେଳେ ବଳେ କଥାଟା ବାହାରକୁ ଫୁଟି ବାହାରିବ । ତେଣୁ ଭାଗ୍ୟ ଭଲ ଅଛି ଯଦି, ବେଳ ଥାଉ ଥାଉ ସାବଧାନ ହୋଇଯା, ନଚେତ୍ ପରେ ଅନୁତାପ କରିବା ହିଁ ସାର ହେବ ।

ବର୍ତ୍ତମାନ ତା'ଆଗମନରେ ଅସଲ ଉଦ୍ଦେଶ୍ୟ ମୁଁ ବୁଝି ପାରିଲି । ତା'କଟୁକ୍ତି ଗୁଡ଼ିକ ବନ୍ଧୁକରୁ ନିର୍ଗତ ଗୁଳିପରି ବାହାରି ମୋତେ କ୍ଷତବିକ୍ଷତ କରି ପକାଉଥିଲେ ସୁଦ୍ଧା ମୁଁ ନିଜକୁ ସଂଯତ କରି ନେଇ ଖୁବ୍ ସନ୍ତର୍ପଣରେ ଉତ୍ତର ଦେଲି- ତୁମେ ତ ସବୁ ଜାଣିଛ ମାଉସୀ, ଏକ ସଡ଼କ ଦୁର୍ଘଟଣାରେ ଜାହ୍ନବୀର ସ୍ୱାମୀର ଅକାଳ ମୃତ୍ୟୁ ଘଟି ନ ଥିଲେ କିମ୍ବା ଆତ୍ମୀୟମାନଙ୍କ ନିଷ୍ଠୁର ବ୍ୟବହାର, ଛନ୍ଦ କପଟ ଓ ଧୋକ୍କାବାଜୀ ତାକୁ ରାଜଦ୍ୱାରରୁ ନେଇ ରାଜରାସ୍ତାରେ ଛିଡ଼ା କରାଇ ଦେଇ ନ ଥିଲେ ସେ କାହିଁକି ଏମିତି ବାରମ୍ବାର ଶୁଣିପିଣ୍ଡା ହୋଇ ବୁଲିଥାନ୍ତା । ଚାକିରିଟିଏ କରୁଛି ବୋଲି ବାହାରକୁ ଯାଉଛି କି ଭଲ ଲୁଗା ଖଣ୍ଡେ ପିନ୍ଧୁଛି । 'ଭେକ ଦେଖି ତ ଭିକ' ତା'ର ବା ସେଥିରେ ଦୋଷ କ'ଣ ? ଆଉ ଜଗତ ସହିତ ମିଶୁଛି ବୋଲି ଯାହା କହୁଛ, ସେତ ତା'ମୃତ ସ୍ୱାମୀର ଘନିଷ୍ଠ ବନ୍ଧୁ, ଆଗରୁ ହିଁ ତାଙ୍କ ଘରକୁ ତା'ର ଅବାଧ ପ୍ରବେଶ ଥିଲା । ଏବେ ସେହି ବନ୍ଧୁତା ଦୃଷ୍ଟିରୁ ବନ୍ଧୁପତ୍ନୀକୁ ସେକେବଳ ଆପଦରେ ସାହାଯ୍ୟ ସହଯୋଗ କରୁଛି ମାତ୍ର । ଏଇ କିଛି ଦିନ ଭିତରେ ମୁଁ ସେ ଦୁହିଁକୁ ଯେତିକି ଜାଣିଛି, ସେମାନଙ୍କ ସମ୍ପର୍କ ସ୍ୱାର୍ଥ କିବା ଆବିଳତାର ନୁହଁ ବରଂ ପାରସ୍ପରିକ ଉପକାର ସାଧନ ଅଭିଳାଷରୁ ଆଜିବି ସେମାନଙ୍କ ସଂପର୍କ ଶ୍ରଦ୍ଧା, ବିଶ୍ୱାସ ଓ ଶୁଭେଚ୍ଛା ଆଧାରିତ । କହନ୍ତି ପରା ମାଉସୀ, "ଚାଲି ଜାଣିଲେ ବାଟ ସୁନ୍ଦର, ଜୀଇଁ ଜାଣିଲେ ଘଟ ସୁନ୍ଦର" ବୋଲି । ତେଣୁ ଜାହ୍ନବୀ ଯଦି ସାଙ୍ଗସାଥୀଙ୍କ ସହିତ ହସଖୁସିରେ ଟିକେ ସମୟ ନବିତାଇବ ତେବେ ତା'ଜୀବନର ଏଲମ୍ବା ରାସ୍ତାଟା ସେ ପାର କରିବ କିପରି ?

ମାଉସୀର ପାନଖିଆ ନାଲି ନାଲି ଓଠ ଫାଙ୍କରୁ ଛିଟିକି ପଡ଼ିଲା । ଟେନାଏ କୁଟିଳ ହସ, ମୋ ଉପରକୁ ବ୍ୟଙ୍ଗବାଣଟିଏ ଛାଟିଦେଇ ଉତ୍ତର ଦେଲା - ଆଲୋ ହେ, ସେ ଟୋକୀ ତୋ ଉପରେ ବି କେଉଁ ଦେବଦେବୀଙ୍କ ମନ୍ତୁରା ପାଣି ଛିଞ୍ଚି ଦେଇଛି ନା କ'ଣ । ତୁ ବି କ'ଣ ତା ଦୋଷ ଦୁର୍ବଳତାକୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଛୁ ? ଜାଣିନୁ କି ନାରୀ ହେଉଛି ଅତର ପରି । ତାକୁ ଶିଶିରେ ଠିପି ବନ୍ଦକରି ନ ରଖିଲେ ସେ ବି ଉଡ଼ନ ଛୁ ହୋଇଯିବ । ପରିଶେଷରେ ନିଜ ଓ ନିଜ ପରିବାର ଉପରେ ଯେମିତି କଳଙ୍କର କାଳିମା ବୋଳିବ, ସେମିତି ସମାଜରେ ମଧ୍ୟ ବ୍ୟଭିଚାର ବଢ଼ାଇବ । ସେଇଥିପାଇଁ ପରା ଆମ ସମାଜ ସଂସ୍କାରକ ମାନେ ବିଧବାମାନଙ୍କ ଖାଇବା ପିଇବା, ପିନ୍ଧିବା ଏପରିକି ହସିବା ବସିବା ଉପରେ ମଧ୍ୟ କଡ଼ା ଅନୁଶାସନ ଓ ନାନା ପ୍ରତିବନ୍ଧକ ଲଗାଇ ଦେଇଛନ୍ତି । ବୁଝିଲୁ । ଏବେ ନାରୀ ପୁରୁଷଙ୍କ ସମାନତାକୁ ନେଇ ଯେତେ ଭାଷଣବାଜୀ ହେଲେ କ'ଣ ହେବ । ନାରୀମାନେ କ'ଣ

କେବେ ବି ପୁରୁଷଙ୍କ ସମକକ୍ଷ ହୋଇପାରିବେ ?

ମାଉସୀଙ୍କ କଟୂକ୍ତି ଗୁଡ଼ିକ ମୋତେ ବୃଶ୍ଚିକ ଦଂଶନ ତୁଲ୍ୟ ଯନ୍ତ୍ରଣା ଦେଲା। ଭାବିଲି ଅନ୍ୟାୟ କରିବା ଯେମିତି ପାପ ଅନ୍ୟାୟକୁ ନୀରବରେ ସହ୍ୟ କରିବା ମଧ୍ୟ ସମପରିମାଣରେ ପାପ। ତେଣୁ ଦୃଢ଼ ଯୁକ୍ତି ବାଢ଼ି କହିଲି- ଆଚ୍ଛା କହିଲ ମାଉସୀ, ପତ୍ନୀର ମୃତ୍ୟୁପରେ ପତି ଯଦି ଲଗାମଛଡ଼ା ହୋଇ ଘୂରି ବୁଲି ପାରେ, ମଜା ମଜଲିସ୍ କରିପାରେ, ତେବେ ସ୍ୱାମୀର ମୃତ୍ୟୁରେ ସ୍ତ୍ରୀଟିଏ କାହିଁକି ସାରା ଜୀବନ ବୈଧବ୍ୟ ଯନ୍ତ୍ରଣାରେ ଅତିବାହିତ କରିବ ? କାହିଁକି ସେ ନିରାମିଷ ଖାଇବ, ଧଳାଶାଢ଼ୀ ପିନ୍ଧିବ। କାହିଁକି ସେ ଶୁଭ କାମରେ ଅଶୁଭ ପ୍ରତିପାଦିଦ ହୋଇ ମଙ୍ଗଳ କାର୍ଯ୍ୟରେ ମୁହଁ ଲୁଚାଇବ ? ଆଉ ଯଦି ବିପତ୍ନୀକ ପୁରୁଷଟିଏ ଦ୍ୱିତୀୟ ବିବାହ କରି ପାରୁଛି ତେବେ ବିଧବା ନାରୀଟିଏ ପୁର୍ନବିବାହ କରିବ ନାହିଁ କାହିଁକି ? ଶାସ୍ତ୍ରକାରମାନେ ଏମିତି ସବୁ କଠୋର ନିୟମ କେବଳ ନାରୀମାନଙ୍କ ଉପରେ ଲଗାଇବାର କାରଣ କ'ଣ ? ଏହା କେତେଦୂର ଯୁକ୍ତିଯୁକ୍ତ, କେତେ ଦୂର ନ୍ୟାୟୋଚିତ ? ତୁମକୁ ଏହି ବୈଧବ୍ୟ ପୀଡ଼ାର ଗଭୀରତା ସମ୍ବନ୍ଧରେ କ'ଣ ଆଉ ମୁଁ ଅଧିକା ବୁଝାଇବି, ତୁମେ ପରା ନିଜେ ଜଣେ ଭୁକ୍ତଭୋଗୀ।

ଭ୍ରୂକୁଞ୍ଚନ କରି ଉତ୍ତର ଦେଲା ଯମୁନା ମାଉସୀ – ଛି, ଛି, କେଡ଼େ ପାପକଥା ? ବୈଧବ୍ୟ ଯନ୍ତ୍ରଣା କଷ୍ଟକର ବୋଲି ବିଧବାଟିଏ ପୁଣି ଅନ୍ୟକୁ ବାହାହେବ। ସ୍ୱାମୀ ଚିତାରେ ଝାସ ଦେଇ ସତୀ ନହେଲା ନାହିଁ, ଶେଷରେ ଅସତୀ ହେବ। ଅଧର୍ମ କରିବ।

ତାଙ୍କ ବାକ୍ୟ ସମାପ୍ତ ହେବା ପୂର୍ବରୁ ହିଁ ମୁଁ ନିଜର ବିରକ୍ତି ପ୍ରକାଶ କରି କହିଲି – ତୁମ ମତରେ ନାରୀ ଦ୍ୱିତୀୟ ବିବାହ କଲେ ଦୋଷ କିନ୍ତୁ ଆମ ସମାଜରେ ଅଳ୍ପ ବୟସୀ ବିଧବାମାନଙ୍କ ସରଳତାର ସୁଯୋଗ ନେଇ କିମ୍ବା କଳବଳ କୌଶଳ ପ୍ରୟୋଗ କରି ନିକଟତମ ଆତ୍ମୀୟମାନେ ମଧ୍ୟ- ସେମାନଙ୍କୁ ଯେଉଁ ଯୌନ ଶୋଷଣ କରୁଛନ୍ତି, ସେଇଟା କ'ଣ ତାହେଲେ ପୂଣ୍ୟ କାମ ? ବୁଝିଲ ମାଉସୀ। ସତ କଥା ହେଉଛି ଆମ ଏହି ପୁରୁଷ ପ୍ରଧାନ ସମାଜରେ କିଛି ସ୍ୱାର୍ଥଲୋଭୀ, ସ୍ୱେଚ୍ଛାଚାରୀ ପୁରୁଷ, ନାରୀମାନଙ୍କ ଅସ୍ମିତାକୁ ଦମନ କରି ସେମାନଙ୍କୁ ନିଜ ଅଧିନରେ ରଖିବା ପାଇଁ କେତେବେଳେ ଶାସ୍ତ୍ରର ଦୁହାଇ ଦେଇ ତ ଆଉ କେତେବେଳେ ଅନ୍ୟାୟ, ଅନୀତି, ପାପ ହେବାର ଭୟ ଦେଖାଇ ସେମାନଙ୍କ ଉପରେ ଯାବତୀୟ କଟକଣା ଲଗାଇ ଦେଇଛନ୍ତି। ଆଉ ସେହି ନିୟମକୁ ସେତେବେଳର ଅଶିକ୍ଷିତା ନାରୀମାନେ ନିଜେ ତ ବେଦର ଗାର କରି ଅକ୍ଷରେ ଅକ୍ଷରେ ପାଳନ କଲେ, ତାହାକୁ ପୁଣି ତାଙ୍କ ଉତ୍ତର ପିଢ଼ିର ବିଧବାମାନଙ୍କୁ ପାଳନ କରିବାକୁ ବାଧ୍ୟ କଲେ। ଫଳରେ ପୁରୁଷ ପୁରୁଷ ଧରି ଏହି କୁସଂସ୍କାର ଆମ ସମାଜରେ ଏକ ପ୍ରଥା ଭାବରେ ପାଳିତ ହୋଇ ଆସୁଛି। ଆଜି ଆଉ କେଉଁ ଶାସ୍ତ୍ରକାର ନୁହଁନ୍ତି, ସଜାତି ପରମ ହିଂସୃକ ପରି ମହିଳା ମାନେ ହିଁ ମହିଳାମାନଙ୍କର ବଇରୀ ସାଜିଛନ୍ତି। କହିଲ ମାଉସୀ, ଅନ୍ଧ ଭାବରେ ଏହି କୁସଂସ୍କାରକୁ ମାନିନେବା ଉଚିତ୍ ନା ଯୁଗ ସହିତ ତାଳ ଦେଇ ଏଇ ପ୍ରଥାର ପରିବର୍ତ୍ତନ କରିବା ଉଚିତ୍ ?

ବୋଧହୁଏ ମୋ ସହିତ ଆଉ ଯୁକ୍ତିତର୍କ କରିବା ଯାଇଁ ଭାଷା ପାଇଲା ନାହିଁ ମାଉସୀ। ବସିବା ସ୍ଥାନରୁ ଉଠି ଯିବାକୁ ଉଦ୍ୟତ ହେଉ ହେଉ ମୁହଁ ଛିଞ୍ଚାଡ଼ି କହିଲା- ପାଠ ଦି ଅକ୍ଷର ପଢ଼ିଛ ବୋଲି ତୁମେ ତ ଆଉ ଚନ୍ଦ୍ର ସୂର୍ଯ୍ୟଙ୍କୁ ବି ଦେବତା ବୋଲି ମାନୁନ। ତୁମକୁ ମୋର କିଏ ପାରିବ ଲୋ ମା'।

ଅନିଚ୍ଛା ସତ୍ତ୍ୱେ ମୁଁ ବି ଉଠି ଗେଟ୍ ପର୍ଯ୍ୟନ୍ତ ଯମୁନା ମାଉସୀକୁ ଛାଡ଼ିଦେଇ ଆସିଲି। ଫେରିବା ପରେ ପୁଣି ମୁଁ ସେହି ଚଉକିରେ ଭାବଗମ୍ଭୀର ଭାବରେ ବସି ଜାହ୍ନବୀର ଅତୀତ ଆଉ ବର୍ତ୍ତମାନକୁ ଖୋଳାଇବାରେ ଲାଗିଲି। ଗୋଟିଏ କଲୋନୀରେ ରହୁଥିବା ଜାହ୍ନବୀକୁ ମୁଁ ବାଲ୍ୟକାଳରୁ ଦେଖିଛି, ଜାଣିଛି କଲୋନୀର ଗୋଟିଏ ମୁଣ୍ଡରେ ଥିଲା ତା' ବାପଘର ତ ଆଉ ମୁଣ୍ଡରେ ତା' ଶାଶୁଘର। ଆଉ ଆମ ଘର ଯେମିତି କଲୋନୀର ମଧ୍ୟ ଭାଗରେ ଥିଲା ସେମିତି ମୁଁ ତା' ବିବାହରେ ମଧ୍ୟସ୍ଥି ସାଜି ସେମାନଙ୍କ ଦୁଇ ପରିବାର ମଧ୍ୟରେ ବାନ୍ଧି ଦେଇଥିଲି ଏକ ସଂପର୍କରେ ସେତୁ। ସତ କହିବାକୁ ଗଲେ ବିବାହପରେ ଜୟନ୍ତ ସହିତ ଖୁବ୍ ଆନନ୍ଦରେ ଥିଲା ଜାହ୍ନବୀ। ମାତ୍ର କେତୋଟି ବର୍ଷ ପରେ ଅଚାନକ ଦିନେ ସେଇ ଅଗ୍ନିକୁ ସାକ୍ଷୀରଖି ବିବାହ କରିଥିବା ତା'ର ଜନ୍ମ ଜନ୍ମର ସାଥୀ ଜୟନ୍ତର ଜୀବନ ଦୀପ ଲିଭିଗଲା ଏକ ସଡ଼କ ଦୁର୍ଘଟଣାରେ। ଆଉ ଆନନ୍ଦ ଉଲ୍ଲାସରେ ହସି ଉଠୁଥିବା ତାଙ୍କ ପରିବାରରେ ଖେଳିଗଲା ଶ୍ମଶାନର ନୀରବତା। ପାଷାଣୀ ସଦୃଶ ମୂକ ପାଲଟି ଗଲା ଜାହ୍ନବୀ। ତା'ଜୀବନ ଯେମିତି ବେରଙ୍ଗ ହୋଇଗଲା ସେମିତି ଦୁଃଖ ସନ୍ତାପରେ କଟିଲା ତା'ରାତି ଦିନ। ଆଉ ତା'ର ଅଲିଅଳୀ ଶିଶୁ କନ୍ୟା ବଢ଼ିଲା ଅଯତ୍ନ, ଅବହେଳା ଓ ହତାଦର ମଧ୍ୟରେ।

ସମୟର ଚକ ଗଡ଼ି ଚାଲିଥିଲା। ଆଉ ଅଳ୍ପଦିନ ଭିତରେ ପୋଛଲା ଏଣ୍ଡୁଅ ରଙ୍ଗ ବଦଳାଇବା ପରି ଆଶାତୀତ ଭାବେ ବଳଦିଗଲେ ତା'ଆତ୍ମୀୟମାନେ। ତା'ସାନ ଦିଅର ଓ ଯାଙ୍କ ସଂକୀର୍ଣ୍ଣ ମନୋଭାବ ଏବଂ କ୍ରୁରତା ଯେପରି ତୀବ୍ର ଆକାର ଧାରଣ କଲା ସେଥିରେ ପରିବାର ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଗମ୍ଭୀର ରୂପ ନେବାକୁ ବେଶି ସମୟ ଲାଗିଲାନି। ଜ୍ୟେଷ୍ଠ ପୁତ୍ରକୁ ଅକାଳରେ ହରାଇଥିବା ତା' ଶାଶୁ ଶ୍ୱଶୁରଙ୍କ ପାଇଁ ଏବେ କନିଷ୍ଠ ପୁତ୍ରହିଁ ଥିଲା ଏକମାତ୍ର ଆଶାଭରସାର ଉତ୍ସ। ତେଣୁ ସେମାନେ ଜାହ୍ନବୀରସପକ୍ଷରେ ଯେମିତି ପଦେକହୁନଥିଲେ ସେମିତି ସାନ ପୁଅ-

ବୋହୂଙ୍କ ଅନ୍ୟାୟ ଦେଖି ମଧ ନୀରବଦ୍ରଷ୍ଟା ସାଜିଥିଲେ । ଫଳରେ ଦିଅର-ଯାଙ୍କ ଦୁର୍ବ୍ୟବହାର ଓ କଟୁ ସମାଲୋଚନାରେ ଅତିଷ୍ଠ ହୋଇ ପଡ଼ିଥିବା ଜାହ୍ନବୀ ନିଜ କ୍ରୋଧକୁ ନିୟନ୍ତ୍ରଣରେ ରଖିନପାରି ହଠାତ୍ ଦିନେ ନିଜ ଝିଅ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଛି ସଙ୍ଗରେ ଧରି ବାଲିଗଲା ତା'ବାପ ଘରକୁ। ହେଲେ, ବୁଝାଇ ସୁଝାଇ ଝିଅକୁ ତା' ଶାଶୂ ଘରକୁ ପଠାଇବା ପରିବର୍ତ୍ତେ ସେହି କ୍ରୋଧ ରୂପକ ଜଳନ୍ତା ନିଆଁରେ ଆହୁରି ଘିଅ ଢାଳିଦେଲେ ତା'ବାପ-ମାଆ । ଶ୍ୱଶୁର ଘର ବିରୁଦ୍ଧରେ କେଶ୍ କରି ତା'ଭାଗ ସଂପତ୍ତି ଦାବି କରିବା ସକାଶେ ଜାହ୍ନବୀକୁ ପ୍ରବର୍ତ୍ତାଇଲେ । କିନ୍ତୁ ଲାଭ ଘର ହେଲା ଶୂନ । ତା'ଶ୍ୱଶୁର ପୂର୍ବରୁ ଦୁଇ ପୁଅ ଓ ବୋହୂମାନଙ୍କ ନାମରେ ସେମାନେ ବାସକରୁଥିବା ଦ୍ୱିମହଲା । କୋଠାଠାରୁ ଆରମ୍ଭ କରି ଟଙ୍କା ସୁନା ପର୍ଯ୍ୟନ୍ତ ସବୁ ସମାନ ଭାବରେ ଭାଗ କରି ଦେଉଥିବା ଓ୍ୱିଲ୍‌ଟା । କୋର୍ଟରେ ଦେଖାଇ ଦେଲେ । ଯାହା ଫଳରେ ସେମାନଙ୍କ ଅନ୍ତେ ପିଲାମାନେ ନିଜ ନିଜ ଭାଗ ପାଇବେ କିନ୍ତୁ ବର୍ତ୍ତମାନ ଘର ବିକ୍ରି କିମ୍ବା ଭଡ଼ା ଦେବାର ପ୍ରଶ୍ନ ଉଠୁନାହିଁ ।

